R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୯୬
ତିଥି : ନବମୀ
୦୨ ଅଗଷ୍ଟ ୨୦୨୫, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 296
02 Aug 2025, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ୫ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ



- ଓଡ଼ିଶା ଲ'ଅଫିସର୍ସ ନିୟମାବଳୀ ସଂଶୋଧନ
- ଜିଏସ୍‌ଟି ବ୍ୟବସ୍ଥାର ସରଳୀକରଣ
- ପାନମସଲା, ଇଟାଭାଟି, ବାଲି ଖନନ କ୍ଷେତ୍ରରେ ଟ୍ରାକ୍ ଆଣ୍ଡ ଟ୍ରେସ୍ ବ୍ୟବସ୍ଥା
- ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି ସଂଶୋଧନ
- ମୁଖ୍ୟମନ୍ତ୍ରୀ ଆଡିବନ୍ଧ ଯୋଜନା ଲାଗି ୨୭୩୮ କୋଟି

ଭୁବନେଶ୍ୱର, ୧।୮ (ସବ୍ୟୁ) : ଓଡ଼ିଶା ଲ' ଅଫିସର୍ସ ନିୟମାବଳୀ ୧୯୭୧କୁ ସଂଶୋଧନ କରାଯାଇଛି । ଏହି ସଂଶୋଧନ ଦ୍ୱାରା ଓସିପିଏସ୍ କ୍ୟାଡରରେ ସରକାରୀ ଓକିଲମାନଙ୍କୁ ନିଯୁକ୍ତି ଦିଆଯିବ । ଜିଲ୍ଲା ମୁଖ୍ୟାଳୟ ଓ ଅଧୀନସ୍ଥ ଅଦାଲତଗୁଡ଼ିକରେ ମାମଲାଗୁଡ଼ିକର ପ୍ରତିନିଧିତ୍ୱ କରୁଥିବା ସରକାରୀ ଓକିଲମାନଙ୍କର ନିଯୁକ୍ତି କାର୍ଯ୍ୟାବଳୀ ଓ ନିୟନ୍ତ୍ରଣ ସହ ଏହା ସମ୍ପୃକ୍ତ । ମାମଲାଗୁଡ଼ିକର ଜଟିଳତା କମାଇ ଦ୍ରୁତ ନ୍ୟାୟ ପ୍ରଦାନ ପାଇଁ ଏହାକୁ ସଂଶୋଧନ କରାଯାଇଛି । ଆଜି ରାଜ୍ୟ କ୍ୟାବିନେଟ୍‌ରେ ଉପରୋକ୍ତ ପ୍ରସ୍ତାବ ସମେତ ୪ ବିଭାଗର ୫ ପ୍ରସ୍ତାବ ଅନୁମୋଦନ ହୋଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ୍ ବୈଠକର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ସଚିବ ମନୋଜ ଆହୁଜା କହିଛନ୍ତି ଯେ ଓଡ଼ିଶା ଦ୍ରବ୍ୟ ଓ ସେବାକର ଅଧିନିୟମ ୨୦୧୭କୁ ସଂଶୋଧନ କରାଯାଇ ବ୍ୟବସ୍ଥାକୁ ସରଳୀକରଣ କରାଯାଇଛି । ଏହା ଟିକସଦାତାଙ୍କୁ ରିଟର୍ଣ୍ଣ ଫାଇଲ କରିବାରେ ଅଧିକ ସୁବିଧା ପ୍ରଦାନ କରିବ । ପାନମସଲା, ଇଟାଭାଟି, ବାଲି ଖନନ ଆଦି କ୍ଷେତ୍ରରେ ରାଜସ୍ୱ ହାନୀର ଆଶଙ୍କାକୁ ଏଡାଇବା ପାଇଁ ଟ୍ରାକ୍ ଆଣ୍ଡ ଟ୍ରେସ୍ ବ୍ୟବସ୍ଥା ପ୍ରଚଳନ ହେବ । ଏହାର ଉଲ୍ଲଂଘନ ହେଲେ ୧ ଲକ୍ଷ ଟଙ୍କା ବା ଦେୟ କରର ୧୦% ଶାସ୍ତି ଧନ କରାଯିବ । ମୁନିସିପାଲଟି ପାଣ୍ଠି ଓ ସ୍ଥାନୀୟ ପାଣ୍ଠି ଶବ୍ଦଗୁଡ଼ିକରେ ସ୍ୱଷ୍ଟତା ଅଣାଯିବ । ଟିକସ ଦାବି ନକରି କେବଳ ଜରିମାନା ସଂକ୍ରାନ୍ତ ଆଦେଶ ଜାରି ହୋଇଥିଲେ ତା' ବିରୋଧରେ ଆପିଲେଟ୍ କର୍ତ୍ତୃପକ୍ଷ କିମ୍ବା ଆପିଲେଟ୍ ଟ୍ରିବ୍ୟୁନାଲରେ ଆବେଦନ କରିବା ପାଇଁ ଜରିମାନା ରାଶିର ୧୦% ଆଗୁଆ ଜମା କରିବାକୁ ପଡିବ । ଏହାଛଡା ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି ୨୦୧୬ର ସଂଶୋଧନ କରାଯାଇଛି । ସଂଶୋଧନ ଅନୁଯାୟୀ ଏଥିରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗମାନଙ୍କ ଲାଗି ଆର୍ଥିକ (୯ ପୃଷ୍ଠାରେ)

## ୩୧ରେ ସ୍ୱତନ୍ତ୍ର ଓଟିଇଟି, ୨୨ରୁ ଆଡମିଟ୍ କାର୍ଡ

କଟକ,୧।୮ (ସବ୍ୟୁ): ଆସନ୍ତା ଅଗଷ୍ଟ ୩୧ ତାରିଖରେ ଆଉ ଥରେ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା (ଓଟିଇଟି) ପରୀକ୍ଷା କରାଯିବ । ଏଥିପାଇଁ ପରୀକ୍ଷାର୍ଥୀମାନେ ୨୨ ତାରିଖରୁ ବୋର୍ଡ ୱେବ୍‌ସାଇଟ୍‌ରୁ ପରୀକ୍ଷା ଆଡମିଟ୍ କାର୍ଡ ପାଇପାରିବେ । ଦୁଇଟି ସିଟିଂରେ ପରୀକ୍ଷା କରାଯିବ । ପୂର୍ବାହ୍ନ ୯ ଟାରୁ ଅପରାହ୍ନ ସାଢେ ୧୧ଟା ପର୍ଯ୍ୟନ୍ତ ପ୍ରଥମ ପେପର ଏବଂ ଅପରାହ୍ନ ୨ଟାରୁ ସାଢେ ୪ଟା ପର୍ଯ୍ୟନ୍ତ ଦ୍ୱିତୀୟ ପେପରରେ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ପରୀକ୍ଷା ନିମନ୍ତେ ସମସ୍ତ ବ୍ୟବସ୍ଥା କରିବାକୁ ସବୁ ଜିଲା ଶିକ୍ଷା ଅଧିକାରୀଙ୍କୁ ବୋର୍ଡ ପକ୍ଷରୁ ଚିଠି କରାଯାଇଛି । ଯଦି କୌଣସି ପରୀକ୍ଷା କେନ୍ଦ୍ରରେ ଭିନ୍ନକ୍ଷମ ପରୀକ୍ଷାର୍ଥୀ ଥାଆନ୍ତି, ତାହେଲେ ସେମାନଙ୍କୁ ସହାୟତା କରିବା ପାଇଁ ଲେଖକଙ୍କର ବ୍ୟବସ୍ଥା ନିମନ୍ତେ ପରୀକ୍ଷା କେନ୍ଦ୍ର ଅଧୀକ୍ଷକଙ୍କୁ କୁହାଯାଇଛି ।

ଏଥିପାଇଁ ପରୀକ୍ଷାର୍ଥୀମାନେ ସେମାନଙ୍କର ପରୀକ୍ଷା କେନ୍ଦ୍ର ଅଧୀକ୍ଷକଙ୍କୁ ୪ ଦିନ ପୂର୍ବରୁ ଅବଗତ କରାଇବେ ବୋଲି ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି । ସୂଚନାଯୋଗ୍ୟ ଯେ, ଗତ ଜୁଲାଇ ୨୦ ତାରିଖରେ ଏହି ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ହୋଇଥାନ୍ତା; କିନ୍ତୁ ୧୯ ତାରିଖରେ ପ୍ରଶ୍ନପତ୍ର ସାମାଜିକ ଗଣମାଧ୍ୟମରେ ପ୍ରଘଟ ହେବାରୁ ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା । ପ୍ରାୟ ୭୫ ହଜାର ଶିକ୍ଷକ ଉକ୍ତ ପରୀକ୍ଷା ଦେବା ନିମନ୍ତେ ଫର୍ମପୂରଣ କରିଛନ୍ତି ।

## ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲାରେ ଆଉ ଜଣେ ଗିରଫ



କଟକ, ୧।୮ (ସବ୍ୟୁ) : ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲାରେ ଆଉ ଜଣେ ଅଭିଯୁକ୍ତଙ୍କୁ କ୍ରାଇମ୍ ବ୍ରାଞ୍ଚ ଗିରଫ କରିଛି । ଫଳରେ ଏହି ମାମଲାରେ ଗିରଫ ସଂଖ୍ୟା ୭କୁ ବୃଦ୍ଧି ପାଇଛି ବୋଲି କ୍ରାଇମବ୍ରାଞ୍ଚ ଡିଆଇଜି ବି. ଗଙ୍ଗାଧର ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତ ହେଉଛନ୍ତି, କଳାହାଣ୍ଡି ଜିଲ୍ଲାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରଶାନ୍ତ କୁମାର ଖମାରୀ । ପୂର୍ବରୁ ଏହି ମାମଲାରେ କ୍ରାଇମବ୍ରାଞ୍ଚ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ।

ରାଜ୍ୟ ପୂର୍ବତନ (୯ ପୃଷ୍ଠାରେ)

## ସେପ୍ଟେମ୍ବର ୯ରେ ଉପ-ରାଷ୍ଟ୍ରପତି ନିର୍ବାଚନ

ନୂଆଦିଲ୍ଲୀ, ୧।୮ : ସେପ୍ଟେମ୍ବର ୯ ତାରିଖରେ ଉପ-ରାଷ୍ଟ୍ରପତି ପଦ ଲାଗି ନିର୍ବାଚନ ହେବ । ଏଥିପାଇଁ ନିର୍ବାଚନ କମିଶନ ତାରିଖ ଧାର୍ଯ୍ୟ କରିଛନ୍ତି । ଉପ-ରାଷ୍ଟ୍ରପତି ପଦବୀରୁ ଜଗଦୀପ ଧନଖଡ ଜୁଲାଇ ୨୧ରେ ଅଚାନକ ଇସ୍ତଫା ଦେବାପରେ ଏହି ପଦବୀ ଖାଲି ପଡ଼ିଥିଲା ।

ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଅଗଷ୍ଟ ୭ ରୁ ୨୧ ପର୍ଯ୍ୟନ୍ତ ନାମାଙ୍କନ ଦାଖଲ କରାଯିବ । ୯ ତାରିଖ ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ । ଏଥିନେଇ ଇଲୋକ୍ଟୋରାଲ କଲେଜ ପ୍ରସ୍ତୁତ ହୋଇସାରିଛି । ସମ୍ବିଧାନର ୬୮ ଧାରା ଅନୁଯାୟୀ ରାଷ୍ଟ୍ରପତି ପଦ ଖାଲି ରହିଲେ ଯଥାଶୀଘ୍ର ଏହାକୁ ପୂରଣ କରିବାକୁ ପଡିବ । ୫ ବର୍ଷ ଲାଗି ଉପ-ରାଷ୍ଟ୍ରପତି କାର୍ଯ୍ୟ କରିବେ । କ୍ଷମତାସୀନ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ନିର୍ବାଚନ ଜିତିବା ପାଇଁ ଭଲ ସ୍ଥିତିରେ ରହିଛି । ୫୪୩ ଲୋକସଭା ସଦସ୍ୟ ମଧ୍ୟରୁ ଗୋଟିଏ ଆସନ ଖାଲି ପଡିଥିବାବେଳେ ରାଜ୍ୟସଭାର ୨୪୫ ସଦସ୍ୟଙ୍କ ମଧ୍ୟରୁ ୪ ଆସନ ଖାଲି ପଡିଛି । ଉଭୟ ଗୃହର ସଦସ୍ୟଙ୍କ ସଂଖ୍ୟା ୭୮୨ ରହିଛି । ଉପ-ରାଷ୍ଟ୍ରପତି ପଦବୀ ଜିତିବାକୁ ହେଲେ ୩୯୧ ଭୋଟ୍ ଦରକାର । ଲୋକସଭାରେ ଏନ୍‌ଡିଏର ୨୯୩ ସଦସ୍ୟ ଅଛନ୍ତି । ସେହିଭଳି ରାଜ୍ୟସଭାରେ ୧୨୯ ସଦସ୍ୟ ଅଛନ୍ତି । ଏନ୍‌ଡିଏର ଯିଏ ପ୍ରାର୍ଥୀ ହେବ ସେ ୪୨୨ ସଦସ୍ୟଙ୍କ ସମର୍ଥନ ପାଇବ ବୋଲି ଜଣାପଡିଛି ।

### ଟ୍ରମ୍ପଙ୍କ ଶୁଳ୍କ ନେଇ ଏମ୍‌ଇଏର ମନ୍ତବ୍ୟ

## ନିରାପତ୍ତା ସଂକ୍ରାନ୍ତ ସହଭାଗିତାରେ ପ୍ରଭାବ ପଡିବନି



ନୂଆଦିଲ୍ଲୀ, ୧।୮ : ଭାରତ ସହ ଆମେରିକା ସମ୍ପର୍କ ଅନେକ ଆହ୍ୱାନ ଓ ପରିବର୍ତ୍ତନ ସହ ଗତି କରୁଛି । ଉଭୟ ପକ୍ଷର ସମ୍ପର୍କ ଏବେବି ସକରାତ୍ମକ ସ୍ଥିତିରେ ରହିଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଇଏ) ମୁଖପାତ୍ର ରଣଧୀର ଜୟଶ୍ୱାଲ କହିଛନ୍ତି । ସୂଚନାଯୋଗ୍ୟ ଦୁଇଦିନ ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତରୁ ଆମଦାନୀ ସାମଗ୍ରୀ ଉପରେ ୨୫% ଶୁଳ୍କ ଲଗାଇଛନ୍ତି । ତେବେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଉଭୟ ଦେଶ ମଧ୍ୟରେ (୯ ପୃଷ୍ଠାରେ)

**ଋଷ୍ ଭାରତର ପୁରୁଣା ଓ ପରୀକ୍ଷିତ ବନ୍ଧୁ**

## 'ପୁଷ୍କରା'କୁ ଜାତୀୟ ଫିଲ୍ମ ପୁରସ୍କାର

ନୂଆଦିଲ୍ଲୀ, ୧।୮ : ଶୁକ୍ରବାର ଘୋଷଣା ହୋଇଛି ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର । ଏହି ଜାତୀୟ ଫିଲ୍ମ ପୁରସ୍କାରରେ ଓଡ଼ିଆ ସିନେମା ପୁଷ୍କରା ଶ୍ରେଷ୍ଠ ଓଡ଼ିଆ ଫିଲ୍ମ ଭାବେ ମନୋନୀତ ହୋଇଛି । ଅନ୍ୟପକ୍ଷରେ ବଲିଉଡ କିଙ୍ଗ ଶାହରୁଖ ଖାନ ଓ ବିକ୍ରାନ୍ତ ମେସି ଶ୍ରେଷ୍ଠ ଅଭିନେତା ଭାବେ ଜାତୀୟ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି । 'ଯବାନ' ପାଇଁ ଶାହରୁଖ ଓ ୧୨ଥ ଫେଲ ପାଇଁ ବିକ୍ରାନ୍ତଙ୍କୁ ଏହି ସଫଳତା ମିଳିଛି । ଉଭୟ ପ୍ରଥମ ଥର ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି ।

**ଶାହରୁଖ ଓ ବିକ୍ରାନ୍ତ ଶ୍ରେଷ୍ଠ ଅଭିନେତା**




ବିଧୁ ବିନୋଦ ଚୋପ୍ରା ପ୍ରଯୋଜିତ '୧୨ଥ ଫେଲ୍' ଶ୍ରେଷ୍ଠ ଫିଚର ଫିଲ୍ମର ମାନ୍ୟତା ପାଇଛି । ଆଇପିଏସ ମନୋଜ ଶର୍ମାଙ୍କ ସଂଘର୍ଷମୟ ଯାତ୍ରାକୁ ନେଇ '୧୨ଥ ଫେଲ୍' ଫିଲ୍ମ ତିଆରି ହୋଇଥିଲା । 'ରକି ଔର ରାନୀ କି ପ୍ରେମ୍ କାହାନୀ' ଶ୍ରେଷ୍ଠ ଲୋକପ୍ରିୟ ଫିଲ୍ମ ଭାବେ ଜାତୀୟ ପୁରସ୍କାର ପାଇଁ ମନୋନୀତ ହୋଇଛି । ରାଣୀ ମୁଖାର୍ଜୀ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପାଇବେ । 'ମିସେସ୍ ଚାଟାର୍ଜୀ ନରୱେ' ଫିଲ୍ମ ପାଇଁ ରାଣୀଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପାଇଁ ଚୟନ କରାଯାଇଛି ।

ଜାତୀୟ ଫିଲ୍ମ ପୁରସ୍କାର ପାଇ ମନୋନୀତ ହୋଇଥିବା ତରଙ୍ଗ ସିନେ ପ୍ରଡକସନ୍ସ ବ୍ୟାନରେ ପ୍ରସ୍ତୁତ ପୁଷ୍କରାର ନିର୍ଦ୍ଦେଶନା ଶୁଭ୍ରାଂଶୁ ଦାଶ ଦେଇଥିଲେ ଓ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ ଓଡ଼ିଶାର ପ୍ରଖ୍ୟାତ ଅଭିନେତା ସବ୍ୟସାଚୀ ମିଶ୍ର । ପୁଷ୍କରା ସିନେମା ୨୦୨୩ରେ ତରଙ୍ଗ ସିନେ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ହୋଇଥିଲା । ଫିଲ୍ମର ମୁଖ୍ୟ ଭୂମିକାରେ ସବ୍ୟସାଚୀ (୯ ପୃଷ୍ଠାରେ)

### ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ଭୁବନେଶ୍ୱର, ୧।୮ (ସବ୍ୟୁ) : ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ 'ପୁଷ୍କରା' ଓ ଅଣଫିଚର ବର୍ଗ ପାଇଁ ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ 'ଦ ସି ଆଣ୍ଡ ସେଭେନ୍ ଭିଲେଜେସ୍' ପୁରସ୍କୃତ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦୁଇ ଚଳଚ୍ଚିତ୍ରର ନିର୍ମାତା, ନିର୍ଦ୍ଦେଶକ, କଳାକାର ଓ ଏହା ସହ ଜଡିତ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି ।

## ଆସନ୍ତା ୪ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର, ୧।୮ (ସବ୍ୟୁ): ଆସନ୍ତା ସୋମବାର ଅର୍ଥାତ ଅଗଷ୍ଟ ୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ରରେ ଜଣାଇ ଦିଆଯିବ । ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ପୁଣି ଜନନୀ ଯନ୍ତ୍ରଣା : ଖଟିଆରେ ବୁହାହେଲେ ଗର୍ଭବତୀ



କୋକସରା, ୧।୮ (ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ ସାହାଜଖୋଲ ଜଙ୍ଗଲ ମଧ୍ୟରେ ଥିବା ଆଦିବାସୀ ବହୁଳ କୁଟରୁ ରାଜସ୍ୱ ଗ୍ରାମ ଅଧୀନରେ ଥିବା ସର୍ଗିପାନି ଗାଁ ଉପାନ୍ତ ଅଞ୍ଚଳ ରେ ରହିଥିବା ବେଳେ ଜଙ୍ଗଲ ରାସ୍ତାରେ ଆମ୍ବୁଲାନ୍ସ ଯିବା ସମ୍ଭବ ହେଉନାହିଁ । ଫଳରେ ଗର୍ଭବତୀଙ୍କୁ ଖଟିଆରେ ବୁହା ହେବା ଘଟଣା ଏହି ଗ୍ରାମ ଓ ଅଞ୍ଚଳ ପାଇଁ ନୂଆ ନୁହେଁ । ଏମିତି ଅନେକ ସମୟରେ ପ୍ରସୂତି ଓ ଗର୍ଭବତୀ ମହିଳାଙ୍କୁ ଖଟିଆରେ କିମ୍ବା ଦୋଳାରେ ବୋହି ଆଣିବା ଦେଖିବାକୁ ମିଳିଥାଏ ।

ଶୁକ୍ରବାର ପୁଣି ସର୍ଗିପାନି ଗ୍ରାମର ଜଗର ସାନ୍ତାଙ୍କ ସ୍ତ୍ରୀ ହୀରାମଣି ସାନ୍ତାଙ୍କୁ (୯ ପୃଷ୍ଠାରେ)

## ୪ ସୁଦ୍ଧା 'ଶକ୍ତିଶ୍ରୀ ସଂଯୋଜିକା' ଦାୟିତ୍ୱ ଦିଅ

- ସମସ୍ତ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର, କଲେଜ ଅଧ୍ୟକ୍ଷଙ୍କୁ ଚିଠି
- ଶକ୍ତିଶ୍ରୀ ସାଥୀ, ଛାତ୍ରୀ ସ୍ୱେଚ୍ଛାସେବୀମାନଙ୍କୁ ସାମିଲ କରନ୍ତୁ

ଭୁବନେଶ୍ୱର, ୧।୮ (ସବ୍ୟୁ) : ବାଲେଶ୍ୱର ଏଫଏମ ଘଟଣା ପରେ ଉଚ୍ଚ ଶିକ୍ଷା ବିଭାଗର ବଡ଼ ପଦକ୍ଷେପ ନେଇଛି । ଛାତ୍ରୀଙ୍କ ସୁରକ୍ଷା ପାଇଁ ଉଚ୍ଚ ଶିକ୍ଷାନୁଷ୍ଠାନରେ ରହିବେ "ଶକ୍ତିଶ୍ରୀ ସଂଯୋଜିକା । ସମସ୍ତ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଓ କଲେଜ ଅଧ୍ୟକ୍ଷଙ୍କୁ ଏନେଇ ଚିଠି କରିଛି ଉଚ୍ଚଶିକ୍ଷା ବିଭାଗ । ଅଗଷ୍ଟ ୪ ସୁଦ୍ଧା ଜଣେ ଅଧ୍ୟାପିକାଙ୍କୁ ଶକ୍ତିଶ୍ରୀ ସଂଯୋଜିକା ଭାବେ ମନୋନୀତ କରି ଦାୟିତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଶିକ୍ଷାନୁଷ୍ଠାନରୁ ଜଣେ ମହିଳା ଅଧ୍ୟାପକଙ୍କୁ ଶକ୍ତିଶ୍ରୀ ସଂଯୋଜିକା ଭାବରେ ତୁରନ୍ତ ମନୋନୀତ କରିବାକୁ କରନ୍ତୁ, ଯିଏ ଉଚ୍ଚ ଶିକ୍ଷାନୁଷ୍ଠାନସ୍ତରରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମର ସଂଯୋଜକ ହେବେ । "ଶକ୍ତିଶ୍ରୀ' ସଶକ୍ତିକରଣ ପ୍ରକୋଷ୍ଠର କାର୍ଯ୍ୟଗୁଡ଼ିକୁ ମାର୍ଗଦର୍ଶନ, ପରାମର୍ଶ, ସମନ୍ୱୟ ଏବଂ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସହିତ ଯୋଗସୂତ୍ର ରଖିପାରିବେ । ଏହି ପଦବୀ ପାଇଁ ଲିଙ୍ଗଗତ ସମାନତା, ଛାତ୍ର କଲ୍ୟାଣ, ସଶକ୍ତିକରଣ ଏବଂ ସାମାଜିକ ନ୍ୟାୟ କ୍ଷେତ୍ରରେ ପ୍ରଦର୍ଶିତ ଅଭିଜ୍ଞତା, ଆଗ୍ରହ ଏବଂ ପ୍ରତିବଦ୍ଧତା ସହିତ ଜଣେ ଛାତ୍ର-ଅନୁକୂଳ ମହିଳା ଅଧ୍ୟାପକ ହୋଇଥିବା ଆବଶ୍ୟକ । ଏଥି ସହିତ ଦୃଢ଼ ନେତୃତ୍ୱ, ସଂଗଠନାତ୍ମକ, ଯୋଗାଯୋଗ ଦକ୍ଷତା ସହିତ ଛାତ୍ର, ଅଧ୍ୟାପକ ଏବଂ ବାହ୍ୟ ଅଂଶୀଦାରମାନଙ୍କ ସହିତ ପ୍ରଭାବଶାଳୀ ଭାବରେ ଜଡିତ ହେବାର କ୍ଷମତା ରଖିଥିବା ଦରକାର ।

"ଶକ୍ତିଶ୍ରୀ ସଂଯୋଜିକା' ନିୟମିତ ଅଧିବେଶନ ଏବଂ ଅଭିଯାନ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଲିଙ୍ଗଗତ (୯ ପୃଷ୍ଠାରେ)

### ଛାତ୍ରୀଙ୍କୁ ମାର୍ଗଦର୍ଶନ ଦେବେ 'ଶକ୍ତିଶ୍ରୀ ଅପା'

ଭୁବନେଶ୍ୱର, ୧।୮ (ସବ୍ୟୁ): ରାଜ୍ୟ ସରକାରଙ୍କ ଶକ୍ତିଶ୍ରୀ ପଦକ୍ଷେପର ଏକ ଅଂଶ ଭାବରେ ଯାହାର ଲକ୍ଷ୍ୟ ଛାତ୍ରୀମାନଙ୍କୁ ସଶକ୍ତ, ସେମାନଙ୍କର ସୁରକ୍ଷା ଏବଂ ସାମଗ୍ରିକ କଲ୍ୟାଣ ସୁନିଶ୍ଚିତ କରିବା । ପ୍ରତ୍ୟେକ ଜିଲ୍ଲାରେ ୫ଜଣ ପ୍ରତିଷ୍ଠିତ ବୃତ୍ତିଗତ ମହିଳାଙ୍କୁ "ଶକ୍ତି ଅପା' ଭାବରେ ମନୋନୀତ କରିବାକୁ କୁହାଯାଇଛି । ଏହି ପରାମର୍ଶଦାତାମାନେ ଜିଲ୍ଲାର ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଏବଂ ପ୍ରେରଣା ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଉଚ୍ଚ ଶିକ୍ଷା ବିଭାଗ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ପ୍ରତ୍ୟେକ ଶକ୍ତି ଆପାଙ୍କୁ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ଦ୍ୱାରା ଚୟନ କରାଯିବ । ଯିଏ ପ୍ରତି ୩ ମାସରେ ଥରେ ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନଗୁଡ଼ିକୁ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହିତ ଭାବ ବିନିମୟ ଏବଂ ପରାମର୍ଶ ଦେବେ । ଶକ୍ତି ଅପାଙ୍କ (୯ ପୃଷ୍ଠାରେ)

## ରାହୁଲଙ୍କ ମନ୍ତବ୍ୟ ଦାୟିତ୍ୱହୀନ, ଅଣଦେଖା କଲା ଇସିଆଇ




ନୂଆଦିଲ୍ଲୀ, ୧।୮ : ନିର୍ବାଚନ କମିଶନଙ୍କ ଉପରେ ଆଜି ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଭୋଟ୍ ଚୋରି ଅଭିଯୋଗ ଆଣିଛନ୍ତି । ଏହାର ସେ ପ୍ରମାଣ ଦେବେ ବୋଲି ଦୃଢ଼ତାର ସହ କହିଛନ୍ତି । ତେବେ ନିର୍ବାଚନ କମିଶନଙ୍କ ପକ୍ଷରୁ ଏହାକୁ ପ୍ରତ୍ୟାଖ୍ୟାନ କରାଯିବା ସହ ଏଭଳି ମନ୍ତବ୍ୟ ଦାୟିତ୍ୱହୀନ ହୋଇଥିବାରୁ ଏହାକୁ ଅଣଦେଖା କରୁଛୁ ବୋଲି କହିଛନ୍ତି ।

**ନିର୍ବାଚନ କମିଶନ ଭୋଟ୍ ଚୋରି କରୁଥିବା ଅଭିଯୋଗ ଆଣିଲେ ରାହୁଲ**

ରାହୁଲ ଗାନ୍ଧି ଅଭିଯୋଗ ଆଣିଛନ୍ତି ଯେ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଅନିୟମିତତା କରାଯାଉଛି । ଯେଉଁମାନେ ଏଥିରେ ସମ୍ପୃକ୍ତ ଆମେ ସେମାନଙ୍କୁ ଛାଡିବୁ ନାହିଁ । ଅବସର ନେଇଥିଲେ ବି କାର୍ଯ୍ୟାନୁଷ୍ଠାନ ହେବ । ଏହାର ଜବାବରେ ନିର୍ବାଚନ କମିଶନ କହିଛନ୍ତି ଯେ ରାହୁଲଙ୍କୁ ଜୁନ୍ ୧୨ରେ ଇ-ମେଲ୍ କରାଯିବା ସହ ଏକ ଚିଠି ଦିଆଯାଇଥିଲା । ମାତ୍ର ସେ ଏହାର ଜବାବ ଦେଲେନାହିଁ । ଇସିଆଇକୁ କୌଣସି ଚିଠି ଲେଖିଲେ ନାହିଁ । ଏହା ଆଶ୍ଚର୍ଯ୍ୟ କରୁଛି ଯେ ସେ ବାହାରେ ଅଭିଯୋଗ କରୁଛନ୍ତି କିନ୍ତୁ ଏଠାକୁ ଆସୁନାହାନ୍ତି । ଏବେ ସେ ନିର୍ବାଚନ କମିଶନ ଓ ଏହାର କର୍ମଚାରୀଙ୍କୁ (୯ ପୃଷ୍ଠାରେ)

## ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି
# ସ୍ୱର୍ଗୀୟ ଭାଗୀରଥି ମହାପାତ୍ର



ସ୍ୱର୍ଗୀୟ ଭାଗୀରଥି ମହାପାତ୍ର ମୋର ଭଗ୍ନୀପତି ଭାବେ ଜଣେ ନିକଟ ଆତ୍ମୀୟ ତଥା ଅନ୍ତରଙ୍ଗ ବନ୍ଧୁ ଥିଲେ । ତାଙ୍କର ଗୁଣ ବର୍ଣ୍ଣନା କରିବା ମୋ ପକ୍ଷରେ ଅସୁନ୍ଦର ବୋଲି ବିବେଚିତ ହୋଇପାରେ । ୧୯୨୧ ମସିହାର କଥା । ସେତେବେଳେ ଭାରତ ଜାତୀୟ କଂଗ୍ରେସର ଶାଖା ପ୍ରଥମକରି ଓଡ଼ିଶାରେ ପ୍ରତିଷ୍ଠା କରାଗଲା । ଏହାର ସ୍ଥାପନା, ପରିଚାଳନା ତଥା ରକ୍ଷଣାବେକ୍ଷଣର ସମସ୍ତ ଦାୟିତ୍ୱ ତାଙ୍କରି ଉପରେ ନ୍ୟସ୍ତ ଥିଲା । ସେ ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ଭାବେ କଟକରେ ରହୁଥିଲେ ସୁଦ୍ଧା ପ୍ରଦେଶର ସବୁ ଜିଲ୍ଲା ତଥା ଗ୍ରାମ ମାନଙ୍କରେ ଅନୁଷ୍ଠାନର ଶାଖା ସ୍ଥାପନ କରିବା ଦାୟିତ୍ୱ ତାଙ୍କରି ଉପରେ ଥିଲା ଏବଂ ସେ ଏହି ଦାୟିତ୍ୱ କୃତିତ୍ୱର ସହିତ ସମ୍ପାଦନ କରିଥିଲେ । ପଣ୍ଡିତ ଗୋପବନ୍ଧୁ ଦାସ କମିଟିର ସଭାପତି ଥିବାରୁ ତାଙ୍କୁ ଅଧିକାଂଶ ସମୟ ବିଭିନ୍ନ ଅଞ୍ଚଳକୁ ଗସ୍ତ କରିବାକୁ ପଡୁଥିଲା ତେଣୁ କେନ୍ଦ୍ର କାର୍ଯ୍ୟାଳୟର ସମସ୍ତ ଦାୟିତ୍ୱ ପୂରାପୂରି ଭାଗୀରଥିବାବୁଙ୍କ ଉପରେ ଥିଲା । କଂଗ୍ରେସରେ ଯୋଗଦେବା ସମୟରେ ସେ କଟକର ଅଦାଲତରେ ଜଣେ ଉଦୀୟମାନ ଆଇନଜୀବୀ ଥିଲେ ।

(ସ୍ୱର୍ଗୀୟ ରାଜ୍ୟପାଳ ନିତ୍ୟାନନ୍ଦ କାନୁନ୍‌ଗୋଙ୍କ ଲେଖାରୁ କିୟଦଂଶ)

## ଇତିହାସ

୧୭୯୦– ଆମେରିକାରେ ପ୍ରଥମକରି ଜନଗଣନା ହେଲା ।

୧୮୬୧– ରସାୟନ ବିଜ୍ଞାନର ଜନକ ନାମରେ ପରିଚିତ ଭାରତର ପ୍ରସିଦ୍ଧ ବୈଜ୍ଞାନିକ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ଜନ୍ମ ।

୧୮୭୦– ଲଣ୍ଡନରେ ବିଶ୍ୱର ପ୍ରଥମ ଅଣ୍ଡରଗ୍ରାଉଣ୍ଡ୍ ଟ୍ୟୁବ୍ ରେଳ ଟାୱାର ସବ୍‌ୱେର ଶୁଭାରମ୍ଭ ।

୧୮୭୮– ଭାରତର ଜାତୀୟ ପତାକା ତ୍ରିରଙ୍ଗାର ରଚୟିତା ପିଙ୍ଗଳୀ ଭେଙ୍କେୟାଙ୍କ ଜନ୍ମ ।

୧୯୨୨– ଚୀନ୍‌ରେ ସାମୁଦ୍ରିକ ଘୂର୍ଣ୍ଣିଝଡ କାରଣରୁ ୬୦ ହଜାର ଲୋକଙ୍କ ମୃତ୍ୟୁ ।

୧୯୫୬– ପୂର୍ବତନ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କ ଜନ୍ମ ।

୧୯୮୭– ବିଶ୍ୱ ଜୁନିଅର ଚେସ୍ ଚାମ୍ପିଅନ୍‌ସିପ୍‌ରେ ବିଶ୍ୱନାଥ ଆନନ୍ଦ ବିଜୟୀ ।

୨୦୧୨– ଲଣ୍ଡନ ଅଲମ୍ପିକ୍‌ରେ ଭାରତ ମୋଟ ୬ଟି ପଦକ ଜିତିଲା ।

# ନୃତ୍ୟକରି ବିଶ୍ୱରେକର୍ଡ

ମାଙ୍ଗାଲୁରୁର ଜଣେ ଛାତ୍ରୀ ନିଜ ନାଁକୁ ଏକ ନୂଆ ରେକର୍ଡରେ ସାମିଲ କରିଛନ୍ତି । ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଏକ ନୂଆ ସ୍ତରକୁ ନେଇଛନ୍ତି ଏହି ଛାତ୍ରୀ ଜଣଙ୍କ । ୧୭୦ ଘଣ୍ଟା ପର୍ଯ୍ୟନ୍ତ ନୃତ୍ୟକରି ସେ କରିଛନ୍ତି ନୂଆ ରେକର୍ଡ । ସେ ଆଠଦିନ ଧରି ଭାରତନାଟ୍ୟମ ନୃତ୍ୟ କରିବା ପରେ ତାଙ୍କ ନାଁରେ ଏହି ରେକର୍ଡ ସାମିଲ ହୋଇଛି । ସେ ଲଗାତାର ୮ ଦିନ ଧରି ଏହି ନୃତ୍ୟ କରିଥିଲେ ଯେଉଁଥିରେ ସେ ଏକ ଘଣ୍ଟାର ନୃତ୍ୟପରେ ପାଞ୍ଚ ମିନିଟ୍‌ର ବ୍ରେକ ନେଉଥିଲେ । ସେ ଏହି ନୃତ୍ୟ ଜୁଲାଇ ୨୧ରେ ଆରମ୍ଭ କରି ଜୁଲାଇ ୨୮ରେ ସାରିଥିଲେ । ତେବେ ତାଙ୍କୁ ଏହି ନୃତ୍ୟ କରିବାରେ ଅନେକ କଷ୍ଟ ହୋଇଥିଲା । ସେ ତିନି ଘଣ୍ଟା ନାଚିବା ପରେ ୧୫ ମିନିଟ୍‌ର ବ୍ରେକ ନେଉଥିଲେ ।



ଏହି ଅକ୍ଲାନ୍ତ ପରିଶ୍ରମ ପରେ ତାଙ୍କୁ ୱାର୍ଲ୍ଡ ରେକର୍ଡ ମିଳିଥିବାନେଇ ସୂଚନା ମିଳିଛି ।



# ରାସ୍ତାରେ ଦୌଡୁଛି ରୋବଟ

ଆଜିକାଲି ବିଭିନ୍ନ କାର୍ଯ୍ୟପାଇଁ ସମସ୍ତେ ରୋବଟକୁ ବ୍ୟବହାର କରୁଛନ୍ତି । ଘର କାମ କରିବାଠୁ ଆରମ୍ଭ କରି ରେସ୍ତୋରାଁରେ ପରଷିବା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟ ପାଇଁ ରୋବଟଙ୍କର ବ୍ୟବହାର ବଢୁଛି । ତେବେ ଏହାରି ଭିତରେ ରୋବଟଙ୍କୁ ଆଗାମୀ ଭବିଷ୍ୟତର ନିର୍ମାତା ଭାବେ ମଧ୍ୟ ବିବେଚନା କରାଯାଉଛି । ନିକଟରେ ଏକ ଭିଡିଓ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଭିଡିଓଟି ଦୁବାଇର ଯେଉଁଥିରେ ଗୋଟିଏ ରୋବଟ ରାସ୍ତା ଉପରେ ଦୌଡୁଛି । ତେବେ ଏହି ଭିଡିଓରେ ଏହା ଆମର ଭବିଷ୍ୟତ ହୋଇପାରେ ବୋଲି ଚର୍ଚ୍ଚା ହେଉଛି । ଆଗକୁ ଏଭଳି ଚାରିଆଡେ ରୋବଟ ଦେଖିବାକୁ ମିଳିବେ ବୋଲି ଏହି ଭିଡିଓର କ୍ୟାପସନରେ ଲେଖା ଯାଇଛି । ଭିଡିଓଟି ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଛି ।

## ସୋସିଆଲ କୋଟ୍ସ



“ହମ୍ ଦିଲ୍ଲ ଦେ ଚୁକେ ହେଁ ସନମ୍ ଫିଲ୍ମର ନନ୍ଦିନୀ ଚରିତ୍ର ସବୁବେଳେ ମୋ ପାଇଁ ଖାସ ରହିବ । ସେହି ଫିଲ୍ମଭଳି ପୋନ୍ନିୟିନ୍ ସେଲ୍‌ଭାନ୍ –୨ ମଧ ମୋ ପାଇଁ ଖାସ୍ ।

ଐଶ୍ୱର୍ଯ୍ୟା ରାୟ ବଚ୍ଚନ, ଅଭିନେତ୍ରୀ



“ମୋତେ ମୋର କେବଳ ଫାଷ୍ଟ ନେମ୍ ହିଁ ପସନ୍ଦ । ଯେପରି ରେଖାଙ୍କୁ କେବଳ ରେଖା ବୋଲି ସମ୍ବୋଧନ କରାଯାଏ, ସେପରି ମୋତେ କେବଳ ପ୍ରିୟଙ୍କା ସମ୍ବୋଧନ କଲେ ଖୁସି ଲାଗେ ।

ପ୍ରିୟଙ୍କା ଚୋପ୍ରା, ଅଭିନେତ୍ରୀ



“ମୁଁ ପିଲାଦିନୁ ଲତା ମଙ୍ଗେସକରଙ୍କର ସଙ୍ଗୀତ ଶୁଣି ବଡ ହୋଇଛି । ମୋର ଭାଗ୍ୟ ଖରାପ ଯେଉଁ କାରଣରୁ ତାଙ୍କ ସଙ୍ଗୀତରେ ମୋତେ ଅଭିନୟ କରିବାର ସୁଯୋଗ ମିଳିଲାନି ।

ବିଦ୍ୟା ବାଲାନ, ଅଭିନେତ୍ରୀ

# ପକ୍ଷୀଙ୍କ ପାଇଁ ବିପଦ ପ୍ଲାଷ୍ଟିକ

ଆଜିକାଲି ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ଅନେକ ସମସ୍ୟାର କାରଣ ସାଜିଛି । ବିଶ୍ୱରେ ବର୍ତ୍ତମାନ ଏହା ଏକ ଗୁରୁତର ସମସ୍ୟା ଭାବେ ଉଭାହେଉଛି । ପ୍ରତିଦିନ କିଛି ନା କିଛି ନୂଆ ସମସ୍ୟା ନେଇ ଜଣା ପଡୁଛି । ସେହିଭଳି ନିକଟରେ ଅଷ୍ଟ୍ରେଲିଆର ବୈଜ୍ଞାନିକଙ୍କୁ ଏକ ନୂତନ ତଥ୍ୟ ବିଷୟରେ ଜଣା ପଡିଛି । ଏହି ତଥ୍ୟ ଅନୁସାରେ ପ୍ଲାଷ୍ଟିକ ପଲ୍ୟୁସନ କାରଣରୁ ସମୁଦ୍ରରେ ରହୁଥିବା ପକ୍ଷୀଙ୍କୁ ଏକ ପ୍ରକାରର ରୋଗ ହେଉଛି । ପ୍ଲାଷ୍ଟିକ ପ୍ରଦୂଷଣ ସମୁଦ୍ରସହ କାହିଁ କେଉଁ କାଳରୁ ଜଡିତ ହୋଇ ରହିଆସିଛି । ଯେଉଁ କାରଣରୁ ସାମୁଦ୍ରିକ ଜୀବମାନେ ନାହିଁ ନଥିବା ସମସ୍ୟା ଭୋଗିବା ସହିତ ମୃତ୍ୟୁମୁଖରେ ପଡୁଛନ୍ତି । ସେମାନେ ଖାଉଥିବା ପ୍ଲାଷ୍ଟିକ ଆବର୍ଜନା କାରଣରୁ ସେମାନଙ୍କୁ ଏକ ନୂଆ ରୋଗ ହେଉଥିବା ବୈଜ୍ଞାନିକ ଖୋଜି ବାହାର କରିଛନ୍ତି । ଏହି ନୂଆ ରୋଗର ନାଁ ସେମାନେ ପ୍ଲାଷ୍ଟିକୋସିସ ଦେଇଛନ୍ତି । ଏହି ରୋଗ କାରଣରୁ ପକ୍ଷୀମାନଙ୍କ ପାଚନତନ୍ତ୍ର ଫୁଲିଯାଉଥିବା ଜଣା ପଡିଛି । ତେବେ ଏହି ରୋଗ ବର୍ତ୍ତମାନ କେବଳ ଅଷ୍ଟ୍ରେଲିଆରେ ଥିବା ସାମୁଦ୍ରିକ ପକ୍ଷୀଙ୍କ ନିକଟରେ ଦେଖିବାକୁ ମିଳିଛି । ଅନେତ ଦିନ ଧରି ସାମୁଦ୍ରିକ ଜୀବଙ୍କର ପେଟରେ ପ୍ଲାଷ୍ଟିକର ଅଂଶବିଶେଷ ମିଳୁଛି । ତେବେ ବର୍ତ୍ତମାନ ମଣିଷକୁ ପ୍ଲାଷ୍ଟିକକୁ ବ୍ୟାନ କରିବାର ଆବଶ୍ୟକତା ଅଧିକ ହୋଇପଡିଛି ବୋଲି ବିଶେଷଜ୍ଞ ମତ ଦେଇଛନ୍ତି ।





ଆପଣମାନେ ସ୍ୱାସ୍ଥ୍ୟ କିମ୍ବା ଗାଡ଼ିର ବୀମା ହେଉଥିବା ଦେଖିଥିବେ ହେଲେ ବର୍ତ୍ତମାନ ଏକ ସ୍ୱତନ୍ତ୍ରଧରଣର ବୀମା ଖୁବ ଚର୍ଚ୍ଚାରେ ରହିଛି । ସୂଚନା ଅନୁସାରେ ଓସ୍କାର ନୋମିନେଟେଡ ଅଭିନେତ୍ରୀ ତଥା ଗାୟିକା ସିନ୍ଥିଆ ଏରିଭୋ ନିଜର ପାଟିକୁ ବୀମାଭୁକ୍ତ କରିଛନ୍ତି । ଯାହାର ମୂଲ୍ୟ ରହିଛି ଦୁଇ ମିଲିଅନ ଡଲାର ଯାହାର ଭାରତୀୟମୁଦ୍ରାରେ ମୂଲ୍ୟ ପାଖାପାଖି ୧୬.୫କୋଟି । ସେ ବର୍ତ୍ତମାନ ଲିଷ୍ଟିନ୍‌ର ୱାସ୍ ୟୁର ମାଉଥ୍‌ର ବ୍ରାଣ୍ଡ୍ ଆମ୍ବାସଡର ଅଛନ୍ତି । ଏହାପରେ ତାଙ୍କର ପାଟି ପ୍ରତି ଅହେତୁକ ଦୁର୍ବଳତା ସୃଷ୍ଟି ହୋଇଛି, ଯାହାଫଳରେ ସେ ଏପରି ନିଷ୍ପତ୍ତି ନେଇଥିବାନେଇ ଆଲୋଚନା ହେଉଛି । ସେ ନିଜର ପରିଚୟ ପଛରେ ନିଜର ହସ ଓ କଣ୍ଠକୁ ଶ୍ରେୟ ଦେଇଛନ୍ତି ତେଣୁ ସେମାନଙ୍କର ଯତ୍ନ ନେବା ତାଙ୍କର ପ୍ରମୁଖ କର୍ତ୍ତବ୍ୟ ବୋଲି ସେ ମତ ଦେଇଛନ୍ତି । ବର୍ତ୍ତମାନ ହଲିଉଡରେ ଅଭିନେତ୍ରୀଙ୍କର ଅଙ୍ଗଗୁଡିକୁ ବୀମା ଭୁକ୍ତ କରିବାର ଏକ ନୂଆ ଟ୍ରେଣ୍ଡ ଆରମ୍ଭ ହୋଇଛି ।

# ୧୬.୫କୋଟିରେ ପାଟିର ବୀମା



# ମନ୍ଦିରରେ ହୋଇଥାଏ ଚିକିତ୍ସା!

ବିଶ୍ୱରେ ଏମିତି ଅନେକଗୁଡ଼ିଏ ମନ୍ଦିର ଅଛି ଯାହାର ଡିଜାଇନ୍ ଓ ମାନ୍ୟତା ସମ୍ପୂର୍ଣ୍ଣ ରୂପେ ଭିନ୍ନ ଥାଏ । ଏହି ମନ୍ଦିରଗୁଡ଼ିକ ଅନ୍ୟ କୌଣସି ବି ମନ୍ଦିର ସହିତ ଆଦୌ ମେଳ ଖାଏନାହିଁ । ସେଥିମଧ୍ୟରୁ ଗାଜିଆବାଦରେ ଥିବା କେଶରୀ ମାତା ମନ୍ଦିର ଅନ୍ୟତମ । ଏହି ମନ୍ଦିରରେ ହାତୁଡ଼ିରେ ରୋଗୀମାନଙ୍କର ଚିକିତ୍ସା କରାଯାଇଥାଏ । ଯେଉଁମାନଙ୍କର ପେଟସମସ୍ୟା ଥାଏ ଏବଂ କୌଣସି ଡାକ୍ତରଙ୍କର ଔଷଧ ଫଳପ୍ରଦ ହୁଏନାହିଁ, ସେମାନଙ୍କ ଗୋଡରେ ହାତୁଡ଼ି ପିଟାଯାଏ । ଏଭଳି କରିବା ଦ୍ୱାରା ପେଟ ସମସ୍ୟା ହ୍ରାସ ପାଏ ବୋଲି ସ୍ଥାନୀୟ ଲୋକଙ୍କ ବିଶ୍ୱାସ ରହିଛି । ହାତୁଡ଼ି ମାରି ଚିକିତ୍ସା କରାଯିବା ସହିତ ହୋମୋପାଥିକ ଔଷଧ ମଧ ଦିଆଯାଏ । କେଶରୀ ମାତାଙ୍କ ମନ୍ଦିରରେ ବର୍ଷ ବର୍ଷରୁ ଏହି ପରମ୍ପରା ଚାଲିଆସିଛି । ତେବେ ହାତୁଡ଼ି ମାରିବାର ୫ରୁ ୬ ଦିନ ମଧ୍ୟରେ ରୋଗର ପ୍ରଭାବ କମିଥାଏ ବୋଲି କୁହାଯାଏ ।

# ହୋଇଛନ୍ତି ବଡିସେମିଂର ଶିକାର




ଟିଭି ଦୁନିଆରୁ ବଲିଉଡ ପର୍ଯ୍ୟନ୍ତ ନିଜର ଦମଦାର ଯାତ୍ରା ପାଇଁ ଅଭିନେତ୍ରୀ ମୃଣାଲ ଠାକୁର ଦର୍ଶକଙ୍କର ପ୍ରଥମ ପସନ୍ଦ ପାଲଟିଛନ୍ତି । ତେବେ ନିଜ ପାଇଁ ଏକ ସ୍ୱତନ୍ତ୍ରସ୍ଥାନ ତିଆରି କରିବା ତାଙ୍କ ପାଇଁ ଏତେ ସହଜ ନଥିଲା । ପ୍ରଥମରୁ ତାଙ୍କୁ ଏଥିପାଇଁ ଅନେକ ପରିଶ୍ରମ ସହିତ ତ୍ୟାଗ କରିବାକୁ ପଡିଥିବା ନିକଟରେ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । କ୍ୟାରିୟର ଆରମ୍ଭରୁ ତାଙ୍କୁ ଅନେକ ନେଗେଟିଭିଟିର ସାମନା କରିବାକୁ ପଡିଛି । ପ୍ରଥମରୁ ତାଙ୍କୁ ନିଜର ଲୁକ୍ ପାଇଁ ମଧ ଅନେକ କଥା ଶୁଣିବାକୁ ମିଳିଛି । ସେ କେବେ ଏଭଳି ଲୁକନେଇ ହିରୋଇନ ହୋଇପାରିବେ ନାହିଁ ବୋଲି କମେଣ୍ଟ ମଧ ଶୁଣିବାକୁ ମିଳିଥିଲା । ଯାହା ତାଙ୍କୁ ଭିତରୁ ଖୁବ ଦୁଃଖ ଦେଇଥିଲା । ଏହି ସମୟରେ ସେ ଘରେ ଆସି କାନ୍ଦିଥିବା ମଧ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ଅନେକ ସମୟରେ ତା୨ଙ୍କୁ ବଡି ସେମିଂ କରାଯାଇଛି, ଯାହା ତାଙ୍କୁ ଖୁବ କଷ୍ଟ ଦେଇଥିଲା ଏପରିକି ତାଙ୍କ ମୁଣ୍ଡକୁ ଆତ୍ମହତ୍ୟା କଥା ମଧ ଆସିଥିଲା । ହେଲେ ଏହି ସମୟରେ ତାଙ୍କୁ ତାଙ୍କ ପରିବାର ଲୋକ ଖୁବ ସାହାଯ୍ୟ କରିଥିଲେ । ସମସ୍ତେ ତାଙ୍କୁ ସମର୍ଥନ କରିବା ସହିତ କାମ କରିବାକୁ ଆତ୍ମବିଶ୍ୱାସ ବଢାଇଥିଲେ । ଯାହା ତାଙ୍କୁ କ୍ୟାରିୟରରେ ଆଗକୁ ନେବାରେ ସାହାଯ୍ୟ କରିଥିଲା । ଏହାପରେ ସେ ନିଜର ସମସ୍ତ ଧ୍ୟାନ ଅଭିନୟ ଉପରେ ଦେଇଥିଲେ ଏବଂ କ୍ୟାରିୟରେ ଆଗକୁ ବଢିଥିଲେ ।



ସାଧାରଣତଃ ଅଣ୍ଡାକୁ କିଛି ସପ୍ତାହ ଷ୍ଟୋର୍ କରି ରଖିଲେ ତାହା ଖରାପ ହୋଇଯାଏ । ଯାହାକୁ ଖାଇବାଯୋଗ୍ୟ ବୋଲି ଆଦୌ ମନେ କରାଯାଏ ନାହିଁ । ହେଲେ ବର୍ତ୍ତମାନ ଏମିତି ଏକ ଅଣ୍ଡାର ସନ୍ଧାନ କରାଯାଇଛି ଯାହା ପ୍ରାୟ ୧୭୦୦ ବର୍ଷର ପୁରୁଣା ବୋଲି କୁହାଯାଉଛି । କେବଳ ଏତିକି ନୁହେଁ, ଏହି ଅଣ୍ଡାର ଭିତର ଅଂଶ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଥିବା ମଧ୍ୟ ଜଣାପଡ଼ିଛି । ଆଶ୍ଚର୍ଯ୍ୟ ଲାଗିଲେ ବି ଏହା ସତ । ଇଂଲଣ୍ଡର ପ୍ରତ୍ନତାତ୍ତ୍ୱିକ ବିଭାଗ ଦ୍ୱାରା ଖନନ କରାଯିବା ସମୟରେ ୧୭୦୦ ବର୍ଷ ତଳର ଏହି ଅଣ୍ଡା ମିଳିଛି । ପରେ ଏହି ଅଣ୍ଡାକୁ ସ୍କାନ୍ କରାଯିବା ଦ୍ୱାରା ଅଣ୍ଡାଟି ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଥିବା ଜଣାପଡ଼ିଛି । ତେବେ ଏତେ ବର୍ଷ ଧରି ଅଣ୍ଡାଟି ସୁରକ୍ଷିତ ଥିବାରୁ ପ୍ରତ୍ନତତ୍ତ୍ୱ ବିଭାଗର କର୍ମକର୍ତ୍ତାମାନେ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଛନ୍ତି । ଇଂଲଣ୍ଡର ବକିଂହାମ୍‌ଶାୟରରେ ଏଲିସବରିର ବେରିଫିଲ୍ଡରେ ମିଳିଥିବା ରୋମାନ ଯୁଗର ଏହି ଅଣ୍ଡା ମଧ୍ୟରେ ଏବେବି ତରଳ ହଳଦିଆ ଓ ଧଳା ଅଂଶ ସୁରକ୍ଷିତ ଭାବେ ରହିଛି । ପ୍ରାୟ ୪ ସେମି ଚଉଡ଼ାବିଶିଷ୍ଟ ଏହି ଅଣ୍ଡାଟି ଏକ ଜଳପୂର୍ଣ୍ଣ ଖାଲରୁ ମିଳିଛି, ଯାହାଫଳରେ ଅଣ୍ଡାଟି ଏତେ ବର୍ଷ ହେବ ସୁରକ୍ଷିତ ରହିଛି ବୋଲି କୁହାଯାଉଛି । ଡିଜିବି କନ୍‌ଜର୍‌ଭେସନ୍‌ର ପ୍ରତ୍ନତତ୍ତ୍ୱବିଦ୍ ଡେନା ଗୁଜବର୍ନ ବ୍ରାଉନ୍‌ଙ୍କ କହିବା ଅନୁସାରେ ଏହି ଅଣ୍ଡା ମଧ୍ୟରେ କିଛି ପାଣି ଫୋଟକା ଦେଖିବାକୁ ମିଳିଥିଲା, ଯାହା ଜରିଆରେ ଅଣ୍ଡା ମଧ୍ୟରେ ଥିବା ତରଳ ପଦାର୍ଥ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଥିବା ଜଣାପଡ଼ିଥିଲା ।

# ୧୭୦୦ ବର୍ଷର ଅଣ୍ଡା

Ministry of Culture
Government of India





"ତ୍ରିରଙ୍ଗାର ଗୌରବ ବଜାୟ ରଖିବାରେ ହର୍ ଘର୍ ତିରଙ୍ଗା ଅଭିଯାନ ଏକ ଅନନ୍ୟ ଉତ୍ସବ ପାଲଟିଛି ।"

-ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ

## ଚାଲ ଆମେ ବୃହତ୍ତ ରାଷ୍ଟ୍ରବ୍ୟାପୀ ଜନ ଭାଗିଦାରୀ ଆନ୍ଦୋଳନର ଜଣେ ଗର୍ବିତ ସ୍ୱେଚ୍ଛାସେବକ ହେବା

# ହର୍ ଘର୍ ତିରଙ୍ଗା

୨-୧୫ ଅଗଷ୍ଟ ୨୦୨୫

## ଅଂଶଗ୍ରହଣ କରନ୍ତୁ ଏବଂ ହର୍ ଘର୍ ତିରଙ୍ଗାର ଉତ୍ସାହକୁ ବିସ୍ତାର କରନ୍ତୁ

- ଏକତାର ସୂତ୍ରରେ ସମସ୍ତଙ୍କୁ ଏକାଠି କରିବା
- ଘରେ ଜାତୀୟ ପତାକା ଉତ୍ତୋଳନ କରିବାକୁ ସେମାନଙ୍କୁ ପ୍ରେରଣା ଦିଅ
- ହର୍ ଘର୍ ତିରଙ୍ଗା ଡଟ୍‌କମ୍‌ରେ ତିରଙ୍ଗା ସହିତ ସେଲ୍ଫି ଅପ୍‌ଲୋଡ୍ କରନ୍ତୁ

## ସ୍ୱେଚ୍ଛା ସେବକ ହେବାକୁ ଏହିସବୁ ସୋପାନ ଅନୁସରଣ କରନ୍ତୁ

**ସୋପାନ ୧**
ହର୍ ଘର୍ ତିରଙ୍ଗା ଡଟ୍‌କମ୍‌କୁ ଯାଆନ୍ତୁ

**ସୋପାନ ୨**
ଜଣେ ସ୍ୱେଚ୍ଛାସେବୀ ହେବାକୁ କ୍ଲିକ୍ କରନ୍ତୁ

**ସୋପାନ ୩**
ସବିଶେଷ ବିବରଣୀ ଏଣ୍ଟର କରନ୍ତୁ

**ସୋପାନ ୪**
'ରେଜିଷ୍ଟର' କ୍ଲିକ୍ କରନ୍ତୁ

ସ୍ୱେଚ୍ଛାସେବକ ପଞ୍ଜୀକରଣ ଆରମ୍ଭ : ୨ ଅଗଷ୍ଟ ୨୦୨୫

**ଚାଲ ଆମେ ପ୍ରତ୍ୟେକ ଘରେ ହର୍ ଘର୍ ତିରଙ୍ଗା ମୁହୂର୍ତ୍ତକୁ ଉପଭୋଗ କରିବା !**

ଅଧିକ ସୂଚନା ପାଇଁ ସ୍କାନ କରନ୍ତୁ

CBC 09101/13/0012/2526

## ଭାରତୀୟ ରିଅଲ ଇଷ୍ଟେଟ୍ ଡେଭେଲପର୍ସ

# ଓଡ଼ିଶାର ଅଭିବୃଦ୍ଧିରେ ଯୋଗଦାନ ଜାରି ରଖନ୍ତୁ: ରାଜ୍ୟପାଳ



ଭୁବନେଶ୍ୱର,(ସବ୍ୟୁ): ଭାରତୀୟ ରିଅଲ ଇଷ୍ଟେଟ୍ ଡେଭଲପର୍ସ କ୍ରେଡାଇ ଓଡ଼ିଶାର ଅଭିବୃଦ୍ଧିରେ ଯୋଗଦାନ ଜାରି ରଖିବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି । ଭୁବନେଶ୍ୱରଠାରେ ଭାରତୀୟ ରିଅଲ ଇଷ୍ଟେଟ୍ ଡେଭେଲପର୍ସର ଜାତୀୟସ୍ତରୀୟ ଏକ୍ସଟ୍ରାଅର୍ଡିନାରୀ ଜେନେରାଲ ବଡି ୨୦୨୫ରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି । ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ ବର୍ଷ ବର୍ଷ ଧରି କ୍ରେଡାଇ ଭାରତର ରିଅଲ ଇଷ୍ଟେଟ କ୍ଷେତ୍ରରେ ଏକ ଶକ୍ତିଶାଳୀ ସ୍ୱରରେ ପରିଣତ ହୋଇଛି । ଦୁଇ ଲକ୍ଷରୁ ଅଧିକ ନିର୍ମାଣ ଶ୍ରମିକ ଏବଂ ଯୁବକଙ୍କୁ ଦକ୍ଷ କରିବାରେ ଏହାର ଅବଦାନ କେବଳ ଜୀବିକା ଉତ୍ଥାନ ନୁହେଁ ବରଂ ସମାବେଶୀ ଅଭିବୃଦ୍ଧିକୁ ନିଶ୍ଚିତ କରୁଛି । ଓଡ଼ିଶା ଆଜି ଏକ ଉଲ୍ଲେଖନୀୟ ପରିବର୍ତ୍ତନ ବିନ୍ଦୁରେ ଛିଡ଼ା ହୋଇଛି । ପରିବର୍ତ୍ତନଶୀଳ ଯାତ୍ରାରେ କ୍ରେଡାଇ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ରିଅଲ ଇଷ୍ଟେଟ୍ ଭବିଷ୍ୟତର ବାସ୍ତବ ଏବଂ ସାମାଜିକ ଭିତିଭୂମି ନିର୍ମାଣରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ । ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ କ୍ରେଡାଇ ଭୁବନେଶ୍ୱର ପ୍ରେସିଡେଣ୍ଟ ତଥା କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ୍ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଭୁବନେଶ୍ୱର - ଏକାମ୍ର ବିଧାୟକ ବାବୁ ସିଂ, ପ୍ରେସିଡେଣ୍ଟ କ୍ରେଡାଇ ନ୍ୟାସନାଲ ଶେଖର ପଟେଲ, ପ୍ରେସିଡେଣ୍ଟ ଜି. ରାମ ରେଡ୍ଡି, ସେକ୍ରେଟାରୀ ଗୌରବ ଗୁପ୍ତା, ପ୍ରେସିଡେଣ୍ଟ କ୍ରେଡାଇ ଓଡିଶା ସ୍ୱଦେଶ କୁମାର ରାଉତରାୟ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଶେଷରେ କ୍ରେଡାଇ ଓଡ଼ିଶାର ସେକ୍ରେଟାରୀ ଅନୀଲ କୁମାର ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ଇଫ୍‌କୋର ନୂତନ ମ୍ୟାନେଜିଂ ଡାଇରେକ୍ଟର ହେଲେ କେ.ଜେ ପଟେଲ



ଭୁବନେଶ୍ୱର,(ସବ୍ୟୁ): ଇଫକୋ ଚେୟାରମାନ ଦିଲୀପ ସଂଘାନି ଇଫକୋର ନୂତନ ମାନେଜିଂ ଡାଇରେକ୍ଟର ଭାବରେ କେ.ଜେ ପଟେଲଙ୍କ ନାମ ଘୋଷଣା କରିଛନ୍ତି । ଶ୍ରୀ ପଟେଲ ଡାଇରେକ୍ଟର, ଟେକନିକାଲ, ଇଫକୋ ଭାବରେ କାର୍ଯ୍ୟ କରୁଥିଲେ ଏବଂ ସାର ଶିଳ୍ପରେ ତାଙ୍କର ବିପୁଳ ଅଭିଜ୍ଞତା ରହିଛି । ଶ୍ରୀ ଜେ କେ ପଟେଲ ସୌରାଷ୍ଟ୍ର ୟୁନିଭରସିଟିର ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି ଏବଂ ନାଇଟ୍ରୋଜେନସ ଓ ଫସଫେଟିକ ଫର୍ଟିଲାଇଜର ପ୍ଲାଗୁଡିକର ପରିଚାଳନା ଓ ରକ୍ଷଣାବେକ୍ଷଣରେ ତାଙ୍କର ୩୨ ବର୍ଷରୁ ଅଧିକ କାଳ ଅଭିଜ୍ଞତା ରହିଛି । ପରିଚାଳନାଗତ ଉତ୍କର୍ଷତା ଏବଂ ଦୀର୍ଘସ୍ଥାୟୀ ଅଭିବୃଦ୍ଧିକୁ ଆଗେଇନେବାରେ ତାଙ୍କର ମଜଭୁତ ପିଛିଲା ରେକର୍ଡ ନିମନ୍ତେ ସେ ସୁପରିଚିତ । ସେ ଭାରତରେ ସର୍ବବୃହତ କମ୍ପ୍ଲେକ୍ସ ସାର କାରଖାନା ପାରାଦୀପ ପ୍ଲାଣ୍ଟର ନେତୃତ୍ୱ ନେଉଥିଲେ । ନୂତନ ମାନେଜିଂ ଡାଇରେକ୍ଟର ଭାବରେ ଶ୍ରୀ କେ ଜେ ପଟେଲଙ୍କୁ ଚେୟାରମାନ ଶ୍ରୀ ସଂଘାନି ସ୍ୱାଗତ କରିବା ସହିତ କହିଛନ୍ତି ଯେ, ଶ୍ରୀ ପଟେଲଙ୍କର ଶିଳ୍ପ ସମ୍ପର୍କିତ ଗଭୀର ଜ୍ଞାନ, ପ୍ରମାଣିତ ରଣକୌଶଳାତ୍ମକ ଚିନ୍ତନ ଆଭିମୁଖ୍ୟ ରହିଛି ଯାହା ଇଫକୋର ଲକ୍ଷ୍ୟସମୂହ ସହିତ ମେଳ ଖାଉଛି । ବୋର୍ଡ ଦୃଢ ନିଶ୍ଚିତ ଯେ ଶ୍ରୀ କେ ଜେ ପଟେଲ ଇଫକୋକୁ ନବସୃଜନ ଏବଂ ମୂଲ ସୃଷ୍ଟି କ୍ଷେତ୍ରରେ ଏକ ନୂତନ ଯୁଗକୁ ଆଗେଇନେବେ ଏବଂ ଇଫକୋ ତାହାର ମଜଭୁତ ମୂଳଦୁଆ ଉପରେ ଆଗକୁ ବଢିବା ଜାରି ରଖିବା ସହିତ କୃଷକ ଓ ସମବାୟ ସଂସ୍ଥାଗୁଡିକର କଲ୍ୟାଣ ଦିଗରେ ନିରନ୍ତର କାର୍ଯ୍ୟ କରିବ ।

## କଟକ ୟୁପିଡିରେ ପଡି ରହିଛି ୧ହଜାର ୬୩୯ଟି ମାମଲା

# ତଦନ୍ତ ଶେଷ ନକଲେ କାର୍ଯ୍ୟାନୁଷ୍ଠାନ

କଟକ,(ସବ୍ୟୁ): କମିଶନରେଟ୍ ପୁଲିସ ପକ୍ଷରୁ ଥାନାରେ ପଡ଼ି ରହିଥିବା ମାମଲା ଗୁଡ଼ିକର ତୁରନ୍ତ ଶେଷ କରିବାକୁ ବିଭାଗୀୟ ନୋଟିସ୍ ଦିଆଇଛି । କଟକ ୟୁପିଡି ଅନ୍ତର୍ଗତ ସମସ୍ତ ଥାନାରେ ବଢି ଚାଲିଛି ମାମଲା ବୋଝ । କମିଶନରେଟ୍ ପୁଲିସ ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାର ତଦନ୍ତ ଶେଷ ହୋଇ ପାରିନାହିଁ । ତଥ୍ୟ ପ୍ରମାଣ ନମିଳିବା, ଅଭିଯୁକ୍ତ ଜିଲ୍ଲା ବାହାର କିମ୍ବା ରାଜ୍ୟ ବାହାରକୁ ଫେରାର ହୋଇଯିବା, ଅଭିଯୁକ୍ତର ପରିଚୟ ସ୍ପଷ୍ଟ ନହେବା, ଶବ ବ୍ୟବଚ୍ଛେଦ ରିପୋର୍ଟ ଠିକ୍ ସମୟରେ ନଆସିବା କାରଣରୁ ବିଭିନ୍ନ ଥାନାରେ ମାମଲା ପଡ଼ି ରହିଥିବା ପୁଲିସ ସ୍ପଷ୍ଟ କରିଛି । ଏବେ କଟକ କମିଶନରେଟ୍ ପୁଲିସ ଅଧିନରେ ଥିବା ସମସ୍ତ ଥାନା ଗୁଡ଼ିକରେ ୧ହଜାର ୬୩୯ଟି ମାମଲା ବିନା ତଦନ୍ତରେ ପଡ଼ି ରହିଛି । ଚଳିତ ବର୍ଷ ଜାନୁଆରୀରୁ ଜୁଲାଇ ମାସ ଶେଷ ସୁଦ୍ଧା କଟକ କମିଶନରେଟ୍ ପୁଲିସରେ ୫ହଜାର ମାମଲା ପଞ୍ଜିକରଣ କରାଯାଇଛି । ତେବେ ଅଧିକାଂଶ ମାମଲା ତଦନ୍ତ ଅଧାରେ ଅଟକିଥିବା ବେଳେ ଆଉ କେତେକ ମାମଲା ସେମିତି ପଡି ରହୁଛି । ୨୦୦୮ ମସିହାରୁ ଏଯାବତ୍ ଥାନାୱାରୀ ପଡ଼ି ରହିଥିବା ମାମଲା ଗୁଡ଼ିକର ତୁରନ୍ତ ସମାଧାନ କ୍ଷେତ୍ରରେ ଗୁରୁତ୍ୱ ଦେଇଛନ୍ତି ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ । ଗୁରୁତ୍ୱପୂର୍ଣ୍ଣ ମାମଲାର ତ୍ୱରିତ ଅଗ୍ରଗତି କରିବା ପାଇଁ ସମ୍ପୃକ୍ତ ଆଇଆଇସି ବା ତଦନ୍ତକାରୀ ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗତ ୧୫ବର୍ଷ ମଧ୍ୟରେ ପଡ଼ି ରହିଥିବା ସମସ୍ତ ମାମଲା ଗୁଡ଼ିକର ତଦନ୍ତର ଅଗ୍ରଗତି ନିମନ୍ତେ ଉଦ୍ୟମ ଆରମ୍ଭ ହୋଇଛି । ଯଥାଶୀଘ୍ର ଏସବୁକୁ ସମାଧାନ କରିବା କ୍ଷେତ୍ରରେ ଚେଷ୍ଟା କରାଯିବ । କମିଶନରେଟ୍ ପୁଲିସ ପକ୍ଷରୁ ଅପରେସନ୍ କ୍ଲିନ୍ ନାମରେ ଏହି ଅଭିଯାନ ଜାରି ରହିଛି । ତେବେ ୫ବର୍ଷର ଏହି ଅପରାଧିକ ପୃଷ୍ଠଭୂମିକୁ ଦେଖିଲେ ଚୋରି ଘଟଣା ସର୍ବାଗ୍ରେ ରହିଛି । ଅନ୍ୟପକ୍ଷରେ ସହରବାସୀଙ୍କ ମଧ୍ୟରେ ଚୋରି, ଡକାୟତି ଓ ଛିନ୍ତାଇକୁ ନେଇ ଚିନ୍ତା ବଢ଼ିଛି । ଏ ସଂକ୍ରାନ୍ତରେ ଡିସିପି ଶ୍ରୀ ଦ୍ୟାନଦେଓଙ୍କୁ ପଚାରିବାରୁ ସେ କହିଛନ୍ତି, ଗତ ୨ବର୍ଷ ମଧ୍ୟରେ ୯୦ପ୍ରତିଶତ ଚୋରି, ଛିନ୍ତାଇ, ଡକାୟତି ଓ ସିନ୍ଧି ଚୋରି ଘଟଣାରେ ପୁଲିସକୁ ସଫଳତା ମିଳିଛି । ସହରବାସୀଙ୍କୁ ନିରାପତ୍ତା ଓ ସୁରକ୍ଷା ଯୋଗାଇ ଦେବା ପାଇଁ ୨୪ଘଣ୍ଟିଆ କଡା ପ୍ରହରା ପୁଲିସ ଦେଉଛି । ଜନସାଧାରଣ ଭୟଭୀତ ନହେବାକୁ ଡିସିପି ପରାମର୍ଶ ଦେଇଛନ୍ତି । ଅନ୍ୟପକ୍ଷରେ ଥାନାରେ ପଡ଼ି ରହିଥିବା ମାମଲା ଗୁଡ଼ିକର ତୁରନ୍ତ ତଦନ୍ତ ଶେଷ କରାଯାଇ ଥାନାରେ ମାମଲା ବୋଝ ହ୍ରାସ କରିବା ଦିଗରେ ଉଦ୍ୟମ ଜାରି ରହିଥିବା ସେ କହିଛନ୍ତି ।

# ଓସ୍ୱାସ କାର୍ଯ୍ୟ ଅଗ୍ରଗତି ସମୀକ୍ଷା

ଖୋର୍ଦ୍ଧା,(ସବ୍ୟୁ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟରେ ଓସ୍ୱାସ ମାଧ୍ୟମରେ ନଥିପତ୍ର କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ଓକାକ୍ ପ୍ରଯୁକ୍ତି ବିଦ୍ୟା ପରାମର୍ଶଦାତା ସତ୍ୟ ରଞ୍ଜନ ସାହୁ ଯୋଗଦେଇ ଅନ ଲାଇନ୍ ମାଧ୍ୟମରେ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟର କେତେ ନଥିପତ୍ର କାର୍ଯ୍ୟ ଓସ୍ୱାସ୍ ମାଧ୍ୟମରେ ହୋଇଅଛି ତାହା ଯାଞ୍ଚ କରିଥିଲେ । ଖୋର୍ଦ୍ଧା ଜିଲ୍ଲାରେ ଏହି ପଦ୍ଧତି ଶତ ପ୍ରତିଶତ ସଫଳତା ପାଇଁ ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ପ୍ରତାପ ଚନ୍ଦ୍ର ବେଉରା ଗୁରୁତ୍ୱାରୋପ ପୂର୍ବକ ଚଳିତ ଅଗଷ୍ଟ ମାସରେ ଓସ୍ୱାସ ସଂଯୋଗ ଥିବା ଯେଉଁ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ, ପୌର ପରିଷଦ/ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଲାଇନ୍ ଡିପାର୍ଟମେଂଟ କାର୍ଯ୍ୟାଳୟ, ବ୍ଲକ୍ ଓ ତହସିଲ କାର୍ଯ୍ୟାଳୟ, ସିଡିପିଓ ଆଦି କାର୍ଯ୍ୟାଳୟ ଓସ୍ୱାସ ରେ କାର୍ଯ୍ୟ କରି ନଥିବେ ସେମାନଙ୍କ କାର୍ଯ୍ୟାଳୟର ଅଧିକାରୀ ସମେତ ସମ୍ପୃକ୍ତ କର୍ମଚାରୀଙ୍କ ଅଗଷ୍ଟ ମାସ ଦରମା ବନ୍ଦ କରାଯିବା ସହ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ଓସ୍ୱାସ ନୋଡାଲ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ସେହିପରି ସିଡିଏମ ଆଣ୍ଡ ପିଏଚଓ କାର୍ଯ୍ୟାଳୟ, ସିଡିଭିଓ କାର୍ଯ୍ୟାଳୟ, ସିଡିଏଓ କାର୍ଯ୍ୟାଳୟ ଏବଂ ଡିପିସି, ସମଗ୍ର ଶିକ୍ଷା କାର୍ଯ୍ୟାଳୟ କୁ ୭ ଦିନ ମଧ୍ୟରେ ଓସ୍ୱାସ୍ ରେ ଶତ ପ୍ରତିଶତ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର (ଜରୁରୀ) ଶ୍ରୀତପା ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ସେନାପତି, ଖୋର୍ଦ୍ଧା ପୌର ନିର୍ବାହୀ ଅଧିକାରୀ ରିଜିୱାନା କଅକବ, ଆସିଷ୍ଟାଣ୍ଟ କଲେକ୍ଟର ଭୁବନେଶ୍ୱରୀ କଅଁରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଓକାକ୍ କର୍ମକର୍ତ୍ତା ବୈଠକରେ ଯୋଗ ଦେଇଥିଲେ ।

# ରାଜ୍ୟରେ ଏକ ଲକ୍ଷ ଲୋକ ବନ୍ୟା ପ୍ରଭାବିତ



ଭୁବନେଶ୍ୱର,(ସବ୍ୟୁ): ଯାଜପୁର, କେନ୍ଦ୍ରାପଡା,ମୟୁରଭଞ୍ଜ ଇତ୍ୟାଦି ରାଜ୍ୟର ୫ଟି ଜିଲ୍ଲାର ଅନେକ ଗୁଡିଏ ବ୍ଲକ ପ୍ରଭାବିତ ହୋଇଛି । କିନ୍ତୁ ସରକାର ଗମ୍ଭୀର ଥିଲା ଭଳିଆ ଜଣା ପଡୁନାହାନ୍ତି । ପ୍ରକୃତରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ବନ୍ୟା ପ୍ରଭାବିତ ହୋଇଥିବାବେଳେ ସରକାର ମାତ୍ର ୩୦ ହଜାର ଲୋକଙ୍କ କ୍ଷତିଗ୍ରସ୍ତ ହୋଇଛନ୍ତି ବୋଲି ଆକଳନ କରିଛନ୍ତି। ଶୁକ୍ରବାର କଂଗ୍ରେସ ଭବନଠାରେ ବିଭିନ୍ନ ଜିଲ୍ଲାରେ ବନ୍ୟା ପରିସ୍ଥିତିକୁ ନେଇ ମିଡ଼ିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସଙ୍କ ସଂଯୋଜନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ, ବିଧାନସଭା କଂଗ୍ରେସ ଦଳ ବିଧାୟକ ନେତା ରାମଚନ୍ଦ୍ର କାଡାମଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ସୁଧାଂଶୁ ଶେଖର ଦେଓ, ମୁଖପାତ୍ର ନଳିନୀକାନ୍ତ ନାୟକ ଓ ମୁଖପାତ୍ର ସଂଗ୍ରାମ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

ଗଣମାଧ୍ୟମକୁ ସମ୍ବୋଧିତ କରି ମିଡ଼ିଆ ସେଲ ପିସିସି ସଭାପତି ଶ୍ରୀ ଦାସ କହିଥିଲେ ଯେ ବାୟୁସେନାର ହେଲିକେପ୍ଟରରେ ବସି ମୁଖ୍ୟମନ୍ତ୍ରୀ ବନ୍ୟାନଞ୍ଚଳ ପରିଦର୍ଶନ କରି ଆସିଲେ କିନ୍ତୁ କେତେ ଜନଜୀବନ, ପ୍ରାଣୀଧନ ଏବଂ ଚାଷଜମି କ୍ଷୟ କ୍ଷତି ଘଟିଛି ତା'ର ଆକଳନ ଏପର୍ଯ୍ୟନ୍ତ ପ୍ରକାଶ କରିପାରି ନାହାନ୍ତି । ପାଞ୍ଚ ଛଅ ଗୋଟି ଜିଲ୍ଲା ବନ୍ୟା ପ୍ରଭାବିତ ହୋଇଥିବାବେଳେ ସେଥିମଧ୍ୟରୁ କେନ୍ଦ୍ରାପଡ଼ା ଓ ମୟୁରଭଞ୍ଜର ନାମ ବାଦ ଦିଆଯାଇଛି । ପ୍ରକୃତ ପକ୍ଷେ ୧ ଲକ୍ଷରୁ ଉର୍ଦ୍ଧ ଲୋକ ପ୍ରଭାବିତ ହୋଇଛନ୍ତି । ସଭାପତି ଶ୍ରୀ ଦାସଙ୍କ ନିର୍ଦ୍ଦେଶରେ ବିଧାୟକ ଦଳ ନେତା ଶ୍ରୀ କାଡ଼ାମ ଏବଂ ବରିଷ୍ଠ ନେତା ଶ୍ରୀ ଦେଓ କେନ୍ଦ୍ରାପଡ଼ା ବନ୍ୟା ଅଞ୍ଚଳ ପ୍ରତକ୍ଷ ପରିଦର୍ଶନ କରି ସମସ୍ତ ତଥ୍ୟ ସଂଗ୍ରହ କରିଛନ୍ତି ।

ବନ୍ୟା ଅଞ୍ଚଳ ପରିଦର୍ଶନରୁ ଫେରିଥିବା ବିଧାୟକ ଦଳ ନେତା ଶ୍ରୀ କାଡ଼ାମ କହିଲେ ଯେ, ଆମେ କେନ୍ଦ୍ରାପଡ଼ା ଜିଲ୍ଲାର. ଗସ୍ତରେ ଯାଇଥିଲୁ । ରାଜନଗର ବ୍ଲକର ୧୭ ଗୋଟି ଏବଂ ପଟ୍ଟାମୁଣ୍ଡାଇ ବ୍ଲକର ୧୭ ଗୋଟି ପଞ୍ଚାୟତ ବନ୍ୟା ପ୍ରଭାବିତ ହୋଇଛି, ଦୀର୍ଘ ୨୦ ଦିନ ହେଲା ଗାଁ ଗୁଡିକ ଜଳମଗ୍ନ ଅଛି। ଖାଦ୍ୟ ପହଞ୍ଚି ପାରିନି, କଲେକ୍ଟର କିମ୍ବା ମେଡିକାଲ ଟିମ ମଧ୍ୟ ପରିଦର୍ଶନ କରି ନାହାନ୍ତି। ଏପରିକି ବନ୍ୟା ପ୍ଳାବିତ ଅଞ୍ଚଳରେ ଗୋଖାଦ୍ୟ ମଧ୍ୟ ବଣ୍ଟନ ହୋଇନି । ଶ୍ରୀ କାଡ଼ାମ ସମାଲୋଚନା କରି କହିଲେ ଯେ ଯେଉଁ ଦଳ ଗୋମାତା ବୋଲି ଦଙ୍ଗା ହାଙ୍ଗାମା କରିବାକୁ ପଛାଏ ନାହିଁ ସେଇ ଦଳର ସରକାର ଗୋଧନଙ୍କ ସୁରକ୍ଷାରେ କେତେ ତତ୍ପର । ମୟୁରଭଞ୍ଜ ଏବଂ କେନ୍ଦ୍ରାପଡ଼ା ମଧ୍ୟ ବନ୍ୟା ପ୍ରଭାବିତ ଜିଲ୍ଲା ବୋଲି ଘୋଷଣା କରିବା କଥା କିନ୍ତୁ ଏହି ଦୁଇ ଜିଲ୍ଲାକୁ ସରକାର ବାଦ ଦେଇଛନ୍ତି । ପିଇବା ପାଣି ପାଇଁ ଲୋକେ ପ୍ରତ୍ୟେକ ଦିନ ୧୦୦ ରୁ ୨୦୦ ଟଙ୍କା ଖର୍ଚ୍ଚ କରୁଛନ୍ତି । ଏପରିକି ଗୋଳିଆ ପାଣି ମଧ୍ୟ ବ୍ୟବହାର କରିବାକୁ ବାଧ ହେଉଛନ୍ତି । ସରକାରଙ୍କ ତରଫରୁ ଶୁଖିଲା ଖାଦ୍ୟ ବଣ୍ଟନ ହେଉନି । ବର୍ତ୍ତମାନ ଜଳଘେରି ପାଇଁ ଡାଇରିଆ ବ୍ୟାପିବା ଆଶଙ୍କା ଦେଖାଦେଲାଣି ବୋଲି ନିଜ ବିବୃତିରେ ବିରୋଧୀ ଦଳ ନେତା ଶ୍ରୀ କାଡ଼ାମ ପ୍ରକାଶ କରିଛନ୍ତି । ସୁଧାଂଶୁ ଶେଖର ଦେଓ ଗଣମାଧ୍ୟମ ଆଗରେ ନିଜ ବକ୍ତବ୍ୟରେ କହିଲେ ଯେ, ଆମେ ଯାଜପୁର ଜିଲ୍ଲା ଅନୁଧ୍ୟାନରେ ଯାଇଥିଲୁ । ବରୀ ବ୍ଲକ ସବୁଠୁ ବେଶୀ କ୍ଷତିଗ୍ରସ୍ତ ହୋଇଛି । ବଡ଼ଚଣାର ଅନେକ ଅଞ୍ଚଳ ୨୦ ଦିନ ହେଲା ଜଳମଗ୍ନ । ଦଶରଥପୁର ଏବଂ ବିଂଝାରପୁରର ମଧ୍ୟ ଅନୁରୂପ ଅବସ୍ଥା । ଯାଜପୁରରେ ବୈତରଣୀ ନଦୀରେ ଦୀର୍ଘ ୧ କିମି ଆଡିବନ୍ଧ କରାଯାଇ ନଦୀକୁ ସଂକୀର୍ଣ୍ଣ କରି ଦିଆଯାଇଛି । ଦଶରଥପୁରରେ ଅତି ନିମ୍ନ ମାନର ବନ୍ଧ ତିଆରି କରି ବିଜେଡିର ବଡ଼ ବଡ଼ ନେତାଙ୍କ ଲୁଟ ପାଇଁ ବୈତରଣୀ ସମଗ୍ର ଅଞ୍ଚଳରେ ଧ୍ୱଂସର ତାଣ୍ଡବ ରଚୁଛି ବୋଲି ଶ୍ରୀ ଦେଓ ଉଲ୍ଲେଖ କରିଥିଲେ । ପିସିସି ସଭାପତି ଭକ୍ତ ଚରଣ ଦାସ କହିଲେ ଯେ, ପଶ୍ଚିମ ଓଡ଼ିଶାରେ ମରୁଡି ଯେମିତି ଏକ ବୃହତ ସମସ୍ୟା ଠିକ ସେମିତି ଉପକୂଳ ଅଞ୍ଚଳରେ ବନ୍ୟା ଏକ ବୃହତ ସମସ୍ୟା । ଏତେ ଦୀର୍ଘ ବର୍ଷ ଏମାନେ ଶାସନ କରିବା ସତ୍ତ୍ୱେ ଏହି ପ୍ରାକୃତିକ ବିପର୍ଯ୍ୟୟର ସଠିକ ମୁକାବିଲା ଆଜି ପର୍ଯ୍ୟନ୍ତ କରାଯାଇ ପାରିନାହିଁ ।

# ବିଦ୍ୟାଳୟ ସ୍ତରୀୟ ବାତଜ୍ୱର ସର୍ବେକ୍ଷଣ ଅଭିଯାନ

ଖୋର୍ଦ୍ଧା,୧।୮: ଖୋର୍ଦ୍ଧା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଫ୍ୟାଲେରିଆ(ବାତଜ୍ୱର) ନିରାକରଣ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ କ୍ରମେ ବିଦ୍ୟାଳୟସ୍ତରୀୟ ବାତ ଜ୍ୱର ସର୍ବେକ୍ଷଣ ଆଜି ୦୧ ଅଗଷ୍ଟରୁ ଆରମ୍ଭ ହୋଇଅଛି । ଏହି ସର୍ଭେକ୍ଷଣରେ ଜିଲ୍ଲାର ୨୭୫ ଗୋଟି ବିଦ୍ୟାଳୟ ଭାଗ ନେବେ ଯେଉଁଥିରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କର ଫ୍ୟାଲେରିଆ ନିରାକରଣ ପାଇଁ ନିରୂପଣ ପରୀକ୍ଷଣ କରାଯିବ । ଏହି ସର୍ବେକ୍ଷଣ ପ୍ରାଥମିକ ପର୍ଯ୍ୟାୟରେ ଖୋର୍ଦ୍ଧା, ଖୋର୍ଦ୍ଧା ସହରାଂଚଳ, ବେଗୁନିଆ, ବୋଲଗଡ଼, ବାଣପୁର, ଚିଲିକା ଓ ଟାଙ୍ଗୀ ଅଂଚଳରେ ଥିବା ବିଦ୍ୟାଳୟ ମାନଙ୍କରେ ଅଗଷ୍ଟ ୮ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ।

ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଜଟଣୀ, ଜଟଣୀ ସହରାଂଚଳ, ଭୁବନେଶ୍ୱର, ଭୁବନେଶ୍ୱର ସହରାଂଚଳ ରେ ଥିବା ବିଦ୍ୟାଳୟ ଗୁଡିକରେ ଆସନ୍ତା ସେପଟ୍ଟେମ୍ବର ମାସରେ ସର୍ବେକ୍ଷଣ କରାଯିବ । ଏହି ସର୍ଭେ ପାଇଁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଶିକ୍ଷା ଅଧିକାରୀ ମାନଙ୍କୁ ଚିଠି ମାଧ୍ୟମରେ ଆବଶ୍ୟକ ସହଯୋଗ ଯୋଗାଇ ଦେବାକୁ ଅନୁରୋଧ କରାଯାଇଅଛି । ଏହି ସର୍ଭେରେ ୪୫ ଗୋଟି ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ଟିମ୍ ନିୟୋଜିତ ହୋଇଛନ୍ତି । ଜିଲ୍ଲାରେ ୯୨୩୨ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷା କରାଯିବ ଓ ଫ୍ୟାଲେରିଆ ନିରୂପଣ ହେଲେ ଚିକିତ୍ସା ବ୍ୟବସ୍ଥା କରାଯିବ । ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ କାର୍ଯ୍ୟକ୍ରମର ତଦାରଖ କରାଯିବ ।

## କୋଟିଏ ଟଙ୍କାର କପ୍ ସିରପ୍ ଜବତ ମାମଲା

# ହୋଲ୍‌ସେଲର ରାଜା ଗିରଫ

- ନଗଦ ୨୫ଲକ୍ଷ ଟଙ୍କା ଜବତ
- କୋରିଅରରେ ଆସୁଥିଲା ମାଲ୍

ଭୁବନେଶ୍ୱର, (ସବ୍ୟୁ) : କଟକ-ଭୁବନେଶ୍ୱରରୁ କୋଟିଏ ଟଙ୍କାର କପ୍ ସିରପ୍ ଜବତ ମାମଲାରେ ହୋଲ୍‌ସେଲର ଅଂଶୁମାନ ଅଭିଜିତ ସାହୁ ଓରଫ ରାଜା (୨୮)କୁ ଏସ୍‌ଟିଏଫ୍ ଗିରଫ କରି କୋର୍ଟଚାଲାଣ କରିଛି । ତା' ଘର ଭରତପୁର ଥାନା ଅନ୍ତର୍ଗତ ଭରତପୁର ପ୍ଲଟ୍ ୬୪୪ରେ । ସେ ଟ୍ରାକନ କୋରିଅର ମାଧ୍ୟମରେ କପ୍ ସିରପ୍ ମଗାଉଥିବା ଏସ୍‌ଟିଏଫ୍ କହିଛି । ରାଜା ଘରୁ ୨୫ଲକ୍ଷ ୪୧ ହଜାର ନଗଦ ଟଙ୍କା ଏସ୍‌ଟିଏଫ୍ ଜବତ କରିଥିବା ସାମ୍ବାଦିକମାନଙ୍କୁ ସୂଚନା ଦେଇଛି ଏସ୍‌ଟିଏଫ୍ । ଏସ୍‌ଟିଏଫ୍ ଓ ଡ୍ରଗ୍ସ କଣ୍ଟ୍ରୋଲର ମିଳିତ ଭାବେ ଚଢାଉ କରିଥିଲେ । କଟକ ବାଦାମବାଡି ଅଞ୍ଚଳରେ ଥିବା ଟ୍ରାକନ କୋରିଅର ଓ ମଞ୍ଚେଶ୍ୱର ମୁଖ୍ୟାଳୟରୁ ୨୬ ହଜାର ୬୫୮ ବୋତଲ କପ୍ ସିରପ୍ ଜବତ ହୋଇଛି । ତାହା ୨୬୬୫.୮ ଲିଟର ବୋଲି ଏସ୍‌ଟିଏଫ୍ ସୂଚନା ଦେଇଛି । କପ୍ ସିରପ୍ ଗୁଡିକ ୯୩ଟି ଜରି ବସ୍ତାରେ ଥିଲା । କଟକ ଓ ଭୁବନେଶ୍ୱର ଦୁଇଟି ସ୍ଥାନରୁ ଏହି ନିଷିଦ୍ଧ କପ୍ ସିରପ ଜବତ କରାଯିବା ସହ ଅନ୍ୟାନ୍ୟ କେତେକ ଅପରାଧିକ କାଗଜପତ୍ର ମଧ୍ୟ ଜବତ ହୋଇଛି । ରାଜା ଦୀର୍ଘଦିନ ହେବ ଏହି ନିଷିଦ୍ଧ କପ୍ ସିରପ୍‌କୁ କଟକ-ଭୁବନେଶ୍ୱରକୁ ଚାଲାଣ କରାଏ । କେତେକ ଔଷଧ ଦୋକାନରେ ଏହା ବିକ୍ରି ହେଉଥିବା ବେଳେ ଚୋରାରେ ନିଶାଶକ୍ତ ବ୍ୟକ୍ତିଙ୍କୁ ବିକ୍ରି କରାଯାଇଥାଏ । ରାଜା କୋରିଅର ମାଧ୍ୟମରେ କପ୍ ସିରପ୍ ମଗାଇ ହୋଲ୍‌ସେଲିଂ କରୁଥିଲା । ଗୁଇନ୍ଦା ସୂଚନା ଆଧାରରେ ଏସ୍‌ଟିଏଫ୍ ଓ ଡ୍ରଗ୍ସ କଣ୍ଟ୍ରୋଲ କପ୍ ସିରପ୍ ଜବତ କରିବା ସହ ରାଜାକୁ ଗିରଫ କରିବାରେ ସମର୍ଥ ହେଲା । ରାଜାକୁ ଏନ୍‌ଡିପିଏସ୍ ଦଫାରେ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ସ୍ତ୍ରୀଙ୍କ ଏତଲାକୁ ନେଇ ମାମଲା ରୁଜୁ

# ମହିଳା ଥାନାରେ ପକ୍ଷ ରଖିଲେ ଓଏଏସ୍ ସାର୍ଥକ

ଭୁବନେଶ୍ୱର, (ସବ୍ୟୁ) : ଦାମ୍ପତ୍ୟ କଳହକୁ ନେଇ ମହିଳା ଥାନାରେ ଅଭିଯୋଗ ହେବା ପରେ ଓଏଏସ୍ ସାର୍ଥକ ସୌରଭ ମହାପାତ୍ରଙ୍କ ନାଁରେ ଏକ ମାମଲା ରୁଜୁ ହୋଇଛି । ତାଙ୍କ ସ୍ତ୍ରୀ ଅର୍ଚ୍ଚନା ଦାସଙ୍କ ଏତଲା ଆଧାରରେ ସାର୍ଥକ ଓ ତାଙ୍କ ମା'-ଭଉଣୀଙ୍କୁ ନୋଟିସ୍ କରାଯାଇଥିଲା ହାଜର ହେବାକୁ । ହେଲେ ସାର୍ଥକ ଶୁକ୍ରବାର ମଧ୍ୟାହ୍ନ ୧୨ଟା ବେଳେ ଓକିଲଙ୍କୁ ସାଙ୍ଗରେ ନେଇ ମହିଳା ଥାନାରେ ହାଜର ହୋଇଥିଲେ । ପ୍ରାୟ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ସାର୍ଥକଙ୍କୁ ପୋଲିସ ପଚରାଉଚରା କରି ବୟାନ ରେକର୍ଡ କରିଛି । ଗୁରୁବାର ତାଙ୍କ ସ୍ତ୍ରୀ ଅର୍ଚ୍ଚନାଙ୍କ ବୟାନ ରେକର୍ଡ ହୋଇଥିଲା । ମହିଳା ଥାନାରୁ ବାହାରିବା ପରେ ସାର୍ଥକ ଗଣମାଧ୍ୟମରେ ପକ୍ଷ ରଖିଥିଲେ । ସ୍ତ୍ରୀ ଅର୍ଚ୍ଚନାଙ୍କ ଅଭିଯୋଗକୁ ସେ ଖଣ୍ଡନ କରିବା ସହ ମେ'ମାସରେ କୋର୍ଟରେ ଛାଡପତ୍ର ଆବେଦନ କରିଥିବା କହିଛନ୍ତି । ଅନ୍ୟ ପକ୍ଷରେ ତାଙ୍କ ସ୍ତ୍ରୀ ଅର୍ଚ୍ଚନା ଦାସ ଗଣମାଧ୍ୟମରେ ତାଙ୍କ ପକ୍ଷ ରଖିବା ସହ ଛାଡପତ୍ର ମାମଲାରେ ସେ କୌଣସି ନୋଟିସ୍ ପାଇନାହାନ୍ତି । ସ୍ୱାମୀ ଯାହା କହୁଛନ୍ତି ମିଛ କହୁଛନ୍ତି ବୋଲି ସ୍ତ୍ରୀ ଅର୍ଚ୍ଚନା କହିଛନ୍ତି ।

ସାର୍ଥକଙ୍କ କହିବାନୁଯାୟୀ ଅର୍ଚ୍ଚନା ଯେଉଁ ମେଡିକାଲରେ ସହଯୋଗ କଲିନାହିଁ ବୋଲି ଅଭିଯୋଗ କରିଛନ୍ତି, ତାହା ମିଛ । ମୁଁ ମେଡିକାଲରେ ଥିଲି । ସମସ୍ତ ସାହାଯ୍ୟ ସହଯୋଗ ସହ ଟଙ୍କା ମଧ୍ୟ ଦେଇଛି । ମୋ ମା'ଙ୍କ ଦେହ ଖରାପ ଥିବାରୁ ମୁଁ ମେଡିକାଲରୁ ଘରକୁ ଯାଇଥିଲି । ସ୍ୱାମୀଙ୍କ ଏହି କଥାର ଉତ୍ତରରେ ଅର୍ଚ୍ଚନା ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ସ୍ୱାମୀ ମୋତେ ଓ ମୋ ଛୁଆକୁ ମେଡିକାଲରେ ଏକୁଟିଆ ଛାଡି ଚାଲିଯାଇଥିଲେ । ହସ୍ପିଟାଲ ପେମେଣ୍ଟ ଦେଇନାହାନ୍ତି, ମୋ ପାଖରେ ସବୁ ପ୍ରମାଣ ଅଛି । ସାର୍ଥକଙ୍କ କହିବାନୁଯାୟୀ ଅର୍ଚ୍ଚନା ତାଙ୍କ ମା'-ଭଉଣୀଙ୍କୁ ହଇରାଣ କରିବା ସହ ଅଣଦେଖା କରୁଥିଲେ । ଏହି କଥାର ଉତ୍ତରରେ ଅର୍ଚ୍ଚନା କହିଛନ୍ତି ଯେ, ମୁଁ ତାଙ୍କ ଘରେ ରହୁଥିଲି । ତାଙ୍କ ମା'-ଭଉଣୀଙ୍କୁ କେମିତି ନିର୍ଯାତନା ଦେଲି । ମୁଁ ଶାଶୁଙ୍କ ସେବା କରିଛି । ବୋହୂ ଭାବେ ସବୁ କର୍ତ୍ତବ୍ୟ କରିଛି । ମୁଁ ସମାଧାନ ଚାହୁଁଛି । ଗତ ୯୦ଦିନ ଧରି ବହୁ ଚେଷ୍ଟା କରି ବିଫଳ ହେବା ପରେ ଥାନାର ଦ୍ୱାରସ୍ଥ ହୋଇଛି ।

ସାର୍ଥକ ତାଙ୍କ ପକ୍ଷ ରଖି କହିଥିଲେ ଯେ, ସ୍ତ୍ରୀ ଅର୍ଚ୍ଚନାଙ୍କ ଅଭିଯୋଗ ମିଛ । ମୋ'ଛଡା ମା'ର କେହି ନାହାନ୍ତି । ମା' ଓ ଭଉଣୀକୁ ସର୍ପୋଟ ଦରକାର । ସ୍ତ୍ରୀ କେବେ ମୋ ମା'-ଭଉଣୀଙ୍କୁ ସପୋର୍ଟ ଦିଅନ୍ତି ନାହିଁ । ମା'ଙ୍କୁ ପୁଅ ସମୟ ଦେଇ ଯେମିତି ଅପରାଧ କରିଦେଲି, ସେହିପରି ବ୍ୟବହାର କରାଯାଉଛି । ଭାବିଥିଲି ଛୁଆ ହେଲା ପରେ ସବୁ ସ୍ୱାଭାବିକ ହୋଇଯିବ । ଛୁଆ ଜନ୍ମ ବେଳେ ହସ୍ପିଟାଲରେ ତିନିଦିନ ରହି ସବୁ ସେବା କରିଛି । ତାଙ୍କ ଘର ପକ୍ଷରୁ କୌଣସି ସହଯୋଗ ମିଳିଲା ନାହିଁ । ସ୍ତ୍ରୀ ଅର୍ଚ୍ଚନା ଅଭିଯୋଗ କରୁଛନ୍ତି ଯେ, ଶାଶୂ ଘରେ ରହିଲି ବୋଲି ଛୁଆର କୁପୋଷଣ ହେଲା । ସାର୍ଥକଙ୍କ କହିବା କଥା ମା'ଙ୍କ ଦେହ ଟିକେ ଅଧିକ ଖରାପ ହେବାରୁ କିଛି ସମୟ ପାଇଁ ଘରକୁ ଯାଇଥିଲି । ଫେରିବାର ଘଣ୍ଟାଏ ବିଳମ୍ବ ହେବାରୁ ହସ୍ପିଟାଲରେ ତୁମ୍ଭିତୋଫାନ ହେଲା । ଛୁଆକୁ ମୁଁ ଏବେ ଯାଏ ଦେଖିନାହିଁ । ମୋ ପିଲାକୁ ମୁଁ ଦେଖିବାକୁ ଚାହୁଁଛି । ଉଭୟଙ୍କ ମଧ୍ୟରେ ବୁଝାମଣାର ଅଭାବ ରହିବାରୁ ମୁଁ ଛାଡପତ୍ର ଆବେଦନ କରିଥିବା ଓଏଏସ୍ ସାର୍ଥକ କହିଛନ୍ତି । ଏଥିସହ ପୋଲିସ, କୋର୍ଟ ଓ ଜଗନ୍ନାଥଙ୍କ ଉପରେ ମୋର ଭରସା ଅଛି । ଶେଷ ପର୍ଯ୍ୟନ୍ତ ମୁଁ ଲଢେଇ କରିବି ବୋଲି ସାର୍ଥକ କହିଛନ୍ତି । ସ୍ୱାମୀ-ସ୍ତ୍ରୀ ପରସ୍ପରକୁ ଆକ୍ଷେପ କରୁଛନ୍ତି । ବାସ୍ତବରେ କିଏ ସତ, କିଏ ମିଛ ତାହା ସ୍ପଷ୍ଟ ହେଉନାହିଁ ।

# ସ୍ୱଚ୍ଛତା ଅଭିଯାନ ଆରମ୍ଭ କଲା ପୂର୍ବତଟ ରେଳପଥ

ଭୁବନେଶ୍ୱର,(ସବ୍ୟୁ): ପୂର୍ବତଟ ରେଳପଥ ଏହାର ଅଧୀନରେ ଥିବା ରେଳ ଷ୍ଟେସନ୍, ଟ୍ରେନ୍, ଅଫିସ୍, କର୍ମଶାଳା, ରକ୍ଷଣାବେକ୍ଷଣ ଡିପୋ, ଡାକ୍ତରଖାନା ଏବଂ ଆବାସିକ ଅଞ୍ଚଳରେ ସ୍ୱଚ୍ଛତା ଉପରେ ଧ୍ୟାନ ଦେଇ ଏକ ୧୫ ଦିନର ସ୍ୱଚ୍ଛତା ଅଭିଯାନ ଆରମ୍ଭ କରିଛି ଏହି ବିଶାଳ ସ୍ୱଚ୍ଛତା ଅଭିଯାନ ସଚେତନତା ସୃଷ୍ଟି କରିବା ଏବଂ ଏକ ସ୍ୱଚ୍ଛ ଏବଂ ସବୁଜ ଭାରତ ବଜାୟ ରଖିବା ଦିଗରେ ସାମୂହିକ କାର୍ଯ୍ୟକୁ ପ୍ରେରଣା ଯୋଗାଇବା ପାଇଁ ସମର୍ପିତ କରାଯାଉଛି ।

ସ୍ୱଛତା ଅଭିଯାନର ଉଦ୍‌ଘାଟନୀ ଦିବସରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ସମସ୍ତ କର୍ମଚାରୀ ଏବଂ ଅଧିକାରୀଙ୍କୁ ସ୍ୱ ଛତା ଅଭିଯାନର ଶପଥ ପାଠ କରାଇଛନ୍ତି । ସ୍ୱଚ୍ଛତା ଅଭିଯାନର ଏକ ଅଂଶ ଭାବରେ, ରେଳ କର୍ମଚାରୀ, ରେଳଯାତ୍ରୀ ଏବଂ ହିତାଧିକାରୀମାନଙ୍କୁ ନିରନ୍ତର ପରିଷ୍କାର ପରିଚ୍ଛନ୍ନତା କାର୍ଯ୍ୟରେ ନିୟୋଜିତ କରିବା ଉପରେ ଗୁରୁତ୍ୱ ଦେଇ ପୂର୍ବତଟ ରେଳପଥ ଅନେକ ସ୍ୱଚ୍ଛତା କାର୍ଯ୍ୟକଳାପର ଯୋଜନା କରିଛି ।

# ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା,ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ବିକ୍ଷୋଭ

କଟକ,(ସବ୍ୟୁ): ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରତିବାଦରେ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ମହାବିଦ୍ୟାଳୟ ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ଛାତ୍ରୀଙ୍କ ପାଇଁ ଅସୁରକ୍ଷିତ ପାଲଟି ଥିବାବେଳେ ଦିନକୁ ଦିନ ଗଣଦୁଷ୍କର୍ମ ଭଳି ଘଟଣା ଘଟୁଛି । ବାଲେଶ୍ୱର ଏବଂ ବଳଙ୍ଗା ପୀଡ଼ିତାଙ୍କୁ ଆଜି ପର୍ଯ୍ୟନ୍ତ ନ୍ୟାୟ ମିଳିପାରୁନଥିବା ଛାତ୍ରନେତାମାନେ ଅଭିଯୋଗ କରିଥିଲେ । ଷ୍ଟିୱାର୍ଟ ମହାବିଦ୍ୟାଳୟ ସମେତ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରନେତାମାନେ ଉପର ବାଲିଯାତ୍ରା ପଡ଼ିଆଠାରୁ ଏକ ଶୋଭାଯାତ୍ରା ଯାଇ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଟନମେଣ୍ଟ ଥାନା ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସନ୍ତୋଷ ମହାପାତ୍ର, ଆସିଫ ଅମିନ୍, ସଞ୍ଜୟ ପଟ୍ଟନାୟକ, ସୌମ୍ୟଦୀପ ଘୋଷ, ଜଗତଜ୍ୟୋତି ପଟ୍ଟନାୟକ, ସୁମନ ବେହେରା, ଦେବାଶିଷ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ ।

# ଚର୍ଚ୍ଚିତ ଡବଲ ମର୍ଡର ଘଟଣାରେ ସ୍ୱାମୀଙ୍କ ସମେତ ୪ ଗିରଫ



ବାରିପଦା/କୁଳିଅଣା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା ଅଞ୍ଚଳର ଚର୍ଚ୍ଚିତ ଡବଲ ମର୍ଡର ଘଟଣାରେ ସମ୍ପୃକ୍ତ ସ୍ୱାମୀ ସମେତ ୪ଜଣ ଅଭିଯୁକ୍ତ ଗିରଫ ହୋଇଥିବା ନେଇ ଶୁକ୍ରବାର କୁଳିଅଣା ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ ଗୋଚ୍ଛାୟତ ଘଟଣା ସମ୍ବନ୍ଧରେ ସୂଚନା ଦେଇଛନ୍ତି । ଅଭିଯୁକ୍ତ ମାନେ ହେଲେ କୁଳିଅଣା ଥାନା ଅନ୍ତର୍ଗତ ବଡନୂଆଗାଁ ଗ୍ରାମର ଦେବାଶିଷ ପାତ୍ର(୩୬), ଭାରତୀ ପାତ୍ର(୬୦), ତିତିରି ଗ୍ରାମର ଶମ୍ଭୁନାଥ ନାଏକ(୨୯) ଓ ସିପୁ ପ୍ରଧାନ(୨୫) । କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ଦେବାଶିଷ ପାତ୍ର ଦ୍ୱିତୀୟ ସ୍ତ୍ରୀ ସୋନାଲିଲ ଦଳେଇଙ୍କ ମଧ୍ୟରେ ପାରିବାରିକ କଳହ ଯୋଗୁଁ ବିବାହର ତିନିବର୍ଷ ମଧ୍ୟରେ ଦୀର୍ଘ ମାସ ଧରି ବାପ ଘରେ ରହୁଥିଲେ ସୋନାଲି। ତେବେ ୧୨ତାରିଖରେ ବାପ ଘରୁ ସ୍ୱାମୀ ଘରକୁ ଆସିଥିଲେ ସୋନାଲି ଓ ଶାଶୁ ସୁମତି ଦଳେଇ । ସେପଟେ ବାପ ଘରୁ ଆସିବା ପରେ ଗତ ୧୭ଦିନ ଧରି ମାଆ ଓ ଝିଅ ସହ କୌଣସି ସମ୍ପର୍କ ନହେବାରୁ ନିଖୋଜ ଥିବାର ଅଭିଯୋଗ କରିଥିଲେ ମୃତକ ସୋନାଲିର ଜେଜେବାପା ଅନନ୍ତ ଦଳେଇ । ପରେ ଘଟଣାର ତଦନ୍ତ କରାଯିବା ପରେ ଦେବାଶିଷଙ୍କ ବାଡି ପଛପଟୁ ୧୦ଫୁଟ ମାଟି ତଳୁ ମିଳିଥିଲା ମୃତ ମାଆ ଓ ଝିଅର ଗଳିତ ମୃତ ଦେହ । ଏନେଇ କୁଳିଅଣା ଥାନା ୧୩୬/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ସ୍ୱାମୀ ଦେବାଶିଷଙ୍କୁ ଗିରଫ କରାଯିବା ସହ ଅଟକ ରଖି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରାଯାଇଥିଲା । ଘଟଣାର ତଦନ୍ତ କରାଯାଇ ଶୁକ୍ରବାର ଏହି ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା ।

## ଶିକ୍ଷାଧିକାରୀଙ୍କ ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ

# ନୂତନ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିଯୁକ୍ତି ପ୍ରଦାନ ଦାବିରେ ଭଞ୍ଜସେନାର ବିକ୍ଷୋଭ



ବାରିପଦା, (ସବ୍ୟୁ) : ଶୁକ୍ରବାର ଭଞ୍ଜସେନା ପକ୍ଷରୁ ଶିକ୍ଷାଧିକାରୀଙ୍କ ଦ୍ୱାରା ଅନିୟମିତତାର ଏକ ଉଚ୍ଚସ୍ତରୀୟ ତଦନ୍ତ ଓ ନୂତନ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିଯୁକ୍ତି ପ୍ରଦାନ କରିବା ଦାବି ନେଇ ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀଙ୍କ ପ୍ରତ୍ୟକ୍ଷ ଇର୍ଙ୍ଗିତରେ ପାଖାପାଖି ୧୪୦ଜଣ ଶିକ୍ଷକଙ୍କୁ ନିଜ ପଦର ଦୁରୁପଯୋଗ କରିବା ସହିତ ଅଭିଯୋଗ ଅନୁଯାୟୀ ମୋଟା ଅଙ୍କର ଅର୍ଥ ନେଇ ଆବଶ୍ୟକ ଜାଗାରେ ନରଖି ଶିକ୍ଷକ ମାନଙ୍କୁ ଜିଲ୍ଲାର ସଦର ମହକୁମା ବାରିପଦା ସହର ପାଖାପାଖି ଥିବା ସ୍କୁଲ ଗୁଡିକରେ ଡେପୁଟେସନ ଆଣି ରଖିଛନ୍ତି, ମୟୂରଭଞ୍ଜ ଜିଲ୍ଲା ମଧ୍ୟାହ୍ନ ଭୋଜନର ନୋଡାଲ ଅଫିସର ଦାୟିତ୍ୱରେ ଥିବା ଜିଲ୍ଲା ଶିକ୍ଷାଧିକାରୀ ଜିଲ୍ଲାରେ ହେଉଥିବା ମଧ୍ୟାହ୍ନ ଭୋଜନ ହରିଲୁଟରେ ଯୋଗାଣକାରୀଙ୍କ ସହିତ ସଂମ୍ପୂର୍ଣ୍ଣ ଭାବେ ସାମିଲ ହୋଇ ଏଭଳି ବିଶାଳ ହରିଲୁଟ କରିବା ପାଇଁ ପ୍ରୋତ୍ସାହନ ଦେଉଛନ୍ତି, ପେନସନ ପାଇବାର ହକଦାର ଥିବା ପୂର୍ବତନ ଶିକ୍ଷକ ମାନଙ୍କୁ ବିଭିନ୍ନ ଉପାୟରେ ହଇରାଣ ହରକତ କରିବା, ବିଭିନ୍ନ ଦୁର୍ନୀତିରେ ଛନ୍ଦିହୋଇ ପଡିଥିବା ଶୁଳିଆପଦା ବିଇଓଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ବହୁବାର ସୁରକ୍ଷା ଦେବା ସହିତ, ଏହିଭଳି ଆହୁରି ବହୁ ଅନୈତିକ କାର୍ଯ୍ୟ ଦ୍ୱାରା ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି । ଏସବୁ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଭଞ୍ଜସେନା ପକ୍ଷରୁ ବହୁବାର ସରକାରଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ନମିଳିବାରୁ ଉକ୍ତ ଶିକ୍ଷାଧିକାରୀଙ୍କ ଦ୍ୱାରା ହୋଇଥିବା ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଆଦେଶ ଓ ନୂତନ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିଯୁକ୍ତି ପ୍ରଦାନ କରିବା ଦାବୀ ନେଇ ଆଜି ପୂର୍ବ ଘୋଷିତ କାର୍ଯ୍ୟକ୍ରମ ଅନୁଯାୟୀ ଭଞ୍ଜସେନା ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀଙ୍କର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭକାରୀ ମାନେ ମୟୂରଭଞ୍ଜର ଶିକ୍ଷାବ୍ୟବସ୍ଥାକୁ ନଷ୍ଟ କରିବାର ପ୍ରମୁଖ ଜିଲ୍ଲା ଶିକ୍ଷାଧିକାରୀଙ୍କର ତୁରନ୍ତ ବହିଷ୍କାର, ଦୁର୍ନୀତିର ତଦନ୍ତ ଏବଂ ନୂତନ ଶିକ୍ଷାଧିକାରୀଙ୍କୁ ନିଯୁକ୍ତି ପ୍ରଦାନ ନେଇ ସ୍ଲୋଗାନ ଦେଇଥିଲେ। ଯଥାଶୀଘ୍ର ରାଜ୍ୟ ସରକାର ଉପରୋକ୍ତ ଦାବୀ ଗୁଡିକ ସହିତ ଶିକ୍ଷାନୁଷ୍ଠାନ ଏବଂ ଅଫିସ ଗୁଡିକରେ ବ୍ୟବହୃତ ଆସବାବପତ୍ର ଗୁଡ଼ିକୁ ସମସ୍ତ ସରକାରୀ ନିୟମକୁ ଉଲ୍ଲଙ୍ଘନ କରି ଅଧିକ ବ୍ୟୟ ଦେଖାଇ ବଜାରରୁ କିଣିଥିବା ବିଷୟ ବସ୍ତୁ ଗୁଡିକ ବାବଦରେ ତଦନ୍ତ କରି ଦୃଢ଼ ପଦକ୍ଷେପ ଗ୍ରହଣ ନକରନ୍ତି ଆଉ ନୂତନ ଜିଲ୍ଲା ଶିକ୍ଷାଧିକାରୀଙ୍କର ନିଯୁକ୍ତି ଘୋଷଣା ନକରନ୍ତି ତେବେ ଆଗାମୀ ଦିନରେ ଜିଲ୍ଲା ଶିକ୍ଷାଧିକାରୀଙ୍କର କାର୍ଯ୍ୟାଳୟରେ ତାଲା ପକାଇବା ସହିତ ସମଗ୍ର ଜିଲ୍ଲାରେ ହରତାଳ କରାଯିବ ବୋଲି ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲା ଅଧ୍ୟକ୍ଷ ସଂଜୀବ ରାଉତ, ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ, ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ବାଗୁନ ହାଁସଦାଃ, ରବିନ୍ ମହାନ୍ତି, ରାକେଶ ମହାନ୍ତି, ଜ୍ୟୋତିରଞ୍ଜନ ପୃଷ୍ଟି, ଏସ୍.କେ.ରାଜାଖାନ, ଗଣେଶ ମହାନ୍ତି, ସୁଭଦ୍ରା ହେମ୍ବ୍ରମ, ସଞ୍ଜୟ ମହାର୍ଣ୍ଣ, ସଞ୍ଜୟ ମହାନ୍ତ, ଗୌରାଙ୍ଗ ଚକ୍ରବର୍ତ୍ତୀ, ସୁନୀଲ ମହାପାତ୍ର, ପ୍ରଦୀପ ପଣ୍ଡା, ଦୀପକ କୁମାର ବେହେରା, ଗୌରାଙ୍ଗ ଘଡେଇ, ରୁଦ୍ର ପଟନାୟକ, ସଂପଦ ପୃଷ୍ଟି, ମୁକ୍ତିଦତ୍ତ ପରିଡା, ମୋନରଞ୍ଜନ ସାହୁ, ଦେବାଶିଷ ନାୟକ, ପଙ୍କଜ ପରିଡା, ଦିବ୍ୟାଯୋତି ଦାସ, ଶିବୁ ସିଂ, ଅନନ୍ତ ଘଡ଼େଇ, ବାପୁନ ସିଂ, ଅର୍ଜୁନ ପରିଛା, ଅଜୟ ଦାସ, ଅର୍ଣ୍ଣବ ଦତ୍ତ, ଦେବଦତ୍ତ ଜେନା ଓ ଦେବାଶିଷ ସାହୁ ପ୍ରମୁଖଙ୍କ ସହ ଶତାଧିକ ଯୁବ ଛାତ୍ର ସଂଗଠକ ମାନେ ସାମିଲ ଥିଲେ ବୋଲି ଜିଲ୍ଲା ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଶ୍ରୀ ପୃଷ୍ଟି ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି ।

# ପିସିସି ସଭାପତି ଭକ୍ତ ଦାସଙ୍କୁ ଭେଟିଲା ଇପିଏଫ୍ ପେନସନର୍ସ ସଂଘ

ଭୁବନେଶ୍ୱର,(ସବ୍ୟୁ): ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନର ବରିଷ୍ଠ କର୍ମକର୍ତ୍ତା ଓ ସଦସ୍ୟଙ୍କର ଏକ ପ୍ରତିନିଧି ଦଳ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କୁ ରାଜ୍ୟ ଅତିଥି ଭବନଠାରେ ସାକ୍ଷାତ କରି ଇପିଏଫ୍ ପେନସନ୍ ଭୋଗୀଙ୍କ ସମସ୍ୟା ବାବଦରେ ଆଲୋଚନା କରିଥିଲେ। ଓଡ଼ିଶା ସମେତ ସାରା ଦେଶରେ ଥିବା ୮୦ଲକ୍ଷ ପାଖାପାଖି ଏହି ବର୍ଗର ପେନସନଭୋଗୀଙ୍କ କ୍ଷେତ୍ରରେ କେନ୍ଦ୍ର ସରକାର ସେପ୍ଟେମ୍ବର ୨୦୧୪ ମସିହାରେ ଏକ ହଜାର ଟଙ୍କା ସର୍ବନିମ୍ନ ପେନସନ ଲାଗୁ କରିଛନ୍ତି। ଏହି ସ୍ୱଳ୍ପ ପେନସନ ସହ ଦରଦାମ ବୃଦ୍ଧିର ଭରଣା ଲାଗି ମହଙ୍ଗା ଭତ୍ତା ମଧ୍ୟ ଲାଗୁ କରିନାହାନ୍ତି। ବିଡ଼ମ୍ବନାର କଥା, ୪୦ଲକ୍ଷ ପାଖାପାଖି ପେନସନ୍ ଭୋଗୀ ଏକ ହଜାର ଟଙ୍କାରୁ କମ ପେନସନ୍ ପାଇ ଆର୍ଥିକ ଅଭାବ ଅନାଟନ ମଧ୍ୟରେ ଦିନ କାଟୁଛନ୍ତି। ପେନସନ୍ ବୃଦ୍ଧିଲାଗି ଭଗତସିଂ ଖୋସିୟାରୀ କମିଟି ଏବଂ କେନ୍ଦ୍ର ୭ମ ଷ୍ଟାଣ୍ଡିଙ୍ଗ କମିଟି ଦୀର୍ଘ ଦିନରୁ ସୁପାରିଶ କରିଥିଲେ ମଧ୍ୟ ଅର୍ଥ ଅଭାବର ଆଳ ଦେଖାଇ କେନ୍ଦ୍ର ସରକାର ଏହା ମଧ୍ୟରେ ୧୧ ବର୍ଷ ବିତିଯାଇଥିଲେ ମଧ୍ୟ ପେନସନ୍ ବୃଦ୍ଧି କରୁନାହାନ୍ତି। ଫଳରେ ଉପଯୁକ୍ତ ଖାଦ୍ୟ ଓ ଔଷଧ ଅଭାବରେ ଇପିଏଫ୍ ପେନସନଭୋଗୀ ବରିଷ୍ଠ ନାଗରିକ ମାନେ ଦୁର୍ଦ୍ଦଶାମୟ ଜୀବନ ବିତାଉଛନ୍ତି। ପେନସନ୍ ବୃଦ୍ଧି ବାବଦରେ ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରୀୟ ଇପିଏଫ୍ ପେନସନ୍ ଭୋଗୀଙ୍କ ସଂଗଠନ ସମେତ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଲୋକସଭାର ଉଭୟ ଗୃହର କିଛି ସଦସ୍ୟଙ୍କ ସମେତ ବିଭିନ୍ନ ମହଲରୁ ଦାବି କରିଥିଲେ ମଧ୍ୟ କେନ୍ଦ୍ର ସରକାର ଏଥିପ୍ରତି କର୍ଣ୍ଣପାତ କରୁନଥିବାରୁ ଦେଶର ୮୦ଲକ୍ଷ ଇପିଏଫ୍ ପେନସନଭୋଗୀ ପରିବାରବର୍ଗଙ୍କ ମଧ୍ୟରେ ଘୋର ଅସନ୍ତୋଷ ଓ ନୈରାଶ୍ୟ ଦେଖାଦେଇଥିବା ବିଷୟ ସଂଘ ପକ୍ଷରୁ ପିସିସି ସଭାପତି ଶ୍ରୀ ଦାସଙ୍କୁ ଅବଗତ କରାଯାଇଥିଲା। କେନ୍ଦ୍ର ସରକାରଙ୍କ କର୍ମଚାରୀମାନେ ପାଉଥିବା ପେନସନର ଅନୁରୂପ ଭାବେ ସର୍ବନିମ୍ନ ପେନସନ୍ ୯ ହଜାର ଟଙ୍କା ସହ ମହଙ୍ଗା ଭତ୍ତା ଓ ନିଃଶୁଳ୍କ ଚିକିତ୍ସା ସୁବିଧା ଦାବିକୁ କେନ୍ଦ୍ର ସରକାର ଟାଳି ଚାଲୁଛନ୍ତି। ସମସ୍ତ ବିଷୟ ଅବଗତ ହେବା ପରେ ପେନସନ୍ ବୃଦ୍ଧି ବାବଦରେ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହ ରାଜ୍ୟସଭାର ବିରୋଧୀଦଳ ନେତା ମଲ୍ଲିକାର୍ଜୁନ ଖଡଗେ ଏବଂ ଲୋକସଭା ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କୁ ମଧ୍ୟ ଏବାବଦରେ ଅବଗତ କରିବା ଲାଗି ପିସିସି ସଭାପତି ପ୍ରତିଶ୍ରୁତି ଦେଇଥିଲେ।

ଏହିଆଲୋଚନାରେ ଆସୋସିଏସନର ସଭାପତି ବିଜୟ କୁମାର ଜେନା, ସର୍ବଭାରତୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମାଙ୍କ ସମେତ ବହୁ ସଦସ୍ୟ ସାମିଲ ଥିଲେ ।

# ଗୋଦରେଜ୍‌ର 'ରେଡି-ଟୁ-ଫର୍ଣ୍ଣିସ୍ ଫ୍ଲାଟ୍' ସମାଧାନ

ବ୍ରହ୍ମପୁର, (ସବ୍ୟୁ) : ଗୋଦରେଜ୍ ଏଂଟରପ୍ରାଇଜେସ୍ ଗ୍ରୁପ୍‌ର ଅଗ୍ରଣୀ ଗୃହ ଓ କାର୍ଯ୍ୟାଳୟ ଆସବାବପତ୍ର ବ୍ରାଣ୍ଡ୍ ଇଂଟେରିଓ ପକ୍ଷରୁମୁମ୍ବାଇ, ପୁଣେ, ବେଙ୍ଗାଲୁରୁ, ଦିଲ୍ଲୀ ଏନ୍‌ସିଆର ଓ ହାଇଦ୍ରାବାଦ ଭଳି ପ୍ରମୁଖ ସହରଗୁଡ଼ିକରେ ଅଗ୍ରଣୀ ରିଅଲ ଇଷ୍ଟେଟ୍‌ଡେଭେଲପର୍‌ମାନଙ୍କ ସହଯୋଗିତାରେ 'ରେଡି-ଟୁ-ଫର୍ଣ୍ଣିସ୍ ଫ୍ଲାଟ୍' ସମାଧାନର ଶୁଭାରମ୍ଭ କରାଯାଇଛି। ଭିତର ପାର୍ଶ୍ୱ ସାଜସଜ୍ଜା ସହ ଖାପଖାଉଥିବା ଆସବାବପତ୍ର, ସୁଲଭତା ଓ ପ୍ରଯୁକ୍ତି ଆଧାରିତ ସୁବିଧାସୁଯୋଗ ଜରିଆରେ ଏହି ଅଭିଯାନଘର କିଣିବା ଅନୁଭୂତିରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖିଛି । ଇଂଟେରିୟରର ବ୍ୟବସାୟ ମୁଖ୍ୟ ଓ କାର୍ଯ୍ୟନିର୍ବାହୀ ଉପସଭାପତି ସ୍ୱାପନୀଲ ନାଗରକର କହିଛନ୍ତି ଯେ, ଏହି ପଦକ୍ଷେପ ଆଧୁନିକ ଭାରତୀୟ ଘରମାନଙ୍କୁ ଉତ୍ତମ ମୂଲ୍ୟ ପ୍ରଦାନ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

## ନାବାଳିକା ଦୁଷ୍କର୍ମ ଘଟଣାର ତଥ୍ୟ ଅନୁଧାନ ନେଇ

# ପିସିସିର ତଥ୍ୟ ଅନୁଧାନକାରୀ କମିଟି

ଭୁବନେଶ୍ୱର,(ସବ୍ୟୁ): ସୁନ୍ଦରଗଡ଼ ଜିଲ୍ଲାର ତଳସରା ଅଞ୍ଚଳରେ ଜଣେ ନାବାଳିକାକୁ ଅପହରଣ ଓ ୧୪ଦିନ ପର୍ଯ୍ୟନ୍ତ ଏକ ଭଡ଼ା ଘରେ ରଖି ଦୁଷ୍କର୍ମ କରିବା ଘଟଣାର ତଥ୍ୟ ଅନୁଧାନ କରିବାପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏକ ତଥ୍ୟ ଅନୁଧାନ କମିଟି ଗଠନ କରିଛନ୍ତି। ଏହି କମିଟିରେ ବିଧାୟକ ତଥା ପିସିସି ଉପସଭାପତି ଡ଼ା. ସି.ଏସ ରାଜନ ଏକ୍କା ଅଧ୍ୟକ୍ଷ ରହିଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲା କଂଗ୍ରେସ ସଂଯୋଜକ ନିର୍ମଳ ନାଏକ ଆବାହକ ଭାବରେ ରହିଛନ୍ତି। ସେହିପରି କଂଗ୍ରେସ ନେତୃବୃନ୍ଦ ଅମିତା ବିଶ୍ୱାଳ, ଭୁଲକି ସେଠ, ଗେରୋଟି ସେସ୍, କଳ୍ପନା ଆପଟ, ବିନିତା ନାୟକ, ସୁଧାଂଶୁ ପଶାୟତ, ଦିଲ୍ଲୀପ କୁମୁରା, ଦେବେନ୍ଦ୍ର ଭିତିରିଆ ଓ ଇକବାଲ ମଲ୍ଲିକ ସଭ୍ୟ ରହିଛନ୍ତି। ଉକ୍ତ କମିଟି ଆଜି ଘଟଣା ସ୍ଥଳକୁ ଗସ୍ତକରି ପୀଡ଼ିତାଙ୍କ ପରିବାରଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଏ ସମ୍ପର୍କରେ ଏକ ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଖୁବଶୀଘ୍ର କମିଟି ଦାଖଲ କରିବ ବୋଲି ପିସିସି କାର୍ଯ୍ୟାଳୟ ସୂତ୍ରରୁ ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି। ଗସ୍ତରେ ଯାଇଥିବା ନେତୃବୃନ୍ଦ ବିଧାୟକ ସି.ଏସ ରାଜନ ଏକାଙ୍କ ନେତୃତ୍ୱରେ ଯାଇଛନ୍ତି ।

# ବାରିପଦା-ପୁରୀ ରେଳ ସମ୍ପର୍କ ସୁଧାର ନେଇ ରେଳମନ୍ତ୍ରୀଙ୍କୁ ଭେଟିଲା ବିଜେପି ପ୍ରତିନିଧି ଦଳ



ବାରିପଦା, (ସବ୍ୟୁ) : ବାରିପଦା-ପୁରୀ ମଧ୍ୟରେ ରେଳ ଯୋଗାଯୋଗ ସ୍ଥିତିରେ ସୁଧାର ଓ ସ୍ୱାଭାବିକତା ଆଣିବା ଦୃଷ୍ଟିରୁ ନୂଆଦିଲ୍ଲୀରେ ବିସ୍ତୃତ ବିଚାର, ଆଲୋଚନା ହୋଇଯାଇଛି। ରାଜ୍ୟସଭା ସାଂସଦ ମମତା ମହାନ୍ତ ଓ ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲ୍ଲାର ଏକ ୭ଜଣିଆ ପ୍ରତିନିଧି ଦଳ ନୂଆଦିଲ୍ଲୀ ସ୍ଥିତ ରେଳ ଭବନରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଏ ସମ୍ପର୍କିତ ସମସ୍ତ ବିଷୟରେ ବିଶଦ ଚର୍ଚ୍ଚା କରିଥିବା ଏବଂ ଶ୍ରୀ ବୈଷ୍ଣବ ଏ ସନ୍ଦର୍ଭରେ ସକରାତ୍ମକ ସଂକେତ ଦେଇଥିବା ସୂଚନା ମିଳିଛି। ଅନୁନ୍ୟ ୨ଟି ସାଧାରଣ କୋଚ୍ ଓ କିଛି ଶୟନ କୋଚ୍ ଯୋଡ଼ା ଯାଇ ଭଂଜପୁର(ବାରିପଦା)-ପୁରୀ ଟ୍ରେନ (୦୮୦୧୧ ଓ ୦୮୦୧୨)କୁ ନିୟମିତ ଚଳାଚଳ କରାଇବା, ଜନସାଧାରଣଙ୍କ କ୍ରମବର୍ଦ୍ଧିଷ୍ଣୁ ଚାହିଦା ଦୃଷ୍ଟିରୁ ବାରିପଦା-ପୁରୀ ମଧ୍ୟରେ ଏକ ନୂତନ ଦୈନିକ ଟ୍ରେନ ଚଳାଇବା, ଭଂଜପୁର-ରୁପ୍‌ସା ମେମୁ ଟ୍ରେନ (୦୮୦୭୪ ଓ ୦୮୦୭୬) ର ଗତିପଥକୁ ବାଲେଶ୍ୱର ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯିବା ଏବଂ ବାଙ୍ଗରିପୋଷି-ପୁରୀ ସୁପରଫାଷ୍ଟ ଟ୍ରେନ (୧୨୮୯୧ ଓ ୧୨୮୯୨)ର ଚଳାଚଳରେ ସମାୟାନୁବର୍ତ୍ତିତା ରକ୍ଷା କରିବା ଆଦି ନେଇ ପ୍ରତିନିଧି ଦଳର ସଦସ୍ୟମାନେ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ମୟୂରଭଞ୍ଜ ଜିଲ୍ଲା ତଥା ଉତ୍ତର ଓଡ଼ିଶାର ବୃହତ୍ତର ସ୍ୱାର୍ଥ ସମ୍ବଳିତ ଏସବୁ ପ୍ରସଙ୍ଗ ସାଙ୍ଗକୁ ଭଂଜପୁର ରେଳ ଷ୍ଟେସନରେ ସଂରକ୍ଷଣ କାଉଣ୍ଟର ଖୋଲାଯିବା, ବାରିପଦା ଷ୍ଟେସନରେ ସୁବିଧାସୁଯୋଗ-ଯୁକ୍ତ ନୂତନ ପ୍ରତୀକ୍ଷାଳୟର ବ୍ୟବସ୍ଥା କରିବା ଏବଂ ଉଭୟ ବାରିପଦା ଓ ରାଇରଙ୍ଗପୁର ରେଳ ଷ୍ଟେସନ ପରିସରରେ ପ୍ରାତଃସ୍ମରଣୀୟ ପୁଣ୍ୟଶ୍ଳୋକ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଭବ୍ୟ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ଆଦି ନେଇ ମଧ୍ୟ ଏହି ସାକ୍ଷାତ ଆଲୋଚନା ବେଳେ ପ୍ରତିନିଧି ଦଳ ପକ୍ଷରୁ ଦାବି କରାଯାଇଥିଲା। ମନ୍ତ୍ରୀ ସମସ୍ତ ବିଷୟ ଧ୍ୟାନ ଦେଇ ଶୁଣିବା ସହ ସମସ୍ୟା ତଥା ଦାବିଗୁଡ଼ିକ ନେଇ ସକରାତ୍ମକ ଆଭିମୁଖ୍ୟ ପୋଷଣ ପୂର୍ବକ ଯଥୋଚିତ ପଦକ୍ଷେପ ଗ୍ରହଣ କରିବେ ବୋଲି ଆଶ୍ୱାସନା ଦେଇଥିବା ପ୍ରତିନିଧି ଦଳ ସୂତ୍ରରୁ ପ୍ରକାଶ। ପ୍ରତିନିଧି ଦଳରେ ଶ୍ରୀମତୀ ମହାନ୍ତ ଓ ଶ୍ରୀ ଶତପଥୀଙ୍କ ବ୍ୟତୀତ ବିଜେପିର ବରିଷ୍ଠ ନେତା ଲକ୍ଷ୍ମୀଧର ହାବୋଡା, ବିଜୟ କୁମାର ଦାସ, ଜ୍ଞାନ ରଞ୍ଜନ ଜେନା, ତରୁଣ କୁମାର ପାଲବାବୁ ଓ ବିକାଶ ରଂଜନ ବାରିକ ପ୍ରମୁଖ ସାମିଲ ହୋଇଥିବା ଜଣାଯାଇଛି। ପ୍ରତିନିଧି ଦଳ ଉଥାପନ କରିଥିବା ପ୍ରସଙ୍ଗ ଗୁଡ଼ିକ ନେଇ ରେଳ ବିଭାଗ ପକ୍ଷରୁ ସକରାତ୍ମକ ପଦକ୍ଷେପ ନିଆଗଲେ ମୟୂରଭଞ୍ଜ ଜିଲ୍ଲାରେ ରେଳର ଉନ୍ନତି ଦୃଷ୍ଟିରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା-ବିକାଶ ବୋଲି ସଚେତନ ମହଲରେ ବିଶ୍ୱାସ କରାଯାଉଛି।

# ଶ୍ରମିକଙ୍କ ବିଭିନ୍ନ ସମସ୍ୟା ନେଇ ପୋର୍ଟ ମଜଦୂର ସଂଘର ଆନ୍ଦୋଳନ

ଛତ୍ରପୁର, (ସବ୍ୟୁ): ଭାରତୀୟ ମଜଦୂର ସଙ୍ଘର ସହ ବନ୍ଧିତ ପୋର୍ଟ ମଜଦୂର ସଙ୍ଘ, ଗୋପାଳପୁର ତରଫରୁ ଶ୍ରମିକ ମାନଙ୍କ ୧୪ଦଫା ଦାବି ନେଇ ଗୋପାଳପୁର ପୋର୍ଟ ମୁଖ୍ୟ ଫାଟକ ସମ୍ମୁଖରେ ଆନ୍ଦୋଳନ କରିବା ସହ ଏକ ଦାବିପତ୍ର ବନ୍ଦରର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି । ପ୍ରାରମ୍ଭରେ ଆର୍ଯ୍ୟପଲ୍ଲୀ ସ୍ଥିତ ସାମୁଦ୍ରିକ ଥାନା ଠାରୁ ସଂଘର ଶତାଧିକ ଶ୍ରମିକମାନେ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମୁଖ୍ୟ ଫାଟକ ସମ୍ମୁଖରେ ପହଂଚିଥିଲେ। ସେଠାରେ ପୋର୍ଟ ମଜଦୂର ସଂଘର ସଭାପତି ଅର୍ଜୁନ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତୀୟ ମଜଦୂର ସଂଘର ରାଜ୍ୟ ସଂଗଠନ ସମ୍ପାଦକ ଲକ୍ଷ୍ମଣ ଦାସ, ଧାମରା ପୋର୍ଟ ଉପସଭାପତି ମନୋଜ ବସନ୍ତ ରାୟ, ବିଏମଏସର ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ମୁକ୍ତିକାନ୍ତ ସାହୁ, ଗଞ୍ଜାମ ଜିଲ୍ଲା ସମ୍ପାଦକ ଉମାକାନ୍ତ ସାହୁ, ବ୍ରହ୍ମପୁର ମହାନଗର ନିଗମର ସଭାପତି ଧର୍ମା ରାଓ, ଛତ୍ରପୁର ସମ୍ପାଦକ ମନୋରଞ୍ଜନ ମହାପାତ୍ର, ଟାଟା ଏପିପିଏଲ କର୍ମଚାରୀ ସଙ୍ଘର ସଭାପତି ଦିଗାମ୍ବର ମହାକୁଡ, ସମ୍ପାଦକ ହିମାଂଶୁ ଗୌଡ, ସମାଜସେବୀ ରାମକ୍ରିଷ୍ଣା ରେଡ୍ଡୀ ଓ ପ୍ରଭାକର ରେଡ୍ଡୀ ପ୍ରମୁଖ ଯୋଗ ଦେଇ ଶ୍ରମିକ ମାନଙ୍କ ହିତ ନିମନ୍ତେ ବିଭିନ୍ନ ଦାବି ଉପରେ ଆଲୋକପାତ କରିଥିଲେ । ଏହା ସହିତ ପୋର୍ଟ ମଜଦୂର ସଂଘର କାର୍ଯ୍ୟକାରୀ ସଭାପତି ବି. ଜଗନ୍ନାଥ, ସାଧାରଣ ସମ୍ପାଦକ ଜି. ଡାଲେୟା, ଉପସଭାପତି ଏନ୍. ଦୀନବନ୍ଧୁ ଓ ସି. ଏଚ୍. ଏରେୟା, ସମ୍ପାଦକ ଏ. କାଲେୟା, କୋଷାଧ୍ୟକ୍ଷ ଏନ୍. ନାଲେଡୁ ପ୍ରମୁଖ ଯୋଗ ଦେଇ ଚୁକ୍ତି ଭିତ୍ତିକ କର୍ମଚାରୀଙ୍କୁ ଶ୍ରମ ଆଇନ ଅନୁସାରେ ନିୟମିତ କରିବା, ସମସ୍ତ କର୍ମଚାରୀଙ୍କୁ କେନ୍ଦ୍ରୀୟ ଶ୍ରମ ଆଇନ ଅନୁଯାୟୀ ପ୍ରଦାନ କରିବା, ସେବା ନିବୃତ୍ତି ବୟସସୀମା ୫୮ ରୁ ୬୦ କୁ ବୃଦ୍ଧି କରିବା, ଗ୍ରୁପ ଟର୍ମ ଲାଇଫ ଇନସୁରାନ୍ସ ୪ ଲକ୍ଷ ରୁ ୧୦ ଲକ୍ଷକୁ ବୃଦ୍ଧି କରିବା, ଅବସର ପରେ ଗ୍ରାଚ୍ୟୁଇଟି ୭ ଲକ୍ଷ ପ୍ରଦାନ କରିବା, ଶ୍ରମ ଆଇନ ବ୍ୟବସ୍ଥା ଅନୁଯାୟୀ ସମ୍ବିଧାନିକ ନୀତିର ପାଳନ କରିବା, ସମସ୍ତ ଶ୍ରମିକ ମାନଙ୍କୁ ବାର୍ଷୀକ ୨ ହଳ ୟୁନିଫର୍ମ ଯୋଗାଇଦେବା, ବହୁମୁଖି ଶ୍ରମିକ ମାନଙ୍କୁ ସାପ୍ତାହିକ ଅଫ୍ ଦିଆଯିବା, ୱାଗନ ଲୋଡିଂ ଶ୍ରମିକ, ଟ୍ରାକ କ୍ଲିନିଙ୍ଗ ପୁରୁଷ ଶ୍ରମିକ ଓ ଟ୍ରକ ଟ୍ରାନସପୋର୍ଟିଂ ଶ୍ରମିକ ମାନଙ୍କୁ ମଧ୍ୟ ଯଥାଶୀଘ୍ର କାମ ଯୋଗାଇ ଦେବା, କାର୍ଯ୍ୟରତ ଶ୍ରମିକ ମାନଙ୍କୁ ଡ୍ରେଷ୍ଟ ଆଲାଉନ୍ସ ଯୋଗାଇ ଦେବା, ଶ୍ରମ ଆଇନ ଅନୁସାରେ ସମାନ କାମକୁ ସମାନ ଦରମା ଦେବା ଏବଂ ସମସ୍ତ ଶ୍ରମିକ ମାନଙ୍କୁ ବାର୍ଷିକ ଇନକ୍ରିମେଣ୍ଟ ପ୍ରଦାନ କରିବା ଭଳି ବିଭିନ୍ନ ଦାବି ସମ୍ପର୍କରେ କହିଥିଲେ । ଦାବୀ ଗୁଡିକ ଯଥା ଶୀଘ୍ର ସମାଧାନ ନହେଲେ ଆଗାମୀ ଦିନରେ ସଂଘ ପକ୍ଷରୁ ବଡ଼ ଧରଣର ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦେଇଛନ୍ତି ।

# ଡ୍ରିମ୍‌ସରେ ଫିଜିଓଥେରାପି ଶେଷବର୍ଷ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



କଟକ, (ସ୍ୱପ୍ର): ଡ୍ରିମ୍‌ସ ସ୍କୁଲ ଅଫ ଫିଜିଓଥେରାପି ଓ ଅକ୍ୟୁପେସନାଲ ଥେରାପିର ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଉପଲକ୍ଷେ ପଦ୍ମିନୀ ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ କର୍ମଯୋଗୀ ଧନେଶ୍ୱର ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ବିଦାୟୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନର ବ୍ରାଣ୍ଡ୍ ଆମ୍ବାସଡର ଭାବରେ ଅବିହିତ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଛାତ୍ରଛାତ୍ରୀମାନେ ନିଜର ବୃତ୍ତିଗତ ଜୀବନରେ ଉତ୍ସର୍ଗୀକୃତ ମନୋଭାବ ନେଇ କର୍ତ୍ତବ୍ୟ ସଂପାଦନ କଲେ ସମାଜରେ ସେମାନଙ୍କ ସୁନାମ ପ୍ରତିଫଳିତ ହେବ ବୋଲି କହିଥିଲେ । ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ପ୍ରାଧ୍ୟାପକ ଲୋକନାଥ ବେହେରା, ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ପ୍ରଫେସର ଡା. ନିରୂପମା ଚୟନୀ, ଡ. ସୁଶାନ୍ତ କୁମାର ଦାସ, ଡିନ୍ ଡ. କୁମ୍ଭକର୍ଣ୍ଣ ରାଉତ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରଫେସର ଡା. ସଂଜୟ କୁମାର ସ୍ୱାଇଁ ନିଜର ବୃତ୍ତି ପ୍ରତି ନିଷ୍ଠାବାନ୍ ହେବା ସହ ଏହାର ଗୌରବ ବୃଦ୍ଧି ଦିଗରେ ଯତ୍ନବାନ ହେବାକୁ ବିଦ୍ୟାର୍ଥୀମାନଙ୍କୁ ଦିଗଦର୍ଶନ ଦେଇଥିଲେ । ଡିନ୍ ଡା. ଦୁର୍ଗା ପ୍ରସାଦ ମିଶ୍ର ସ୍ୱାଗତ ଅଭିଭାଷଣ ଏବଂ ପ୍ରାଧ୍ୟାପିକା ଶୁଭସ୍ମିତା ମଲ୍ଲିକ ଧନ୍ୟବାଦ ଦେଇଥିଲେ ।






## ଓଳାଶୁଣୀର ପୂର୍ବ ପଶ୍ଚିମପଟକୁ ଯୋଡ଼ିବ ନୂଆ ରାସ୍ତା

# ଚଣ୍ଡୀମନ୍ଦିର-ମହାବିନାୟକଙ୍କ ପୀଠର ବିକାଶ ପାଇଁ ସର୍ବେକ୍ଷଣ



ବାଲିଚନ୍ଦ୍ରପୁର, (ସବ୍ୟୁ): ରାଜ୍ୟର ପ୍ରମୁଖ ଧର୍ମ, ସଂସ୍କୃତି ଓ ପର୍ଯ୍ୟଟନକ୍ଷେତ୍ର ଭାବରେ ପରିଚିତ ବଡ଼ଚଣାର ଓଳାଶୁଣୀ ଗୁମ୍ଫାପୀଠ ଏବଂ ଚଣ୍ଡୀଖୋଲ ମହାବିନାୟକ କ୍ଷେତ୍ରର ପାରିପାର୍ଶ୍ୱିକ ବିକାଶ ସହିତ ନୂଆ ସଡ଼କପଥ ନିର୍ମାଣ ପାଇଁ ପ୍ରାରମ୍ଭିକ ସର୍ବେକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଛି। ବଡ଼ଚଣା ବିଧାୟକ ଅମର କୁମାର ନାୟକ ଗ୍ରାମ୍ୟ ଉନ୍ନୟନ ବିଭାଗର ଉପଖଣ୍ଡ ଅକ୍ଷୀକ୍ଷଣ ଯନ୍ତ୍ରୀଙ୍କ ସହିତ କ୍ଷେତ୍ରସର୍ବେକ୍ଷଣ କରି ନୂଆ ସଂଯୋଗ ସଡ଼କ ନିର୍ମାଣ ପାଇଁ ଆଲୋଚନା ହୋଇଛି। ୫୩ ନମ୍ବର ଚଣ୍ଡୀଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ ପାର୍ଶ୍ୱରୁ ଓଳାଶୁଣୀ ପାହାଡ଼ ଉପରେ ପୂର୍ବରୁ ନିର୍ମିତ ପର୍ଯ୍ୟଟନ ଭବନଠାରୁ ଏହି ନୂଆ ଓ ସଂପ୍ରସାରିତ ରାସ୍ତା ଆରମ୍ଭ ହୋଇ ଓଳାଶୁଣୀର ପଶ୍ଚିମପଟରେ ଥିବା ରାସ୍ତା ସହିତ ମିଶିବା ପାଇଁ ଯୋଜନା କରାଯାଉଛି । ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ ଇଂ. ଅନିଲ କୁମାର ସେଠୀ କହିଛନ୍ତି ଯେ, ବର୍ତ୍ତମାନ ଥିବା ପିଚୁ ରାସ୍ତାକୁ ସଂପ୍ରସାରିତ କରାଯାଇ ଏବଂ ଆବଶ୍ୟକସ୍ଥଳରେ ବୁଲାଣି ରାସ୍ତାକୁ କାଟି ପୂର୍ବପଟ ରାସ୍ତା ସହିତ ପଶ୍ଚିମ ପଟର ରାସ୍ତାକୁ ମିଶାଇ ୩୦୦ ମିଟର ଲମ୍ବ ଏବଂ ପୁରୁଣା ରାସ୍ତାର ପ୍ରାୟ ଏକ କି.ମି. ଲମ୍ବର ନୂତନ ରାସ୍ତା ନିର୍ମାଣ କରାଯିବ । ପ୍ରସ୍ତାବିତ ନୂଆ ରାସ୍ତା ୪୦ ଫୁଟ ଚଉଡ଼ାର ଦୁଇଲେନ୍ ବିଶିଷ୍ଟ ହେବ । ମଝିରେ ଡିଭାଇଡ଼ର ସହିତ ଉଭୟ ପାର୍ଶ୍ୱରେ ୨ ମିଟର ଲେଖାଏଁ ରାସ୍ତା ମଧ୍ୟ ରହିବ । ପୂର୍ବପଟର ପର୍ଯ୍ୟଟନ ବିଭାଗ ଭବନ ନିକଟରେ ଥିବା ପାର୍କିଂ ଜାଗାର ମଧ୍ୟ ଚଉଡ଼ା କରାଯାଇ ପ୍ରାୟ ୪୦୦ ଫୁଟରେ ୪୦ ଫୁଟ ଚଉଡ଼ା ପାର୍କିଂର ସଂପ୍ରସାରଣ କରାଯିବ । ମହାପୁରୁଷ ଅରକ୍ଷିତ ଦାସଙ୍କ ସମାଧି ମନ୍ଦିର ସାମ୍ନାରେ ଥିବା ବାଇଶିପାହାଚକୁ ମଧ୍ୟ ଦୁଇଗୁଣା ଚଉଡ଼ା କରାଯିବା ପାଇଁ ବିଧାୟକ ପ୍ରସ୍ତାବ ଦେଇଥିଲେ । ନୂଆ ସଂପ୍ରସାରିତ ରାସ୍ତାରେ ଥିବା ଜମିର କିସମ ଓ ସାବକଖାତାର ବିବରଣୀ ମଗାଯାଇଛି ବୋଲି ତହସିଲଦାର ମାନସ କୁମାର ତ୍ରିପାଠୀ କହିଛନ୍ତି । ଏହି ନୂଆ ସଡ଼କ ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ ପାଇଁ ପ୍ରାୟ ୧୦ କୋଟି ଟଙ୍କାର ଖର୍ଚ୍ଚ ଅଟକଳ କରାଯାଇଥିବା ଯନ୍ତ୍ରୀ ଶ୍ରୀ ସେଠୀ କହିଛନ୍ତି । ଚଣ୍ଡୀଖୋଲର ଚଣ୍ଡୀମନ୍ଦିରରୁ ପ୍ରସିଦ୍ଧ ପଂଚଦେବଙ୍କର ପ୍ରସିଦ୍ଧପୀଠ ମହାବିନାୟକ ମନ୍ଦିର ପର୍ଯ୍ୟନ୍ତ ପାହାଡ଼ ମଧ୍ୟଭାଗରେ ଏକ ନୂତନ ରାସ୍ତା ନିର୍ମାଣ ପାଇଁ ବିଭାଗୀୟ ଯନ୍ତ୍ରୀଙ୍କ ସହିତ ବିଧାୟକ ଆଜି କ୍ଷେତ୍ର ପରିଦର୍ଶନ କରିଥିଲେ। ପ୍ରସ୍ତାବିତ ରାସ୍ତାଟି ପ୍ରାୟ ୧୨୦୦ ମିଟର ଲମ୍ବର ଓ ୨୫ ଫୁଟ ଚଉଡ଼ାର ହେବ ବୋଲି ପ୍ରାରମ୍ଭିକ ଆକଳନ କରାଯାଇଛି । ଏହି କ୍ଷେତ୍ର ପରିଦର୍ଶନ କାଳରେ ବିଭାଗୀୟ ଯନ୍ତ୍ରୀ ଶୁଭ୍ରାଂଶୁ ଦାସ, ବନ୍ଦରେଶ୍ୱର ରାଜସ୍ୱ ନିରୀକ୍ଷକ ତପନ କୁମାର ମିଶ୍ର ଓ ସମାଜସେବୀ ସୁମନ୍ତ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

## ମଦର ଟେରେସା ସେବା ସମ୍ମାନ ପାଇଲେ ସମାଜସେବୀ କ୍ଷୀରୋଦ ସାହୁ




ସାଉଥବଲଣ୍ଡା, (ସବ୍ୟୁ) : ପୁରୀ ସ୍ଥିତ ସଂସ୍କୃତି ଭବନ ଠାରେ ହାପି ମୋମେଣ୍ଟସ ଇଣ୍ଡିଆ ପକ୍ଷରୁ ଆୟୋଜିତ ନେସନାଲ କନଫରେନ୍ସ ଅବସରରେ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଥିଲା । ଏଥିରେ ତାଳଚେରର ସମାଜସେବୀ କ୍ଷିରୋଦ ସାହୁଙ୍କୁ ମଦର ଟେରେସା ସେବା ସମ୍ମାନ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଭାଷା ପ୍ରତିଷ୍ଠାନର ହରିହର କାନୁନଗୋ, ଫିଲ୍ମ ନିର୍ଦ୍ଦେଶକ ଶ୍ରୀକାନ୍ତ ଗୌତମ ଓ ଆଧାତ୍ମିକ ପ୍ରବଚକ ଆଦିମାତା କଳ୍ପନା ଅତିଥି ଭାବେ ଯୋଗଦେଇ ଶ୍ରୀ ସାହୁଙ୍କ ବିଭିନ୍ନ ସାମାଜିକ କାର୍ଯ୍ୟର ଉଲ୍ଲେଖନୀୟ ଅବଦନ ପାଇଁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସୂଚନାଯୋଗ୍ୟ, ଶ୍ରୀ ସାହୁ ଆଜକୁ ୩୦ବର୍ଷ ହେଲା ବିଭିନ୍ନ ସମାଜିକ କାର୍ଯ୍ୟ କରି ଆସୁଛନ୍ତି ଏବଂ ପ୍ରଶଂସିତ ହୋଇଛନ୍ତି । ଏହି ସମ୍ମାନ ପାଇବା ପରେ ବିଶିଷ୍ଟ ବ୍ୟକ୍ତି ବିଶେଷ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

### ଶିକ୍ଷକଙ୍କ ମାଡରେ ଛାତ୍ରଛାତ୍ରୀ ଗୁରୁତର

## ବିଦ୍ୟାଳୟ ସମୁଖରେ ଅଭିଭାବକଙ୍କ ଆନ୍ଦୋଳନ

ଠାକୁରଗଡ ,(ସବ୍ୟୁ) :ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା କନ୍ତପଡା ପଂଚାୟତ ଗୋପୀନାଥପୁର ଉଚ ପ୍ରାଥମିକ ବିଦ୍ୟାଳୟ ରେ ଶୁକ୍ରବାର ଦିନ ଛାତ୍ର ଛାତ୍ରୀ ଙ୍କୁ ଶିକ୍ଷକଙ୍କ ମାଡ ଅଭିଯୋଗରେ ଅଭିଭାବକ ମାନେ ବିଦ୍ୟାଳୟ ସମୁଖରେ ଆନ୍ଦୋଳନ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଗ୍ରାମବାସୀ କହିବା ଅନୁଯାୟୀ ବିଦ୍ୟାଳୟ ରେ ପାଠ ପଢାଉଥିବା ଶିକ୍ଷକ ବିରେନ୍ଦ୍ର ବେହେରା ଅନେକ ସମୟ ରେ ଛାତ୍ର ଛାତ୍ରୀ ଙ୍କୁ କୌଣସି କାରଣ ନ ଥାଇ ମାଡ ମାରୁଛନ୍ତି । ଗୁରୁବାର ଦିନ ବିଦ୍ୟାଳୟ ରେ ପାଠ ପଢୁଥିବା ଛାତ୍ରୀ ସ୍ୱାଗତିଆ ପ୍ରଧାନ ଓ ଛାତ୍ର ତୋଫାନ ସାହୁ ଙ୍କୁ କୌଣସି କାରଣ ନ ଥାଇ ପ୍ରବଳ ମାଡ ମାରିଛନ୍ତି । ଶିକ୍ଷକ ଙ୍କର ମାଡ ରେ ଉଭୟ ଛାତ୍ର ଛାତ୍ରୀ ଗୁରୁତର ହୋଇପଡିଛନ୍ତି । ଏକ ବାଡି ମାଧ୍ୟମରେ ବିରେନ୍ଦ୍ର ଉଭୟ ଛାତ୍ର ଛାତ୍ରୀ ଙ୍କୁ ପ୍ରବଳ ମାଡ ମାରିଛନ୍ତି ।ଛାତ୍ର ଛାତ୍ରୀ ଙ୍କର ଦେହର ବିଭିନ୍ନ ସ୍ଥାନରେ ଲୁଳା ବସିଥିବା ବେଳେ ଶୁକ୍ରବାର ସକାଳୁ ଉଭୟ ଛାତ୍ର ଛାତ୍ରୀ ଙ୍କୁ ଜ୍ୱର ହୋଇଯାଇଥିଲା । ଏଥି ସହ ଆଉ ବିଦ୍ୟାଳୟ କୁ ପାଠ ପଢିଯିବେନି ବୋଲି ଛାତ୍ର ଛାତ୍ରୀ ମାନେ ସେମାନଙ୍କ ପରିବାର ରେ ପ୍ରକାଶ କରିଥିଲେ । ସେମାନ ଙ୍କୁ ଶିକ୍ଷକ ବିରେନ୍ଦ୍ର କୌଣସି କାରଣ ନ ଥାଇ ମାଡ ମାରିବା ସହ ଗାଳି ଗୁଲଜ କରିଥିବା ଛାତ୍ର ଛାତ୍ରୀ ମାନେ ଅଭିଯୋଗ କରିଛନ୍ତି । ଏହି ଘଟଣା କୁ ନେଇ ଅଭିଭାବକ ଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେବା ପରେ ଅଭିଭାବକ ମାନେ ଆସି ପ୍ରଥମେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଙ୍କ ଠାରେ ଅଭିଯୋଗ କରିଥିଲେ ।




ପରେ ବିଦ୍ୟାଳୟ ସମୁଖରେ ଆନ୍ଦୋଳନ କରିବା ସହ ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀଙ୍କ ଠାରେ ଅଭିଯୋଗ କରିଥିଲେ । ଉକ୍ତ ଶିକ୍ଷକଙ୍କୁ ଏହି ବିଦ୍ୟାଳୟରୁ ଅନ୍ୟତ୍ର ବଦଳି କରିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ଏ ନେଇ ଶିକ୍ଷକ ବିରେନ୍ଦ୍ର ଦେହୁରିଙ୍କୁ ପଚାରିବାରୁ ଏ ସମ୍ପର୍କରେ କୌଣସି ଉତ୍ତର ନ ଦେଇ ପ୍ରସଙ୍ଗ କୁ ଏଡାଇ ଦେଇଥିଲେ । ଏ ନେଇ ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀ ଶିବାନଦ ଧଡା କୁହନ୍ତି ଏହି ଘଟଣା ସମ୍ପର୍କରେ ଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ।

## ପୌରପରିଷଦ ୱାର୍ଡ଼ ଗୁଡ଼ିକର ନାମଫଳକ ବୋର୍ଡ଼ ବ୍ୟବସ୍ଥା କେବେ?

ତାଳଚେର, (ସବ୍ୟୁ) : ଟଙ୍କାର ପାହାଡ଼ ଗଦା ଉପରେ ଠିଆ ହୋଇଥିବା ଖଣିଜ ସମ୍ପଦଭରା ଶିଳ୍ପନଗରୀ ତାଳଚେର ପୌରପରିଷଦରେ ପ୍ରତ୍ୟେକ ୱାର୍ଡ଼ର ନାମଫଳକ ବୋର୍ଡ଼ ବ୍ୟବସ୍ଥା କେବେ କରାଯିବ ଏହାକୁ ନେଇ କଳ୍ପନାଜଳ୍ପନା ବୃଦ୍ଧିପାଉଥିବା ବେଳେ ପୌରପରିଷଦର ସ୍ଥାଣୁତାକୁ ନେଇ ଉଠିଛି ପ୍ରଶ୍ନ? ଶିଳ୍ପନଗରୀ ତାଳଚେର ପୌରପରିଷଦ ଅଂଚଳଟି ଆଉ ପୂର୍ବ ଅବସ୍ଥାରେ ନାହିଁ! ଏବେ କୁଆଡ଼େ ଚାହିଁବ ସିଆଡ଼େ ଦୋକାନ ବଜାର ଓ ଯାନବାହାନ ସହିତ ଆଶାତୀତ ଭାବେ ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି। [illegible] ସମ୍ପର୍କୀୟଙ୍କ ନିକଟରେ ତାଙ୍କୁ ପହଂଚାଇବା ସମସ୍ତଙ୍କର କର୍ତବ୍ୟ ରହିଛି। ଅତିଥି ଦେବ ଭବଃ... ଅନୁଯାୟୀ ଯେପରି ବାହାର ଅଂଚଳରୁ ତାଳଚେର ଅଂଚଳକୁ ଆସିଲେ ସେମାନଙ୍କୁ ରାସ୍ତା ଦେଖାଇବା ମୁଖ୍ୟତଃ ପୌରପରିଷଦର ଅଧିକ ଦାୟୀତ୍ୱ ଏବଂ କର୍ତବ୍ୟ। କିନ୍ତୁ କିପରି ସ୍ଥଳେ ପୌରପରିଷଦ ଏହାକୁ ଭୂଲିଯାଉଛି ତାକୁ ନେଇ ଉଠିଛି ପ୍ରଶ୍ନ ଚାଲିଛି ଚର୍ଚ୍ଚା। ତାଳଚେର ପୌରପରିଷଦର ୨୧ଗୋଟି ୱାର୍ଡ଼କୁ ନେଇ ଗଠିତ ଏବଂ ଏହାର ପରିସୀମା ବିସ୍ତିର୍ଣ୍ଣ ଅଂଚଳ ଅଟେ। ଲୋକଙ୍କ ସଂଖ୍ୟା ପ୍ରାୟ ୧ଲକ୍ଷ ହୋଇଥିବା ବେଳେ ଭୋଟରଙ୍କର ସଂଖ୍ୟା ୫୦ହଜାର ହେବ ବୋଲି କୁହାଯାଉଛି। ତାଳଚେର ଟାଉନ ବୀରବରପଲ୍ଲୀ ଠାରୁ ଆରମ୍ଭକରି ତାଳଚେର ସହର ଦେଇ ହାଣ୍ଡିଧୁଆଁ ପର୍ଯ୍ୟନ୍ତ ସ୍ଥାନ ଗୁଡ଼ିକରେ ଆଶାତୀତ ଭାବେ ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି। ଏହି ପୌର ଅଂଚଳ ମଧ୍ୟରେ କେଉଁଠି କେଉଁ ୱାର୍ଡ଼ ଅବସ୍ଥିତ ତାହା ସ୍ଥାନୀୟ ବାସୀଙ୍କ ନିମନ୍ତେ ଜଣାଶୁଣା ହୋଇ ଥାଇପାରେ। ମାତ୍ର ଅଜଣା ବ୍ୟକ୍ତିଙ୍କ ପକ୍ଷେ ଆବଶ୍ୟକ ପରିବାରକୁ ଖୋଜି ବାହାର କରିବା [illegible] କରାଗଲେ ବାହାର ଅଂଚଳରୁ ଆସୁଥିବା ଅଜଣା ବ୍ୟକ୍ତି ବିଶେଷ ଖୋଜି ବୁଲୁଥିବା ତାଙ୍କ ସମ୍ପର୍କୀୟ ସଠିକ ଠିକଣା ପାଇ ପାରନ୍ତେ। ପୌରପରିଷଦ ବହୁ ପୁରାଣା ହୋଇଥିଲେ ମଧ୍ୟ ଏଥିନେଇ ସାମାନ୍ୟ କିଛି ଅର୍ଥରେ ଉକ୍ତ ବ୍ୟବସ୍ଥା କରୁନଥିବାରୁ ଅଜଣା ବ୍ୟକ୍ତି ଗନ୍ତବ୍ୟ ପଥରେ ପଂହଚି ନପାରି ଘୂରୀବୁଲି ଅଣାୟତ ହେବାକୁ ପଡ଼ନ୍ତା ନାହିଁ ବୋଲି ଚର୍ଚ୍ଚା ହେଉଛି। ତେବେ ଏହି ବ୍ୟବସ୍ଥା ପୌରପରିଷଦ ପକ୍ଷରୁ କେବେ କରାଯାଉଛି ତାହା ଦେଖିବାକୁ କେବଳ ବାକି ରହିଛି।

## ରଡ଼ ଚୋରି : ତିନି ଗିରଫ

ରେଙ୍ଗାଳି, (ସବ୍ୟୁ) : କଣିହାଁ ବ୍ଲକ ରେଙ୍ଗାଳି ପୋଲିସ ସଟରିଙ୍ଗ ରଡ଼ ଚୋରି ଅଭିଯୋଗରେ ଆଜି ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୋଲିସ ସୂତ୍ରରୁ ପ୍ରକାଶ ରେଙ୍ଗାଳି ଥାନା ଅନ୍ତର୍ଗତ ବଜ୍ରକୋଟ ଠାରେ ନିର୍ମାଣାଧିନ ମେଗା ପାନୀୟ ଜଳ ପ୍ରକଳ୍ପରୁ କିଛି ସଟରିଙ୍ଗ ଲୁହା ରଡ଼ ଚୋରି ହୋଇଥିବା ରେଙ୍ଗାଳି ଥାନାରେ ଅଭିଯୋଗ ହୋଇଥିଲା । ରେଙ୍ଗାଳି ପୋଲିସ ଚୋରି ଘଟଣାରେ ସଂପୃକ୍ତି ଥିବା ସେହି ଗ୍ରାମ ଝରାସାହିର ୩ ଯୁବକ ଲିପୁନ ବେହେରା,ବାଦଲ ବେହେରା ଓ ପ୍ରକାଶ ବେହେରାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ବେଳେ ଚୋରି ସାମଗ୍ରୀ ଜବତ କରିଥିବା ଥାନା ଆଇଆଇସି ଜୟନ୍ତ ମହାନ୍ତି ସୂଚନା ଦେଇଛନ୍ତି ।

### ୫୦ ତମ ଅଧିଷ୍ଠାନ ଦିବସ

## ରୋଟାରୀ କ୍ଲବ ବନ୍ଧୁତ୍ୱ ସ୍ଥାପନ ଉଦ୍ଦେଶ୍ୟ ନେଇ କାମ କରୁଛି




ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ନିରୁପମା ହୋଟେଲ ଠାରେ ରୋଟାରି କ୍ଲବ ତରଫରୁ ୫୦ତମ ଅଧିଷ୍ଠାନ ଦିବସ ଖୁବ ଉତ୍ସାହର ସହ ପାଳନ କରାଯାଇଛି। ଏହି ଅବସରରେ ମୁଖ୍ୟଅତିଥି ପିଡିଜି ପୂର୍ବତନ ଜିଲ୍ଲାପାଳ ସୌମ୍ୟ ରଞ୍ଜନ ମିଶ୍ର, ସମ୍ମାନିତ ଡିଜିଏନ ଇନ୍ଦ୍ରଜିତ ସାହୁ, ଆଇପିଡିଜି ଯଜ୍ଞଶିଶ ମହାପାତ୍ର, ଏଜି ହରଗୋବିନ୍ଦ ମହାପାତ୍ର ଯୋଗଦାନ କରି ଢେଙ୍କାନାଳ ରୋଟାରୀ କ୍ଲବ କିପରି ସମାଜକୁ ସେବା ଦେଇ ଆସୁଛି ସେ ବିଷୟରେ କହିଥିଲେ। ସାରା ବିଶ୍ୱରେ ରୋଟାରୀ କ୍ଲବ କିପରି ସେବା କାର୍ଯ୍ୟ ସହ ବିଭିନ୍ନ କାର୍ଯ୍ୟକ୍ରମ କରୁଛି ଏବଂ ବନ୍ଧୁତ୍ୱ ସ୍ଥାପନ କରିବା ମୁଖ୍ୟ ଉଦେଶ୍ୟ ନେଇ କାମ କରୁଛି ସେ ବିଷୟରେ ଆଲୋକପାତ କରିଥିଲେ । ଅତିଥିମାନଙ୍କ ଦ୍ୱାରା ମହିମା ପତ୍ରିକା ଉନ୍ମୋଚନ କରା ଯାଇଥିଲା।ଢେଙ୍କାନାଳ ରୋଟାରୀ କ୍ଲବର ପୂର୍ବତନ ସଭାପତି ହରେକୃଷ୍ଣ କର ନୂତନ ସଭାପତି ସାଗରିକା ମିଶ୍ରଙ୍କୁ କାର୍ଯ୍ୟଭାର ହସ୍ତାନ୍ତର କରିଥିଲେ।ସମ୍ପାଦକ ତପନ କୁମାର ପାଳ ସଂପାଦକୀୟ ବିବରଣୀ ପାଠ କରିଥିଲେ ।ନୂତନ ସଦସ୍ୟ ଭାବେ ଅମରଜିତ ସିଂ ଦେଓ, ତାପସ କୁମାର ରାଉତ,ଲୋକନାଥ ମହାପାତ୍ର ଓ ହେମନ୍ତ କୁମାର ମହାନ୍ତିଙ୍କୁ ପ୍ରବେଶ କରାଯାଇଛି । ଏତଦ ସମେତ ରୋଟାରୀଆନ ବିନୋଦ ଅଗ୍ରୱାଲ ଏବଂ ଜିତେନ୍ଦ୍ର ନବୀନ ଚନ୍ଦ୍ର ନାରାୟଣ ଦାସ ମଞ୍ଚ ପରିଚାଳନା କରିଥିଲେ।ରୋଟାରିଆନ ରାଜ କିଶୋର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ରୋଟରିଆନ ନବୀନ ଚନ୍ଦ୍ର ନାରାୟଣ ଦାସ,ସାଗର ମଲ୍ ଅଗ୍ରୱାଲ, ରାଜେନ୍ଦ୍ର କୁମାର ଦାସ, ଭବାନୀ ଦାସ,ବିଭୁଦେନ୍ଦୁ ପଟ୍ଟନାୟକ, ଅଭିମନ୍ୟୁ ସାହୁ,ପ୍ରଦୋଷ କୁମାର ଶତପଥି, ଡ ଅବୋଧ ମହାପାତ୍ର, ଅଖିଳ କୁମାର ପଣ୍ଡା, ହର୍ଷ ବର୍ଦ୍ଧନ ସିଂହଦେଓ,ସୌମ୍ୟ ରଞ୍ଜନ ମିଶ୍ର,ମହେଶ ପ୍ରସାଦ ଅଗ୍ରୱାଲ,ବିଶ୍ୱଜିତ ଦାସ ଗୁପ୍ତା,ବିରଞ୍ଚିନାରାୟଣ ପାଣି,ଜ୍ୟୋତି ରଞ୍ଜନ ରଥ,ମଧୁ ଝାୱାର ,ଗୌରବ ସରାଉଗି,ଲକ୍ଷ୍ମୀ ନାରାୟଣ ନନ୍ଦ,ସୁନିଲ କୁମାର ମିଶ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ନିରଦନନ୍ଦ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।ଇନର ହୁଇଲ ର ସମସ୍ତ ସଦସ୍ୟା, ଆର୍ ସି ସି ଗଜମରା ଓ ରୋଟ୍ରାକ୍ଟରର ସମସ୍ତ ସଦସ୍ୟ, ଢେଙ୍କାନାଳର ବହିର୍ଭାଗରୁ ଥିବା ଅତିଥି ବୃନ୍ଦ ଯୋଗ ଦାନ ଦେଇ କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

ରାସୋଳ, (ସବ୍ୟୁ) : ହିନ୍ଦୋଳ ଉପଖଣ୍ଡଗଣ୍ଡାନାଳୀ ପଞ୍ଚାୟତ ଶ୍ରୀ ଜଗନ୍ନାଥ ବିଦ୍ୟାପୀଠ ର ସଂସ୍କୃତ ଶିକ୍ଷକ ସୁବାସ ଚନ୍ଦ୍ର ଖୁଣ୍ଟିଆ ଓ କିରାଣୀ ସାଧୁ ଚରଣ ଖଟୁଆଙ୍କୁ ଆଜି ସ୍କୁଲ ପରିସରରେ ଏକ ସଭାର ଆୟୋଜନ କରାଯାଇ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଅନୁଷ୍ଠାନର ପ୍ରଧାନ ଶିକ୍ଷକ ଗୌର ଚନ୍ଦ୍ର [illegible] ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁନୀଲ କୁମାର ସ୍ୱାଇଁ, ସମିତି ସଭ୍ୟା ନିରୁପମା ବିଶ୍ୱାଳ, ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଦୟାନିଧି ରାଉତ ଓ ପରିଚାଳନା କମିଟି ସମ୍ପାଦକ ଜଗବନ୍ଧୁ ରାଉତ ପ୍ରମୁଖ ମଞ୍ଚାସିନ ଥିଲେ । ମଞ୍ଚ ସଂଯୋଜନା ଅନୁଷ୍ଠାନପୂର୍ବତନ ଛାତ୍ର ତଥା ହିନ୍ଦୋଳ ବ୍ଲକ ଓଷ୍ଟା ସମ୍ପାଦକ ପ୍ରଭାସ ଚନ୍ଦ୍ର ଘଡ଼େଇ କରିଥିବା ବେଳେ ଅବସର ଗ୍ରହଣ କରୁଥିବା ଶିକ୍ଷକ ସୁବାସ ଖୁଣ୍ଟିଆ ଓ କିରାଣୀ ସାଧୁ ଚରଣ ଖଟୁଆଙ୍କୁ ଉଚ୍ଚ ପ୍ରଶଂସା କରିବା ସହ ସେମାନଙ୍କର ଅବସରକାଳୀନ ଜୀବନ ସୁଖମୟ ହେଉ ବୋଲି କାମନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ସଂସଦ ସକ୍ରିୟ ସହଯୋଗ କରିଥିଲା ।

## ଯାନ୍ତ୍ରିକ ପଦ୍ଧତିରେ ବୁଣା ଧାନ କାର୍ଯ୍ୟକ୍ରମ

କଣିହାଁ, (ସବ୍ୟୁ) : ସୋସିଆଲ ଡେଭେଲପମେଣ୍ଟ ଫାଉଣ୍ଡେସନ୍, ତାଳଚେର ତରଫରୁ କଣିହାଁ ବ୍ଲକ ସାନ- ତ୍ରିଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରବିଲ୍ ଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାରଙ୍କ ସହାୟତାରେ କୃଷି କ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳ ତଥା ସମୟ ଉପଯୋଗୀ ଚାଷ କ୍ଷେତ୍ରରେ ତଥା ଶୁଖିଲା ତଥା ଗଡାଣିଆ ଏବଂ ଢିପ ଜମିରେ ଆବଶ୍ୟକତାକୁ ଭିତ୍ତି କରି ଯାନ୍ତ୍ରିକ ମାଧ୍ୟମରେ ବୁଣାଧାନ ଗ୍ରାମର ଅଗ୍ରଣୀ ଚାଷୀ ଭାଇମାନଙ୍କ ସହଭାଗୀତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କମ୍ ବିହନ, ଶ୍ରମିକ ସମସ୍ୟା , ସ୍ୱଳ୍ପଖର୍ଚ୍ଚ ସାଙ୍ଗକୁ ଅଧିକ ଅମଳକ୍ଷମ ନିମନ୍ତେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଉମାଶଙ୍କର ମିଶ୍ର , ବ୍ଲକ କୃଷି ଅଧିକାରୀ ଅନ୍ନପୂର୍ଣ୍ଣା ବେହେରା , ଯୋଜନା ସମ୍ପ୍ରସାରଣ ଅଧିକାରୀ ପ୍ରଭାତୀ ରାମ ,ସହକାରୀ କୃଷି ଅଧିକାରୀ ଅଭିନାଷ ନାହାକ, କୃଷି ଓଭରସିୟର ସୁନୀଲ ଶତପଥୀ ସମସ୍ତ କୃଷି ଗ୍ରାମ ସେବକ ଯଥା- ରେବତୀ ହାଇବୁରୁ,ଲକ୍ଷ୍ମୀ ଖାଲକୋ , ଅମ୍ରିତା ଗଡନାୟକ ଝୁମୁକୀ ଗଡନାୟକ, ଦିଲ୍ଲୀପ ଗଡ଼ନାୟକ,ପୀତବାସ ପ୍ରଧାନ, ଶରତ ପ୍ରଧାନ ତତ୍ତ୍ୱାବଧାନରେ କଣିହାଁ ବ୍ଲକ ରେ ୧୪୦ ହେକ୍ଟର ଜମିରେ ଅର୍ଥାତ ୮ ଗୋଟି ଗ୍ରାମ ପଞ୍ଚାୟତରେ ୩୫୦ ଏକର ଜମିରେ ଉକ୍ତ କାର୍ଯ୍ୟକ୍ରମ ହାତ ନିଆଯାଇଛି । କାର୍ଯ୍ୟକ୍ରମର ସଫଳ ରୂପାୟନ ଏବଂ ସଠିକ୍ ଭାବେ ପରିଚାଳନା କରିବା ଦାୟିତ୍ୱ ସାମାଜିକ ଅନୁଷ୍ଠାନର ବ୍ଲକ ସଂଯୋଜକ ମହାଦେବ ଦାସ, କ୍ଷେତ୍ର ସଂଯୋଜକ ମନୋରଞ୍ଜନ ସ୍ୱାଇଁ , ମମତାରାଣୀ ବିଶିମାଝୀ ,ଜିତେନ୍ଦ୍ର ଶତପଥୀ ପ୍ରଭୃତି ବୁଣାଧାନ ଚାଷ ଅନ୍ତର୍ଭୁକ୍ତ ଗ୍ରାମର ସମସ୍ତ ଚାଷୀ ଭାଇ ଓ ଭଉଣୀଙ୍କ ସହଯୋଗ କାମନା କରିଥିଲେ ।

## ଶିକ୍ଷିତ ଓ ସଚେତନ ହେଲେ ମାନବ ଚାଲାଣକୁ ରୋକାଯାଇ ପାରିବ

ଆଠମଲ୍ଲିକ ,(ସବ୍ୟୁ) : ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ କିଶୋର ନଗର ବ୍ଲକ ଲୁହାମୁଣ୍ଡା ବଣିନାଳୀ ସ୍ଥିତ ବିଶ୍ୱ ଯୁବ କେନ୍ଦ୍ର ତରଫରୁ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ନିକଟରେ ଥିବା ସଭା ଗୃହ ରେ ବିଶ୍ୱ ମାନବ ଚାଲାଣ ନିରୋଧ ଦିବସ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଶ୍ୱ ଯୁବ କେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ସଭାରେ ମୁଖ୍ୟଅତିଥି ଭାବରେ ବିଡ଼ିଓ ଟିଟସ ମହାନନ୍ଦିଆ, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ତହସିଲଦାର ଦେବାଶିଷ ରଣା, ଆଇ ଆଇ ସି ପ୍ରକାଶ ଚନ୍ଦ୍ର ମାଝୀ ଓ ଏବିଇଓ କୈବଲ୍ୟ କଅଁର ପ୍ରମୁଖ ଯୋଗଦେଇ ଯୁବ ସମାଜ ଓ ବିଶେଷ କରି ମହିଳାମାନେ ଶିକ୍ଷିତ ଓ ସଚେତନ ହେଲେ ଠକାମୀର ଶିକାର ହେବେ ନାହିଁ ଯା ଫଳରେ ମାନବ ଚାଲାଣକୁ ସମାଜରେ ରୋକାଯାଇ ପାରିବ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ । ତତସହିତ କୌଣସି ସରକାରୀ ଓ ବେସରକାରୀ ସଂସ୍ଥାରେ ଶିଶୁ ଶ୍ରମିକମାନଙ୍କୁ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ ବୋଲି କହିଥିଲେ । ବିଶ୍ୱ ଯୁବ କେନ୍ଦ୍ରର ସଭ୍ୟ ଅଭିଷେକ ମହାପାତ୍ର, ବିଶ୍ୱ ଯୁବ କେନ୍ଦ୍ର ର କାର୍ଯ୍ୟକ୍ରମ ସଂଯୋଜିକା ପୂଜା ସ୍ୱାଇଁ, ଜସ୍ମିତା ପ୍ରଧାନ ସମସ୍ତ କାର୍ଯ୍ୟକ୍ରମ ରେ ଉପସ୍ଥିତ ରହି ସହଯୋଗ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡି ୱାର୍କର ଙ୍କ ସମେତ ବହୁ ମହିଳା ଓ ପୁରୁଷ ଯୋଗ ଦେଇଥିଲେ ।

## ବାଜିରାଉତ କଲେଜ ଅଧକ୍ଷ ଓ କିରାଣିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନ, (ସବ୍ୟୁ) : ଭୁବନ ବାଜିରାଉତ ସ୍ମୃତି ମହାବିଦ୍ୟାଳୟ ଅଧକ୍ଷ କେଶବ ଚନ୍ଦ୍ର ରାଉତରାୟ ଓ କନିଷ୍ଠ କିରାଣୀ ଶିଶିର କୁମାର ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ବରିଷ୍ଠ ଅଧ୍ୟାପକ ପ୍ରଫୁଲ୍ଲ ଚନ୍ଦ୍ର ଭୂୟାଁଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ଉପସ୍ଥିତ ରହି ବିଦାୟୀ ଅଧକ୍ଷ ଶ୍ରୀରାଉତରାୟ, କନିଷ୍ଠ କିରାଣୀ ଶ୍ରୀ ସାହୁଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିବା ସହ ସୁସ୍ଥ ନିରାମୟ ଜୀବନ କାମନା କରିଥିଲେ। ଏହି ଅବସରରେ ଉଭୟଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ପ୍ରଶଂସାପତ୍ର ଓ ଉପହାର ପ୍ରଦାନ କରାଯାଇଥିଲା । ଗ୍ରନ୍ଥାଗାରିକ ନନ୍ଦ କିଶୋର ଧୀର ମାନପତ୍ର ପଠନ କରିଥିଲେ । ମୁଖ୍ୟ କିରାଣୀ କୈଳାଶ ଚନ୍ଦ୍ର ବେହେରା ସ୍ୱରଚିତ କବିତା ମାଧ୍ୟମରେ ଅଧକ୍ଷ ଓ କନିଷ୍ଠ କିରାଣୀଙ୍କ ଉଚ୍ଚ ପ୍ରଶଂସା କରିଥିଲେ । ଇତିହାସ ବିଭାଗ ଅଧ୍ୟାପକ ପ୍ରଭାତ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା କ୍ଷୀରାବ୍ଧି ତନୟା ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ୪୮ ବର୍ଗ ଅନୁଦାନପ୍ରାପ୍ତ ଅଧ୍ୟାପକ-କର୍ମଚାରୀଙ୍କ ଆନ୍ଦୋଳନ ଚେତାବନୀ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲା ୪୮ ବର୍ଗ ଅଧ୍ୟାପକ କର୍ମଚାରୀ ସଙ୍ଘ ତରଫରୁ ସରକାରଙ୍କ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀଙ୍କ ପ୍ରତି ଅଣଦେଖା କରାଯିବା ସହିତ ଦିର୍ଘ ଦିନରେ ଦାବୀ ପୂରଣ ନହେବାରୁ ଅସନ୍ତୋଷ ଦେଖାଦେବା ସହିତ ରାଜ୍ୟ ସଙ୍ଘର ଆହ୍ୱାନରେ ଅଗଷ୍ଟ ୧୬ ତାରିଖ ଦିନ ଆନ୍ଦୋଳନରେ ସାମିଲ ହେବାକୁ ନିଷ୍ପତି ଗ୍ରହଣ କରିଛନ୍ତି। ପୁରୁଣା ପେନସନ ଲାଗୁ,ପଦୋନ୍ନତି ସହିତ ଚାକିରୀ ସର୍ତ୍ତାବଳୀ ପାଇଁ ବାରମ୍ବାର ଦାବୀ କରାଯାଉଥିଲେମଧ୍ୟ ସରକାର କର୍ଣ୍ଣପାତ କରୁନଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି।୨୦୧୬ ମସିହାରୁ ରାଜ୍ୟ ପ୍ରବରଣ ପରିଷଦ ହଠାତ କାର୍ଯ୍ୟକ୍ଷମ ହୋଇ ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ମାତ୍ର ୩୫ ବର୍ଷ ଧରି ସେବା ଯୋଗାଉଥିବା ଶିକ୍ଷକ କର୍ମଚାରୀମାନେ ୨୦୦୯ମସିହାରୁ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ହୋଇଥିଲେ ମଧ୍ୟ ଅଣଦେଖା କରାଯାଉଛି। ସରକାର ୪୮ ବର୍ଗର ପ୍ରକାଶିତ ସମସ୍ୟାର ସମାଧାନ ୧୬ ଦାବୀ ଦିବସ ପୂର୍ବରୁ ପୂରଣ କରାନଗଲେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।ଏହାକୁ ଅନୁଗୁଳ ଜିଲ୍ଲା ସଭାପତି ଅଧିରାଜ ପ୍ରଧାନ,ସମ୍ପାଦକ ହରମୋହନ ଦାସ,ସରୋଜ ରଥ,ସନ୍ତୋଷ ପ୍ରଧାନ,ପ୍ରସନ୍ନ ବିଶ୍ୱାଳ,ଅମରେଶ ଷଡଙ୍ଗୀ,ଚନ୍ଦ୍ରଶେଖର ସିଂହ,ଅସିତ ଜେନା,ରବିନାରାୟଣ ବେହେରାଙ୍କ ସହିତ ଢେଙ୍କାନାଳ ଜିଲ୍ଲାର ପ୍ରଦୀପ କୁମାର ସାମଲ, ପ୍ରବୀର ବିଶ୍ୱାଳ,ଅନିଲ ଜେନା,କୁମରବର ବେହେରା,ମାୟାଧର ସାହୁ,ନୀଳକଣ୍ଠ ଦାସ,ଅଶୋକ ମହାରଣା,ପ୍ରଭାତ ଜେନା ପ୍ରମୁଖ ରାଜ୍ୟ ସଙ୍ଘକୁ ସମର୍ଥନ କରିବା ସହିତ ଦାବୀ ପୂରଣ ନହେଲେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେବା ସହିତ ପ୍ରତ୍ୟେକ ଶିକ୍ଷକ କର୍ମଚାରୀ ସମର୍ଥନ କରିବାକୁ ନିବେଦନ କରିଛନ୍ତି।

## ହାତୀଆଦଣ୍ଡା ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ



ରେଙ୍ଗାଳି, (ସବ୍ୟୁ) : କଣିହାଁ ବ୍ଲକ ରେଙ୍ଗାଳି ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ହାତୀଆଦଣ୍ଡା ବିଦ୍ୟାଳୟ ଠାରେ ଆଜି ପୋଷାକ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସୂଚନା ଅନୁସାରେ ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ତିନିଶହ ଚାଳିଶ ଜଣ ଛାତ୍ରଛାତ୍ରୀଙ୍କୁ ଜଣାପିଛା ପାଞ୍ଚଶହ ଟଙ୍କା ଲେଖାଏଁ ମୂଲ୍ୟର ଏକ ହଳ ଜୋତା, ମୋଜା, ପ୍ୟାଣ୍ଟ ସାର୍ଟ, ପରିଚୟ ପତ୍ର ଇତ୍ୟାଦି ବଣ୍ଟନ କରାଯାଇଥିଲା । ଏହି ପୋଷାକ ବିତରଣ ଉତ୍ସବ ରେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ନୃସିଂହ ବରାଳ ମୁଖ୍ୟଅତିଥି,ସମ୍ମାନିତ ଅତିଥି ବିଧାୟକଙ୍କ ପ୍ରତିନିଧି ଭାବେ ଧ୍ରୁବ ଚରଣ ଧୀର, ରେଙ୍ଗାଳି ବଣିକ ସଂଘ ସଭାପତି ଶତ୍ରୁଘନ ପ୍ରଧାନ, ସାମ୍ବାଦିକ ପ୍ରଦୀପ କୁମାର ବେହେରା ଓ ମୁଖ୍ୟବକ୍ତା ଭାବେ ରେଙ୍ଗାଳି ଗ୍ରାମପଞ୍ଚାୟତ ସମିତି ସଭ୍ୟ ଦେବାଶିଷ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଲିଙ୍ଗରାଜ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ନିତ୍ୟାନନ୍ଦ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟ ଶିକ୍ଷକ ସୁଜିତ ସାମଲ, ପ୍ରଭାତ କୁମାର ସାହୁ, ଶିକ୍ଷୟିତ୍ରୀ ସୁବାସିନୀ ପ୍ରଧାନ, ଗୀତାଞ୍ଜଳି ସେଠି, ସୁପ୍ରଭା ସେଠି, ପ୍ରଗତି ସ୍ୱାଇଁ , ସୀମା ବେହେରା ପ୍ରମୁଖ ଉପସ୍ଥିତ ରହି ପୋଷାକ ବିତରଣ ରେ ସହଯୋଗ କରିଥିଲେ ।

## ସନ୍ଥପଡ଼ା ବିବେକାନନ୍ଦ ବିଦ୍ୟାମନ୍ଦିରରୁ ଚୋରି ଉଦ୍ୟମ

ତାଳଚେର, (ସବ୍ୟୁ) : ତାଳଚେର ବ୍ଲକ ସନ୍ଥପଡ଼ା ସ୍ଥିତ ବିବେକାନନ୍ଦ ବିଦ୍ୟାମନ୍ଦିରରୁ ଗତକାଲି ସନ୍ଧ୍ୟାରେ ରାତ୍ରୀ ଜଗୁଆଳୀ ଆସିବା ପୂର୍ବରୁ ଡ଼କାୟତିଦଳ ପାଚେରୀ ଡ଼େଇଁ ଭିତରକୁ ପଶି ସ୍କୁଲର ତାଲାଭାଙ୍ଗି ସମସ୍ତ ଚାବି ଓ ଆସବବା ପତ୍ର ଏବଂ କିଛି କାଗଜପତ୍ର ନେଇ ଫେରାର୍ ହୋଇଯାଇଛନ୍ତି ବୋଲି ଏନେଇ ବିଦ୍ୟାଳୟ କାର୍ଯ୍ୟକାରୀ ସଭାପତି ବିଜୟ ପ୍ରଧାନ, ଓ ସମ୍ପାଦକ ସହଦେବ ସାମଲ ତାଳଚେର ଥାନାରେ ଏକ ଲିଖିତ ଅଭିଯୋଗ ପତ୍ର ଦେଇଛନ୍ତି। ଅଭିଯୋଗ ପାଇବାପରେ ତାଳଚେର ପୋଲିସ୍ ବିଦ୍ୟାଳୟକୁ ଆସି ତଦନ୍ତ ଆରମ୍ଭ କରିଦେଇଛି। ସୂଚନା ଯୋଗ୍ୟ, ବିଦ୍ୟାଳୟ ସମ୍ମୁଖ ରାସ୍ତାଦେଇ ଦୈନିକ ଶହଶହ ଲୋକ ଯାତାୟତ କରୁଛନ୍ତି, ଏଭଳି ଚୋରୀ ହେଲେ ସ୍ଥାନୀୟ ଲୋକ ଯାତାୟତ କରିବାକୁ ସୁରକ୍ଷିତ ମଣୁ ନାହାନ୍ତି। ଏଥିନେଇ ପୋଲିସ୍ ପେଟ୍ରୋଲିଙ୍ଗ ଯୋରଦାର କରିବାକୁ ସ୍ଥାନୀୟ ସର୍ବସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

## ଟାଟା ଷ୍ଟିଲ ପକ୍ଷରୁ ଅଗ୍ନିନିର୍ବାପକ ଓ ପ୍ରାକୃତିକ ବିପର୍ଯ୍ୟୟ ସଚେତନତା

ଢେଙ୍କାନାଳ, (ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ଅନ୍ତର୍ଗତ ଟାଟା ଷ୍ଟିଲ ମେରାମଣ୍ଡଳୀର ସିକ୍ୟୁରିଟି, ଅଗ୍ନି ନିରାପତ୍ତା, ସିଏସଆର୍ ଓ ପ୍ରଶାସନ ବିଭାଗର ମିଳିତ ଉଦ୍ୟମରେ ଖଡଗପ୍ରସାଦ ହାଇସ୍କୁଲରେ ଏକ ଅଗ୍ନି ନିର୍ବାପନ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପିଲାମାନଙ୍କ ସହ ଶିକ୍ଷକ ଶିକ୍ଷୟିତ୍ରୀମାନେ ସାମିଲ ହୋଇଥିଲେ। ଏଥିରେ ଛାତ୍ରଛାତ୍ରୀମାନଙ୍କୁ ଏ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଅଗ୍ନି ନିରାପତ୍ତା ସମ୍ପର୍କିତ କୌଶଳ ତଥା ଘରେ ବ୍ୟବହୃତ ହେଉଥିବା ବିପଦପୂର୍ଣ୍ଣ ଉପକରଣ ଯୋଗେ ଆଶଙ୍କା ଥିବା ଅଘଟଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ସଚେତନ କରଯାଇଥିଲା। କିପରି ଏହିସବୁ ବିପର୍ଯ୍ୟୟ ଓ ଅଘଟଣର ମୁକାବିଲା କରାଯାଇପାରିବ ସେ ସମ୍ପର୍କରେ ସମସ୍ତଙ୍କୁ କ୍ଲାସରୁମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଥିଲା। ଏହାସହ ଅଗ୍ନି ଜନିତ ସାଧାରଣ ଦୁଘର୍ଟଣା ଓ ଅନ୍ୟାନ୍ୟ ବିପର୍ଯ୍ୟୟ ସମ୍ପର୍କରେ ଆଲୋଚନା କରାଯାଇ କିଭଳି ଏହାର ମୁକାବିଲା କରାଯାଇପାରିବ ସେ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଫାୟାରଟେଣ୍ଡର ଓ ଅନ୍ୟ ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ସମ୍ପର୍କରେ ବ୍ୟବହାରିକ ପ୍ରଦର୍ଶନ କରଯାଇଥିଲା। ଏଥିସହ ପରିବେଶ ସୁରକ୍ଷା ସମ୍ପର୍କରେ ସେଚତନତା ସୃଷ୍ଟି କରିବା ପାଇଁ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଟାଟା ଷ୍ଟିଲ ତରଫରୁ ଏହି ସଚେତନତାମୂଳକ ପଦେକ୍ଷପ ପାଇଁ ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଧନ୍ୟବାଦ ଜଣାଇଥିଲେ।ଟାଟା ଷ୍ଟିଲ ମେରାମଣ୍ଡଳୀ ତରଫରୁ ଏହିଭଳି କାର୍ଯ୍ୟକ୍ରମ କମ୍ପାନୀର ଆଖପାଖ ଗ୍ରାମାଞ୍ଚଳ ତଥା ବିଦ୍ୟାଳୟ ଗୁଡିକରେ ନିୟମିତ ଆୟୋଜନ କରାଯାଇ ସଚେତନତାସୃଷ୍ଟି କରାଯାଉଛି।

### ହାତୀ ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ଘଟଣା : ମିଳିନି କ୍ଷତିପୂରଣ

## ଭୟ ଓ ଆତଙ୍କରେ ଅପରାହ୍ଣ ୫ଟା ଠାରୁ ଗାଁରେ ପଡୁଛି ତାଟିକବାଟ

ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ବନଖଣ୍ଡର ହିନ୍ଦୋଳ ବନାଞ୍ଚଳ ରାସୋଳ ସେକ୍ସନ ଅନ୍ତର୍ଗତ ନୂଆବଗ ପଞ୍ଚାୟତ ବାଘଧରିଆ ଗ୍ରାମରେ ଗତ କାଲି ବଡି ଭୋର ସମୟରେ ଗ୍ରାମ ମଧ୍ୟକୁ ୩ ଟି ହାତୀ ପ୍ରବେଶ କରି ଅତର୍କିତ ଭାବେ ଦୁଇ ଜଣ ମହିଳା ଓ ଜଣେ ପୁରୁଷଙ୍କୁ କଚାଡି ମାରି ଦେଇଥିଲେ। ଗତ ଏକ ମାସ ପୂର୍ବେ ଗାଁ ରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତି ମୃତ୍ୟୁ ବରଣ କରିବା ଘଟଣା ଗ୍ରାମବାସୀ ମାନଙ୍କ ମନରୁ ନ ଲିଭୁଣୁ ଗତ କାଲିର ମର୍ମନ୍ତୁଦ ଘଟଣା ଗ୍ରାମବାସୀଙ୍କ ସମେତ ଆଖ ପାଖ ଅଞ୍ଚଳବାସୀଙ୍କ ଭୟଭିତ କରାଇ ଦେଇଛି। ଗତକାଲି ହାତୀ ଆକ୍ରମଣରେ ଗ୍ରାମର ଝୁଲଣ ଦେହୁରୀ (୫୫) , ତାଙ୍କ ସମ୍ପର୍କୀୟ ଦେଢ଼ସୁର କରୁଣା କର ଦେହୁରୀ (୬୫) ଓ ଅନ୍ୟ ଜଣେ ୭୦ ବର୍ଷ ବୟସ୍କା ବୃଦ୍ଧା ଶଶୀ ସାହୁ ଅକ୍ଲେଶରେ ମୃତ୍ୟୁ ବରଣ କରିଥିଲେ । । ମୃତକଙ୍କ ପରିବାର ବର୍ଗଙ୍କୁ ସରକାରୀ ସ୍ତରରେ କ୍ଷତିପୂରଣ ରାଶି ପ୍ରଦାନ କରିବା, ଗ୍ରାମରେ ନିକଟରେ ଥିବା ବିଟ ହାଉସରେ ନିୟମିତ ବିଭାଗୀୟ କର୍ମଚାରୀ ନିୟୋଜିତ ରହିବା ସହ ପେଟ୍ରୋଲିଂ ଜାରି ରଖି ହାତୀ ମାନଙ୍କୁ ଘଉଡ଼ାଇବା ଦାବିରେ ଗତକାଲି ସକାଳେ ଗ୍ରାମବାସୀଙ୍କ ସମେତ ଆଖ ପାଖ ଅଞ୍ଚଳବାସୀ ସାତ ମାଇଲ ଛକ ଠାରେ ମୁଖ୍ୟରାସ୍ତା ଅବରୋଧ କରି ରଖିଥିଲେ । ବହୁ ବିଳମ୍ବରେ ହିନ୍ଦୋଳ ରେଞ୍ଜ ଅଧିକାରୀ , ଉପ ଜିଲ୍ଲାପାଳ, ଏସ ଡି ପି ଓ ଙ୍କ ସମେତ ଥାନା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଜନ ସାଧାରଣଙ୍କୁ ବୁଝେଇ ଶୁଝେଇ ସରକାରୀ ସ୍ତରରେ କ୍ଷତିପୂରଣ ଅର୍ଥ ରାଶି ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେବାରେ ରାସ୍ତା ଅବରୋଧ ହଟି ଥିଲା । ତେବେ ପ୍ରଦାନ କରା ଯାଉ ଥିବା କ୍ଷତିପୂରଣ ଅର୍ଥ ରାଶି ୩ ଦିନ ଭିତରେ ଦିଆଯିବ ବୋଲି ବନବିଭାଗର କେହି ବରିଷ୍ଠ ଅଧିକାରୀଙ୍କ ପ୍ରତିଶ୍ରୁତିରେ ଗ୍ରାମବାସୀଙ୍କ ସମେତ ମୃତକଙ୍କ ପରିବାର ବର୍ଗ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ବାରମ୍ବାର ଘଟୁଥିବା ଏହିଭଳି ଘଟଣାକୁ ନେଇ ହିନ୍ଦୋଳ ରେଞ୍ଜ ଅଧିକାରୀ ଓ ଦାୟିତ୍ୱରେ ଥିବା ରାସୋଳ ସେକ୍ସନ ଫରେଷ୍ଟରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରା ଯାଇଥିବା ଜଣା ପଡିଛି । ଗାଁ ରେ କୋକୁଆ ଭୟ ଖେଳିଯାଇ ଥିବା ବେଳେ ଲୋକେ ଭୟରେ ସଂନ୍ଧ୍ୟା ୫ ଟା ଠାରୁ ତାଟି କବାଟ ଦେଇ ଘରେ ରହୁଛନ୍ତି । ଏଣେ ବନ ବିଭାଗୀୟ ପକ୍ଷରୁ ଲୋକ ଦେଖାଣିଆ ଭାବେ କେତେକ ହାତୀ ଘଉଡ଼ାଳୀଙ୍କୁ ଗ୍ରାମ ରେ ପେଟ୍ରୋଲିଂ କାର୍ଯ୍ୟରେ ନିୟୋଜିତ କରାଯାଇଥିବା ଦେଖା ଯାଇଛି ।

## ଶକ୍ତି କ୍ଲବର ପୁରସ୍କାର ବିତରଣ ଉତ୍ସବ




ବିଦ୍ୟାଳୟର ଶକ୍ତି କ୍ଲବ ଆନୁକୂଲ୍ୟରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରଥ କୁମାର ଚିନାରାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନଶିକ୍ଷକ ତପନ କୁମାର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶକ୍ତିର ଆବଶ୍ୟକତା ଓ ଶକ୍ତି ସଂରକ୍ଷଣ ବିଷୟରେ ଆଲୋକପାତ କରିଥିବା ବେଳେ ଶକ୍ତି କ୍ଲବ ଦାଇତ୍ୱରେ ଥିବା ବରିଷ୍ଠ ବିଜ୍ଞାନ ଶିକ୍ଷକ ଦୁର୍ଗା ପ୍ରସାଦ ତ୍ରିପାଠୀ ସ୍ୱାଗତ ଭାଷଣ ଦେବା ସହିତ ସଭା ପରିଚାଳନା କରିଥିଲେ ।ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ଯଥା ତର୍କ ଚିତ୍ରାଙ୍କନ, ପ୍ରବନ୍ଧ, କୁଇଜ, ସ୍ଲୋଗାନ, ଲିଖନୀରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।ସଭା ଶେଷରେ ଶିକ୍ଷୟିତ୍ରୀ ବିଷୟାବତି ମହାନ୍ତି ଧନ୍ୟବାଦ ଦେଇଥିବା ବେଳେ ଶିକ୍ଷୟିତ୍ରୀ ସ୍ମିତାଞ୍ଜଳି ସାମଲ, ଭାରତୀ ପରିଡା, କୈକେୟୀ ଦେହୁରୀ, ପୁଷ୍ପଲଳିତା କୁଜୁର, ସରୋଜିନୀ ସ୍ୱାଇଁ,ଶିକ୍ଷକ ଅଶେଷ କୁମାର ମାଝୀ ଉପସ୍ଥିତ ଥିଲେ ।

# ନବଜାତ ଶିଶୁପୁତ୍ର ମାଡ଼ିରେ ଦାନ୍ତ



ନୀଳଗିରି,(ସବ୍ୟୁ):ନୀଳଗିରି ମେଡିକାଲରେ ଜଣେ ମହିଳା ଶୁକ୍ରବାର ଦିନ ଶିଶୁ ପୁତ୍ର୍ର ଜନ୍ମ ଦେଇଥିବା ବେଳେ ଜନ୍ମିତ ଶିଶୁର ତଳ ମାଡ଼ିରେ ଦୁଇଟି ଦାନ୍ତଥିବା ଦେଖିବାକୁ ମିଳିଛି। ଏହି ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅନ୍ତର୍ଗତ ତେନ୍ତୁଲିଆ ପଞ୍ଚାୟତର ତେନ୍ତୁଲିଆ ଗ୍ରାମର ପ୍ରଦୀପ କୁମାର ରାଉତର ସ୍ତ୍ରୀ ମାମା ଦେଓରି ପ୍ରସବ ପାଇଁ ଗତ ଗୁରୁବାର ଦିନ ନୀଳଗିରି ମେଡିକାଲରେ ଭର୍ତ୍ତି କରିଥିଲେ। ଶୁକ୍ରବାର ଦିନ ମାମା ଏକ ଶିଶୁ ପୁତ୍ର ଜନ୍ମ ଦେଇଥିବା ବେଳେ ଉକ୍ତ ଶିଶୁର ତଳ ମାଡ଼ିରେ ଦୁଇଟି ଦାନ୍ତ ଥାଇ ଜନ୍ମ ଗ୍ରହଣ କରିଥିବାର ଦେଖିବାକୁ ମିଳିଛି। ତେବେ ଉଭୟ ମାଆ ଓ ଶିଶୁ ପୁତ୍ର ସୁସ୍ଥ ଅଛନ୍ତି।

# ରାସନ ବଣ୍ଟନରେ ଅବ୍ୟବସ୍ଥା : ବ୍ଲକ୍ ଘେରିଲେ ଶତାଧିକ ମହିଳାଙ୍କ

ଭଦ୍ରକ/ଧାମନଗର,(ସବ୍ୟୁ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅନ୍ତର୍ଗତ ପାଳସାହି ଓ ଉଇପୁର ଦୁଇଟି ପଞ୍ଚାୟତରେ ରାସନ ସାମଗ୍ରୀ ବଣ୍ଟନରେ ଅବ୍ୟବସ୍ଥାକୁ ନେଇ ଶହ ଶହ ମହିଳା ଓ ପୁରୁଷ ଧାମନଗର ବିଡ଼ିଓ ଙ୍କ ନିକଟରେ ଦିଶା ଓ ବ୍ଲକ ଯୋଗାଣ ଅଧିକାରୀ ରଘୁନାଥ ସାହୁଙ୍କୁ ଘେରିବା ସହ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗ ମୁତାବକ ଧାମନଗର ବ୍ଲକ ପାଳସାହି ଓ ଉଇପୁର ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ରାସନ ହିତାଧିକାରୀ ଶୁକ୍ରବାର ପୂର୍ବାହ୍ନ ୧୧ଟା ଟାରେ ଧାମନଗର ବ୍ଲକ ପରିସରରେ ଉପସ୍ଥିତ ହୋଇ ବିଡ଼ିଓଙ୍କ ଏକ ଲିଖିତ ଅଭିଯୋଗ ଦେଇଥିଲେ। ଅଭିଯୋଗ ଅନୁଯାୟୀ ସେମାନେ ବେତାଳୀ ଗାଁ ବଜାର ନିକଟସ୍ଥ ଓମ୍ ଶାନ୍ତି ଏସଏଚଜି ଠାରୁ ଦୀର୍ଘବର୍ଷ ଧରି ରାସନ ସାମଗ୍ରୀ ନେଉଥିଲେ। କିନ୍ତୁ ବ୍ଲକ ପ୍ରଶାସନ ଓ ଯୋଗାଣ ଅଧିକାରୀ କ୍ଷେତ୍ର ପରିଦର୍ଶନ ନକରି ସ୍ଥାନୀୟ ରାସନ ହିତାଧିକାରୀମାନଙ୍କ ବିନା ସୂଚନାରେ ମା'କାଳୀ ଏସଏଚଜିଙ୍କୁ ନୂତନ ଭାବେ ନିଯୁକ୍ତ ଦେଇ ରାସନ ସାମଗ୍ରୀ ବଣ୍ଟନ କରିବାକୁ ଅନୁମତି ଦେଇଛନ୍ତି। ତିନି କିଲୋମିଟରରୁ ଉର୍ଦ୍ଧ୍ୱ ଦୂରରୁ ରାସନ ସାମଗ୍ରୀ ଆଣିବାକୁ ନେଇ ତାତିଛନ୍ତି ଖାଉଟି। ଶତାଧିକ ମହିଳାଙ୍କ ସମେତ ତିନିଶହରୁ ଉର୍ଦ୍ଧ୍ୱ ଲୋକେ ବ୍ଲକ ଯୋଗାଣ ଅଧିକାରୀ ଓ ବିଡ଼ିଓଙ୍କୁ ଭେଟି ଦାବି ଜଣାଇଥିଲେ। ବିଡ଼ିଓଙ୍କ ଉତ୍ତରରେ ଅସନ୍ତୁଷ୍ଟ ହିତାଧିକାରୀ ବ୍ଲକ କାର୍ଯ୍ୟାଳୟକୁ ଘେରାଉ କରିବା ସହ ଯୁକ୍ତିତର୍କ ଯୋଗୁ କିଛି ସମୟ ପାଇଁ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ପରେ ବଡ଼ଓ ଶ୍ରୀଦେଶା ଅଭିଯୋଗ ଗ୍ରହଣ କରି ଭଦ୍ରକ ଉପଜିଲ୍ଲାପାଳଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ। ବ୍ଲକ ପ୍ରଶାସନର ମନମାନି ଏବଂ ଅନଭିଜ୍ଞ ନିଷ୍ପତ୍ତି ଯୋଗୁଁ ଦୀର୍ଘ ୨୫କିମିରୁ ଉର୍ଦ୍ଧ୍ୱ ଦୂରରୁ ଶହ ଶହ ମହିଳା ରାସନକାର୍ଡ ଧାରୀ ବ୍ଲକ କାର୍ଯ୍ୟାଳୟକୁ ଆସିବା ନେଇ ସାଧାରଣରେ ଆଲୋଚନା ହେଉଛି। ତୁରନ୍ତ ସମାଧାନ ନହେଲେ ଆଗାମୀ ଦିନରେ ଭଦ୍ରକ ଆରଡ଼ି ମୁଖ୍ୟରାସ୍ତା ଅବରୋଧ କରି ଆନ୍ଦୋଳନ କରିବେ ବୋଲି ମହିଳାମାନେ କହିଛନ୍ତି।

# ସରକାରୀ ଅର୍ଥ ବାଟମାରଣା ଘଟଣାରେ ମହାଦୁର୍ନୀତିର ତଦନ୍ତ ଶେଷ

ନୀଳଗିରି,(ସବ୍ୟୁ) : ଜୀବିକା ମିଶନ ନାଁରେ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଆସିଥିବା ଅର୍ଥର ଯେଉଁ ବାଟମାରଣା ହେଉଛି ତାହାର ଗୁମର ଧୀରେ ଧୀରେ ଖୋଲୁଛି। କୋଟିକୋଟି ଟଙ୍କାର ଦୁର୍ନୀତି ହେବା ନେଇ ଯାହା ଅନୁମାନ କରାଯାଉଥିଲା ତାହା ଏବେ ସତ୍ୟରେ ପରିଣତ ହେବାକୁ ଯାଉଛି।ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଧୋବକିଆ ପଞ୍ଚାୟତରେ ଛେଳି ଚାଷ ନାମରେ ଅର୍ଥ ହଡ଼ପ କରାଯାଇଥିବା ଅଭିଯୋଗ ପରେ ଏହା ଅଧିକ ତଦନ୍ତ ପଦାକୁ ଆସିବା ପରେ ଦୁଇଜଣ ଏବେ ଜେଲରେ ଅଛନ୍ତି।ଏପରିକି କେସିପୁର ପଞ୍ଚାୟତରେ ଜୀବିକା ମିଶନ ଜରିଆରେ ଅର୍ଥ ବାଟମାରଣା ଅଭିଯୋଗ ଆସିବା ପରେ ବିଧାୟକ ସନ୍ତୋଷ ଖଟୁଆ ଦୃଷ୍ଟିରେ ମସାଲ ଖୋଳତାଡ଼ ଆରମ୍ଭ କରିଥିଲେ।ପରେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସେ ଜିଲ୍ଲାପାଳଙ୍କ ସହିତ ଆଲୋଚନା ପରେ ପୂର୍ବରୁ ଏକ ଟିମ ତଦନ୍ତ କରିଥିବା ବେଳେ ପୁଣି ଶୁକ୍ରବାର ଦିନ ଜିଲ୍ଲାରୁ ତିନିଜଣିଆ ଟିମ ତଦନ୍ତ କରି ଥିବା ଜଣାପଡିଛି।ସୂଚନାଯୋଗ୍ୟ ବିଭିନ୍ନ ପଞ୍ଚାୟତରେ ବାଟମାରଣା ହୋଇଥିବା ଅଭିଯୋଗ ହୋଇଥିଲା। ରାଜ୍ୟ ସରକାରଙ୍କ ଜୀବିକା ମିଶନ ଯୋଜନାରେ କୁକୁଡ଼ା ଚାଷ,ଛେଳି ଚାଷ,ମାଛ ଚାଷ, ଯନ୍ତ୍ରାଂଶ ବାବଦରେ ଗତ ଆର୍ଥିକ ବର୍ଷରେ ୩୮କୋଟି ଟଙ୍କା ଆସିଥିବା ବେଳେ ଛେଳିଚାଷ ପାଇଁ ଓ କୃଷି ପାଇଁ ବିଭିନ୍ନ ଯନ୍ତ୍ରାଂଶ ଓ ମାଛଚାଷ ନାମରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇ ଆସୁଥିଲା।କିଛି ଏମବିକେଙ୍କୁ ହାତବାରିସୀ କରି ଜୀବିକା ମିଶନ ଅଧିକାରୀ ଅର୍ଜୁନ ପାଲ ଏହି ଯୋଜନା ବାଟମାରଣା କରି ସରକାରୀ ଅର୍ଥ ହଡପ କରିବା ଭଳି ସଙ୍ଗିନ ଅଭିଯୋଗ ଆସିଥିଲା। ଧୋବକିଆ ପଞ୍ଚାୟତରେ ଛେଳିକିଣାରେ ବ୍ୟାପକ ଦୁର୍ନୀତି ହୋଇଥିବା ତଦନ୍ତ ବେଳେ ଜଣାପଡ଼ିଛି।ପୂର୍ବରୁ କେସିପୁର ପଞ୍ଚାୟତ ରେ ମଧ୍ୟ ଏହି ଦୁର୍ନୀତିର ଖୋଳତାଡ଼ କରିବା ପାଇଁ ଏକ ଟିମ ପଠାଯାଇ ତଦନ୍ତ କରିଥିଲା।ପୁଣି ଶୁକ୍ରବାର ଦିନ ଡିପିଏମ ସଞ୍ଜିତ କୁମାର ମହନ୍ତ,ଏଏଲଏମ ଏକାଉଣ୍ଟେଣ୍ଟ ଉମାକାନ୍ତ ପରିଡା ଓ ଗଙ୍ଗାଧର ଜେନା ଆସି ତଦନ୍ତ କରି ଫେରିଛନ୍ତି। ତଦନ୍ତ ପ୍ରକ୍ରିୟାରେ ଏମବିକେ,ପ୍ରାଣୀମିତ୍ର,ସଙ୍ଘର ସଭାପତି ଓ ଅନ୍ୟ ସଦସ୍ୟା ମାନେ ଉପସ୍ଥିତ ରହିଥିବା ବେଳେ କାଗଜପତ୍ର ଯାଞ୍ଚ ହୋଇଥିଲା।ଆଗାମୀ ଦିନ ଡ଼ିଷ୍ଟ୍ରିକ୍ଟ ରିପୋର୍ଟ ପ୍ରଦାନ କରିବା ପରେ ଏହା ଜିଲ୍ଲାପାଳଙ୍କୁ ଅଗ୍ରଗତ କରାଯିବ।ସେପଟେ ଏମବିକେ ଓ ସଙ୍ଘର ସଭାପତି ଗଣଙ୍କ ପ୍ରତିକ୍ରିୟା ରେ ଆସିଥିବା ୨୮ ଲକ୍ଷ ଟଙ୍କାରୁ ୧୫ ଲକ୍ଷଟଙ୍କା ଫିସ ଫେଡେରେ ସାମଗ୍ରୀ ବିଭାଗୀୟ ଅଧିକାରୀଙ୍କ ଭିଆ କରାଇ ଦେଇଥିବା ବେଳେ ୪ ଲକ୍ଷ ଟଙ୍କା ମାଛ ଯାଆଁଳ ଓ ଦେଢଲକ୍ଷ ଟଙ୍କା ମାଛଦାନା ଓ ଅନ୍ୟାନ୍ୟ ସାମଗ୍ରୀ ଖର୍ଚ୍ଚ ହୋଇଛି ବୋଲି କହିଛନ୍ତି।ଚୋରି ପାଇଁ ମାଛଜାଲ କାଟି ଦେଇଥିବାରୁ ମାଛ ନଥିବା କହିଥିଲେ।ସେ ସମୟରେ ଥାନାରେ ଅଭିଯୋଗ ନକରିବା ଆମର ଭୁଲ ଥିଲା ବୋଲି କହିଥିଲେ।ତେବେ ଏହି ପଞ୍ଚାୟତରେ ବୁଦା କିଣାରେ ମଧ୍ୟ ବ୍ୟାପକ ଦୁର୍ନୀତି ହୋଇଥିବା ବେଳେ ସବୁରି ମୂଳରେ ଜୀବିକା ମିଶନ ଅଧିକାରୀ ଅର୍ଜୁନ ପାଲଙ୍କ ହାତ ଅଛି ବୋଲି ଅଭିଯୋଗ ହୋଇ ଆସୁଥିଲା।ଯଦି ଏହି ପଞ୍ଚାୟତ ରେ ନିରପେକ୍ଷ ତଦନ୍ତ ହୁଏ ତାହେଲେ ଦୁର୍ନୀତିର ଚେର କେତେବାଟ ଲମ୍ବିଛି ତାହା ଜଣାତ ପଡିବ ଓ କଣ ହେବ ଅଧିକାରୀ ଅର୍ଜୁନଙ୍କ ଭାଗ୍ୟ ବୋଲି ବୁଦ୍ଧିଜୀବି ମତପ୍ରକାଶ କରିଛନ୍ତି।

# ଡା. ନଗେନ୍ଦ୍ର ମହାପାତ୍ର କରଞ୍ଜିଆ ଡାକ୍ତରଖାନାର ନୂତନ ଏସଡିଏମ୍



କରଞ୍ଜିଆ,(ସବ୍ୟୁ): କରଞ୍ଜିଆ ଉପଖଣ୍ଡ ସରକାରୀ ଡାକ୍ତରଖାନା ରେ ଆଜି ନୂତନ ଏସଡ ଏମ. ଓ ଭାବେ ଡା. ନଗେନ୍ଦ୍ର ନାଥ ମହାପାତ୍ର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ଦାୟିତ୍ୱରେ ଥିବା ଡା. ଅନିତା ସିଂ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ଏସ ଡି ଏମ ଓଙ୍କୁ ଡାକ୍ତରଖାନାର ବିଭିନ୍ନ ବିଭାଗ ତରଫରୁ ସ୍ୱାଗତ କରାଯାଇଛି ।ସେ ଗତ ୨୩ତାରିଖରେ ବଦଳି ହୋଇ ଏଠାକୁ ଆସିଥିଲେ ।ଡା. ମହାପାତ୍ର ଏହା ଆଗରୁ ଯାଜପୁର ଟାଉନ ରେ ବରିଷ୍ଟ ପରାମର୍ଶଦାତା ( ସିନିଅର କନ୍ସଲାଣ୍ଟ ) କାର୍ଯ୍ୟ କରିଥିଲେ । ସେ ପୂର୍ବରୁ ଘଟଗାଁ, କରାପୁଟ, ବୌଦ, କଳାହାଣ୍ଡି ଠାରେ ମଧ୍ୟ କାର୍ଯ୍ୟ କରିସାରିଛନ୍ତି ।ତେବେ ସେ କେ. ବି. କେ. ଜିଲ୍ଲା ରେ ଦକ୍ଷକ୍ଷତାର ସହିତ କାର୍ଯ୍ୟକରିଥିବାର ଜଣାପଡିଛି ।

# ରେବରେ କୁମ୍ଭୀର ଆତଙ୍କ

ଅସୁରାଳି,(ସବ୍ୟୁ): ଶୁକ୍ରବାର ଦିନ ରେବ ନଦୀରେ କୁମ୍ଭୀର ଦେଖିବାକୁ ମିଳିଛି। ଏହା ନଦୀ ପାଶ୍ୱବର୍ତ୍ତୀ ଗ୍ରାମର ଲୋକଙ୍କୁ ଭୟଭୀତ କରିଦେଇଛି। ଏବେ ରେବରେ ପାଣି ଅଧିକ ରହିଥିବାରୁ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଆଜି ସକାଳେ ଅସୁରାଳି ନିକଟ ଫତେପୁର ପଂଚାୟତ ଦିନାଜପୁର ଗ୍ରାମର କେତେକ ଲୋକ ପାଣି ଦେଖିବା ପାଇଁ ନଦୀ କୂଳକୁ ଯାଇଥିଲାବେଳେ ଏକ କୁମ୍ଭୀର ଦେଖିଥିଲେ। ଦିନାଜପୁର ଚେକ ଡ୍ୟାମ ଠାରୁ ଉପରକୁ ଆସି ନପାରି କୁମ୍ଭୀର ଟି କାସିମପୁର ଆଡ଼କୁ ଫେରୁଥିବା ଦେଖିବାକୁ ମିଳିଛି। ନଦୀରେ ବୁଲୁଥିବା ଏହି କୁମ୍ଭୀର ଲମ୍ବ ପ୍ରାୟ ୫ଫୁଟ ହେବ ବୋଲି ଜଣାଯାଇଛି। ଏ ସମ୍ପର୍କରେ ଧାମନଗର ରେଞ୍ଜର ସୁଷମା ସାହୁଙ୍କ ସହିତ ଯୋଗାଯୋଗ କରିବାରୁ ସେ ଏନେଇ ଅଗବତ ଥିବା କହି ବିଭାଗୀୟ କର୍ମଚାରୀ ଏବଂ ଫରେଷ୍ଟର ସେଠାକୁ ଯିବେ ବୋଲି କହିଛନ୍ତି। କୁମ୍ଭୀର ବିଚରଣ କରୁଥିବାରୁ ନଦୀକୁ ଗାଈଗୋରୁଙ୍କୁ ନଛାଡିବା ସଙ୍ଗେ ସଙ୍ଗେ ଲୋକମାନେ ସତର୍କ ରହିବାକୁ ରେଞ୍ଜର ସୁଷମା ସାହୁ କହିଛନ୍ତି।

# ନାବାଳିକାଙ୍କୁ ଅସଦାଚରଣ ଅଭିଯୁକ୍ତ ଗିରଫ

ବେତନଟୀ ,(ସବ୍ୟୁ) : ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅର୍ନ୍ତଗତ କଳମା ଗ୍ରାମରେ ଘରୋଇ ଗଣ୍ଡଗୋଳ ଏବଂ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ଜନୈକ ଯୁବକ ଗିରଫ ହୋଇଥିବା ସୂଚନା ମିଳିଛି। ଘଟଣାରୁ ପ୍ରକାଶ ଯେ ଗତ ଏପ୍ରିଲ ୧୨ ତାରିଖ ଦିନ ସଞ୍ଜୟ ଜେନା ପାରିବାରିକ ଗଣ୍ଡଗୋଳ ଯୋଗୁଁ ଅନସୂୟା ଜେନା ଓ ତାଙ୍କ ଝିଅ ମାମାଙ୍କୁ ମାଡ଼ ମାରିବା ସହ ଅସଦାଚରଣ କରିଥିବା ନେଇ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଏହାକୁ ନେଇ ୧୫୫ /୨୫ ନଂ ରେ ଏକ ମାମଲା ରୁଜୁ କରାଯାଇଥିଲା। ଅନ୍ୟପକ୍ଷରେ ଅନସୂୟାଙ୍କ ଭଉଣୀ ପଦ୍ମିନୀ ବିଜୁଲିଙ୍କୁ ଅନସୂୟା ମରଣାନ୍ତକ ଆକ୍ରମଣ କରି କ୍ଷତବିକ୍ଷତ କରି ଗୁରୁତର ଆହତ କରିଥିବା ନେଇ ଏକ ଅଭିଯୋଗ ମଧ୍ୟ ପୋଲିସ ନିକଟରେ ହୋଇଥିଲା ଏବଂ ଏହାକୁ ନେଇ ୧୫୬ ନଂ ରେ ମାମଲା ରୁଜୁ ସହ ତଦନ୍ତ କରାଯାଇ ଅନସୂୟାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଜେଲରୁ ଫେରିବା ପରେ ଘଟଣାର ଦୋଷୀଙ୍କୁ ଘଣ୍ଟ ଘୋଡାଇବାକୁ ନେଇ ପୀଡିତା ଅନୁସୂୟା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏବଂ ବାଲେଶର ପୋଲିସ ଆଇଜି ଙ୍କୁ ସାକ୍ଷାତ କରିଥିଲେ ମଧ୍ୟ କିଛି ଫଳ ମିଳିନଥିଲା । ଏଥିରେ ସେ ଭାଙ୍ଗି ପଡିବା ସହିତ ଗତ ମଙ୍ଗଳବାର ଦିନ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଅନସୂୟା ବାରିପଦା ଠାରେ ଏସପି ବରୁଣ ଗୁଣ୍ଟୁପାଲିଙ୍କ ନିକଟରେ ଅଭିଯୋଗ କରିଥିଲେ ଏବଂ ପନ୍ଦର ଦିନ ମଧ୍ୟରେ କୌଣସି ପଦକ୍ଷେପ ନ ନେଲେ ଏସ ପି ଙ୍କ କାର୍ଯ୍ୟାଳୟ ସାମ୍ନାରେ ଆତ୍ମହତ୍ୟା କରିବେ ବୋଲି ଲିଖିତ ଅଭିଯୋଗ କରିଥିଲେ । ଏହା ସହ କଂଗ୍ରେସ ତରଫରୁ ମଧ୍ୟ ଏକ ପ୍ରତିନିଧି ଦଳ ପୀଡିତାର ପରିବାର ବର୍ଗଙ୍କୁ ଭେଟିବା ସହ ବୈଶିଙ୍ଗା ଥାନାଧିକାରୀଙ୍କୁ ଭେଟି ଏହି ଘଟଣାରେ ଲିପ୍ତ ଥିବା ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରିବା ପାଇଁ ଅନୁରୋଧ କରିଥିଲେ । ଯଦି ଏହି ଘଟଣାକ୍ରମରେ ଅଭିଯୁକ୍ତଙ୍କୁ ଗିରଫ ନ କରାଯାଏ ତାହାଲେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରାଯିବାର ଚେତାବନୀ ମଧ୍ୟ ଦେଇଥିଲେ । ପରେ ପରେ ଘଟଣାର ତଦନ୍ତ ପୂର୍ବକ ପୋକ୍ସୋ ଧାରାରେ ସଞ୍ଜୟ ଜେନାଙ୍କୁ ଗିରଫ କରାଯାଇ ତାଙ୍କ ସାସ୍ଥ୍ୟ ପରୀକ୍ଷା କରାଯିବା ପରେ ଶୁକ୍ରବାର ଅପରାହରେ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

# ବିପଦସଙ୍କେତ ନିମ୍ନରେ ବୈତରଣୀ, କମୁଛି ଜଳସ୍ତର

ଭଣ୍ଡାରିପୋଖରୀ,(ସବ୍ୟୁ) :ବୈତରଣୀ ନଦୀର ଉପରମୁଣ୍ଡରେ ବର୍ଷା ହେବା ଫଳରେ ଗୁରୁବାର ନଦୀ ଫୁଲିଉଠିଛି। ମାତ୍ର ନଦୀର ଜଳସ୍ତର ଦିନ ଗୋଟାଏ ବେଳେ ଆଖୁଆପଦାରେ ସର୍ବାଧିକ ୧୮.୧୯ ମିଟରରେ ପହଞ୍ଚିବା ପରେ କମିବାକୁ ଆରମ୍ଭ କରିଛି। ଜଳସ୍ତର ଘଣ୍ଟାପ୍ରତି ୧ମି.ମି. ବେଗରେ ହ୍ରାସ ପାଉଛି। ଆଖୁଆପଦାରେ ନଦୀର ସତର୍କ ସଙ୍କେତସ୍ତର ୧୭.୮୩ ମିଟର ଓ ବିପଦସଙ୍କେତ ସ୍ତର ୧୮.୩୩ ମିଟର ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ନଦୀର ଉପରମୁଣ୍ଡ ଚମ୍ପୁଆରେ ସର୍ବାଧିକ ୪୬.୬ ମି.ମି., ସ୍ୱାମୀପାଟଣାରେ ୧୮.୦୮ ମି.ମି., ଆନନ୍ଦପୁରରେ ୧୯.୦୮ ମି.ମି. ଓ ଆଖୁଆପଦାରେ ୨୬.୦ ମି.ମି. ବର୍ଷା ରେକର୍ଡ କରାଯାଇଛି। ନଦର ଜଳପତ୍ତନସ୍ତର ହ୍ରାସ ପାଉଥିବାରୁ ବନ୍ୟା ଆଶଙ୍କା ନାହିଁ ବୋଲି ଜଳସମ୍ପଦ ବିଭାଗ ସୂତ୍ରରୁ ପ୍ରକାଶ।

# ମା'କୁ ହତ୍ୟା କରି ପୁଅର ଆତ୍ମସମର୍ପଣ

କେନ୍ଦୁଝର, (ସବ୍ୟୁ) : କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅନ୍ତର୍ଗତ ଉପରଡିହା ପଞ୍ଚାୟତ, ମେଳଣ ଗ୍ରାମର ରଙ୍ଗମାଟିଆ ସାହିରେ ଗୁଣି ଗାରେଡ଼ି ସନ୍ଦେହରେ ପୁଅ ତାର ମାଆକୁ ହତ୍ୟା କରି ଥାନାରେଆତ୍ମସମର୍ପଣ କରିଛି। ମୃତା ବୃଦ୍ଧା ରିଣ୍ଡି ସୋରେନ (୭୦) ଶୁକ୍ରବାର ସକାଳେ ନିଜ ବିଲକୁ ତଳି ରୋଇବାକୁ ଯାଇଥିଲା ସେଠାରେ ନିଜର ପୁଅ ସାଲଖାନ ସୋରେନ ତାଙ୍କୁ ବିଭତ୍ସ ଭାବେ ହତ୍ୟାକରିଥିଲା। ହତ୍ୟା ପରେ ନରହନ୍ତା ପୁଅ ନିଜେ ଥାନାରେ ଆତ୍ମସମର୍ପଣ କରିଛି। ଘଟଗାଁ ପୋଲିସ ପକ୍ଷରୁ ଶବ ଜବତ କରି ଅଧିକ ଅନୁସନ୍ଧାନ କରାଯାଉଛି।

# ଦୁର୍ଘଟଣାରେ ଗୁରୁତର ଶିକ୍ଷା କର୍ମଚାରୀଙ୍କ ମୃତ୍ୟୁ

ସୋର, (ସବ୍ୟୁ): ବାଲେଶ୍ୱର ଜିଲ୍ଲା ସୋର ବ୍ଲକ ଅନନ୍ତପୁର ଉପେନ୍ଦ୍ରନାଥ ହାଇସ୍କୁଲର ଶିକ୍ଷା କର୍ମଚାରୀ ଶରତ ଚନ୍ଦ୍ର ଜେନା ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସାଧିନ ଅବସ୍ଥାରେ ମୃତ ବରଣ କରିଛନ୍ତି। ସେ ଗତ ୨୯ ତାରିଖ ସକାଳେ ଏକ ଜରୁରୀ କାମରେ ବାଇକ ଯୋଗେ ଘରୁ ସୋରକୁ ଯାଉଥିବା ସମୟରେ ଅନନ୍ତପୁର ବଜାରରେ ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରଥମେ ଅନନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କ ଅବସ୍ଥା ଶୋଚନୀୟ ଥିବାରୁ ତାଙ୍କୁ କଟକ ଶ୍ରୀରାମ ଭଞ୍ଜ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ଶୁକ୍ରବାର ଭୋର ସାଢ଼େ୪ଟାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ମୃତ୍ୟୁର ଖବର ପାଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା । ଅପରାହ୍ଣରେ ତାଙ୍କ ମରଶରୀର ଅନନ୍ତପୁରରେ ପହଞ୍ଚିବା ପରେ ଅନନ୍ତପୁର ଉପେନ୍ଦ୍ର ନାଥ ହାଇସ୍କୁଲ ପରିସରରେ ଏକ ଶୋକାକୋଳ ପରିବେଶ ମଧ୍ୟରେ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ର, ଛାତ୍ରୀ ମାନେ ଅନ୍ତିମ ଦର୍ଶନ କରିଥିଲେ। ପରେ ତାଙ୍କ ମର ଶରୀରକୁ ତାଙ୍କ ଗ୍ରାମ ଚିଡ୍ଡୋଳକୁ ଏକ ଶୋଭା ଯାତ୍ରାରେ ନିଆଯାଇଥିଲା।

# କାନପୁର ଦ୍ୱାରା ବିସ୍ଥାପିତ କ୍ଷତିଗ୍ରସ୍ତ ପରିବାରଙ୍କୁ ଜରି ପାଲ ବଣ୍ଟନ

କେନ୍ଦୁଝର (ସବ୍ୟୁ) : ଲଗାଣଲଘୁଚାପଜନିତ ବର୍ଷାରେ କ୍ଷତିଗ୍ରସ୍ତ କାନପୁରରୁ ବିସ୍ଥାପିତ ଚମକପୁର ପଞ୍ଚାୟତର ରୁଗୁଡ଼ି ଗ୍ରାମର ଶତାଧିକ ଆଦିବାସୀ ପରିବାରଙ୍କୁ ବିଶିଷ୍ଟ ସମାଜସେବୀତଥା ବିଧାୟକ ଚମ୍ପୁଆ ସନାତନ ମହାକୁଡ଼ଙ୍କ ଦ୍ୱାରା ପରିଚାଳିତ ମାଜଗତଜନନୀସେବାଟ୍ରଷ୍ଟ ନମ୍ପିରା ତରଫରୁ ଦରିପାଲ ବଣ୍ଟନ କରାଯାଇଛି କାନପୁର ଡ୍ୟାମ ନିମନ୍ତେ ପୂର୍ବରୁ ଏହି ଶତାଧିକ ଆଦିବାସୀ ବହୁ ହଇରାଣ ହେଉଥିବାବେଳେ ବର୍ତ୍ତମାନ ଲଗାଣ ଲଘୁଚାପବର୍ଷା ଯୋଗୁ ଯୋଡ଼ାବ୍ଲକ ଚମକପୁର ପଞ୍ଚାୟତର ରୁଗୁଡ଼ି ଗ୍ରାମବାସୀଙ୍କ ଅସୁବିଧାକୁ ଦିଗୁଣିତ କରିଛି । ସମ୍ପର୍କରେ ଖବର ପାଇ ଚମ୍ପୁଆ ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ବିଧାୟକଙ୍କ ଜିଲ୍ଲାପ୍ରତିନିଧି ତଥା ସମାଜସେବୀ ସଂଜୀବ ବେହେରା ଯୋଡ଼ା ବ୍ଲକ ପ୍ରତିନିଧି ପୂର୍ଣଚନ୍ଦ୍ର ନାଏକ ଚମକପୁର ସରପଞ୍ଚ ଶକୁନ୍ତଳା ନାଏକ ସରପଞ୍ଚ ଅର୍ଜୁନ ବେହେରା ୱାଡମେମ୍ବର ସଂଯୁକ୍ତା ଆପଟ ନଳିନୀ ନାଏକ ପୂର୍ବତନ ସରପଞ୍ଚ ପ୍ରଭାକର ନାଏକଙ୍କ ସମେତ କାର୍ତିକ ନାଏକ ବିଶୁ ଆପଟ ଜଗରନାଥ ବାରିକ ଦିନେଶ ଦାସ ପ୍ରମୁଖ ଉକ୍ତ ଉପାନ୍ତ ଅଞ୍ଚଳକୁ ଯାଇ ଶତାଧିକ ମୁଣ୍ଡା ସମ୍ପ୍ରଦାୟର ଆଦିବାସୀ ପରିବାରଙ୍କୁ ବର୍ଷାରୁ ରକ୍ଷା ପାଇବାପାଇଁ ଦରିପାଲ ବଣ୍ଟନ କରିଥିଲେ।

# ମାହେଶ୍ୱରୀ ଯୁବ ସଙ୍ଗଠନର ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

ବାଲେଶ୍ୱର,(ସବ୍ୟୁ): ମାହେଶ୍ୱରୀ ଯୁବ ସଂଗଠନ ବାଲେଶ୍ୱର ଓ ଆପୋଲୋ ହସ୍ପିଟାଲ ଭୁବନେଶ୍ୱରଙ୍କ ସହଯୋଗରେ ଏକ ବିଶାଳ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିର ମାହେଶ୍ୱରୀ ଭବନ, ବାଲେଶ୍ୱରରେ ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ନ୍ୟୁରୋଲୋଜି, କାର୍ଡିଓଲୋଜି, ଅର୍ଥୋପେଡିକ୍ସ, ଅଙ୍କୋଲୋଜି ଓ ଇଏନ୍‌ଟି ବିଭାଗର ଚିକିତ୍ସକମାନେ ଉପସ୍ଥିତ ଥିଲେ। ଶିବିରରେ ୮୦ରୁ ଅଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା। ଏହା ସହିତ ପ୍ୟାଥୋଲୋଜିକାଲ ଟେଷ୍ଟ, ବୋନ ଡେନସିଟି ଟେଷ୍ଟ, ଇସିଜି, ଓ ରକ୍ତ ରେ ଥିବା ଶର୍କରା ମଧ୍ୟ ନିଃଶୁଳ୍କ ଭାବରେ କରାଯାଇଥିଲା।ଏହି ଶିବିରର ପ୍ରଧାନ ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନ କରିବା ଓ ରୋଗର ପ୍ରାରମ୍ଭିକ ଚିହ୍ନଟ କରିବା।ଏଥି ସହିତ କ୍ୟାନ୍ସର ସଚେତନତା ଉପରେ ଏକ ବିଶେଷ ସଭା ଆୟୋଜିତ ହୋଇଥିଲା । ଯେଉଁଥିରେ ମୁଖ୍ୟତଃ ଝିଅ, ମହିଳା ଓ ଯୁବପିଢ଼ି ଭାଗ ନେଇଥିଲେ।ଏହି ଶିବିର ମାହେଶ୍ୱରୀ ଯୁବ ସଂଘଠନ, ବାଲେଶ୍ୱର ର ଅଧ୍ୟକ୍ଷ ଗୋବିନ୍ଦ ରାଠୀ, ସଚିବ ସୌଭାଗ୍ୟ ଭୁତଡ଼ା, ଉପାଧ୍ୟକ୍ଷ ଶିବମ ମାରୁ ଓ କୋଷାଧ୍ୟକ୍ଷ କିଶନ ମୁନ୍ଦ୍ରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା।ବାଲେଶ୍ୱର ଜିଲ୍ଲା ମାହେଶ୍ୱରୀ ସଭାର ଅଧ୍ୟକ୍ଷ ତେରା ରତନ ଭୁତଡ଼ା, ସଚିବ ପଙ୍କଜ ପେରିୱାଲ ଓ ମନୋହର ପେରିୱାଲ ପ୍ରମୁଖ ମଧ୍ୟ ଏହି ଶିବିରରେ ସହଯୋଗ କରିଥିଲେ। ଯୁବ ସଂଗଠନର ଅନ୍ୟ ଉପସ୍ଥିତ ସଦସ୍ୟ ଓ ସହଯୋଗୀ ଭାବେ ଖୁସି ପେରିୱାଲ, ଭୂମି ପେରିୱାଲ, ଜୟା ପେରିୱାଲ, ପ୍ରିନ୍ସ ରାଠୀ, ଅନନ୍ଦ ଚାଣ୍ଡକ ଓ ମୁର୍ଲି ପେରିୱାଲ ପ୍ରମୁଖ ରହିଥିଲେ। ଆପୋଲୋ ହସ୍ପିଟାଲର ପକ୍ଷରୁ ଚନ୍ଦ୍ରଶେଖର ସାହୁ ଏହି ଅନୁଷ୍ଠାନରେ ସମନ୍ୱୟର ଭୂମିକା ନିଭାଇଥିଲେ।ସଭାରେ ଅନେକ ସଦସ୍ୟ ଓ ସହଯୋଗୀମାନେ ଯୋଗ ଦେଇଥିଲେ । ସମସ୍ତଙ୍କୁ ସଂଗଠନ ପକ୍ଷରୁ ଧନ୍ୟବାଦ ଜଣାଯାଇଛି। ଆଗାମୀ ଦିନରେ ଏପରି ଅନ୍ୟାନ୍ୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସଂଗଠନ ପକ୍ଷରୁ ପ୍ରକାଶ କରାଯାଇଛି।


# ଶୁକଦେବପୁର ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଙ୍କୁ ମାଡ

ବାସୁଦେବପୁର,(ସବ୍ୟୁ): ବାସୁଦେବପୁର ପୌରପାଳିକାର ଶୁକଦେବପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଣେ ତୃତୀୟ ଶ୍ରେଣୀର ଛାତ୍ରୀଙ୍କୁ ମାଡ ମାରିଥିବାର ଅଭିଯୋଗ ହୋଇଛି। ଛାତ୍ରୀଙ୍କ ଅଭିଯୋଗ ପାଇ ଅବିଭାବକ ସ୍କୁଲରେ ପହଂଚି ପାଟିତୁଣ୍ଡ କରିଥିଲେ। ପ୍ରଧାନଶିକ୍ଷକଙ୍କୁ ଅଟକେଇବାକୁ ଚେଷ୍ଟାକରୁ ଥିବାବେଳେ ଚତୁରତାର ସହିତ ଖସି ପଳାଇ ଆସିଥିଲେ। କିଛି ସମୟ ସ୍କୁଲ ପରିସର ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ରହିଥିଲା। ପ୍ରଧାନଶିକ୍ଷକଙ୍କୁ ଛାତ୍ରୀଙ୍କୁ ମାଡ ମାରିବା ସମ୍ପର୍କରେ ପଚାରିବାରୁ ସେ କହିଲେ ୩ୟ ଶ୍ରେଣୀର ଦୁଇ ଜଣ ପିଲା ମାରପିଟ ଲାଗିଥିଲେ। ଜଣେ ଛାତ୍ରୀଙ୍କୁ ଡାକି ଆସ୍ତେ କରି ଦୁଇ ଗାଲକୁ ମାଡ ମାରିଛି। ଛାତ୍ରୀ ଜଣକ ଥାନାର ଏତାଲା ଦେବାକୁ ଡାକ୍ତରୀ ମାଇନା କରିଥିଲେ। ଗ୍ରାମବାସୀଙ୍କ ଚାପରେ ରାତିକ ପାଇଁ ଚାପିଗଲା।

# ମଦରସା ଫୈଜାନେ ଗରିବ ନୱାଜ କୁଇଜ ପ୍ରତିଯୋଗିତା ଉଦ୍‌ଯାପିତ

ଭଦ୍ରକ,(ସବ୍ୟୁ) : ଭଦ୍ରକ କଣ୍ଟାବଣିଆ ଗ୍ରାମ ସ୍ଥିତ ମଦରସା ଫୈଜାନେ ଗରିବ ନୱାଜ ଆନୁକୂଲ୍ୟରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ମଦରସା ସଭାପତି ଶେଖ ଗୋଲାମ ମହମ୍ମଦଙ୍କ ସଭାପତିତ୍ୱରେ ଏବଂ ଶେଖ ଅବଦୁଲ ବାରୀଙ୍କ କୋରାନ ପାଠରୁ ଓ ଶାହାଜନ ଖାନଙ୍କ ନାତ ସରିଫରୁ ଆରମ୍ଭ ହୋଇଥିଲା। ମଦରସାରେ ସରକାରୀ ଓ ବେସରକାରୀ ଇଂରାଜୀ ଓ ଓଡ଼ିଆ ମିଡିୟମର ୨୫୬ଜଣ ମୁସଲମାନ ଛାତ୍ର/ଛାତ୍ରୀ ମାଗଣାରେ କୁରାନ ପାଠ ଅଧ୍ୟୟନ କରୁଛନ୍ତି। ଉକ୍ତ କୁଇଜ ପ୍ରତିଯୋଗିତାରେ ଛାତ୍ରଛାତ୍ରୀର ବୟସ ୫ବର୍ଷରୁ ୧୫ବର୍ଷ ପର୍ଯ୍ୟନ୍ତର ୬ଟି ଗ୍ରୁପରେ ଭାଗ ହୋଇ ୬୧ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ୧୮ଜଣ ଛାତ୍ରଛାତ୍ରୀ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନରେ କୃତକାର୍ଯ୍ୟ ହୋଇ ମୁଖ୍ୟଅତିଥିଙ୍କ ଠାରୁ ସିଲ,କପ ଓ ମାନପତ୍ର ଉପହାର ପ୍ରଦାନ କରାଯାଇଥିଲା।

# ଏଫଏମ ବିଶ୍ୱବିଦ୍ୟାଳୟରେ ଇଣ୍ଡଷ୍ଟ୍ରି ଲେକ୍ଚର ସିରିଜ୍ --୨୦୨୫



ବାଲେଶ୍ୱର , (ସବ୍ୟୁ) : ଫକୀରମୋହନ (ଏଫଏମ) ବିଶ୍ୱବିଦ୍ୟାଳୟର ପି.ଜି ବାୟୋସାଇନ୍ସ ଏବଂ ବାୟୋଟେକ୍ନୋଲୋଜି ବିଭାଗ ଓ ମାନବ ସଂସାଧନ ବିକାଶ କେନ୍ଦ୍ରର ସଂଯୁକ୍ତ ବ୍ୟବସ୍ଥାପନାରେ ଇଣ୍ଡଷ୍ଟ୍ରି ଲେକ୍ଚର ସିରିଜ୍ -୨୦୨୫ ଅନୁଷ୍ଠିତ ହୋଇଯାଇଛି। ପାଠ୍ୟକ୍ରମ ଓ ଉଦ୍ୟୋଗିକ କ୍ଷେତ୍ର ମଧ୍ୟରେ ସମ୍ପର୍କ ଗଢ଼ିବା ସହ ନୂତନ ପ୍ରବୃତ୍ତି, ଉନ୍ନତ ପ୍ରଯୁକ୍ତି ଓ ଜୀବ ବିଜ୍ଞାନ ସହ ବାୟୋଟେକ୍ନୋଲୋଜିରେ କ୍ୟାରିୟର ଗଠନ ଦିଗ ଉପରେ ଆଲୋକପାତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହିଥିଲା।ଏହି କାର୍ଯ୍ୟକ୍ରମଟି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ହୋଇଥିବା ବେଳେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରଫେସର ବେହେରା ନିଜ ଉଦବୋଧନରେ ଅନୁସନ୍ଧାନ ଓ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇଁ ଏକାଡେମିକ୍-ଇଣ୍ଡଷ୍ଟ୍ରି ମିଳନର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଏହି ପ୍ରୟାସକୁ ସେ ତଥ୍ୟଭିତ୍ତିକ ଶିକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଡ଼କ୍ଟର ଗୋପୀ କାଦିୟାଲା, ସଂସ୍ଥାପକ ଏବଂ ସିଇଓ ଆଭାସୀ ମାଧ୍ୟମରେ ଶିକ୍ଷା କ୍ଷେତ୍ରରୁ ଷ୍ଟାର୍ଟଅପକୁ ଆସିବାର ନିଜର ଅନୁଭୂତିକୁ ବାଣ୍ଟିବା ସହ ଜୀବପ୍ରଯୁକ୍ତି ର ସ୍ୱାସ୍ଥ୍ୟ ସେବାରେ ଭୂମିକା, ଜିନୋମିକ୍ସର ଶିଳ୍ପ ପ୍ରୟୋଗ, ପରିବେଶଜନିତ ଦାୟିତ୍ୱ ଓ ବାୟୋଫାର୍ମା ନବ ଉଦ୍ଭାବନ ବିଷୟରେ ଆକର୍ଷଣୀୟ ବ୍ୟାଖ୍ୟାନ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଭରତ ଭୂଷଣ ପଟ୍ଟନାୟକ, ପି.ଜି ବିଭାଗ ବାୟୋସାଇନ୍ସ ଓ ବାୟୋଟେକ୍ନୋଲୋଜି ର ବିଭାଗମୁଖ୍ୟ, ଅତିଥିମାନଙ୍କୁ ସ୍ୱାଗତ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ମାନବ ସଂସାଧନ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ରଣୀନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମରେ ଉପସ୍ଥିତ ହୋଇ ବିଶ୍ୱବିଦ୍ୟାଳୟ ପ୍ରଶାସନ, ଅତିଥି ଓ ଛାତ୍ରଛାତ୍ରୀଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଯୋଗଦାନ ପାଇଁ ଉତ୍ସାହିତ କରିଥିଲେ।ଏହି ଅବସରରେ ବିଭିନ୍ନ ବିଭାଗର ପୋଷ୍ଟ ଗ୍ରାଜୁଏଟ୍ ଛାତ୍ରଛାତ୍ରୀ, ଗବେଷଣା ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କ ସକ୍ରିୟ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମଟିକୁ ଅଧ୍ୟାପକ ଅରୁଣ କୁମାର ନାଏକ ସଂଚାଳନ କରିଥିଲେ । ଶେଷରେ ଡ଼କ୍ଟର ସୁଭଶ୍ରୀ ମହାଲିକ, ସହଯୋଗୀ ଅଧ୍ୟାପିକା, ପି.ଜି ବିଭାଗ, ବାୟୋସାଇନ୍ସ ଓ ବାୟୋଟେକ୍ନୋଲୋଜି ଧନ୍ୟବାଦ ଜଣାଇଥିଲେ।


# ଜାଇଲୋରୁ ଗୋରୁ ଜବତ

ଅସୁରାଳି, (ସବ୍ୟୁ) : ଏକ ଜାଇଲୋ କାରରେ ଗୋରୁ ଚାଲାଣ ବେଳେ ଧୂଷୁରୀ ପୁଲିସ ଏହାକୁ ଜବତ କରିଛି। ଜବତ ଗାଡ଼ିରୁ ଦୁଇଟି ଗୋରୁଙ୍କୁ ଉଦ୍ଧାର କରାଯାଇଛି ଏବଂ ଚାଲାଣରେ ସମ୍ପୃକ୍ତ ତିନିଜଣ ଫେରାର ହୋଇଯାଇଛନ୍ତି। ଗତକାଲି ବିଳମ୍ବିତ ରାତିରେ ଧୂଷୁରୀ ଥାନାର ଏସଆଇ ବାସୁଦେବ ଓରାମ,ଏଏସଆଇ ସୁଜାତା ସାହୁଙ୍କ ନେତୃତ୍ୱରେ ପୁଲିସ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବାସମୟରେ ମିର୍ଗହାଟକୂଳ ନଦୀଗାଁ ରାସ୍ତାର ଭଟ୍ଟସାହି ନିକଟରେ ସମ୍ମୁଖରୁ ଆସୁଥିବା ଏକ ଗାଡିକୁ ସନ୍ଦେହରେ ଅଟକାଇ ଥିଲେ। କିନ୍ତୁ ଗାଡିଟି ନଅଟକି ଦ୍ରୁତଗତିରେ ପଳାଇବାକୁ ଉଦ୍ୟମ କରିଥିଲା। ପୁଲିସ ଗାଡ଼ି ପିଛା କରି ଏହାକୁ ଅଟକାଇବାରୁ ସମ୍ପୃକ୍ତ ଗାଡ଼ିରୁ ତିନିଜଣ ଦୌଡି ପଳାଇ ଯାଇଥିଲେ। ଗାଡିଟି ଏକ ଜାଇଲୋ କାର(ନମ୍ବର ଓଆର-୦୨ବିୟୁ-୧୮୦୨)ହୋଇଥିବା ଜଣାପଡିଥିଲା। ଏହା ଭିତରେ ଦୁଇଟି ଗୋରୁ ଥିବା ଜଣାପଡିଥିଲା। ଏନେଇ ଧୂଷୁରୀ ଥାନାରେ କେସ ନଂ-୩୬୦/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଉଦ୍ଧାର ଗୋରୁଙ୍କୁ ଅସୁରାଳି ଗିରି ଗୋବର୍ଦ୍ଧନ ଗୋଶାଳାରେ ଛଡାଯାଇଛି।

# ରସାଳପୁର ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ କର୍ମଶାଳା

ବାଲେଶ୍ୱର,(ସବ୍ୟୁ): ରସାଳପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଡ଼ା.କୁମାର ଗୋପାଳ ଉଦଘାଟନ କରିଥିଲେ । ମିଳି ଗୁରୁମାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଗୀତାଞ୍ଜଳି ପାଣିଗ୍ରାହୀ ,ଅନ୍ୟଅତିଥିଭାବେ ସମାଜସେବୀ ଶିବାଜୀ ଓ ସଂପାଦକ ଶମ୍ଭୁନାଥ ଯାଦବ ବକ୍ତବ୍ୟ ରଖିଥିଲେ।ପ୍ରଧାନ ଆଚାର୍ଯ୍ୟା ଦେବସ୍ମିତା ଗୁରୁମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜୟସ୍ମିତା ଗୁରୁମା କାର୍ଯ୍ୟକ୍ରମ ର ସଂଯୋଜନା କରିଥିଲେ। ପ୍ରତିମା ଗୁରୁମା ପ୍ରାରମ୍ଭିକ ଭାଷଣ ରଖିଥିଲା ବେଳେ ମିତା ଗୁରୁମା ପଞ୍ଚାଙ୍ଗ ବୋଲି ଥିଲେ। ଜ୍ୟୋତ୍ସ୍ନା ଗୁରୁମା ଅମୃତ ବଚନ ପାଠ କରିବା ବେଳେ ମିଲି ଗୁରୁମା ବ୍ୟକ୍ତିଗତ ଗୀତ ପରିବେଷଣ କରିଥିଲେ।ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମାଆମାନେ ଉପସ୍ଥିତ ରହି ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଶେଷରେ ମାଆମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା।

# ଜେଆରଡି ଟାଟାଙ୍କ ଜୟନ୍ତୀରେ ଟିପିଏନଓଡିଏଲର ରକ୍ତଦାନ ଶିବିର




ବାଲେଶ୍ୱର, (ସବ୍ୟୁ) : ଭାରତ ରତ୍ନ ଶ୍ରୀ ଜେଆରଡି ଟାଟାଙ୍କ ୧୨୧ତମ ଜୟନ୍ତୀ ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ) ପକ୍ଷରୁ ବାଲେଶ୍ୱରର ନୋସି କମର୍ସିଆଲ ସେଣ୍ଟରରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥି ସହିତ ଟିପିଏନଓଡିଏଲ ଅଧୀନରେ ଥିବା ସମସ୍ତ ଡିଭିଜନ କାର୍ଯ୍ୟାଳୟରେ ମଧ୍ୟ ଜେଆରଡି ଟାଟାଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଓଡ଼ିଶା ରକ୍ତ ଭଣ୍ଡାର ସହଯୋଗରେ ଏହି ଶିବିର ଆୟୋଜନ କରାଯାଇଥିଲା। ସେଥିରେ ଟିପିଏନଓଡିଏଲ କର୍ମଚାରୀ ଓ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରିଥିଲେ। ଶିବିରରେ ସଫଳତାର ସହ ୬୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିର ସେବା ଓ ମାନବ ଧର୍ମ ପ୍ରତି ଜେଆରଡି ଟାଟାଙ୍କର ଥିବା ପ୍ରତିବଦ୍ଧତା ପ୍ରତି ଏକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଥିଲା ଏବଂ ଗୋଷ୍ଠୀ କଲ୍ୟାଣ ପ୍ରତି ସଂସ୍ଥାର ଗଭୀର ସମର୍ପଣ ଭାବକୁ ଦର୍ଶାଇଥିଲା।ଏହି ଶିବିରରେ ଟିପିଏନଓଡିଏଲର ସିଇଓ ଶ୍ରୀ ଗଜାନନ ଏସ କାଲେ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ଯାହା ଶିବିରର ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିଥିଲା। ଏହା କମ୍ପାନୀର ଯତ୍ନ, ସଚୋଟତା ଓ ସାମାଜିକ ଦାୟିତ୍ୱବୋଧକୁ ଦର୍ଶାଉଛି। ଏହି ଅବସରରେ ଶ୍ରୀ କାଲେ କହିଥିଲେ ଯେ, ଜେଆରଡି ଟାଟାଙ୍କ ଦୂରଦୃଷ୍ଟି ଓ ଦୟା ଭାବ ଆମକୁ ଅନୁପ୍ରାଣିତ କରିବା ଜାରି ରଖିଛି। ଟିପିଏନଓଡିଏଲରେ ଆମେ ପ୍ରଭାବଶାଳୀ ଅଭିଯାନ ଜରିଆରେ ସେହି ପରମ୍ପରା ବଜାୟ ରଖିବା ଉପରେ ବିଶ୍ୱାସ କରୁ ଯାହା ଦ୍ୱାରା ସମାଜ ଉପକୃତ ହେଉଛି। ଏହି ରକ୍ତଦାନ ଶିବିର ସେ ଦିଗରେ ଆଉ ଏକ ଛୋଟ ତଥା ଅର୍ଥପୂର୍ଣ୍ଣ ପଦକ୍ଷେପ।ଏଭଳି ଅଭିଯାନ ଜରିଆରେ ନିଜର ମୂଳ ବିଦ୍ୟୁତ ବଂଟନ ସେବାଠାରୁ ଆଗକୁ ବଢ଼ି ଟାଟାଗ୍ରୁପ ରାଷ୍ଟ୍ର ଗଠନର ମୂଲ୍ୟବୋଧକୁ ବଜାୟ ରଖିଥିବା ବେଳେ ଏହା ସେବା ପ୍ରଦାନ କରୁଥିବା ଅଂଚଳରେ ସକାରାତ୍ମକ ଓ ଦୀର୍ଘକାଳୀନ ପ୍ରଭାବ ସୃଷ୍ଟି କରୁଛି।

# ୧୧ରୁ ସମୂହ ଛୁଟିରେ ଯିବେ ରାଜସ୍ୱ ଅମଲା

କେନ୍ଦୁଝର,(ସବ୍ୟୁ): ପଦବୀ ପୁନର୍ଗଠନ ଓ ରାଜସ୍ୱ ସହାୟକ ମାନଙ୍କ ମୂଳ ଦରମା ଲେଭେଲ-୯ (ଗ୍ରେଡ ପେ- ୪୨୦୦) ନେଇ ଓଡିଶା ରାଜସ୍ୱ ଅମଲା ସଂଘ, କେନ୍ଦୁଝର ଶାଖା ତରଫରୁ କେନ୍ଦୁଝର ଜିଲ୍ଲାର ସମସ୍ତ ବିଧାୟକ ଘଷିପୁର ବଦ୍ରି ନାରାୟଣ ପାତ୍ର,ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପାଟଣା ବିଧାୟକ, ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡାକ୍ତର ଫକିର ମୋହନ ନାଏକଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଥାଉ କି ଦୀର୍ଘ ବର୍ଷ ହେଲା ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନେ ତୃଣମୂଳ ସ୍ତରରୁ ରାଜ୍ୟ ସରକାରଙ୍କର ସମସ୍ତ ଜନହିତକର ଯୋଜନାଗୁଡ଼ିକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ନିଭାଇଥାନ୍ତି । ଏହାର ପ୍ରତିବଦଳରେ ସେମାନେ ରାଜ୍ୟ ସରକାରଙ୍କ ଦାରା ସ୍ଥିରୀକୃତ କିଛି ସମ୍ୱଳ୍ପ ବେତନକୁ ଛାଡ଼ି ଅନ୍ୟ କୌଣସି ସୁବିଧା ସୁଯୋଗ ଏ ପର୍ଯ୍ୟନ୍ତ ପାଇପାରି ନାହାନ୍ତି । ଜିଲ୍ଲା ସ୍ତରରେ କାର୍ଯ୍ୟରତ ଅନ୍ୟାନ୍ୟ କ୍ୟାଡ଼ରଭୁକ୍ତ କର୍ମଚାରୀମାନଙ୍କ ଏକାଧିକବାର ପଦବୀ ପୁର୍ନଗଠନ ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ରାଜ୍ୟ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଅଛି ।କିନ୍ତୁ ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାମାନଙ୍କର ପଦବୀ ପୁନର୍ଗଠନ ୧୯୮୪ ମସିହା ପରଠାରୁ କରାଯାଇନାହିଁ । ରାଜ୍ୟ ସରକାରଙ୍କ ଏତାଦୃଶ ମନୋଭାବରେ ଅତିଷ୍ଠ ହୋଇ ଏବଂ ବାରମ୍ବାର ରାଜ୍ୟ ସରକାରଙ୍କର ବୈମାତୃକ ମନୋଭାବରେ ନିରାଶ ହୋଇ ଓଡ଼ିଶା ରାଜସ୍ୱ ଅମଲା ସଂଘର ପତ୍ରସଂଖ୍ୟା ୫୪ ତା୨୩-୦୬-୨୦୨୫ ରିଖରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗଙ୍କୁ ୧୦ ଦଫା ଦାବି ନେଇ ଏକ ଚରମ ପତ୍ର ପ୍ରଦାନ କରାଯାଇଥିଲା।ଏହା ସହିତ ଏହାର ଏକକିତା ଲେଖାଏଁ ନକଲ ମାନ୍ୟବର ମୁଖ୍ୟମନ୍ତ୍ରୀ, ରାଜସ୍ୱମନ୍ତ୍ରୀ, ଅର୍ଥମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଓଡ଼ିଶା, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ପ୍ରମୁଖ ଶାସନ ସଚିବ, ଅର୍ଥ ବିଭାଗ ପ୍ରମୁଖଙ୍କୁ ପ୍ରଦାନ କରାଯାଇଥିଲା । ରାଜସ୍ୱ ବିଭାଗ ପତ୍ର ସଂଖ୍ୟା ୨୪୯୨୦, ତା୦୮-୦୭-୨୦୨୫ ରିଖ ମାଧ୍ୟମରେ ଉପରୋକ୍ତ ୧୦ ଦଫା ଦାବି ଉପରେ ସଂଘର କର୍ମକର୍ତ୍ତାମାନଙ୍କ ସହିତ ରାଜସ୍ୱ ମନ୍ତ୍ରୀ ଏବଂ ରାଜ୍ୟ ସରକାରଙ୍କର ଉଚ୍ଚ ପଦାଧିକାରୀମାନଙ୍କର ଏକ ବୈଠକର ଆୟୋଜନ ଗତ ଜୁଲାଇ ୯ ତାରିଖ ଅପରାହ୍ନ ୫ଟାରେରେ ବୈଠକ ହୋଇଥିଲା । ବୈଠକରେ ଅନ୍ୟାନ୍ୟ ସମସ୍ତ ଦାବିଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା ହେବା ସହିତ ରାଜସ୍ୱ ସେବା ପଦବୀର ସଂଶୋଧନ ଉପରେ ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା ହେଲେ ବୈଠକର ବିବରଣୀରେ ଏ ବିଷୟରେ କୌଣସି କଥା ଉଲ୍ଲେଖ କରାଗଲା ନାହିଁ ବରଂ ରାଜସ୍ୱ ସେବା (ନିଯୁକ୍ତି) ନିୟମାବଳୀ ସଂଶୋଧନ ଆଳରେ ତା୧୬-୦୭-୨୦୨୫ ରିଖ ରାଜ୍ୟ କ୍ୟାବିନେଟ୍ର ନିଷ୍ପତ୍ତି ଏବଂ ରାଜ୍ୟ ସରକାରଙ୍କ ରାଜସ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଜ୍ଞପ୍ତି ସଂଖ୍ୟା ୨୭୭୪୫, ତାରିଖ ୨୮-୦୭-୨୦୨୫ ପ୍ରକାରେ ଯେଉଁ ନିଷ୍ପତି ଗ୍ରହଣ କରାଗଲା ତାହା ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ସାଭିମାନକୁ କ୍ଷତ ବିକ୍ଷତ କଲାଭଳି ଅନୁଭବ ହେଲା ।ଏହି ପରିପ୍ରେକ୍ଷୀରେ ଜିଲ୍ଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ବହୁ ଦିନର ପ୍ରତିକ୍ଷିତ ଦାବି ପ୍ରତି ସରକାର ସତନ୍ତ୍ର ଦୃଷ୍ଟି ଦେଉ ନଥିବାରୁ ଦାବିଗୁଡିକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ରାଜସ୍ୱ ଅମଲାଙ୍କ ପ୍ରତି ନ୍ୟାୟ ପ୍ରଦାନ କରିବା ପାଇଁ ତଥା ପଦବୀ ପୁନର୍ଗଠନ ଓ ରାଜସ୍ୱ ସହାୟକ ମାନଙ୍କ ମୂଳ ଦରମା ଲେଭେଲ-୯ (ଗ୍ରେଡ ପେ- ୪୨୦୦) ନେଇ ଓଡିଶା ରାଜସ୍ୱ ଅମଲା ସଂଘ, କେନ୍ଦୁଝର ଶାଖା ତରଫରୁ ସଂଘର ସଭାପତି ଜିତେନ୍ଦ୍ର କୁମାର ମହାପାତ୍ର ଏବଂ ସାଧାରଣ ସମ୍ପାଦକ ପ୍ରଭାତେନ୍ଦୁ ନାୟକଙ୍କ ନେତୃତ୍ୱରେରେ କେନ୍ଦୁଝର ଜିଲ୍ଲାର ସମସ୍ତ ବିଧାୟକମାନଙ୍କୁ ଶୁକ୍ରବାର ଦିନ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୧୧ ତାରିଖରୁ ରିଖ ଠାରୁ ଅର୍ନିଦିଷ୍ଟ ସମୟ ପର୍ଯ୍ୟନ୍ତ ସମୂହ ଛୁଟିରେ ଯିବା ପୂର୍ବରୁ ୩ାରିଖ ରବିବାରଦିନ କଲେକ୍ଟୋରେଟ କଲଚାରଲ କ୍ଲବ ଠାରେ ରାଜସ୍ୱ ଅମଲା ମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯାଇଛି।

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୦୫)
-ମୋକ୍ଷଯୋଗଃ-
(ଶ୍ରୀଭଗବାନୁବାଚ)

**ଯଜ୍ଞଦାନତପଃକର୍ମ୍ମ ନ ତ୍ୟାଜ୍ୟଂ କାର୍ଯ୍ୟମେବ ତତ୍ ।**
**ଯଜ୍ଞୋ ଦାନଂ ତପଶ୍ଚୈବ ପାବନାନି ମନୀଷିଣାମ୍ ।। ୫ ।।**

(ପ୍ରଥମଂ ତାବତ୍ ନିଶ୍ଚୟଂ ଆହ ଦ୍ୱାଭ୍ୟାଂ)- ଯଜ୍ଞଦାନତପଃକର୍ମ୍ମ ନ ତ୍ୟାଜ୍ୟଂ, ତତ୍ କାର୍ଯ୍ୟଂ ଏବ । ଯଜ୍ଞଃ ଦାନଂ, ତପଃ ଚ ମନୀଷିଣାଂ ( ମୁମୁକ୍ଷଉଣାଂ) ପାବନାନି (ଚିତ୍ତଶୁଦ୍ଧିକରାଣି) ଏବ ।। ୫ ।।

# ଦଳ ବଦଳ ନିରୋଧ ଆଇନର ପ୍ରାସଙ୍ଗିକତା

ଗତ ଗୁରୁବାର (୩୧, ଜୁଲାଇ ୨୦୨୫)ରେ ଭାରତର ସର୍ବୋଚ୍ଚ ଅଦାଲତ ଗୋଟିଏ ମାମଲାରେ ଗଣତନ୍ତ୍ରର ମୂଳଦୁଆକୁ ସୁଦୃଢ଼ କରାଯିବା ବିଷୟରେ କେବଳ କହି ନାହାନ୍ତି, ସଂସଦରେ ବା ବିଧାନସଭାରେ ଦଳ ବଦଳ ନିରୋଧ ଆଇନଟି ବାଚସ୍ପତିମାନଙ୍କ ପକ୍ଷପାତିତା ଯୋଗୁଁ କିପରି ଅକାମୀ ହୋଇଯାଉଛି, ଆବେଦନକାରୀଙ୍କ ଆବେଦନ ସତ୍ତ୍ୱେ କିପରି ସଦସ୍ୟମାନଙ୍କୁ ଅଯୋଗ୍ୟ ବୋଲି ଘୋଷଣା କରିବା ପ୍ରକ୍ରିୟା ବିଳମ୍ବିତ ହେଉଛି, ସେ ବିଷୟରେ ମଧ୍ୟ ସୂଚନା ଦେଇଛନ୍ତି ।

ଉଲ୍ଲେଖନୀୟ ଯେ ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଦଳ ବଦଳ କରି ଗୋଟିଏ ରାଜନୀତିକ ଦଳରୁ ପଞ୍ଝାଏ ଆଉ ଗୋଟିଏ ରାଜନୀତିକ ଦଳକୁ ସୁବିଧାରେ ଡିଆଁ ମାରିବା ଏକ ଘୃଣ୍ୟ ପରମ୍ପରାରେ ପରିଣତ ହୋଇଥିଲା । ସେ ଯାହା ହେଉ, ସେ ଦିଗରେ ସଂସ୍କାର ଆଣିବାକୁ ଏହି ଦଳବଦଳ ନିରୋଧ ଆଇନ ପ୍ରଣୀତ ହୋଇଥିଲା । ଏହି ଆଇନ ବଳରେ ସହଜରେ ଗୋଟିଏ ଦଳରୁ ଆଉ ଗୋଟିଏ ରାଜନୀତିକ ଦଳକୁ ଯିବା କଷ୍ଟସାଧ୍ୟ ମନେହେଲେ ମଧ୍ୟ, କଷ୍ଟରେ ଯିବା ମଧ୍ୟ ସମ୍ଭବପର ହେଉଥିଲା । ଯାହା ହେଲେ ବି ଏହି 'ଆୟାରାମ ଓ ଗୟାରାମ' ନୀତି ଆମ ଗଣତନ୍ତ୍ରକୁ ଠିକ୍ ବାଟରେ ନେଇ ପାରିବ ନାହିଁ । ଲୋକଙ୍କ ହିତ ସାଧନ ପାଇଁ ନୁହେଁ, ରାଜନୀତିକ ବ୍ୟକ୍ତି ଓ ଦଳମାନେ ନିଜ ନିଜର ସ୍ୱାର୍ଥ ସାଧନ ଲାଗି ଏହା କରିଥା'ନ୍ତି, ବିଧାୟକ ବା ସାଂସଦ ଭାବରେ । କୌଣସି ନିର୍ବାଚିତ ବିଧାୟକ ବା ସାଂସଦ ହୋଇ ନଥିଲେ, ଗୋଟିଏ ରାଜନୀତିକ ଦଳର ନିର୍ଦ୍ଦିଷ୍ଟ ବ୍ୟକ୍ତିମାନେ ଅନାୟାସରେ ଆଉ ଏକ ରାଜନୀତିକ ଦଳରେ 'ମିଶ୍ରଣ ପର୍ବ' ଜରିଆରେ ମିଶିପାରିବେ । ତଦ୍ୱାରା ଦଳର ସୁନାମ ବଢ଼େ କି ଦଳ ମଜଭୁତ ହୁଏ, ସେ କଥା ହୁଏତ କହି ହେଉନି । ମାତ୍ର ବେଳେ ବେଳେ, ଭଲ ଲୋକଙ୍କ କ୍ଷେତ୍ରରେ ସେ ଦଳ ବଦଳ କରିଥିଲେ, ତାଙ୍କର ବା ଦଳର ମର୍ଯ୍ୟାଦା ବଢ଼ିଥିବା ପରି ଲାଗେ । ନିର୍ବାଚନ ପ୍ରଚାରରେ ମଧ୍ୟ ତାହାର ପ୍ରଭାବ ପଡ଼ିଥିବା ଜଣାପଡ଼ିଥାଏ । ମାତ୍ର ସବୁ କ୍ଷେତ୍ରରେ ଏହା ହୁଏ ନାହିଁ । ଭାରତର ଶିକ୍ଷିତ ଓ ସଚେତନ ଲୋକେ, ଅନେକ ସମୟରେ ଏପରି ମିଶ୍ରଣ ପର୍ବ ବା ଦଳବଦଳ ନୀତିକୁ ଭଲ ଦୃଷ୍ଟିରେ ଦେଖନ୍ତି ନାହିଁ ।

ଏହି ଦଳବଦଳ ଆଇନଟି ସମ୍ବିଧାନ ସଂଶୋଧନ କରାଯାଇ ହୋଇଛି । ଏହା ୫୨ତମ ସମ୍ବିଧାନ ସଂଶୋଧନ ତାଲିକାର ଅର୍ନ୍ତଭୁକ୍ତ । ନିର୍ବାଚିତ ସାଂସଦ ବା ବିଧାୟକମାନେ ଚାହିଁଲେ ସହଜରେ ଗୋଟିଏ ଦଳରୁ ଯାଇ ଆଉ ଏକ ଦଳରେ ମିଶିବା ଏହି ଆଇନ ବଳରେ ସହଜ ହୁଏ ନାହିଁ । ବିଗତ ୧୯୮୫ ମସିହାରେ ଏହି ଆଇନଟି ପ୍ରଣୀତ ହୋଇଥିଲା । ଏହା ସମ୍ବିଧାନର ଦଶମ ଅନୁସୂଚୀର ଅର୍ନ୍ତଭୁକ୍ତ ମଧ୍ୟ । ପୁଣି ଭାରତୀୟ ସମ୍ବିଧାନର ୯୧ତମ ସଂଶୋଧନ ନୀତି ଯାହା ୨୦୦୩ରେ ଆଇନରେ ପରିଣତ ହୋଇଥିଲା, ସେଥିରେ ପ୍ରାଥମିକ ପର୍ଯ୍ୟାୟରେ ମନ୍ତ୍ରିପରିଷଦର ସାଇଜ୍ ବା ଆକାର ବିଷୟରେ ମଧ୍ୟ ସୂଚନା ରହିଛି । ସେ କେନ୍ଦ୍ର ସରକାର ହୁଅନ୍ତୁ କି ରାଜ୍ୟ ସରକାର ହୁଅନ୍ତୁ । ଏହି ସଂଶୋଧନ ଆଇନରେ ମଧ୍ୟ ରହିଛି ଯେ ସଂସଦରେ ବିଧାନସଭାରେ ଯଦି କୌଣସି ସଦସ୍ୟ ଦଳ ବଦଳ କରିଥିବେ, ସେହି ଆଧାରରେ ତାଙ୍କୁ ଅଯୋଗ୍ୟ ସଦସ୍ୟ ବୋଲି ମଧ୍ୟ ଘୋଷଣା କରାଯାଇ ପାରିବ ।

ଏହି ଆଇନର ସଂଶୋଧନ କ୍ଷେତ୍ରରେ ମଧ୍ୟ ରହିଛି ଯେ ଲୋକସଭା ବା ବିଧାନସଭାମାନଙ୍କରେ ମନ୍ତ୍ରିପରିଷଦର ସଦସ୍ୟଙ୍କ ସଂଖ୍ୟାକୁ ( ପ୍ରଧାନମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀଙ୍କ ସମେତ ସର୍ବାଧିକ ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରୁ ୧୫ ପ୍ରତିଶତ ମନ୍ତ୍ରୀ ରହିପାରିବେ ।) ଅବଶ୍ୟ କ୍ଷୁଦ୍ର ରାଜ୍ୟଗୁଡ଼ିକ ମଧ୍ୟରେ ମିଜୋରାମ, ଗୋଆ ଓ ସିକିମ୍‌ରେ ଏହି ଆଇନର ବ୍ୟତିକ୍ରମକୁ ସୁଯୋଗ ଦିଆଯାଇଛି । ସେହି ତିନୋଟି ରାଜ୍ୟରେ ସର୍ବନିମ୍ନ ୧୨ ଜଣ ମନ୍ତ୍ରିପରିଷଦରେ ସଦସ୍ୟ ରହିବାର ନିୟମ ଲାଗୁ ହେବ ।

ଏହି ଦଳବଦଳ ନିରୋଧ ଆଇନ ପ୍ରସଙ୍ଗରେ ଭାରତର ପ୍ରଧାନ ବିଚାରପତି ଶ୍ରୀ ବି.ଆର୍. ଗୋଭାଇ ଓ ବିଚାରପତି ଶ୍ରୀ ଏ.ଜି. ମାସିଶଙ୍କୁ ନେଇ ଗଠିତ ଖଣ୍ଡପୀଠ ସେମାନଙ୍କ ରାୟରେ ତାଗିଦ କରି ଦେଇଛନ୍ତି ଯେ ତେଲେଙ୍ଗାନା ବିଧାନସଭାର ବାଚସ୍ପତି, ବି.ଆର୍.ଏସ୍. (ଭାରତ ରାଷ୍ଟ୍ର ସମିଥି)ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିବାକୁ ହୋଇଥିବା ଆବେଦନ ଉପରେ ତିନି ମାସ ମଧ୍ୟରେ ନିଷ୍ପତ୍ତି ନେବେ । ଉଲ୍ଲେଖନୀୟ ଯେ ବି.ଆର୍.ଏସ୍.ର ଦଶଜଣ ବିଧାୟକଙ୍କ ଉପରେ ସର୍ବୋଚ୍ଚ ଅଦାଲତ ଏହି ରାୟ ଜାରି କରିଛନ୍ତି ।

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟ ରାଜୀବ ଗାନ୍ଧି ଏହି ଦଳ ବଦଳ ନିରୋଧ ଆଇନ ପ୍ରଣୟନ କ୍ଷେତ୍ରରେ ମୁଖ୍ୟ ଭୂମିକା ନେଇଥିଲେ । ଏବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏହି ଆଇନରେ ସଂସ୍କାର ଆଣିବା ଲାଗି ଉଦ୍ୟମ କରିବା ଉଚିତ ।

## ସଙ୍କଳ୍ପ

**ଉଚ୍ଚ ହେବା ପାଇଁ,କର ଯେବେ ଆଶା,**
**ଉଚ୍ଚ କର ଆଗେ ,ନିଜ ମାତୃଭାଷା ।।**
**ଗଙ୍ଗାଧର ମେହେର**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ବିଶର ମହାନ୍ତି



**ଡକ୍ଟର ଭାସ୍କର ମିଶ୍ର**

ପ୍ରତ୍ୟେକ ଓଡ଼ିଆଙ୍କର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଜଣେ ବିଶିଷ୍ଟ ଭକ୍ତ ରୂପେ ବିଶର ମହାନ୍ତି ସୁପରିଚିତ ଅଟନ୍ତି । ବାସ୍ତବରେ ଆଜକୁ ଠିକ୍ ୪୫୭ ବର୍ଷ ପୂର୍ବେ କୋଟି ଓଡ଼ିଆଙ୍କ ପ୍ରାଣର ସ୍ପନ୍ଦନ ଦାରୁବ୍ରହ୍ମରୂପୀ ଚତୁର୍ଦ୍ଧା ବିଗ୍ରହଙ୍କ ବ୍ରହ୍ମ ପଦାର୍ଥକୁ ଉଦ୍ଧାର କରି ବୈଷ୍ଣବ ବିଶର ମହାନ୍ତି ମହାପ୍ରଭୁଙ୍କ ଜଣେ ଅନ୍ତରଙ୍ଗ ପରମ ଭକ୍ତ ହେବାର ଗୌରବ ଲାଭ କରିଥିଲେ ।

ଗଜପତି ମହାରାଜା ମୁକୁନ୍ଦ ଦେବଙ୍କ ଓଡ଼ିଶା ରାଜତ୍ୱ ସମୟରେ ବଙ୍ଗର ନବାବ ସୁଲେତାନ୍ କରାଣୀଙ୍କ ସେନାପତି କଳାପାହାଡ଼ ୧୫୬୮ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ଆକ୍ରମଣ କରିଥିଲା । ପୂର୍ବେ ସେ ଯଦିଓ ହିନ୍ଦୁ ବ୍ରାହ୍ମଣ ଥିଲା, କେତେକ ଐତିହାସିକ ତାର ପୂର୍ବ ନାମ କାଳାଚାନ୍ଦ ବୋଲି ଉଲ୍ଲେଖ କରିଛନ୍ତି । ପରିସ୍ଥିତି କ୍ରମେ ସେ ମୁସଲମାନ ଝିଅକୁ ବିବାହ କରିବା ପରେ ତାର ଜାତି ଭ୍ରଷ୍ଟ ହୋଇଯାଇଥିଲା । ସେତେବେଳେ ଶ୍ରୀମନ୍ଦିର ମୁକ୍ତିମଣ୍ଡପର ପଣ୍ଡିତମାନେ, ସନାତନ ଧର୍ମାବଲମ୍ବୀ ଧର୍ମଗୁରୁ ଓ ଆଚାର୍ଯ୍ୟମାନେ ପୁନଃ ହିନ୍ଦୁସମାଜରେ ସେ ସାମିଲ ହୋଇପାରିବ ନାହିଁ ବୋଲି ସ୍ପଷ୍ଟ ଭାବେ ଜଣାଇ ଦେବାରୁ ଦୁଃଖ, ଅଭିମାନ ଓ କ୍ରୋଧରେ ଜର୍ଜରିତ ହୋଇ କଳାପାହାଡ଼ ଫେରି ଯାଇଥିଲା । ସେହି ଅପମାନର ପ୍ରତିଶୋଧ ନେବା ପାଇଁ ସେ ଓଡ଼ିଶା ଆକ୍ରମଣ କରିବା ସମୟରେ ପୁରୀ ଶ୍ରୀମନ୍ଦିରର ଧ୍ୱଂସ ସାଧନ ନିମନ୍ତେ ଶ୍ରୀକ୍ଷେତ୍ର ଅଭିମୁଖେ ଅଗ୍ରସର ହୋଇଥିଲା । କଳାପାହାଡ଼ର ପ୍ରଚଣ୍ଡ ଆକ୍ରମଣ ଦେଖି ଶ୍ରୀମନ୍ଦିରର ପାଇକ, ସେବକ ଓ ଅନ୍ୟାନ୍ୟ ରାଜ କର୍ମଚାରୀମାନେ ଶ୍ରୀବିଗ୍ରହମାନଙ୍କୁ ଭାର୍ଗବୀ ନଦୀ ପଟେ ନେଇ ଚିଲିକା କୂଳସ୍ଥ ଛପଲିହାଥୀ ପଡ଼ାଠାରେ ପାତାଳି କରିଦେଇଥିଲେ । କିନ୍ତୁ କେତେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିଙ୍କ ଷଡ଼ଯନ୍ତ୍ର ଯୋଗୁଁ ସେ ମହାପ୍ରଭୁଙ୍କୁ ଠାବ କରି ହସ୍ତୀ ପିଠିରେ ହୁଗୁଳିର ଗଙ୍ଗାନଦୀ ତଟକୁ ନେଇ ସେଠାରେ ଅଗ୍ନିରେ ବିଗ୍ରହମାନଙ୍କୁ ନିକ୍ଷେପ କରି ଦେଇଥିଲା । ଏ ସମ୍ପର୍କରେ ଡଃ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସମ୍ପାଦିତ 'ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶ'ରେ ବର୍ଣ୍ଣିତ ଅଛି ଯେ, ସେ ଦିନୁ କଟକେ ରାଜା କେହି ରହି ନ ପାରିଲେ । ମୁଗଲେ ପୀଡ଼ା କରି ମାଡ଼ି ରହିଲେ । ପରୀକ୍ଷା ଦିବ୍ୟସିଂହ ପଟ୍ଟନାୟକ ଠାକୁରଙ୍କୁ ଘେନି ଗଲେ। ଏ ଗୋଳରେ ପରମେଶ୍ୱରଙ୍କୁ ଛପଲିହାଥୀ ପଡ଼ାରେ ପାତାଳି କରିଥିଲେ । ତହିଁକି ବୋଲି କଳାପାହାଡ଼ ଯାଇ ଠାବ କଲା, ମୁହାଣ ପାରି ହୋଇଗଲା। ଭେଉଁଆ କଢ଼ାଇ ଅଣ୍ଟାକ ପାଣିରେ ନେଲା ।। ସେଠାରୁ ପରମେଶ୍ୱରଙ୍କୁ ହାଥୀରେ ପକାଇ ଆଣିଲା। ବାନକୋଟି ଭଣ୍ଡାର ସେଠାରେ ଜୁର କଲା ।

* * * * * * * * * * * * * *

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଗଙ୍ଗାକୂଳ ତଣ୍ଡା ଯାଏଁ ନେଲା । କାଠ କୁଢ଼ାଇ ଅଗ୍ନୀରେ ପୁରାଇ ଜାଳି ଦେଲା। ତେଣେ ପଠାଣର ଦେହ ଖଣ୍ଡ ଖଣ୍ଡ ହୋଇ ଫାଟିଲା- କାଜି କହିଲା ଓଡ଼ିଶାର ଦେବତାଙ୍କୁ ଜଳାଇ ଦେଲୁ, ତେଣୁ କରି ତୋହାର ଦେହ ଫାଟିଲା । ଏହା ଶୁଣି ତାହାର ପୁଅ ପରମେଶ୍ୱରଙ୍କୁ ଗଙ୍ଗାରେ ମେଲି ଦେଲା । ସେ ଦାରୁ ଭାସି ଆସନ୍ତେ ଅମୁରା ଗୋଟିଏ ଜାଳ କାଠ ବୋଲି ଧରି ନେଇ ତାହା ବାରିରେ ପକାଇଲା । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ନେବାବେଳେ ବିଶର ମହାନ୍ତି ଯାଇଥିଲା । ବୈଷ୍ଣବ ହୋଇ ସାଙ୍ଗେ ସାଙ୍ଗେ ଗୋଡ଼ାଇ ଥିଲା ଆଠ ମାସ ରହି ବାଦ୍ୟପଣ କରି ଦାରୁ ମାଗିଲା । ବ୍ରହ୍ମ ଖୋଳ କରି ମୃଦଙ୍ଗ ପୁରାଇ ଘେନି ଅଇଲା । କୁଜଙ୍ଗ ଗଡ଼ରେ ଆଣି ପ୍ରବେଶ କଲା । ଖଣ୍ଡାଇତ ଓଳିଆ ଉପର ଦୁଇ ଠାକୁର ରହିଲେ ।

କଥିତ ଅଛିଯେ, ଭକ୍ତ ବିଶର ମହାନ୍ତି ମୃଦଙ୍ଗ ଖୋଳରେ ତିନି ବ୍ରହ୍ମ ପଦାର୍ଥକୁ ପୁରେଇ ଗଡ଼କୁଜଙ୍ଗରେ ପହଞ୍ଚିଥିଲା । ତେଣୁ ଏବେ ବି କୁହାଯାଏ, ବ୍ରହ୍ମ ଆଣିଲା ବିଶର ମହାନ୍ତି । ଗଡ଼ କୁଜଙ୍ଗର କୁଞ୍ଜବିହାରୀ ମନ୍ଦିରର ପୂର୍ବକୁ ମହାବୀରଙ୍କ ପୀଠ ବିଦ୍ୟମାନ । ଯେଉଁଠି ପ୍ରଥମେ ବିଶର ମହାନ୍ତି ତିନି ବ୍ରହ୍ମଙ୍କୁ ଗୋପନରେ ରଖିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବ୍ରହ୍ମ ପଦାର୍ଥଟି ଏପରି ଏକ ବସ୍ତୁ, ଯାହାକି ଏବେ ମଧ୍ୟ ରହସ୍ୟାବୃତ୍ତ ହୋଇ ରହିଛି । ୧୫୬୮ ଖ୍ରୀଷ୍ଟାବ୍ଦ ଠାରୁ ରତ୍ନସିଂହାସନ ଶ୍ରୀବିଗ୍ରହ ଶୂନ୍ୟ ହୋଇଯାଇଥିଲା । ଚକଡ଼ା ପୋଥିରୁ ଜଣାଯାଏ ଯେ, ସେହି ଖୋରଧା ଗଡ଼ ଶୁଭ ବେଳା ଦିନ ବୀର ରାମଚନ୍ଦ୍ରପୁର ବୋଲି ଏକ ଶାସନ କରିବେ ବୋଲି ରାଜସଭାରେ ପଚାରିଲେ ଶ୍ରୀପୁରୁଷୋତ୍ତମ ଦେଉଳରେ କେଉଁ ଦେବତା ବସାଇବାର ପ୍ରଶ୍ନ କଲେ । ମାତ୍ର କେହି କିଛି ଉତ୍ତର ନ ଦେଇ ବିସ୍ମିତ ହୋଇ ରହିଲେ । ରାତ୍ରୀରେ ରାଜାଙ୍କୁ ସ୍ୱପ୍ନରେ ଆଜ୍ଞା ହେଲା ଯେ ଆମ୍ଭେ କୁଜଙ୍ଗ ଠାରେ ବିଜେ କରି ରହିଅଛୁ । ସେ ଶାଳଖାକୁ ନୂଆ କରି ଦାରୁବ୍ରହ୍ମ ମୂର୍ତ୍ତି କରିବୁ । ଭିତର ପୋଟଳରେ ଆମ୍ଭଙ୍କୁ ବିଜେ କରାଇବୁ । ମହା ଅଣସରରେ ବାଲି ନୃସିଂହ ଠାରୁ ଆମ୍ଭଙ୍କୁ ବିଜେ କରାଇ ନେଇ ଦେଉଳ ଭିତରେ ରତ୍ନ ସିଂହାସନେ ବିଜେ କରାଇବୁ । ତହିଁ ପର ଦିନ ରାଜା ଭଟ୍ଟମିଶ୍ର ସାମନ୍ତ ଓ ଅନ୍ୟାନ୍ୟ ରାଜ କର୍ମଚାରୀ, କରଣମାନଙ୍କୁ ଡକାଇ ସ୍ୱପ୍ନ ବୃତ୍ତାନ୍ତ ପ୍ରକାଶ କରିଥିଲେ । ଶେଷରେ ରାଜା ବଡ଼ ପଦ୍ମନାଭ ପଟ୍ଟନାୟକଙ୍କୁ କୁଜଙ୍ଗରୁ ବ୍ରହ୍ମ ପଦାର୍ଥ ଆଣିବା ପାଇଁ ନିର୍ଦ୍ଦେଶ ଦେଲେ । ବିଶର ମହାନ୍ତି ଓ କୁଜଙ୍ଗାଧିପତିଙ୍କ ସହଯୋଗରେ ରାଜା ରାମଚନ୍ଦ୍ର ଦେବ (ପ୍ରଥମ)ଙ୍କ ନଅ ଅଙ୍କ ତଥା ରାଜତ୍ୱର ସପ୍ତମ ବର୍ଷରେ ୧୫୭୫ ଖ୍ରୀଷ୍ଟାବ୍ଦରେ କୁଜଙ୍ଗ ରାଜାଙ୍କ ସମ୍ମତିରେ ଗୋପନରେ ଲୁଚାଇ ପୂଜା କରୁଥିବା ବିଶର ମହାନ୍ତିଙ୍କ ଠାରୁ ବ୍ରହ୍ମ ପଦାର୍ଥକୁ ଉଦ୍ଧାର କରାଯାଇଥିଲା । ତାଳଚେର ଇତିହାସରୁ ଜଣାଯାଏ ଯେ, ରାଜାଙ୍କ ପ୍ରତିନିଧି ଭାବେ ବର୍ଦ୍ଧନ ରାଜଗୁରୁ ସୁନାବେତ ଧରି ବିଶର ମହାନ୍ତି ସଙ୍ଗରେ ଏକ ମହାପଟୁଆରରେ କୁଜଙ୍ଗ ପହଞ୍ଚିଥିଲେ ।

ଖୋରଧା କଟକରେ ବନଯାଗ ବିଧି ହୋଇ ୧୧ଅଙ୍କ କକଡ଼ା ୧୮ ଦିନ ଶ୍ରାବଣ ଶୁକ୍ଳ ନବମୀ ଦିନ (୧୫୭୭ ଖ୍ରୀଷ୍ଟାବ୍ଦ)ରେ ରତ୍ନ ସିଂହାସନରେ ନବନିର୍ମିତ ଦାରୁ ବିଗ୍ରହ ବିଜେ କଲେ । ବିଶର ମହାନ୍ତି ବ୍ରହ୍ମ ମୁଣ୍ଡାଇ ଧରି ଆସିଲେ । ତାଙ୍କରି ଯୋଗୁ ଦେବାଧିଦେବ ଶ୍ରୀ ବିଗ୍ରହଙ୍କୁ ଉତ୍କଳବାସୀ ଫେରି ପାଇଥିଲେ । ବିଶର ମହାନ୍ତି ଯେଉଁଠାରେ ନେଇ ମହାପ୍ରଭୁଙ୍କ ବ୍ରହ୍ମ ରଖିଥିଲେ, ସେ ସ୍ଥାନରେ ପରବର୍ତ୍ତୀ ସମୟରେ ତିନି ଠାକୁରଙ୍କ ମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲା । ସ୍ଥାନୀୟ ଅଞ୍ଚଳରେ ଜନଶ୍ରୁତି ରହିଛି ଯେ, ବିଶର ମହାନ୍ତି ତିନି ଠାକୁରଙ୍କ ବ୍ରହ୍ମ ପଦାର୍ଥ ନେଲାବେଳେ ମା' ସୁଭଦ୍ରାଙ୍କ ଆଦେଶ ଥିଲା ଯେ ଦୁଇ ଠାକୁରଙ୍କ ବ୍ରହ୍ମ ନେଇ ତାଙ୍କୁ ଏ ପ୍ରାଚୀନ ଅଶ୍ୱତ୍ଥ କ୍ଷେତ୍ରରେ ଛାଡ଼ି ଯିବାକୁ । ସେହିଦିନଠାରୁ ଅଶ୍ୱତ୍ଥ କ୍ଷେତ୍ର ସୁଭଦ୍ରା କ୍ଷେତ୍ର ନାମରେ ପରିଚିତ ହେଲା । କୁଜଙ୍ଗ ରାଜା ବିଶର ମହାନ୍ତିଙ୍କୁ ବିଶେଷ ଭାବେ ସମ୍ମାନିତ କରିଥିଲେ । ଗଡ଼କୁଜଙ୍ଗର ମନ୍ଦିର ପରିଚାଳନାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା । ଏତଦ୍‌ବ୍ୟତୀତ ଖୋର୍ଦ୍ଧା ଗଜପତିଙ୍କ ଦ୍ୱାରା ବିଶର ମହାନ୍ତିଙ୍କୁ ପୋର ନାୟକ ଉପାଧି ଶାଢ଼ି ପ୍ରଦାନ କରାଯାଇଥିଲା । ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସମ୍ପାଦିତ ମାଦଳା ପାଞ୍ଜିରେ ବର୍ଣ୍ଣିତ ବିବରଣୀ ଅନୁଯାୟୀ ଯଦୁବଂଶ ରାଜାଏ ଏଣେ ଉଦିତ ହୋଇଲେ ।

* * * * * * * * * * * *

ଅ୯ଙ୍କେ ରାଜା କୁଜଙ୍ଗ ଗଡ଼ରୁ ବ୍ରହ୍ମ ଅଣାଇଲେ । ଅ୧୧ଙ୍କେ କକଡ଼ା ଦି୧୮ ନ ଶ୍ରାବଣ ଶୁକ୍ଳ ନବମୀ ଦିନ ଶ୍ରୀପୁରୁଷୋତ୍ତମ ବଡ଼ ଦେଉଳେ ରତ୍ନସିଂହାସନେ ବିଜେ କରାଇଲେ । ବ୍ରହ୍ମ ଆଣିଲା ବିଶର ମହାନ୍ତି ପୋର ନାଏକ କଲେ । ଦାରୁବ୍ରହ୍ମ ଘେନି ଅଇଲା ଏ ତାଟି ଭିତରେ ପଶିବ ବୋଲି ଶାଢ଼ି ଦେଲେ ।

**ଏହି ଘଟଣାରୁ ଅନୁମିତ ହୁଏ ଯେ ବୈଷ୍ଣବ ବିଶର ମହାନ୍ତି ଶ୍ରୀଜଗନ୍ନାଥଙ୍କର ଜଣେ ସେବକ ରୂପେ ତାଙ୍କର ଉପାସନା କରୁଥିଲେ । ତାଙ୍କ ବଂଶରେ କେହି ଉତ୍ତରାଧିକାରୀ ନଥିବାରୁ ସେ ସେବା ବିଲୁପ୍ତ ଘଟିଥିଲେ ହେଁ ପରମ ଭକ୍ତ ବିଶର ମହାନ୍ତି ଏବେ ବି ଉତ୍କଳବାସୀଙ୍କ ହୃଦୟରେ ସ୍ଥାନ ପାଇଆସୁଛନ୍ତି ।**

ମହା ନିର୍ଦ୍ଦେଶକ,
ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନ, ଭାରତ
ଶ୍ରୀଜଗନ୍ନାଥ ଧାମ, ପୁରୀ
ମୋ-୯୪୩୭୨୮୧୧୦୨
ଇମେଲ : drbhaskarmishra@gmail.com

# ଲୁପ୍ତ ହେଉଛି ସାଧବବୋହୂ !

**ପ୍ରେମାନନ୍ଦ ପାଣିଗ୍ରାହୀ**

ଭଗବାନଙ୍କର ଏକ ସୁନ୍ଦର ସୃଷ୍ଟି ସାଧବ ବୋହୂ । ଆଦ୍ୟ ମୌସୁମୀର ପ୍ରଥମ ବାରିଧାରା ମାଟିକୁ ସ୍ପର୍ଶ କରିବା ପରେ ନରମ ମାଟିର ସବୁଜ ଘାସ ଗାଲିଚା ଉପରେ ସାଧବ ବୋହୂର ଲାଲ୍ ଭେଲଭେଟ୍‌ର ଆସ୍ତରଣ ଖେଳିଯାଏ । ତାର ଲାଲ୍ ପାଟ ପିନ୍ଧା ଦେହଟି ଖୁବ୍ ସୁନ୍ଦର ଓ ନରମ । ତେଣୁ ଭକ୍ତ କବି ମଧୁସୂଦନ ରାଓ ଲେଖିଥିଲେ-

***'ଶ୍ୟାମଳ ଦୁର୍ବାଦଳେ ଶୋଭିତ ମହୀ,***
***ସାଧବ ବୋହୂ ତଥି ପରେ ଶୋଭଇ ।'***

ଓଡିଆ ଲୋକଗୀତରେ ବି କୁହାଯାଏ-

***'ନାଲି ଟୁକୁ ଟୁକୁ ସାଧବ ବୋହୂ,***
***ମେଘ ବରଷାରେ କୁଆଡେ ଯାଉ ।'***

ସାଧବ ଘରର ବୋହୂ ସହ ଏହି କ୍ଷୁଦ୍ର କୀଟକୁ ତୁଳନା କରାଯାଇଛି । ଅତୀତରେ ସମୁଦ୍ର ବାଣିଜ୍ୟରେ ପ୍ରସିଦ୍ଧି ଅର୍ଜନ କରିଥିବା ସାଧବମାନେ ବିଦେଶରୁ ବସ୍ତ୍ର ଓ ଅଳଙ୍କାର ଆଣି ନିଜ ସ୍ତ୍ରୀମାନଙ୍କୁ ସୁନ୍ଦର ପରିପାଟୀରେ ସଜାଉଥିଲେ । ଲାଲ୍ ପାଟ ପିନ୍ଧି ସେମାନେ ବୋଇତ ବନ୍ଦାଣ କରୁଥିଲେ । ତେଣୁ ସାଧବ ବୋହୂର ସୌନ୍ଦର୍ଯ୍ୟରେ ଆକର୍ଷିତ ହୋଇ ଏପରି ନାମକରଣ କରାଯାଇଥିବା ମନେହୁଏ ।

ପୃଥିବୀ ପୃଷ୍ଠର ସବୁଠୁ କୋମଳ ଜୀବ ଏହି ସାଧବ ବୋହୂ ଭିନ୍ନ ଭିନ୍ନ ନାମରେ ପରିଚିତ । କେତେକ ଏହାକୁ 'ପାଟ ପୋକ' କହୁଥିବା ବେଳେ କେଉଁଠି 'ବୀର ବାହୁଡି',କେଉଁଠି 'ରାନୀ କ୍ରିଡା','ସ୍କାଲେଡ ଫ୍ଲାଏ' ତ କେଉଁଠି 'ରେନ ବଗ' କୁହାଯାଏ । ତେବେ ଏହାର ଇଂରାଜୀ ନାମ 'ଭେଲ୍ଭେଟ୍ ମାଇଟ' । ବୈଜ୍ଞାନିକ ଭାଷାରେ ଏହାକୁ 'ଡାଇନୋଥ୍ରମିୟମ୍' କୁହାଯାଏ । ଏହାର ଶରୀରର ଆକାର ଲମ୍ବାଳିଆ ଓ ଗୋଲାକାର । ବର୍ଷା ଦିନକୁ ଛାଡିଦେଲେ ବର୍ଷର ଅନ୍ୟ ସମୟରେ ସାଧବବୋହୂକୁ ଦେଖିବାକୁ ମିଳେ ନାହିଁ ।

ମାଟିରୁ ଜନ୍ମ ନେଇ କିଛି ଦିନ ସମସ୍ତଙ୍କୁ ଆକର୍ଷଣ କରି ମାଟିରେ ହିଁ ଲୀନ ହୋଇଥାଏ ଏହି ପ୍ରାଣୀ । ମୃତ ସାଧବ ବୋହୂର ଶରୀରର ଜୀବାଶ୍ମ ଲାର୍ଭାରେ ପରିଣତ ହୋଇ ମାଟିରେ ବର୍ଷେ ପର୍ଯ୍ୟନ୍ତ ପଡି ରହେ ।

ମୌସୁମୀ ବାୟୁର ସ୍ପର୍ଶରେ ଏହି ଲାର୍ଭାରୁ ଅଣ୍ଡା ସୃଷ୍ଟି ହୁଏ । ଅଣ୍ଡା ସୃଷ୍ଟି ହେବାର ଦୁଇ ସପ୍ତାହ ପରେ ସେହି ଅଣ୍ଡାରୁ ସାଧବ ବୋହୂ ଜନ୍ମ ନିଏ । ସବୁଜ ଘାସପତ୍ର ଓ ଉଇକୁ ସାଧବବୋହୂ ଆହାର କରେ । ପୃଥିବୀର ବରଫାବୃତ୍ତ ଅଞ୍ଚଳକୁ ଛାଡି ଦେଲେ ଅନ୍ୟ ସମସ୍ତ ଅଞ୍ଚଳରେ ପ୍ରାୟ ସାଧବ ବୋହୂ ଦେଖାଯାନ୍ତି । ସୁଖ ଓ ସମୃଦ୍ଧିର ପ୍ରତୀକ ଭାବରେ ସାଧବ ବୋହୂକୁ ଗହଣ କରାଯାଏ ।

ସାଧବ ବୋହୂ ଦେଖା ଦେଲେ ସେ ବର୍ଷ ଭଲ ବର୍ଷା ହେବାର ସୂଚନା ଦିଏ ବୋଲି ଚାଷୀଭାଇଙ୍କ ବିଶ୍ୱାସ ରହିଛି । ଯଦି କାହା ଧାନ ବିଲ ହୁଡାରେ ବହୁଳ ଭାବରେ ସାଧବ ବୋହୂ ଦୃଶ୍ୟମାନ ହୁଏ, ତେବେ ମା' ଲକ୍ଷ୍ମୀଙ୍କ କୃପାରୁ ଅଧିକ ଧାନ ତା କ୍ଷେତରେ ଉତ୍ପନ୍ନ ହେବ ବୋଲି ଚାଷୀ ଆଶା କରେ । ସଧବା ଧରଣୀର ସିନ୍ଦୁର ଟୋପା ଭାବରେ ସାଧବ ବୋହୂକୁ ବର୍ଣ୍ଣନା କରାଯାଏ ।

ଶରୀରଟି ଲାଲ ରଙ୍ଗ ହୋଇଥିବାରୁ କୌଣସି ଜୀବ ସାଧବ ବୋହୁକୁ ଆକ୍ରମଣ କରନ୍ତି ନାହିଁ । ମଧ୍ୟ ଭରି ରହିଛି । ମୃତ ସାଧବ ବୋହୂକୁ ଖରାରେ ଶୁଖାଇ ଛତିଶଗଡ ରାଜ୍ୟର ଲୋକେ ଏକ ତେଲ ପ୍ରସ୍ତୁତ କରନ୍ତି । ପକ୍ଷାଘାତ ରୋଗୀଙ୍କ ପାଇଁ ଏହା ଏକ ଅବ୍ୟର୍ଥ ଔଷଧ ଭାବରେ ସେମାନେ ବ୍ୟବହାର କରନ୍ତି ।

ତେବେ ପହିଲି ଆଷାଢରେ ଦେଖାଯାଉଥିବା ସାଧବ ବୋହୂର ଗାଲିଚା ଏବେ ଆଉ ଦେଖିବାକୁ ମିଳୁନି । ପରିବେଶ ପ୍ରଦୂଷଣ ଓ କଂକ୍ରିଟର ଜଙ୍ଗଲ ଭିତରେ ବିଲୁପ୍ତିର ଦ୍ୱାର ଦେଶକୁ ଚାଲିଯାଇଛି ଏହି ନିରୀହ କୀଟଟି । ବିଲବାଡିରେ ବହୁଳ ଭାବରେ କୀଟନାଶକ ଔଷଧ ଓ ରାସାୟନିକ ସାର ବ୍ୟବହାର ଓ ଅମ୍ଳ ବର୍ଷା। ସାଧବ ବୋହୂର ବିନାଶର ଅନ୍ୟତମ ମୁଖ୍ୟ କାରଣ । ପ୍ରକୃତିର ଏହି ଅନୁପମ ସୃଷ୍ଟିଟି ମାନବିକ କାରଣ ଯୋଗୁଁ ଏକରକମ ସତ୍ତା ହରାଇ ବସିଛି କହିଲେ ଚଳେ ।

**ପୃଥିବୀ ପୃଷ୍ଠର ସବୁଠୁ କୋମଳ ଜୀବ ଏହି ସାଧବ ବୋହୂ ଭିନ୍ନ ଭିନ୍ନ ନାମରେ ପରିଚିତ । କେତେକ ଏହାକୁ 'ପାଟ ପୋକ' କହୁଥିବା ବେଳେ କେଉଁଠି 'ବୀର ବାହୁଡି',କେଉଁଠି 'ରାନୀ କ୍ରିଡା','ସ୍କାଲେଡ ଫ୍ଲାଏ' ତ କେଉଁଠି 'ରେନ ବଗ' କୁହାଯାଏ । ତେବେ ଏହାର ଇଂରାଜୀ ନାମ 'ଭେଲ୍ଭେଟ୍ ମାଇଟ' । ବୈଜ୍ଞାନିକ ଭାଷାରେ ଏହାକୁ 'ଡାଇନୋଥ୍ରମିୟମ୍' କୁହାଯାଏ । ଏହାର ଶରୀରର ଆକାର ଲମ୍ବାଳିଆ ଓ ଗୋଲାକାର । ବର୍ଷା ଦିନକୁ ଛାଡିଦେଲେ ବର୍ଷର ଅନ୍ୟ ସମୟରେ ସାଧବବୋହୂକୁ ଦେଖିବାକୁ ମିଳେ ନାହିଁ ।**

ତେବେ ଓଡ଼ିଆ ସାହିତ୍ୟ ଓ ପରମ୍ପରା ସହିତ ସାଧବ ବୋହୂର ରହିଛି ଭାବଗତ ସମ୍ପର୍କ । କବିତା, ଗଳ୍ପ, ଉପନ୍ୟାସରେ କେଉଁଠି ସାଧବ ବୋହୂ ସାଜିଛି ନାୟିକା ତ କେଉଁଠି ଅଲିଅଳି ରାଜଜେମା । ସାଧବ ବୋହୂର ରୂପଲାବଣ୍ୟ କବିର କଳ୍ପନା ଓ ଗାଳ୍ପିକର ଭାବନାକୁ ଆନ୍ଦୋଳିତ କରେ । ସାଧବ ବୋହୂକୁ ନେଇ ଅନେକ ଚଳଚ୍ଚିତ୍ର ଗୀତ ମନଛୁଆଁ ହୋଇପାରିଛି ।

ସାଧବ ବୋହୂ କେବଳ ସୌନ୍ଦର୍ଯ୍ୟର ପ୍ରତୀକ ନୁହେଁ । ଏହାର ଶରୀରରେ ଔଷଧୀୟ ଗୁଣ

ଭୁବନ,ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

# ବର୍ଷାଦିନିଆ ନାସା-ଗଳା-କର୍ଣ୍ଣ ସଂକ୍ରମଣ ସମସ୍ୟା

**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ବର୍ଷାଋତୁରେ ପ୍ରାୟତଃ ଅନେକ ବର୍ଷାରେ ଓଦା ହୋଇଯାଆନ୍ତି। ଲଗାଣ ବର୍ଷା ହେଉ ବା ଆଂଶିକ ବର୍ଷା, ଏହି ବର୍ଷା ଋତୁରେ କିନ୍ତୁ ବିଶେଷକରି କାନ, ନାକ ଓ ଗଳାରେ କେତେକ ସାଧାରଣ ରୋଗ ଦେଖାଇଥାଏ । ଆସନ୍ତୁ, ଜାଣିବା ସେ ନେଇ କ'ଣ କହୁଛନ୍ତି ବିଶେଷଜ୍ଞ ଡାକ୍ତର ।

ଆପଣଙ୍କ ପୂର୍ବରୁ କାନ ପାଚିବା ସମସ୍ୟା ଥିଲେ ଯଦି ବର୍ଷାରେ ଆପଣ ତିନ୍ତି ଯାଇ ବର୍ଷା ପାଣି ଆପଣଙ୍କ କାନ ଭିତରେ ପଶେ, ତେବେ ଏହା ଅନେକ ପରିପାର୍ଶ୍ୱିକ ସମସ୍ୟା ଓ ଆପଣଙ୍କ ପୂର୍ବ କାନ ପଚାର ଯନ୍ତ୍ରଣାକୁ ଦ୍ୱିଗୁଣିତ କରିଦେଇଥାଏ । କାନରୁ ପୂଜ, ଦୁର୍ଗନ୍ଧଯୁକ୍ତ ପାଣି ବା ଲସା ବାହାରିବା କାନପଚା ରୋଗର ମୁଖ୍ୟ ଲକ୍ଷଣ । କାନ ପାଚିଲେ ଅନେକ ସମୟରେ ଅସହ୍ୟ ଯନ୍ତ୍ରଣା ହୁଏ । ବ୍ୟାକ୍ଟେରିଆ, ଭାଇରସ ଓ ଫଙ୍ଗସ ସଂକ୍ରମଣ ଏହି ରୋଗର ମୁଖ୍ୟ କାରଣ । ଯେତେ ଶୀଘ୍ର ସମ୍ଭବ ନାସା-ଗଳା-କର୍ଣ୍ଣ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ଚିକିତ୍ସା ଆରମ୍ଭ କରିବା ଜରୁରୀ ।

ବର୍ଷା ଋତୁରେ ପାଣିପାଗ ଥଣ୍ଡାଳିଆ ରହୁଥିବାରୁ ଏବଂ ଏହି ସମୟରେ ବର୍ଷାରେ ଭିଜିଗଲେ ଅନେକଙ୍କ ଗଳା ଦରଜ ସମସ୍ୟା ଦେଖା ଦେଇଥାଏ । କେହି କେହି ପ୍ରାଥମିକ ଭାବେ ଏହାକୁ ହାଲକା ଭାବେ ଗ୍ରହଣ କରିଥାନ୍ତି କିନ୍ତୁ ପରବର୍ତ୍ତୀ ସମୟରେ ଏହା ଅତ୍ୟନ୍ତ ଯନ୍ତ୍ରଣାଦାୟକ ସାବ୍ୟସ୍ତ ହୋଇଥାଏ । ଗଳାର ଭିତର ପାଖରେ ଟନସିଲାଇଟିସ, ଫାରିଣ୍ଜାଇଟିସ, ଲାରିଣ୍ଜାଇଟିସ, ବ୍ରୋଙ୍କାଇଟିସ ଇତ୍ୟାଦି ରୋଗ ହେଲେ ତି ଦରଜ ହେବା ସହ ଜ୍ୱର ହୋଇଥାଏ । ତଣ୍ଟି ବସିଯାଏ । ଏହିପରି କିଛି ଲକ୍ଷଣ ଦେଖିଲେ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଔଷଧ ଖାଇବା ଉଚିତ ।

ବର୍ଷା ଦିନରେ ଅନେକ ଲୋକଙ୍କ ଠାରେ ନାକ ଚୁଣ୍ଟି ହେବା ଓ ନାକରୁ ରକ୍ତ ବାହାରିବାର ସମସ୍ୟା ଆଦି ଦେଖାଯାଇଥାଏ । ତେବେ ମୁଖ୍ୟ କଥା ହେଉଛି, ଏଗୁଡ଼ିକ କ୍ରନିକ ରାଇନାଟିସ ରୋଗର କେତେକ ସାଧାରଣ ଲକ୍ଷଣ । ଏହି ରୋଗର ସାମୂହିକ ଉପଶମ ପାଇଁ ଉଷୁମ ଲୁଣ ପାଣି ପକାଇ ନାକ ଭିତରକୁ ସଫା କରିବା ଏବଂ ନାକ ଚୁଣ୍ଟି ନହେବା ପାଇଁ ସାଧାରଣ ନାଜାଲ ଡ୍ରପ ପକାଇବା ଦରକାର । ଜରୁରୀ ଥିଲେ ଡାକ୍ତରଙ୍କ ପରାମର୍ଶକ୍ରମେ ଶଲ୍ୟ ଚିକିତ୍ସା ମଧ୍ୟ କରାଯାଇପାରେ । ତେବେ ଏହା ଆପଣଙ୍କ ସମସ୍ୟାକୁ ଦେଖି ଡାକ୍ତର ନିର୍ଣ୍ଣୟ ନେଇଥାନ୍ତି ।

ସେହିପରି ଏହି ଋତୁରେ ଅନେକ ପିଲାଙ୍କ ଠାରେ ଥ୍ରୋଟ୍ ଇନଫେକ୍ସନ ହୋଇଥାଏ । ଆମେ ସେମାନଙ୍କୁ ଆଣ୍ଟିବାୟୋଟିକ ଦେଇଥାଉ । ଥ୍ରୋଟ ଇନଫେକ୍ସନ ହେଲେ ଆମେ ଗରମ ଲୁଣ ପାଣି ନେଇ ଗଳ ଗଳ କରିବାକୁ କହିଥାଉ । ସେଥିରେ ନ କମିଲେ ଆଣ୍ଟିବାୟୋଟିକ ଖାଇବାକୁ ଦିଆଯାଏ । ବର୍ଷା ଦିନରେ ପିଲାଙ୍କୁ ଯଥାସମ୍ଭବ ଥଣ୍ଡାଖାଦ୍ୟ, ଥଣ୍ଡା ପାନୀୟ ଓ ଫ୍ରିଜରେ ରହିଥିବା ଖାଦ୍ୟ ଦିଅନ୍ତୁ ନାହିଁ । ତେବେ ଡାକ୍ତରଙ୍କ ପରାମର୍ଶ ବିନା ପୁଣି ଥରେ ସମାନ ଆଣ୍ଟିବାୟୋଟିକ୍ ଖାଇବା ଅନୁଚିତ । ବର୍ଷା ଋତୁରେ ଅନେକ ନାସା-ଗଳା-କର୍ଣ୍ଣ ସଂକ୍ରମଣ ଭୋଗୁଥିବା ରୋଗୀମାନେ ଜଟିଳ ଉଭୟ ନାକ ଓ ଗଳା ସମ୍ବନ୍ଧୀୟ ଯନ୍ତ୍ରଣାର ସାମ୍ନା କରିଥାନ୍ତି । ବାରମ୍ବାର ନାସା ଓ ଗଳା ସଂକ୍ରମଣ ହେଉଥିଲେ ନାକ ଭିତରକୁ ଲୁଣ ପାଣିରେ ଧୋଇ ସଫା ରଖନ୍ତୁ । କାନରେ କିଛି ସମସ୍ୟା ହେଲେ ଦୋକାନରୁ ଡ୍ରପସ କିଣି ପକାଇଦେବା କିମ୍ବା ଯନ୍ତ୍ରଣା ନିବାରକ ଔଷଧ ଖାଇବା ଅନୁଚିତ । ବେଳେ ବେଳେ କାନରେ ଫଙ୍ଗାଲ ଇନଫେକ୍ସନ ହୋଇଥାଏ, ସେତେବେଳେ ଜାଣି ନପାରି ଔଷଧ ଖାଇବା ଓ ପକାଇବା ଦ୍ୱାରା ରୋଗୀ ଶ୍ରବଣ ଶକ୍ତି ହରାଇବାର ଆଶଙ୍କା ଥାଏ । ବର୍ଷା ଋତୁଟି ଉଭୟ ଥଣ୍ଡା ଓ ବର୍ଷାର ସମସ୍ୟା ରହିବା ସହ ଲଗାଣ ବର୍ଷାରେ ଘଣ୍ଟା ଘଣ୍ଟା ଧରି ତିନ୍ତିବା ଓ ଏହାର ପାଣି ନାକ ବା କାନରେ ପଶିବା ପରବର୍ତ୍ତୀ ସମୟରେ ଅନେକ ସମସ୍ୟା ସୃଷ୍ଟି କରିଥାଏ । ତେଣୁ ଯଥାସମ୍ଭବ ବର୍ଷାରେ ତିନ୍ତିବା ଠାରୁ ଦୂରେଇ ରୁହନ୍ତୁ । ପୂର୍ବରୁ କୌଣସି କାନ ସମସ୍ୟା ଥିଲେ ଇଏନଟି ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ଆମ ଶରୀରରେ କାନ-ନାକ-ଗଳା ଏପରି ଏକ ଶରୀର ତତ୍ତ୍ୱ ଯାହାକି କୌଣସି ଗୋଟିଏ ଶାରୀରିକ ସମସ୍ୟା ଅନୁଭବ କଲେ ତାହା ଅନ୍ୟ କ୍ଷେତ୍ରକୁ ସଂକ୍ରମିତ କରିବାର ସମ୍ଭାବନା ଅଛି । ତେଣୁ ବର୍ଷା ଦିନଟି ବିଶେଷକରି କର୍ଣ୍ଣ-ନାକ-ଗଳାକୁ ସୁରକ୍ଷିତ ରଖିବା ପାଇଁ ଚାହୁଁଥିଲେ ଉପରୋକ୍ତ ପରାମର୍ଶ ଗ୍ରହଣ କରିବା ଜରୁରୀ ।

ବାକ୍ ଶ୍ରବଣ ବିଶେଷଜ୍ଞ, କାଠଗୋଲା ରୋଡ଼,
ମଙ୍ଗଳାବାଗ, କଟକ,
ମୋ- ୯୪୩୮୨୭୬୭୬୦

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୫ ପ୍ରସ୍ତାବକୁ...

ପ୍ରୋତ୍ସାହନ ଆବେଦନଗୁଡ଼ିକର ଅନୁମୋଦନ ଲାଗି ୩ କମିଟି ରହିବ । ଶିଳ୍ପ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏସ୍‌ଡିଏଲ୍‌ସି କମିଟି ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ବିଭାଗୀୟ ସଚିବଙ୍କ ଅଧ୍ୟକ୍ଷତାରେ ସର୍‌ଏସ୍‌ଏଲ୍‌ଇସି ଯାହା ୨୫ ଲକ୍ଷରୁ ୧ କୋଟି ପର୍ଯ୍ୟନ୍ତ ଓ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏସ୍‌ଏଲ୍‌ଇସି ୧ କୋଟିରୁ ଅଧିକ ଟଙ୍କା ପାଇଁ ଗଠିତ ହୋଇଥିଲା । ସଂଶୋଧିତ ପ୍ରସ୍ତାବ ଅନୁଯାୟୀ ସମ୍ପୃକ୍ତ ଜିଲ୍ଲାପାଳ ଓ ମାଜିଷ୍ଟ୍ରେଟ୍‌ଙ୍କ ଅଧ୍ୟକ୍ଷତାରେ ଡିଏଲ୍‌ସି ଶିଳ୍ପ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏସ୍‌ଡିଏଲ୍‌ସି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଏସ୍‌ଏଲ୍‌ସି ଗଠନ କରାଯିବ । ଜଳସମ୍ପଦ ବିଭାଗର ମୁଖ୍ୟମନ୍ତ୍ରୀ ଆଡିବନ୍ଧ ଡିଆରି ଯୋଜନା ୩୧ରେ ୩୧୫୨୯ ଆଡିବନ୍ଧର ପୁନରୁଦ୍ଧାର ପାଇଁ ଯୋଜନା କରାଯାଇଛି । ଅତିରିକ୍ତ ୫ ବର୍ଷ ଯଥା ୨୦୨୫-୨୬ରୁ ୨୦୨୯-୩୦ ପର୍ଯ୍ୟନ୍ତ ଏହି ଯୋଜନାରେ ୨୭୩୩ କୋଟି ଆନୁମାନିକ ମୂଲ୍ୟରେ ସମ୍ପ୍ରସାରଣକୁ ଅନୁମୋଦନ କରାଯାଇଛି । ଏହାଦ୍ୱାରା ୫୨୫୨୫ ହେକ୍ଟର ଅତିରିକ୍ତ ଜଳସେଚନ କ୍ଷମତା ସୃଷ୍ଟି ହେବାସହ ୪୧୨୭୩ ହେକ୍ଟର ଚାଷଜମିକୁ ପୁନଃ ଜଳସେଚନର ବ୍ୟବସ୍ଥା କରାଯାଇପାରିବ ।

## ଓଟିଇଟି...

କ୍ୟାଡର ଶିକ୍ଷକ ସଂଘର ପୂର୍ବତନ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମିଶ୍ର ଏବଂ କୋରାପୁଟ ଜିଲ୍ଲାର ପୂର୍ବତନ କ୍ୟାଡର ଶିକ୍ଷକ ସଂଘର ସଭାପତି ସନାତନ ବିଶୋୟୀଙ୍କ ସହ ଅଭିଯୁକ୍ତ ଶ୍ରୀ ଖମାରୀ ଏହି ଅପରାଧିକ ଷଡ଼ଯନ୍ତ୍ରରେ ସାମିଲ ଥିଲେ । ସେ ଓଡ଼ିଶାର ମାଧ୍ୟମିକ ଶିକ୍ଷା ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣାଙ୍କଠାରୁ ପ୍ରଶ୍ନପତ୍ର ପାଇବା ସହ ତାକୁ ନିଜ ହାତଲେଖାରେ ସେଗୁଡ଼ିକୁ ନକଲ କରିଥିଲେ ।

ଖମାରୀଙ୍କ ବିରୁଦ୍ଧରେ ଏହି ଲିକ୍ ହୋଇଥିବା ପ୍ରଶ୍ନପତ୍ରଗୁଡ଼ିକୁ ପୂର୍ବ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାରେ ବିଫଳ ହୋଇଥିବା ଶିକ୍ଷକମାନଙ୍କୁ ବିକ୍ରି କରିବାର ଅଭିଯୋଗ ହୋଇଛି । ଆର୍ଥିକ କାରବାରର ତଦନ୍ତରୁ ଜଣାପଡ଼ିଛି ଯେ, ସେ ଶିକ୍ଷକମାନଙ୍କଠାରୁ ଟଙ୍କା ସଂଗ୍ରହ କରିବା ପରେ ଫୋନ ପେ ମାଧ୍ୟମରେ ବିଜୟ କୁମାର ମିଶ୍ରଙ୍କୁ ୯୯,୦୦୦ ଟଙ୍କା ସ୍ଥାନାନ୍ତର କରିଥିଲେ । ତାଙ୍କ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକ ବର୍ତ୍ତମାନ ଯାଞ୍ଚ କରାଯାଉଛି ।

କ୍ରାଇମବ୍ରାଞ୍ଚ ଖମାରୀଙ୍କ ମୋବାଇଲ ଫୋନ୍ ଜବତ କରିଛି ଏବଂ ହାତଲେଖା ନମୁନା ସଂଗ୍ରହ କରିଛି, ଯାହାକୁ ପରୀକ୍ଷା ପାଇଁ ହ୍ୟାଣ୍ଡରାଇଟିଙ୍ଗ ବ୍ୟୁରୋ ଏବଂ ସାଇବର ଫୋରେନସିକ୍ ପଠାଯିବ ବୋଲି ଡିଆଇଜି ଶ୍ରୀ ଗଙ୍ଗାଧର ସୂଚନା ଦେଇଛନ୍ତି । ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିମାନଙ୍କୁ ଚିହ୍ନଟ ଏବଂ ଗିରଫ କରିବା ପାଇଁ ଅଧିକ ତଦନ୍ତ ଜାରି ରହିଛି ।

## 'ପୁଷ୍ପରାଜ'କୁ...

ମିଶ୍ର ଓ ସୁପ୍ରିୟା ନାୟକ ବ୍ୟତୀତ ଚୌଧୁରୀ ବିକାଶ ଦାସ, ଅଶ୍ରୁମୋଚନ ମହାନ୍ତି, ତ୍ରିଭୁବନ ପଣ୍ଡା, ଅଳକା ଶତପଥୀ, ରବି ମିଶ୍ର ଓ ଶଙ୍କର ପ୍ରଧାନ ପ୍ରମୁଖ ବିଭିନ୍ନ ଚରିତ୍ରରେ ନଜର ଆସିଥିଲେ । ଫିଲ୍ମର କାହାଣୀ ଲେଖକ ଶଙ୍କର ତ୍ରିପାଠୀଙ୍କ ଦ୍ୱାରା ରଚିତ ଉପନ୍ୟାସ ନାଦବିନ୍ଦୁ ଉପରେ ଆଧାରିତ । ଏଥିରେ ପୁଷ୍ପରା ପରମ୍ପରାକୁ ବଡ଼ ସ୍କ୍ରିନରେ ପ୍ରଦର୍ଶିତ କରାଯାଇଥିଲା । ପୁରୀର ଜାଗାଘର, ସାହିଯାତ ଓ ଡଙ୍ଗା ଭସା ଭଳି ମୌଳିକ ପରମ୍ପରାକୁ ପୁରା ଓଡ଼ିଶା ଦେଖିଥିଲା । ଏବେ ଏହାକୁ ଜାତୀୟ ସ୍ତରରେ ସ୍ୱୀକୃତି ମିଳିଛି ।

## ପୁଣି...

ପ୍ରସବ ବେଦନା ଆରମ୍ଭ ହେବାରୁ ସ୍ଥାନୀୟ ଆଶା କର୍ମୀ ଉର୍ମିଳା ଠାକୁରଙ୍କୁ ଖବର ଦେଇଥିଲେ । ଖବର ପାଇ ଆଶା କର୍ମୀ ଉର୍ମିଳା ସର୍ଗିପାଲି ଗାଁରେ ପହଞ୍ଚି ବହୁ କଷ୍ଟରେ ନେଟୱାର୍କ ନଥିବାରୁ କୌଣସି ଏକ ସ୍ଥାନକୁ ଆସି ୧୦୮ ଆମ୍ବୁଲାନ୍ସକୁ ମୋବାଇଲରେ ଖବର ଦେଇଥିଲେ । ତେବେ କାରୀର ରାଜପଡ଼ା ୨୭ ବିରି ମୁହାଣ ଛକରୁ ସର୍ଗିପାଲିକୁ ପକ୍କା ରାସ୍ତା ନଥିବାରୁ କଳା ଓ ପଥୁରିଆ ରାସ୍ତା ଦେଇ ପ୍ରାୟ ୩ କିମି ରାସ୍ତା ଗର୍ଭବତୀ ମହିଳାଙ୍କୁ ବୁହା ହୋଇ ଅଣାଯିବା ବାଟରେ ଏକ ଶିଶୁ ସନ୍ତାନକୁ ଜନ୍ମ ଦେଇଥିଲେ । ବର୍ତ୍ତମାନ ଜନ୍ମ ପରେ ଅତି କଷ୍ଟରେ ମହିଳାଙ୍କୁ ତାଙ୍କ ସ୍ୱାମୀ ବୋହିକି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ପହଞ୍ଚାଇଥିଲେ । ଆମ୍ବୁଲାନ୍ସ ନିକଟରେ ପହଞ୍ଚିବା ପରେ ପ୍ରସୂତି ମହିଳା ଓ ନବଜାତ ଶିଶୁକୁ ଆମ୍ବୁଲାନ୍ସରେ ଆଣି କୋକସରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଡାକ୍ତରଖାନାରେ ପହଞ୍ଚିବା ପରେ ନବଜାତ ଶିଶୁର ସ୍ୱାସ୍ଥ୍ୟ ପରୀକ୍ଷା ପରେ ଠିକ ଥିବାବେଳେ ମାଙ୍କ ଅବସ୍ଥା ମଧ୍ୟ ଠିକ ଥିବା ଜଣାପଡ଼ିଛି । ତେବେ ଅତ୍ୟଧିକ ରକ୍ତସ୍ରାବ ଯୋଗୁ ମହିଳାଙ୍କୁ କିଛି ମାତ୍ରାରେ ଅସୁସ୍ଥ ଥିବା ଜଣାପଡ଼ିଛି । ତେବେ କୋକସରା ଡାକ୍ତରଖାନାରେ ମା ଓ ପୁଅଙ୍କ ଚିକିତ୍ସା ଜାରି ରହିଛି । ଏଠି ପ୍ରଶ୍ନ ଉଠେ ଯେ ୭ ଦଶନ୍ଧିର ସ୍ୱାଧୀନତା ପରେ ମଧ୍ୟ ଆଦିବାସୀ ଅଧ୍ୟୁଷିତ ଓ ଆର୍ଥିକ କ୍ଷେତ୍ରରେ ପଛୁଆ ଜିଲ୍ଲାର ଗ୍ରାମାଞ୍ଚଳରେ ସର୍ବନିମ୍ନ ସ୍ୱାସ୍ଥ୍ୟସେବା, ରାସ୍ତାଘାଟର ଭିତ୍ତିଭୂମି ସୁଦୃଢ଼ ହୋଇପାରିନାହିଁ । ଜଙ୍ଗଲ ଭିତରେ ଥିବା ଗୋଟିଏ ରାଜସ୍ୱ ଗ୍ରାମକୁ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଯାଇନପାରିବା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି । ସେମାନେ କହିଛନ୍ତି ଯେ ଆଉ କେତେ ବର୍ଷ ଓ କେତେ ନିର୍ବାଚନ ସରିଲେ ଆମ ଗାଁ କୁ ଭଲ ରାସ୍ତା ଟିଏ ହେବ । ଏପରିକି ଅଞ୍ଚଳରେ ସ୍କୁଲ ଭିତ୍ତିଭୂମି ମଧ୍ୟ ଅତି ନିମ୍ନ ମାନର ଥିବା ବେଳେ ପ୍ରଶାସନର ଦୃଷ୍ଟି କେବେ ପଡ଼ିବ ତାହା ଦେଖିବାକୁ ବାକି ରହିଲା ।

## ନିରାପତ୍ତା...

ସୁରକ୍ଷା ସହଭାଗିତା ନେଇ କୌଣସି ପ୍ରଭାବ ପଡିବ ନାହିଁ ।

ଆମେରିକା ଲଗାଇଥିବା ଶୁଳ୍କ ଉପରେ ଆଜି ଏମ୍‌ଇଏ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଥିଲା । ଏମ୍‌ଇଏ ମୁଖପାତ୍ର ଶ୍ରୀ ଜୟଶ୍ୱାଲ କହିଥିଲେ ଯେ ଭାରତର ପ୍ରତିରକ୍ଷା କ୍ରୟ ନିଜର ରାଷ୍ଟ୍ରୀୟ ସୁରକ୍ଷା ଓ ରଣନୈତିକ ମୂଲ୍ୟାଙ୍କନ ରଣନୀତି ଉପରେ ଆଧାରିତ । ଉଭୟ ଦେଶର ସହଭାଗିତା ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଲୋକ ଲୋକଙ୍କ ମଧ୍ୟରେ ବୁଝାମଣା ଓ ସହଭାଗିତା ଉପରେ ସୃଷ୍ଟି ହୋଇଛି । ଉଭୟ ଦେଶ ମଧ୍ୟରେ ସୁରକ୍ଷା ବୁଝାମଣା ସୁଦୃଢ଼ ରହିଛି । ଏହା ଆଗକୁ ବଢ଼ିବ । ଭାରତ ଓ ଆମେରିକାର ବୁଝାମଣା ଏକବିଂଶ ଶତାବ୍ଦୀରେ ବୃଦ୍ଧି ପାଇଛି । ଆମେରିକା ଭାରତର ୬ କମ୍ପାନୀକୁ ତେଲ ବିକିବା ନେଇ ନିଷିଦ୍ଧ କରିବା ଓ ପାକିସ୍ତାନକୁ ତେଲ ଯୋଗାଇବା ସମ୍ପର୍କରେ ଶ୍ରୀ ଜୟଶ୍ୱାଲ କୌଣସି ମନ୍ତବ୍ୟ ଦେଇନାହାନ୍ତି । ସେ ଏହା ଉପରେ କିଛି କହିବେ ନାହିଁ ବୋଲି କହିଛନ୍ତି । ଋଷ୍ ସହ ଭାରତ ସମ୍ପର୍କ ସମ୍ପର୍କରେ ସେ କହିଛନ୍ତି ଯେ ବିଭିନ୍ନ ଝଡଝଞ୍ଜା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ଏହା ତିଷ୍ଠି ରହିଛି । ଦିନକୁ ଦିନ ଅଧିକ ସୁଦୃଢ଼ ହେଉଛି । ବିଭିନ୍ନ ସମୟରେ ଭାରତ-ଋଷ୍ ସମ୍ପର୍କରେ ଭାରତ ଭଙ୍ଗା ପକାଇବାକୁ ଉଦ୍ୟମ କରିଥିଲେ ହେଁ ଏଥିରେ ସଫଳତା ମିଳିନାହିଁ । ଟ୍ରମ୍ପଙ୍କ ଶୁଳ୍କ ସତ୍ତ୍ୱେ ଭାରତ ଅବିଚଳିତ ରହିଛି । ଭାରତ ଓ ଋଷ୍ ସମ୍ପର୍କ କଷଟିରେ ଉତ୍ତୀର୍ଣ୍ଣ ହୋଇଛି । ଆମର ଶକ୍ତି ଆବଶ୍ୟକତାକୁ ନେଇ ବିଶ୍ୱର ସ୍ଥିତି ଅନୁଯାୟୀ ଆମେ ବଜାରରୁ ତୈଳ କିଣିବୁ । ଋଷ୍ ସହ ଆମର ସମ୍ପର୍କ ବହୁ ସମୟରେ ପରୀକ୍ଷିତ ହୋଇଛି ବୋଲି ସେ କହିଛନ୍ତି ।

## ୪ ସୁଦ୍ଧା...

ସମ୍ବେଦନଶୀଳତା ଏବଂ ସଚେତନତାକୁ ପ୍ରୋତ୍ସାହିତ କରିବେ । ଝିଅମାନଙ୍କ ଅଧିକାରକୁ ସମର୍ଥନ କରୁଥିବା ସକାରାତ୍ମକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ପାଇଁ ଆତ୍ମରକ୍ଷା, ସ୍ୱାସ୍ଥ୍ୟ ସଚେତନତା, ଆଇନଗତ ସାକ୍ଷରତା, ଜୀବନ କୌଶଳ, ନୈତିକ ମୂଲ୍ୟବୋଧ ଇତ୍ୟାଦି ଉପରେ ତାଲିମ/କର୍ମଶାଳା/ବ୍ୟବସ୍ଥାପନ କରିବାକୁ କୁହାଯାଇଛି ।

ସେହିଭଳି ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରଖି ସେମାନଙ୍କୁ ଉପଯୁକ୍ତ ସାହାଯ୍ୟ ଏବଂ ଆଇନଗତ ସହାୟତା ପ୍ରଦାନ କରିବା ସମେତ ସଙ୍କଟରେ ପଡ଼ିଥିବା ଛାତ୍ରୀମାନଙ୍କ ପାଇଁ ସହାୟତା ସେବା ଯୋଗାଇବାକୁ କୁହାଯାଇଛି । ସହକର୍ମୀ ସମ୍ପର୍କ କାର୍ଯ୍ୟକଳାପର ନେତୃତ୍ୱ ନେବା ପାଇଁ ପରାମର୍ଶଦାତା ଶକ୍ତିଶ୍ରୀ ସାଥୀ ଏବଂ ଛାତ୍ର ସ୍ୱେଚ୍ଛାସେବୀମାନଙ୍କୁ ସାମିଲ କରନ୍ତୁ । ସଚେତନତା ଏବଂ ସହାୟତା ସେବା ପାଇଁ ଶକ୍ତିଶ୍ରୀ ଅପା, ସ୍ଥାନୀୟ କର୍ତ୍ତୃପକ୍ଷ, ଏନଜିଓ ଏବଂ ସେବା ପ୍ରଦାନକାରୀଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି ।

ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରଛାତ୍ରୀଙ୍କୁ ବିତର୍କ, ପଥପ୍ରାନ୍ତ ନାଟକ, ନାଟକ, ପୋଷ୍ଟର ତିଆରି, ସ୍ଲୋଗାନ ଲେଖା ଇତ୍ୟାଦି ସୃଜନଶୀଳ ଏବଂ ଅଂଶଗ୍ରହଣକାରୀ ମଞ୍ଚ ମାଧ୍ୟମରେ ମହିଳା ଅଧିକାର, ସୁରକ୍ଷା ଏବଂ ସଶକ୍ତିକରଣ ସହିତ ଜଡିତ ଗୁରୁତ୍ୱପୂର୍ଣ୍ଣ ଜାତୀୟ ଏବଂ ଆନ୍ତର୍ଜାତୀୟ ଦିବସଗୁଡ଼ିକୁ ସ୍ମରଣୀୟ କରିବା ପାଇଁ କାର୍ଯ୍ୟକ୍ରମ ଆୟୋଜନ କରି ସଚେତନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସମୟାନୁସାରେ ରିପୋର୍ଟ, ସଫଳତାର କାହାଣୀ ଏବଂ ପ୍ରଭାବ ଡକ୍ୟୁମେଣ୍ଟେସନ୍ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଦାଖଲ କରନ୍ତୁ । ଆସନ୍ତା ୪ ତାରିଖ ପୂର୍ବରୁ ଶକ୍ତିଶ୍ରୀ ସଂଯୋଜିକାଙ୍କୁ ନିଯୁକ୍ତି ସହିତ ଦାୟିତ୍ୱ ଦେବାକୁ ସମସ୍ତ ବିଶ୍ୱବିଦ୍ୟାଳୟ ସମସ୍ତ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଓ କଲେଜ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ଛାତ୍ରୀଙ୍କୁ...

ଉଚ୍ଚଶିକ୍ଷା ପ୍ରତିଷ୍ଠାନ ପରିଦର୍ଶନ ପାଇଁ ଯାତ୍ରା ଏବଂ ଦୈନିକ ଭତ୍ତା ସମ୍ପୃକ୍ତ ଉଚ୍ଚ ଶିକ୍ଷା ସଂସ୍ଥା ଦ୍ୱାରା ବହନ କରାଯିବ ।

ଶକ୍ତି ଅପା ପାଇଁ ମହିଳା ସୁରକ୍ଷା ଓ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ମହିଳା ସାମାଜିକ କର୍ମୀ ହୋଇଥିବେ, ପୋଲିସ ଏବଂ ସଶସ୍ତ୍ର ବାହିନୀର ଅବସରପ୍ରାପ୍ତ ମହିଳା ସରକାରୀ କର୍ମଚାରୀଙ୍କୁ ବିଶେଷ ଭାବରେ ଗୁରୁତ୍ୱ ଦିଆଯିବ । ଆଇନ ଏବଂ ସାଇବର ସୁରକ୍ଷା ବିଶେଷଜ୍ଞ ଜଣେ ଯୋଗ୍ୟ ବୃତ୍ତିଗତ ଯିଏକି ଆଇନ, ଆଇନଗତ ଅଧିକାର ଏବଂ ଡିଜିଟାଲ୍ ସୁରକ୍ଷାରେ ବିଶେଷଜ୍ଞ ଅଭିଜ୍ଞତା ରଖିଥିବେ । ମହିଳା ସ୍ୱାସ୍ଥ୍ୟ ଏବଂ ମାନସିକ ସାମାଜିକ ପ୍ରସଙ୍ଗରେ ଅଭିଜ୍ଞତା ସହିତ ଜନସ୍ୱାସ୍ଥ୍ୟ ବିଶେଷଜ୍ଞ/ମନୋବିଜ୍ଞାନ ପରାମର୍ଶଦାତା ହୋଇଥିବା ଦରକାର । ଶିକ୍ଷା ବିଶେଷଜ୍ଞ, ଯେପରିକି ବିଶ୍ୱବିଦ୍ୟାଳୟ ଛାତ୍ର କଲ୍ୟାଣ କମିଟିର ସଂଯୋଜକ କିମ୍ବା ଏକ ପ୍ରତିଷ୍ଠିତ ଅନୁଷ୍ଠାନର ଅଧ୍ୟକ୍ଷ ଥିବେ । ଅନ୍ୟାନ୍ୟ କ୍ଷେତ୍ର ପାଇଁ ଜିଲ୍ଲାପାଳମାନେ ନିଷ୍ପତ୍ତି ନେବାକୁ କୁହାଯାଇଛି ।

ଜିଲ୍ଲାରେ ଶକ୍ତି ଆପାଙ୍କୁ ଚିହ୍ନଟ ଏବଂ ମନୋନୟନ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ କୁହାଯାଇଛି । ସଂକ୍ଷିପ୍ତ ପ୍ରୋଫାଇଲ୍ ଏବଂ ଯୋଗାଯୋଗ ବିବରଣୀ ସହିତ ଶକ୍ତି ଆପାଙ୍କ ଚୂଡ଼ାନ୍ତ ତାଲିକା ଆସନ୍ତା ୨୦ ଦିନ ମଧ୍ୟରେ ଅର୍ଥାତ ଚଳିତମାସ ୨୦ ତାରିଖ କିମ୍ବା ତା'ପୂର୍ବରୁ ରିପୋର୍ଟ ଦାଖଲ କରିବାକୁ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶକ କାଳିପ୍ରସନ୍ନ ମହାପାତ୍ର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି ।

## ରାହୁଲଙ୍କ...

ଧମକ ଦେଉଛନ୍ତି । ରାହୁଲଙ୍କ ଧମକ ସତ୍ତ୍ୱେ ବି ନୀରପେକ୍ଷ ନିର୍ବାଚନ କରିବାକୁ କମିଶନ ବଦ୍ଧପରିକର । ଆମ ପାଖରେ କୌଣସି ତଥ୍ୟ ଲୁଚାଇବାର ନାହିଁ । ରାହୁଲ ନିର୍ବାଚନ କମିଶନଙ୍କୁ କୌଣସି ଲିଖିତ ଅଭିଯୋଗ କରିନାହାନ୍ତି ବୋଲି କମିଶନଙ୍କ ପକ୍ଷରୁ କୁହାଯାଇଛି ।

# ଲେନ୍ସକାର୍ଟ ପକ୍ଷରୁ ଆଇପିଓ ଇସ୍ୟୁ

ଭୁବନେଶ୍ୱର (ସବ୍ୟୁ) : ଦେଶର ଅଗ୍ରଣୀ ଓମନିଚ୍ୟାନେଲ ଆଇଓ୍ୱାର ବ୍ରାଣ୍ଡ ଲେନ୍ସକାର୍ଟ ସଲ୍ୟୁସନ୍ସ ଲିମିଟେଡ ପକ୍ଷରୁ ଇନିସିଆଲପବ୍ଲିକ ଅଫରିଂ (ଆଇପିଓ) ଜରିଆରେ ପାଣ୍ଠି ସଂଗ୍ରହ କରିବା ଲାଗି ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫଟ ରେଡ ହେରିଂ ପ୍ରୋସପେକ୍‌ଟସ (ଡିଆରଏଚପି) ଦାଖଲ କରାଯାଇଛି । ଏହି ଇସ୍ୟୁ ଜରିଆରେ କମ୍ପାନି ୨୧୫୦ କୋଟି ଟଙ୍କାର ନୂଆ ଇକ୍ୱିଟି ଜାରି କରିବା ଏବଂ ଅଫର ଫରସେଲରେ ଅଂଶଧନକାରୀମାନେ ୧,୩୨,୨୮,୯୪୧ ଇକ୍ୱିଟି ସେୟାର ବିକ୍ରି କରିବେ । ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସଂଗୃହୀତ ହେବ ତାହାକୁ ଭାରତରେ ନୂଆ କମ୍ପାନି ପରିଚାଳିତ, କମ୍ପାନି ମାଲିକାନା (କୋକୋ) ଷ୍ଟୋର ସ୍ଥାପନ କରିବା, କୋକୋ ଷ୍ଟୋର ପାଇଁ ଲିଜ, ଭଡ଼ା ଓ ଲାଇସେନ୍ସ ଚୁକ୍ତି ବାବଦ ପେମେଂଟ କରିବା, ପ୍ରଯୁକ୍ତି ଓକ୍ଲାଉଡ ଭିତିଭୂମିରେ ନିବେଶ, ବ୍ରାଣ୍ଡ ସଚେତନତା ବଢ଼ାଇବା ପାଇଁ ବ୍ରାଣ୍ଡ ମାର୍କେଟିଂ ଓ ବ୍ୟବସାୟ ପ୍ରସାରରେ ନିବେଶକରିବା, ଅଧିଗ୍ରହଣ ଏବଂ ସାଧାରଣ କର୍ପୋରେଟ କାର୍ଯ୍ୟରେ ବ୍ୟବହାର କରାଯିବ ।

# ଓଡ଼ିଶାରେ ଟାଟା ଏଆଇଏ ପକ୍ଷରୁ ୧୩୧ ଏମ୍‌ଡିଆର୍‌ଟି ଯୋଗ୍ୟ ଏଜେଣ୍ଟ ପଞ୍ଜୀକରଣ

ଭୁବନେଶ୍ୱର (ସବ୍ୟୁ) : ଭାରତର ଏକ ଅଗ୍ରଣୀ ଜୀବନ ବୀମା କମ୍ପାନି ଟାଟା ଏଆଇଏ ଲାଇଫ୍ ଇନ୍ସ୍ୟୁରାନ୍ସ କମ୍ପାନି ଲିମିଟେଡ୍(ଟାଟା ଏଆଇଏ) ଓଡ଼ିଶାରେ ୧୩୧ମିଲିୟନ ଡଲାର ରାଉଣ୍ଡ ଟେବୁଲ୍ (ଏମଡିଆରଟି) ଯୋଗ୍ୟ ପରାମର୍ଶଦାତା ପଞ୍ଜୀକରଣ କରିଛି । ଏହା ଆର୍ଥିକ ପରାମର୍ଶ ସେବାରେ କମ୍ପାନିର ଉତ୍କୃଷ୍ଟତାର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି । ୨୦୨୫ର ଗ୍ଲୋବାଲ୍ ଏମଡିଆରଟି ର୍ୟାଙ୍କିଂ ଅନୁସାରେ କମ୍ପାନି ବାଲେଶ୍ୱରରୁ ୩୧ ଜଣ, ଖୋର୍ଦ୍ଧାରୁ ୨୭ ଜଣ, ବଲାଙ୍ଗୀରରୁ ୧୬ ଜଣ ଏବଂ କଟକରୁ ୧୧ ଜଣ ପରାମର୍ଶଦାତାଙ୍କୁ ଏହି ମାନ୍ୟତାପ୍ରାପ୍ତ ଏମଡିଆରଟି ଉପାଧି ପାଇଁପଞ୍ଜୀକରଣ କରିଛି ।୨୦୨୫ର ଗ୍ଲୋବାଲ୍ ଏମଡିଆରଟି ର୍ୟାଙ୍କିଂ ଅନୁସାରେ ଟାଟା ଏଆଇଏ ପୁନର୍ବାର ଭାରତରେ ସର୍ବାଧିକଏମଡିଆରଟି ଯୋଗ୍ୟ ପରାମର୍ଶଦାତା ସଂଖ୍ୟା ସହିତ ତୃତୀୟ ବର୍ଷ ପାଇଁ ଶୀର୍ଷ ସ୍ଥାନ ଅଧିକାର କରିଛି ଏବଂ ଏକ ଆକର୍ଷଣୀୟ ଗ୍ଲୋବାଲ୍ ଚତୁର୍ଥ ର୍ୟାଙ୍କ ହାସଲ କରିଛି ।

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଜାହାନ ସାହୁ**
ଜାହାଙ୍ଗୀରପୁର, ତୁଳସୀପୁର, ନିମାପଡା
ଆବିର୍ଭାବ – ୧୭.୦୪.୧୯୪୫
ତିରୋଧାନ – ୧୪.୦୮.୨୦୨୪

ଆପଣଙ୍କ ଆଦର୍ଶମାନଙ୍କୁ ୧ବର୍ଷ ବିତିଲା । ଆଜି ବି ଆପଣଙ୍କ ଉପସ୍ଥିତିକୁ ଭୁଲି ହେଉନାହିଁ, ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲ ପାଇବା, ଆଦର୍ଶ ଓ ପରୋପକାରକୁ ପାଥେୟ କରି ବାଟ ଚାଲିଥିବୁ । ଆପଣଙ୍କ ମହାନ ଆତ୍ମା ପରମାତ୍ମାରେ ଲୀନ ହେଉ, ଏତିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।

ଶ୍ରଦ୍ଧାଞ୍ଜଳି ସହ : ଭଉଣୀ–ଇନ୍ଦ୍ରମଣୀ ସାହୁ, ଚନ୍ଦ୍ରମଣୀ ସାହୁ, ପୁତ୍ର–ଲିଙ୍ଗରାଜ ସାହୁ, ସିନ୍ଧୁ ଚରଣ ସାହୁ, ରବିନ ସାହୁ, ପୁତ୍ରବଧୂ, ନାତି, ନାତୁଣୀ ଏବଂ ବନ୍ଧୁ ଓ ପରିବାରବର୍ଗ ।

# ସ୍ମାର୍ଟ ଭ୍ରମଣ, ବୁଦ୍ଧିମାନ ବ୍ୟୟ

## କ୍ରେଡିଟ୍ କାର୍ଡ କିଭଳି ଆପଣଙ୍କ ଯାତ୍ରାରେ ଉନ୍ନତି ଆଣିପାରିବ

ଭୁବନେଶ୍ୱର (ସବ୍ୟୁ) : ବ୍ୟବସାୟ ହେଉ କିମ୍ବା ଚିତବିନୋଦନ, ଭ୍ରମଣ ଆବଶ୍ୟକ ଏବଂ ତାହା ମହଙ୍ଗା ମଧ୍ୟ । ମାତ୍ର ସଠିକ୍‌କ୍ରେଡିଟ୍ କାର୍ଡ ରଣନୀତି ଜରିଆରେ ଭ୍ରମଣମକାରୀମାନେ ସଂଚୟ ଏବଂ ସ୍ୱତନ୍ତ୍ର ଅନୁଭୂତିର ଏକ ଦୁନିଆ ଉଜାଗର କରିପାରିବେ । ଭ୍ରମଣକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଥିବା କ୍ରେଡିଟ୍ କାର୍ଡଗୁଡ଼ିକ ରିଓ୍ୱାର୍ଡ, ଆରାମ ଏବଂ ଆଜିର ବିଶ୍ୱଭ୍ରମଣକାରୀଙ୍କ ସୁରକ୍ଷାର ମିଶ୍ରଣ ପ୍ରଦାନ କରୁଛନ୍ତି । ଯାତ୍ରା-ଅନୁକୂଳ କ୍ରେଡିଟ କାର୍ଡଗୁଡିକ ଉପଭୋକ୍ତାଙ୍କୁ ପ୍ରତ୍ୟେକ କାରବାରରେ ପଏଂଟ୍ ବା ମାଇଲ୍ ଅର୍ଜନ କରିବାର ସୁଯୋଗ ଦେଇଥାନ୍ତି ଯାହା କିରାନା ଜିନିଷ କିମ୍ବା ଯାତ୍ରା ସମ୍ପର୍କିତ ଖର୍ଚ୍ଚ ହୋଇପାରେ । ଏହା ବ୍ୟତୀତ ଏହି ପଏଣ୍ଟଗୁଡ଼ିକୁ ବିମାନ ଯାତ୍ରା କିମ୍ବା ହୋଟେଲ ମାଇଲ୍ ପାଇଁ ବଦଳାଇବା ମୂଲ୍ୟ ଆହୁରି ବଢିଯାଇଥାଏ । ଏୟାରପୋର୍ଟ କରେନ୍ସି ଏକ୍ସଚେଞ୍ଜ ବା ସ୍ଥାନୀୟ ମୁଦ୍ରା ବଦଳ ତୁଳନାରେ କ୍ରେଡିଟ କାର୍ଡଗୁଡିକ ସାଧାରଣତଃ ଉତ୍ତମଏକ୍ସଚେଞ୍ଜ ରେଟ ପ୍ରଦାନ କରଥାଏ । ସୁବିଧାଗୁଡ଼ିକୁ ସଠିକ୍ ଭାବରେ ବ୍ୟବହାର କରିବା ପାଇଁ ସ୍ମାର୍ଟ ବ୍ୟବହାର ଅଭ୍ୟାସ ଗଢନ୍ତୁ । ସର୍ବାଧିକ ରିଓ୍ୱାର୍ଡ ଅର୍ଜନ କରିବା ପାଇଁ ସର୍ବଦା ଫ୍ଲାଇଟ୍ ଏବଂ ହୋଟେଲ୍ ବୁକିଂ ପାଇଁ ଆପଣଙ୍କର ଯାତ୍ରା କାର୍ଡ ବ୍ୟବହାର କରନ୍ତୁ ।

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Date- 28.07.2025, I Basudev Prusty Address Plot No-330/1781, Sardeipur, Gopinathpur, Khordha, Pin-751002, Odisha declare that I have changed the name of my son from Gopinath Das (Old name) to Gopinath Prusty (New name). Henceforth, he shall be known as Gopinath Prusty (New name) for all purposes.

Sd/- Basudev Prusty
Applicant Name

**ଦ.ପୂ. ରେଳପଥ-ଟେଣ୍ଡର**

ଟେଣ୍ଡର ନୋଟିସ ନଂ. ଏମଇସିଏଚସିକେପି-୨୫-୨୬-୧୩ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ମେକାନିକାଲ), ଚକ୍ରଧରପୁର, ଦ.ପୂ. ରେଳପଥ ନିମ୍ନ ସୂଚିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ଲାଗି ମାନୁଆଲ ଅଫରକୁ ଅନୁମତି ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । କାର୍ଯ୍ୟର ନାମ : ଚକ୍ରଧରପୁର ଠାରେ ଦୁଇ ବର୍ଷ ଅବଧି ପାଇଁ ଡି ଆରଏମ ଅଫିସ୍ କମ୍ପ୍ଲେକ୍ସ, ଅଫିସର୍ସ ରେଷ୍ଟ ହାଉସ୍ ଏବଂ ସରୋଣା ବିହାର ଅଧୀନରେ ଥିବା ବିଭିନ୍ନ କାର୍ଯ୍ୟାଳୟଗୁଡ଼ିକର ଅପ୍ କିପିଂ ଓ ରକ୍ଷଣାବେକ୍ଷଣ । ଟେଣ୍ଡର ମୂଲ୍ୟ : ଟ. ୩୮,୮୬,୦୪୯.୧୨, ବିଡ୍ ସିକ୍ୟୁରିଟି : ଟ. ୭୭,୨୦୦/– । ଟେଣ୍ଡର ଫର୍ମ ମୂଲ୍ୟ :ଟ. ୩,୦୦୦/–, ଟେଣ୍ଡର ଖୋଲା ସ୍ଥାନ : ସିନିୟର ଡିଏମଇ/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ । ଟେଣ୍ଡର ବନ୍ଦ ତାରିଖ ଓ ସମୟ : ୨୨.୦୮.୨୦୨୫ ଅପରାହ୍ନ ୧୫.୦୦ ଘଟିକା । ଟେଣ୍ଡର ୱେବସାଇଟ୍ http://www.ireps.gov.in ରେ ଦେଖିବାକୁ ମିଳିପାରିବ । ଟେଣ୍ଡରଦାତା/ବିଡରଙ୍କର ଶ୍ରେଣୀ ୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶ ଗ୍ରହଣ କରିବା ସମୟରେ ସମସ୍ତ ପ୍ରୟୋଜନୀୟ କାଗଜପତ୍ର ଅପଲୋଡ୍ ହୋଇଥିବା ଆବଶ୍ୟକ ।

(PR-470)

**ପୂର୍ବ ତଟ ରେଳପଥ**

**ପାର୍କିଙ୍ଗ ସ୍ଲଟର ଇ-ନିଲାମ**

ଷ୍ଟେସନ ଏବଂ ସ୍ଥାନ : କଟକ-2 ଚଡ଼ିଆ (ରେଲୱେ ଇନଷ୍ଟିଚ୍ୟୁଟ୍ ନିକଟରେ) ।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା.13.08.2025 ରିଖ 1100 ଘଟିକା ।
ନିଲାମ ବନ୍ଦ ହେବା ତାରିଖ ଓ ସମୟ : ତା.13.08.2025 ରିଖ 1130 ଘଟିକା ।
ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଅବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଜାଣି କରିବା ନିମନ୍ତେ ଆଗ୍ରହୀ ବିଡ଼ରଙ୍କୁ ୱେବସାଇଟ୍ www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ ଟ୍ୟାବ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍

PR-425/Q/25-26

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Date- 29.07.2025, I Bhanumati Prusty Address Plot No-330/1781, Sardeipur, Gopinathpur, Khordha, Pin-751002, Odisha declare that I have changed my name Bhanumati Behera (Old name) to Bhanumati Prusty (New name). Henceforth, I shall be known as Bhanumati Prusty (New name) for all purposes.

Sd/- Bhanumati Prusty
New Name

**GOVERNMENT OF ODISHA**
E-Procurement Notice, Superintending Engineer, M.I. Division, Angul
**Bid Identification No.-01 OF 2025-26**
E-mail ID- semidivisionangul@gmail.com
Letter No. 2350 /Date :- 31.07.2025

A-454

| | | | |
|---|---|---|---|
| 1. | Number of Works | : | 11 (Eleven) numbers of Civil work |
| 2 | Approximate estimated cost | : | From 8.47 Lakh to 33.89 Lakh |
| 3 | Cost of Tender Paper | : | Rs.4000/- & 6000/- (Non-Refundable) |
| 4 | Period of completion | : | 06 (Six) Month |
| 5 | Date & Time of availability of bid document in the portal | : | Dt. 06.08.2025 at 10.00 A.M. to Dt. 13.08.2025 upto 5.00 P.M |
| 6 | Last date / Time for receipt of bid in the portal | : | Dt. 13.08.2025 up to 5.00 P.M. |
| 7 | Date of opening of bid documents | : | Dt 14.08.2025 at 11.00 A.M. |
| 8 | Date of lottery if required | : | Dt. 21.08.2025 At 11.00 A.M. |
| 9 | Name and address of the Office Inviting Bid | : | Superintending Engineer, Minor Irrigation Division, Angul. At / P.O.: Hakimpada, College Square, District: Angul, PIN-759143 Ph. No .: 06764-236522 Email ID: semidivisionangul@gmail.com |
| 10 | The bidders have to participate in ONLINE bidding only. Further details can be seen from the e-procurement portal | : | http://tendersorissa.gov.in |

OIPR : 32284/11/0020/2526

Sd/- Superintending Engineer
M.I. Division, Angul

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୭, ୱେବ୍‌ସାଇଟ୍ https://oshb.org.

CAD-1365

ପତ୍ର ସଂଖ୍ୟା ୧୫୫ **ବିଜ୍ଞାପନ** ତା : ୨୪.୭.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦାଖଲ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ନାମ–ସ୍ୱର୍ଗତ କୁମୁଦ ରଞ୍ଜନ ମହାନ୍ତି ପିତା– ସ୍ୱର୍ଗତ ଦେବି ଦତ୍ତ ମହାନ୍ତି ସା– ପେଟିକ ସାହି, ପୋ– ବକ୍ସିବଜାର, ଥାନା–ଲାଲବାଗ, ଜି : କଟକ | ଗୃହ ନଂ. ଏମ.ଆଇ.ଜି–୧–୩୬/୩ (MIG-1-36/3) ଚନ୍ଦ୍ରଶେଖରପୁର, ୧ମ ପର୍ଯ୍ୟାୟ ଭୁବନେଶ୍ୱର ଜିଲ୍ଲା–ଖୋର୍ଦ୍ଧା | ୧. ଶାନ୍ତି ମହାନ୍ତି (ସ୍ତ୍ରୀ) ୨. ତପନ ମହାନ୍ତି (ପୁତ୍ର) ୩. ତରୁଣ କୁମାର ମହାନ୍ତି (ପୁତ୍ର) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13030/11/0787/2526

**GOVERNMENT OF ODISHA "e" PROCUREMENT NOTICE**
**Bid Identification No. 11 of 2025-26 Dt. 28.07.2025**

O-507 : The Superintending Engineer RWS&S Division, Balangir on behalf of Governor of Odisha invites Percentage bid through e - Procurement in Single cover system according to norm of e - Procurement system in online mode for the different work in different blocks under Balangir District.

01. Nature of Work : Supply all materials, labour, T&P, erection, testing and commissioning of external power supply for different Rural Piped Water Supply Schemes under Balangir District.
2. Total No of work : 02 Nos.
3. Estimated Cost : Rs. 17.55 to 22.66 Lakh
4. Eligible Class of Contractor : "H.T "Electrical License Holder Contractor.
5. Period of Completion : 45 days.
6. Other Details :

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, RWSS Division, Balangir | 11 of 2025-26 | Dt. 06.08.2025 At. 11.00 Hrs. | Dt. 16.-8.2025 Up to 17.00 Hrs. |

Further details can be had in the DTCN available in the website www.tendersodisha.gov.in

Sd/- Superintending Engineer
RWS&S Division, Balangir

OIPR : 25033/11/0022/2526

**FORM NO. 14**
[See Regulation 33(2)]
**OFFICE OF THE RECOVERY OFFICER-I/II**
**DEBTS RECOVERY TRIBUNAL, CUTTACK**
C-71, Sector-7, CDA, Cuttack - 753014, Odisha
**DEMAND NOTICE**
NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.

RC/69/2015 Date:31.07.2025

STATE BANK OF INDIA
Versus
M/S MEDIMARK DIAGNOSTICS AND OTHERS

To
**(CD 1) M/S Medimark Diagnostics And Others,** at: Medical Road Ranihat, Cuttack, Odisha-753007
**(CD 2) Sri Sadananda Sahoo,** S/o.: Anand Chandra Sahoo, Partner of M/S. Medimark Diagnostics, At: Medical Road, Ranihat, Cuttack-7
**(CD 3) Sri Jayakrushna Pradhan,** S/o.: Abhimanyu Pradhan, Partner of M/S. Medimark Diagnostics, At: Medical Road, Ranihat, Cuttack-7
**(CD 4) Sri Kumud Bandhab Pradhan,** S/o.: Chaitanya Pradhan, Partner of M/S. Medimark Diagnostics, At: Medical Road, Ranihat, Cuttack-7
**(CD 5) Sri Akhaya Mohanty,** S/o.: Late Uchhab Mohanty, At: Link Road, Near Police Colony, Cuttack-10

This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL, CUTTACK in **OA/132/2013** an amount of **Rs.13,47,811.00 (Rupees Thirteen Lakhs Forty Seven Thousands Eight Hundred Eleven Only)** along with pendentellite and future interest @ % w.e.f. // till realization and costs of **Rs.0/- (Only)** has become due against you (Jointly and severally/Fully/Limited).

2. You are hereby directed to pay the above sum within 15 days of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.

3. You are hereby ordered to declare on an affidavit the particulars of yours assets on or before the next date of hearing.

4. You are hereby ordered to appear before the undersigned on **10.10.2025** at **10.30 a.m.** for further proceedings.

5. In addition to the sum aforesaid, you will also be liable to pay:

(a) Such interests as is payable for the period commencing immediately after this notice of the certificate / execution proceedings.

(b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due.

Given under my hand and the seal of the Tribunal, on this date: **31.07.2025.**

**Sd/- Saroj Kumar Biswal**
**Recovery Officer**
**DEBTS RECOVERY TRIBUNAL, CUTTACK**

**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ରେଙ୍ଗାଳି ବନ୍ଧ ବିଭାଜନ, ରେଙ୍ଗାଳି ବନ୍ଧ ପାର୍ଶ୍ୱ**
**OFFICE OF THE SUPERINTENDING ENGINEER, RENGALI DAM DIVISION, RENGALI DAM SITE**
ANGUL-759105, e-mail: rengalidam@gmail.com

A-456

**'e'-Procurement Notice No. SE-RDD- 03/2025-26**

The Superintending Engineer, Rengali Dam Division, Rengali Dam Site, on behalf of Hon'ble Governor of Odisha invites percentage rate contract on lined tender in the prescribed form to be eventually drawn in P.W.D. form No. F2 from 'D' class or 'C' class Registered with the State Government of Odisha or from contractors of equivalent grade / class registered with other State Government / Cnetral Government / M.E.S./ Railways or other Goverment undertakings. All the contractors are to be registered in the Stae portal and must possess compatible digital signature certificate or Class-II and III for on line bidding.

| | | | |
|---|---|---|---|
| 1 | Name of Work | : | Cleaning of Calcinations, Slus/Muck from foundation Gallery of Rengali Dam from Block No-1 to 51 and Gallery front drain including cleaning of motors for the year 2025-26. |
| 2 | No of works | : | 01 (One) Nos of works |
| 3 | Estimated Cost | : | 7.56 Lakh (Excluding GST) |
| 4 | Cost of tender paper | : | Rs. 4000.00 (Non-refundable) |
| 5 | EMD/ Bid Security | : | Rs.7,600.00 (Refundable) |
| 6 | Class of contractor | : | 'D' or 'C' Class Contractor |
| 7 | Period of Completion of work | : | 07 Calendar month |
| 8 | Date and time of availability of bid Document in the website | : | From 11.00 A.M of Dt. 05.08.2025 to 5.00 P.M. of Dt. 16.08.2025 in the website (www.tendersodisha.gov.in) |
| 9 | Date, time and place of opening of online tender | : | Dt.18.08.2025 at 11.00 A.M in O/o the Superintending Engineer, Rengali Dam Division, Rengali Dam Site |
| 10 | Date, time and place for finalization of tender through Transparent Lottery System (if required) | : | Dt.21.08.2025 at 11.00 AM onwards in O/o the Superintending Engineer, Rengali Dam Division, Rengali Dam Site |
| 11 | Digital Signature Certificate (DSC) | : | The bidders must possess compatible Digital Signature Certificate (DSC) of Class II or Class III |
| 12 | Name and Address of Officer inviting Tender | | Superintending Engineer, Rengali Dam Division, AT. Rengali Dam Site P.O- Rengali Dam Site, Dist: Angul, Odisha, PIN-759105 Email ID- rengalidam@gmail.com |

The bidders have to participate in ONLINE biding only further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

OIPR : 32028/11/0011/2526

Superintending Engineer, Rengali Dam Division, Rengali Dam Site

**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ରେଙ୍ଗାଳି ବନ୍ଧ ବିଭାଜନ, ରେଙ୍ଗାଳି ବନ୍ଧ ପାର୍ଶ୍ୱ**
**OFFICE OF THE SUPERINTENDING ENGINEER, RENGALI DAM DIVISION, RENGALI DAM SITE**
ANGUL-759105, e-mail: rengalidam@gmail.com

**'e'-Procurement Notice No. SE-RDD- 02/2025-26**

A-455

The Superintending Engineer, Rengali Dam Division, Rengali Dam Site, on behalf of Hon'ble Governor of Odisha invites percentage rate contract on lined tender in the prescribed form to be eventually drawn in P.W.D. form No. F2 from Manufacturer of DG set or Electrical Contractor (HT/MV) registered with the State Government of Odisha or from contractors of equivalent grade / class registered with other State Government / Central Government / M.E.S. / Railways or other Government undertakings. All the contractors are to be registered in the State portal and must possess compatible digital signature certificate of Class-II and III for on line bidding.

| | | | |
|---|---|---|---|
| 1 | Name of Work | : | Supply, Installation, Testing and Commissioning of 250 KVA DG Set at Rengali Dam Site |
| 2 | No of works | : | 01 (One) Nos of works |
| 3 | Estimated Cost | : | 30.69 Lakh (Excluding GST) |
| 4 | Cost of tender paper | : | Rs. 6000.00 (Non-refundable) |
| 5 | EMD/ Bid Security | : | Rs. 30,700.00 (Refundable) |
| 6 | Class of contractor | : | Manufacturer of DG set or Electrical Contractor (HT/MV) |
| 7 | Period of Completion of work | : | 02 Calendar month |
| 8 | Date and time of availability of bid Document in the website | : | From 11.00 A.M of Dt. 05.08.2025 to 5.00 P.M. of Dt. 16.08.2025 in the website (www.tendersodisha.gov.in) |
| 9 | Date, time and place of opening of online tender | : | Dt.18.08.2025 at 11.00 A.M in O/o the Superintending Engineer, Rengali Dam Division, Rengali Dam Site |
| 10 | Date, time and place for finalization of tender through Transparent Lottery System (if required) | : | Dt.21.08.2025 at 11.00 AM onwards in O/o the Superintending Engineer, Rengali Dam Division, Rengali Dam Site |
| 11 | Digital Signature Certificate (DSC) | : | The bidders must possess compatible Digital Signature Certificate (DSC) of Class II or Class III |
| 12 | Name and Address of Officer inviting Tender | | Superintending Engineer, Rengali Dam Division, AT. Rengali Dam Site P.O- Rengali Dam Site, Dist: Angul, Odisha, PIN-759105 Email ID- rengalidam@gmail.com |

The bidders have to participate in ONLINE biding only further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

OIPR : 32028/11/0009/2526

Superintending Engineer, Rengali Dam Division, Rengali Dam Site

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୦୩୭୨୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୨୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ଟିପି ଡିସ୍କମ୍‌ଗୁଡ଼ିକ ପକ୍ଷରୁ ମୌସୁମୀ ପ୍ରସ୍ତୁତି

ଭୁବନେଶ୍ୱର: ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ପ୍ରବଳ ବର୍ଷା ଜାରି ରହିବା ଆକଳନ କରାଯାଇଥିବା ବେଳେ ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼,ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଓ ବରଗଡ଼ ଭଳି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂଦିଆଯାଇଛି। ଏହ ପରିପ୍ରେକ୍ଷୀରେ ଟାଟାପାୱାର ନେତୃତ୍ୱାଧୀନ ଓଡ଼ିଶାର ଚାରି ଡିସ୍କମ୍ ଟିପିସିଓଡିଏଲ୍, ଟିପିଏନ୍‌ଓଡିଏଲ୍, ଟିପିଡବ୍ଲୁଓଡିଏଲ୍ ଏବଂ ଟିପିଏସ୍‌ଓଡିଏଲ୍ ପକ୍ଷରୁମୌସୁମୀ ଋତୁ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହି ଡିସ୍କମ୍‌ଗୁଡ଼ିକ ଜରୁରୀକାଳୀନ ପ୍ରୋଟୋକଲ୍‌କୁ କାର୍ଯ୍ୟକ୍ଷମ କରି ଏବଂରାଜ୍ୟବ୍ୟାପୀ ବ୍ୟବସ୍ଥାକୁ ସୁଦୃଢ଼ କରି ପ୍ରାୟ ୯୭ ଲକ୍ଷ ଗ୍ରାହକଙ୍କୁ ନିରବଚ୍ଛିନ୍ନ ଓ ସୁରକ୍ଷିତ ବିଦ୍ୟୁତ ଯୋଗାଣ ଉପରେ ପ୍ରାଥମିକତା ଦେଉଛନ୍ତି। ଟିପିଏନ୍‌ଓଡିଏଲ୍ ଅଧିନସ୍ଥ ବାଲେଶ୍ୱର, ଭଦ୍ରକ ଓ ଯାଜପୁରରେ ବନ୍ୟା ପ୍ରଭାବିତ ଅଂଚଳଗୁଡ଼ିକରେ ବିଦ୍ୟୁତ୍ ସେବା ସ୍ୱାଭାବିକ କରିବାପାଇଁ ଗ୍ରାଉଣ୍ଡ ଟିମ୍ ଚବିଶ ଘଂଟା କାର୍ଯ୍ୟ କରି ତ୍ରୁଟିର ତ୍ୱରିତ ସମାଧାନ ଏବଂ ଲୋକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରୁଛନ୍ତି ।ସେହିପରି, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ ରାଉରକେଲାରେ ଟିପିଡବ୍ଲୁଓଡିଏଲ୍‌ର ଟିମ୍ ବିଦ୍ୟୁତ୍ ବିଭ୍ରାଟକୁ କମ୍ କରିଥିବାବେଳେ ପ୍ରଭାବିତ ସମୁଦାୟକୁ ସହାୟତା ପ୍ରଦାନ କରୁଛନ୍ତି।ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ମିଳିତ ଉଦ୍ୟୋଗ ସାମୂହିକ ଭାବରେ, ସେମାନେ ସାରା ରାଜ୍ୟରେ ପ୍ରାୟ ୯.୭ ନିୟୁତ ଗ୍ରାହକଙ୍କ ସମେତ ୫ କୋଟି ଜନସଂଖ୍ୟାକୁ ବିଦ୍ୟୁତ୍ ସେବା ଯୋଗାଉଛନ୍ତି ।

### ଅବସରପ୍ରାପ୍ତ ବରିଷ୍ଠ ଆରକ୍ଷୀ ଅଧିକାରୀଙ୍କ ପରଲୋକ



କଟକ, (ସବ୍ୟୁ): ଅବସରପ୍ରାପ୍ତ ବରିଷ୍ଠ ଆରକ୍ଷୀ ଅଧିକାରୀ ରମେଶ ଚନ୍ଦ୍ର ରାୟ ତଥା ବିଶିଷ୍ଟ ଶିଳ୍ପପତି ଦେବେନ ରାୟଙ୍କ ପିତାଙ୍କ ର ଗତ ୨୩ ତାରିଖ ସକାଳ ୮.୩୦ ରେ କଟକ ମହାନଦୀ ବିହାର ସ୍ଥିତ ବାସଭବନ ରେ ଦେହାନ୍ତ ହୋଇଛି । ସେ ଜଣେ ଧର୍ମପ୍ରାଣା ଓ ସ୍ନେହୀ ପୁରୁଷ ଥିଲେ । ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା । ତାଙ୍କର ଶେଷ କୃତ୍ୟ କାଳିଆବୋଦା ଶ୍ମଶାନରେ ସମ୍ପର୍ଣ୍ଣ ହୋଇଥିଲା । ବଡ଼ପୁଅ ଦେବେନ୍ ରାୟ ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ରାୟଙ୍କ ମୃତ୍ୟୁଶଯ୍ୟା ନିକଟରେ ଦୁଇ ପୁତ୍ର, ପୁତ୍ରବଧୂ ଓ ପରିବାର ବର୍ଗ ଉପସ୍ଥିତ ଥିଲେ ।

## ସ୍ତନ୍ୟପାନ ଉପରେ ଗଣମାଧ୍ୟମ ସମ୍ମିଳନୀ

ଭୁବନେଶ୍ୱର,(ସବ୍ୟୁ): ଆମ ଶିଶୁମାନଙ୍କୁ ସୁସ୍ଥ ଭବିଷ୍ୟତ ପ୍ରଦାନ କରିବା ପାଇଁ ସ୍ତନ୍ୟପାନ ସମର୍ଥନକୁ ସୁଦୃଢ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଅଗଷ୍ଟ ୧ ରୁ ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଳନ ହେଉଥିବା ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ, ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ୟୁନିସେଫ୍ ସହଭାଗିତାରେ ଏକ ସୁସ୍ଥ ପିଢ଼ି ଗଠନ ପାଇଁ ନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୃଢ଼ କରିଛି । ଏହି ଉପଲକ୍ଷେ ଗୁରୁବାର ଦିନ ବିଭାଗର ସମ୍ମିଳନୀ କକ୍ଷରେ ଏକ ଗଣମାଧ୍ୟମ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହି କର୍ମଶାଳାରେ ସ୍ତନ୍ୟପାନର ଗୁରୁତ୍ୱ ଉପରେ ପ୍ରାଧାନ୍ୟ ଦେଇ ସାରା ଓଡ଼ିଶାରେ ସ୍ତନ୍ୟପାନ ପାଇଁ ଉନ୍ନତ ସହାୟକ ବ୍ୟବସ୍ଥା ର ଆହ୍ୱାନ ଦିଆଯାଇଥିଲା। ଏହି ବର୍ଷର ବିଷୟବସ୍ତୁ, 'ସ୍ତନ୍ୟପାନକୁ ପ୍ରାଥମିକତା ଦିଅନ୍ତୁ: ନିରନ୍ତର ସହାୟତା ପ୍ରଦାନର ବ୍ୟବସ୍ଥା କରନ୍ତୁ/ ସ୍ତନ୍ୟପାନରେ ନିବେଶ, ଭବିଷ୍ୟତ ପାଇଁ ନିବେଶ' ଶିଶୁଙ୍କୁ ଜୀବନର ସର୍ବୋତ୍ତମ ଆରମ୍ଭ ପ୍ରଦାନ କରିବା ପାଇଁ ପରିବାର, ସାମାଜିକ ଗୋଷ୍ଠୀ ଏବଂ ନୀତିନିର୍ମାତାଙ୍କ ମିଳିତ ପ୍ରୟାସର ଆବଶ୍ୟକତା ଉପରେ ଆଲୋକପାତ କରିଥିଲା ।



ଏହି ବର୍ଷର ବିଷୟବସ୍ତୁ 'ସ୍ତନ୍ୟପାନରେ ନିବେଶ, ଭବିଷ୍ୟତ ପାଇଁ ନିବେଶ' ଉପରେ ଗୁରୁତ୍ୱ ଦେଇ ଡ. ରାଜ୍ୟଶ୍ରୀ ପଟ୍ଟନାୟକ କହିଥିଲେ, 'ଆମ ବିଭାଗ ସକ୍ରିୟ ଭାବରେ ଶକ୍ତିଶାଳୀ ପରାମର୍ଶ ସେବା ଏବଂ ସାମୁଦାୟିକ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ମା ମାନଙ୍କ ପାଇଁ ଏକ ସହାୟକ ପରିବେଶ ସୃଷ୍ଟି କରୁଛି । ଏହା ଦ୍ୱାରା ସେମାନେ ସ୍ତନ୍ୟପାନ ଜାରି ରଖିବା ପାଇଁ ସଠିକ୍ ସୂଚନା, ସମୟୋପଯୋଗୀ ମାର୍ଗଦର୍ଶନ ଏବଂ ଭାବନାତ୍ମକ ସମର୍ଥନ ପାଇବେ ।

ଗଣମାଧ୍ୟମକୁ ସମ୍ବୋଧିତ କରି ୟୁନିସେଫ୍ ଓଡ଼ିଶା ପୋଷଣ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟ ବିଶ୍ୱ ଓ ରାଜ୍ୟ ସ୍ତରରେ ସ୍ଥାୟୀ ସ୍ତନ୍ୟପାନ ସହାୟତା ବ୍ୟବସ୍ଥା ସୃଷ୍ଟି ପାଇଁ ଆବଶ୍ୟକ ରଣନୀତି ଉପରେ ଆଲୋକପାତ କରିଥିଲେ ।

ଓଡ଼ିଶା ସ୍ତନ୍ୟପାନ ଅଭ୍ୟାସରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି। ଏନ୍.ଏଫ୍.ଏଚ୍.ଏସ୍-୫ ଅନୁଯାୟୀ, ଓଡ଼ିଶାରେ ୬୮.୫% ଶିଶୁ ଜନ୍ମର ପ୍ରଥମ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ କରନ୍ତୁ, ଯାହା ଜାତୀୟ ହାର ୪୧.୮% ଅପେକ୍ଷା ବହୁତ ଅଧିକ । ସେହିପରି, ରାଜ୍ୟରେ ୬ ମାସରୁ କମ୍ ବୟସର ୭୨.୯% ଶିଶୁ ସ୍ୱତନ୍ତ୍ର ସ୍ତନ୍ୟପାନ କରନ୍ତି, ଯାହା ଜାତୀୟ ହାର ୬୩.୭% ଅପେକ୍ଷା ଅଧିକ ।

କର୍ମଶାଳାରେ ଶିଶୁ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡ. ଆଦିତ୍ୟ ମହାପାତ୍ର, ମା ଓ ଶିଶୁ ଉଭୟଙ୍କ ପାଇଁ ସ୍ତନ୍ୟପାନର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ ।

ପୋଷଣ ଯୁଗ୍ମ ନିର୍ଦ୍ଦେଶକ ଡ଼ଃ ସ୍ମୃତିଜିତ୍ ପଟ୍ଟନାୟକ ବିଭାଗର ବ୍ୟାପକ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ପୋଷଣ ଯୁଗ୍ମ ନିର୍ଦ୍ଦେଶକଙ୍କ ଧନ୍ୟବାଦ ଜ୍ଞାପନ କରିଥିଲେ ।

### ଆଇଆଇଟି ଧାନବାଦର ସମାବର୍ତ୍ତନ ସମାରୋହ

## ଜନତାଙ୍କ ଉନ୍ନତିରେ ଜ୍ଞାନକୁ ଉପଯୋଗ କରନ୍ତୁ ଛାତ୍ରଛାତ୍ରୀ: ଧର୍ମେନ୍ଦ୍ର

ଭୁବନେଶ୍ୱର,(ସବ୍ୟୁ): ଆଇଆଇଟି ଛାତ୍ରଛାତ୍ରୀମାନେ ସେମାନଙ୍କର ଜ୍ଞାନକୁ କେବଳ ଶକ୍ତିଶାଳୀ ମେସିନ୍ ତିଆରି କରିବା ଦିଗରେ ନଲଗାଇ ଲୋକଙ୍କ ଉନ୍ନତି ସାଧନ କରିବା ଦିଗରେ ଲଗାନ୍ତୁ । ନାଗରିକଙ୍କ ଉତ୍ଥାନ ଦିଗରେ ସହଯୋଗୀ ହୋଇ କାମ କରିବାକୁ ପରାମର୍ଶ ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ ଶୁକ୍ରବାର ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଝାଡ଼ଖଣ୍ଡର ଧାନବାଦରେ ଆଇଆଇଟି(ଭାରତୀୟ ଖଣି ସ୍କୁଲ) ଧାନବାଦର ୪୫ତମ ସମାବର୍ତ୍ତନ ସମାରୋହରେ ଯୋଗ ଦେଇଛନ୍ତି । ଏହି ଅବସରରେ ରାଷ୍ଟ୍ରପତିଙ୍କ ମାର୍ଗଦର୍ଶନ ପାଇଁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇବା ସହ କହିଛନ୍ତି ଯେ ଆଇଆଇଟି ଧାନବାଦର ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ସ୍ନାତକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାମିଲ ହେବା ଅତ୍ୟନ୍ତ ଗୌରବର ବିଷୟ । ଏହି ସମାବର୍ତ୍ତନ ଉତ୍ସବ ନୂତନ ଯାତ୍ରାର ଅୟାରମ୍ଭ । ଗ୍ରାଜୁଏଟ ହୋଇଥିବା ଯୁବପିଢିମାନେ ସେମାନଙ୍କର



ଜ୍ଞାନକୁ କେବଳ ଶକ୍ତିଶାଳୀ ମେସିନ୍ ତିଆରି କରିବା ଦିଗରେ କାମ କରିବେ ନାହିଁ ବରଂ ଲୋକଙ୍କୁ ଆଗକୁ ବଢାଇବା ଦିଗରେ ସହାୟକ ହେବା ସହ ବିଶ୍ୱ ସମସ୍ୟାର ସମାଧାନ କରିବା ସହିତ ବିକଶିତ ଭାରତରେ ନିଜର ଯୋଗଦାନ ଦେବେ ବୋଲି ସେ କହିଛନ୍ତି । ୨୦୨୬ରେ ଏହି ଅନୁଷ୍ଠାନ ଏହାର ଶତବାର୍ଷିକୀ ପାଳନ କରିବ । ଏହି ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଆଇଆଇଟି ଧାନବାଦର ପୂର୍ବ ଜୀବନ୍ତ ପରମ୍ପରାକୁ ଆଗକୁ ବଢାଇବା ସହ ବିଶ୍ୱ ଶିକ୍ଷାଗତ ଲିଡରସିପରେ ନୂଆ ଶତାବ୍ଦୀ ନିର୍ମାଣ କରିବା ପାଇଁ ସେ ଆହ୍ୱାନ କରିଛନ୍ତି । ଏହା ପୂର୍ବରୁ ଶ୍ରୀ ପ୍ରଧାନ ଆଇଆଇଟି ଧାନବାଦର ଭିଆର୍ ଆଧାରିତ ଖଣି ସିମୁଲେଟର ଲାବ୍ରୋଟୋରୀରେ ଗଭୀରରେ ହେଉଥିବା ଖଣି ଉତ୍ତୋଳନର କାର୍ଯ୍ୟ ଦେଖିଥିଲେ ।

### ଓଡ଼ିଶାରେ ଲଞ୍ଚ ହେଲା ପ୍ରଥମ ପ୍ରୋବାୟୋଟିକ୍ ଚିଜ୍ ବ୍ରାଣ୍ଡ 'କ୍ୟୁରିଅସ୍ ଚିଜ୍'

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶାର ଦୁଗ୍ଧ ଉତ୍ପାଦନରେ ବିପ୍ଳବ ଆଣି, କ୍ୟୁରିଅସ୍ ଚିଜ୍ ଭାରତର ପ୍ରଥମ ପ୍ରୋବାୟୋଟିକ୍ ଚିଜ୍ ବ୍ରାଣ୍ଡ ଭାବରେ ଗର୍ବର ସହିତ ଯାତ୍ରା ଆରମ୍ଭ କରିଛି । ହାର୍ଭାର୍ଡ ମେଡିକାଲ୍ ସ୍କୁଲ୍-ପ୍ରମାଣିତ ନ୍ୟୁଟ୍ରିସନ୍ ଏକ୍ସପର୍ଟ ତଥା ଏକ ୪ ବର୍ଷର ଶିଶୁର ମାଆ ପ୍ରିୟଙ୍କା ଅଗ୍ରୱାଲଙ୍କ ଦ୍ୱାରା ପ୍ରତିଷ୍ଠିତ, ଏହି ବ୍ରାଣ୍ଡ ବିଜ୍ଞାନ, ପରମ୍ପରା ଏବଂ ସ୍ୱାଦକୁ ମିଶ୍ରଣ କରି ଚିଜ୍ ତିଆରି କରୁଛି ଯାହା ସ୍ୱାଦ ସହିତ କୌଣସି ପ୍ରକାରର ଆପତ୍ତି ନକରି ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଉଛି । ଭୁବନେଶ୍ୱରର ଲାଇଫ ହୋଟେଲରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ମା', ସ୍ୱାସ୍ଥ୍ୟ ସମ୍ପର୍କିତ ଉତ୍ସାହୀ ବ୍ୟକ୍ତି, ମାଷ୍ଟର ସେଫ୍ ଅବିନାଶ ନାୟକ ଏବଂ ଗଣମାଧ୍ୟମକୁ ଆକର୍ଷିତ କରିଥିଲା । ଏହି ଅବସରରେ ପ୍ରତିଷ୍ଠାତା ଶ୍ରୀମତୀ ଅଗ୍ରୱାଲ କହିଛନ୍ତି ଯେ କ୍ୟୁରିଅସ୍ ଚିଜ୍ ବ୍ରାଣ୍ଡ ଓଡିଶାରେ ନୂଆ ବିପ୍ଳବ ଆଣିବ । ଆମେ ପ୍ରଥମ ପର୍ଯ୍ୟାୟରେ ନାଓ ଗ୍ରୋସରୀ ସହ ବ୍ୟବସାୟ ଆରମ୍ଭ କରିଛୁ । ଆଗାମୀ ଦିନରେ ଅନ୍ୟ ଷ୍ଟୋର ଓ ସପିଂ ମଲରେ ଏହା ଉପଲବ୍ଧ ହେବ ।



### ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ସୋନପୁର ଜିଲ୍ଲାରେ

## ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଗୋଷ୍ଠୀ ଭିତ୍ତିକ ବିକାଶ କାର୍ଯ୍ୟକ୍ରମ



ଭୁବନେଶ୍ୱର,(ସବ୍ୟୁ): ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ଏବଂ (ରିସର୍ଚ୍ଚ ଏକାଡେମୀ ଫର୍ ରୁରାଲ୍ ଏନରିଚମେଣ୍ଟ)ର ସହଭାଗୀତାରେ ସୋନପୁର ଜିଲ୍ଲାରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଗୋଷ୍ଠୀ ଭିତ୍ତିକ ବିକାଶ ଓ ଥଇଥାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଅଛି । ଏହି ପଦକ୍ଷେପ ଟିପିଡବ୍ଲୁଓଡିଏଲର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ବିଭାଗର ଏକ ଅଂଶ । ଏହି କାର୍ଯ୍ୟକ୍ରମଟି ସୋନପୁର ଜିଲ୍ଲାର ଧୋବମୁଣ୍ଡା ସ୍ଥିତ ରେୟାର ସମ୍ମିଳନୀ କକ୍ଷରେ ଆରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଟିପିଡବ୍ଲ୍ୟୁଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଏବଂ କମ୍ପୋଜିଟ୍ ରିଜିଓନାଲ ସେଣ୍ଟର (ସିଆର୍‌ସି) ବଲାଙ୍ଗିରର ନିର୍ଦ୍ଦେଶକ, ଉପ-ବିଭାଗୀୟ ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ମୁଖ୍ୟ ଜିଲ୍ଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଏବଂ ଜିଲ୍ଲା ଦକ୍ଷତା ବିକାଶ ଏବଂ ନିଯୁକ୍ତି ଅଧିକାରୀ ସମେତ ଅନେକ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ । ବର୍ଷବ୍ୟାପୀ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ସୋନପୁର ଜିଲ୍ଲାର ଡୁଙ୍ଗୁରିପାଲି ବ୍ଲକର ୧୩ଟି ଗ୍ରାମ ପଞ୍ଚାୟତର ୧,୦୦୦ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରିବା । ଏହାର ମୁଖ୍ୟ ଲକ୍ଷ୍ୟ ହେବ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସଶକ୍ତିକରଣ । କାର୍ଯ୍ୟକ୍ରମର ଉଦଘାଟନୀ ଅବସରରେ ଟିପିଡବ୍ଲ୍ୟୁଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତିନି ଜଣ ହିତାଧିକାରୀଙ୍କୁ ତିନୋଟି ହ୍ୱିଲଚେୟାର ପ୍ରଦାନ କରିଥିଲେ ।

### ହାଇକୋର୍ଟରେ ପାଟଣାଗଡ ବିଧାନସଭା ନିର୍ବାଚନ ମାମଲା

## କୋର୍ଟ ପ୍ରୋସିଡ଼ିଂ ଗଣମାଧ୍ୟମରେ ପ୍ରକାଶନ ବାରଣ ଆବେଦନ ଖାରଜ


କଟକ,(ସବ୍ୟୁ): ପାଟଣାଗଡ଼ ବିଧାନସଭା ନିର୍ବାଚନୀ ମାମଲାରେ ଅଦାଲତଙ୍କ କୋର୍ଟ ପ୍ରୋସିଡିଂ ଗଣମାଧ୍ୟମରେ ପ୍ରକାଶନ ଉପରେ ରୋକ୍ ଲଗାଇବା ପାଇଁ ସ୍ଥାନୀୟ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କରିଥିବା ଆବେଦନକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି । ହାଇକୋର୍ଟ ଏହି ଅବସରରେ କହିଛନ୍ତି ଯେ, ଜନସାଧାରଣଙ୍କ ଅବଗତ ନିମନ୍ତେ ଆଇନ ବିଭିନ୍ନ ବିଭାଗର ବିଭାଗୀୟ ଅନୁଷ୍ଠାନର କୋର୍ଟ ପ୍ରୋସିଡିଂ ପ୍ରକାଶ ପାଇଁ ଅନୁମତି ଦେଉଛି । କାରଣ ଯେ କୌଣସି ଟ୍ରାଏଲ୍ ସମ୍ପର୍କରେ ସାଧାରଣ ଲୋକେ ଜାଣିବା ଦରକାର । ବିଚାର ବ୍ୟବସ୍ଥା ଉପରେ ସାଧାରଣ ଲୋକଙ୍କ ବିଶ୍ୱାସକୁ ଦୃଢ଼ କରିବା ଲାଗି କୋର୍ଟ ପ୍ରୋସିଡିଂର ପ୍ରକାଶନ ଉପରେ କୌଣସି ପ୍ରକାର କଟକଣା ଲଗାଯିବା ଉଚିତ୍ ନୁହେଁ ବୋଲି ହାଇକୋର୍ଟ ମତ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ପ୍ରତିପକ୍ଷଙ୍କ ଗଣମାଧ୍ୟମ ଆଗରେ ବୟାନକୁ ନେଇ କୌଣସି ପ୍ରକାର ରହିତାଦେଶ ଜାରି କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ମତ ଦେଇଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା, ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ଅନ୍ତରୀଣ ପିଟିସନକୁ ଖାରଜ କରିବା ଅବସରରେ ଏହି ରାୟ ଦେଇଛନ୍ତି । ହାଇକୋର୍ଟଙ୍କ ଏହି ଆଦେଶ ଫଳରେ ଉପମୁଖ୍ୟମନ୍ତ୍ରୀଙ୍କୁ ବଡ଼ ଧକ୍କା ଲାଗିଛି । ଉଲ୍ଲେଖଯୋଗ୍ୟ ଯେ, ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ବିରୋଧରେ ସରୋଜ କୁମାର ମେହେର ଏକ ନିର୍ବାଚନୀ ମାମଲା ରୁଜୁ କରିଥିଲେ । ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ନିର୍ବାଚନ ସମୟରେ ନିଜ ସମ୍ପର୍କରେ ଅନେକ ମିଥ୍ୟା ତଥ୍ୟ ଦେଇଥିବା ନେଇ ସେ ଅଭିଯୋଗ କରିଥିଲେ । ତେଣୁ ତାଙ୍କ ବିଧାୟକ ପଦକୁ ରଦ୍ଦ ପାଇଁ ସେ ପ୍ରାର୍ଥନା କରିଥିଲେ । ଏହି ମାମଲାରେ ହାଇକୋର୍ଟ ଉପମୁଖ୍ୟମନ୍ତ୍ରୀଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ ଜାରି କରିଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ଧାର୍ଯ୍ୟ ସମୟ ମଧ୍ୟରେ ଜବାବ ଦାଖଲ କରିପାରିନଥିବା ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଜବାବ ଦାଖଲ ଲାଗି ଅଦାଲତଙ୍କ ଅନୁମତି ଲୋଡ଼ିଥିଲେ । ଏଥିସହ ବିଳମ୍ବରେ ଜବାବ ଦାଖଲ କରିବାକୁ ଚାହୁଁଥିବାରୁ ତାଙ୍କ ଜବାବକୁ ଗ୍ରହଣ ପାଇଁ ପ୍ରାର୍ଥନା କରିଥିଲେ । ହାଇକୋର୍ଟ ଏହି ପ୍ରାର୍ଥନାକୁ ଗ୍ରହଣ କରିଥିଲେ ମଧ୍ୟ ବିଳମ୍ବରେ ଦାଖଲ ପାଇଁ ତାଙ୍କ ଉପରେ ୨ହଜାର ଜରିମାନା କରି ଜବାବକୁ ଗ୍ରହଣ ପାଇଁ ଅନୁମତି ଦେଇଥିଲେ । ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। । ଏହାଦ୍ୱାରା ଉପମୁଖ୍ୟମନ୍ତ୍ରୀଙ୍କ ସମ୍ମାନ ହାନି ହେଉଥିବା ଦର୍ଶାଇ ରିପୋର୍ଟ ପ୍ରକାଶନ ଉପରେ ରୋକ୍ ଲଗାଇବା ପାଇଁ ସେ ହାଇକୋର୍ଟରେ ଏକ ଅନ୍ତରୀଣ ପିଟିସନ୍ ରୁଜୁ କରିଥିଲେ ।

### ବିଏନ୍‌ଆଇର ଧଉଳି ଗ୍ରେଟର ଓଡିଶା ଚାପ୍ଟର ୧୦ମର ଶୁଭାରମ୍ଭ

ଭୁବନେଶ୍ୱର,(ସବ୍ୟୁ): ବିଏନଆଇ ଗ୍ରେଟର ଓଡିଶା ଚାପ୍ଟର ୧୦ମ ର ଶୁଭାରମ୍ଭ ହୋଇଛି । ଏହା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ସି ଏସ ସୁନୀତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଶୁଭାରମ୍ଭ ହୋଇଛି । ଏହି ଶୁଭାରମ୍ଭ ସମାରୋହରେ କ୍ଷେତ୍ର ନିର୍ଦ୍ଦେଶକ କେ ସଞ୍ଜୀବ ପାତ୍ରଙ୍କ ସମେତ ଅନେକ ସମ୍ମାନିତ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ । ସେମାନଙ୍କ ବ୍ୟତୀତ ଜିଲ୍ଲା ନିର୍ଦ୍ଦେଶକ ବିମଳ ସାମଲ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସିଏ.ସ ସୁନୀତା ମହାନ୍ତି, ପ୍ରଦୀପ ଅଗ୍ରୱାଲ, ନମ୍ରତା ସାମଲ ଏବଂ ଧଉଳୀ ଚାପ୍ଟର ର ସଭାପତି ଜିତୁ ଶତପଥୀ, ଉପସଭାପତି ଅଭିଜିତ ମହାନ୍ତି, ସମ୍ପାଦକ ତଥା କୋଷାଧକ୍ଷ ବିବେକାନନ୍ଦ ମାଝୀ ଉପସ୍ଥିତ ଥିଲେ । ଯେଉଁମାନେ ବିଜିନେସ ଉଦ୍ୟୋଗୀ ସେମାନେ ଏହି ଭଳି ପ୍ଲାଟଫର୍ମ ରେ ସଭ୍ୟ ଭାବେ ସାମିଲ ହେଲେ ସେମାନଙ୍କର ବିଜିନେସ ନେଟୱାର୍କ ବଢ଼ିବାରେ ସହାୟକ ହେବ ବୋଲି ବକ୍ତାମାନେ କହିଥିଲେ । କଂଷ୍ଟ୍ରକସନ, ସ୍ୱାସ୍ଥ୍ୟ, ୱେଲନେସ, ଫୁଡ୍ ଇତ୍ୟାଦି ବ୍ୟବସାୟକୁ ଏହି ସଂସ୍ଥା ମାଧ୍ୟମରେ ପ୍ରଚାର ଓ ପ୍ରସାର କରାଯାଏ । ପ୍ରତ୍ୟେକ ସପ୍ତାହର ଗୁରୁବାର ଦିନ ସକାଳ ୭:୨୯ ମିନିଟ ରେ ୯୦ମିନିଟ ସମୟ ଯାଏଁ ସଭା ହୁଏ । ବର୍ତ୍ତମାନ ସୁଦ୍ଧା ୫ସହ ସଭ୍ୟ ଅଂଶଗ୍ରହଣ କରିସାରିଲେଣି । ଏହା ବିଶ୍ୱସ୍ତରୀୟ ଅନୁଷ୍ଠାନ ଏବଂ ୭୯ ଟି ଦେଶରେ ଏହା କାର୍ଯ୍ୟକାରୀ ହେଉଅଛି । ଭାରତ ରେ ୧୪ଶହ ଚାପ୍ଟର ରହିଛି ବୋଲି ଏହାର କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ ।

## ସୋଡାୟାରି ଜାମ୍ ବର୍ତ୍ତମାନ କୋଲକାତାରେ

ଭୁବନେଶ୍ୱର,(ସବ୍ୟୁ): ବନ୍ଧୁତା ଦିବସରେ, ହାଉସ୍ ଅଫ୍ ମ୍ୟାକଡୋୱେଲ୍ ସୋଡାୟାରିଙ୍କୁ ନୂତନ ଉଚ୍ଚତାକୁ ନେଇଯାଉଛି - ଉଭୟ ଆକାଶ ଏବଂ ମଞ୍ଚରେ । ଟ୍ରାଇବ ଭାଇଭ ଏଣ୍ଟରଟେନମେଣ୍ଟ ଦ୍ୱାରା ନିର୍ମିତ ଏବଂ ପ୍ରଚାରିତ ଭାରତର ସର୍ବବୃହତ ବ୍ରାଣ୍ଡେଡ୍ ଲାଇଭ୍, 'ୟାରିଜାମ୍', ୩୬,୦୦୦ ଫୁଟ ଉଚ୍ଚତାରେ ପ୍ରଥମ ଥର ପାଇଁ ଏକ ଐତିହାସିକ ମୁହୂର୍ତ୍ତକୁ ଚିହ୍ନିତ କରିଥିଲା, ଯେଉଁଠାରେ 'କିଙ୍ଗ' ଏବଂ 'କର୍ମା' ଏକ ବିମାନ ଯାତ୍ରାକୁ ବନ୍ଧୁତ୍ୱର ଏକ ଅଭୁଲା ମୁହୂର୍ତ୍ତରେ ପରିଣତ କରିଥିଲେ । ଏବେ, ଯାତ୍ରାଟି ପରବର୍ତ୍ତୀ ଅଧ୍ୟାୟ ପାଇଁ କୋଲକାତାରେ ଅବତରଣ କରିଛି । ଏହାର ମୂଳରେ, ହାଉସ୍ ଅଫ୍ ମ୍ୟାକଡୋୱେଲ୍ ସୋଡା ସର୍ବଦା ୟାରିକୁ ସମର୍ଥନ କରିଆସିଛି - କେବଳ ଏକ ବିଷୟବସ୍ତୁ ଭାବରେ ନୁହେଁ, ବରଂ ଏକ ଭାବନା ଭାବରେ । 'ୟାରି ଜାମ୍' ର ପ୍ରତ୍ୟେକ ସଂସ୍କରଣରେ, ବ୍ରାଣ୍ଡ୍ ସମସ୍ତଙ୍କୁ ଯୋଡୁଥିବା - ସଙ୍ଗୀତ ମାଧ୍ୟମରେ, ୟାର୍ମାନଙ୍କ ମଧ୍ୟରେ ପ୍ରକୃତ ସମ୍ପର୍କକୁ ପାଳନ କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି ।




ମୁମ୍ବାଇରୁ କୋଲକାତା ଯାଉଥିବା ଏକ ଘରୋଇ ଚାର୍ଟରରେ, କଳାକାର କିଙ୍ଗ, କର୍ମା, ଏବଂ ହାସ୍ୟ ଅଭିନେତା ରବି ଗୁପ୍ତା ଏବଂ ଗୁରଲୀନ ପନ୍ନୁ ମଝି ଆକାଶ ଜାମକୁ ଏକ ଅନନ୍ୟ ଅନୁଭୂତିରେ ପରିଣତ କରିଥିଲେ ।

### ଝାଡ଼ଖଣ୍ଡ ସିଏସ୍‌ଆର୍ ସମ୍ମିଳନୀ ୨୦୨୫

## ସାମାଜିକ ଦାୟିତ୍ୱ ଓ ସ୍ଥାୟୀ ବିକାଶ ଉପରେ ହେବ ଆଲୋଚନା

ଭୁବନେଶ୍ୱର,(ସବ୍ୟୁ): ଝାଡ଼ଖଣ୍ଡ ରାଜ୍ୟ ପୁଣିଥରେ ସାମାଜିକ ଦାୟିତ୍ୱ (ସିଏସଆର) କ୍ଷେତ୍ରରେ ଦେଶକୁ ଏକ ନୂଆ ଦିଗ ଦେବା ଲାଗି ପ୍ରୟାସ ଆରମ୍ଭ କରିଛି । ଏହି ପ୍ରୟାସର ଅଂଶ ଭାବେ ଆସନ୍ତା ୨୨ ଓ ୨୩ ଅଗଷ୍ଟରେ ରାଞ୍ଚି ସ୍ଥିତ ରେଡିସନ ବ୍ଲୁ ହୋଟେଲରେ ଦୁଇଦିନିଆ ଝାଡ଼ଖଣ୍ଡ ସିଏସଆର ସମ୍ମିଳନୀ ୨୦୨୫ ଆୟୋଜିତ ହେବ। ଏହି ବର୍ଷର ବିଷୟ ରହିଛି - 'ସ୍ଥାୟୀ ବିକାଶ ପାଇଁ ସିଏସଆର: ପ୍ରଭାବ ଓ ନବପ୍ରବର୍ତ୍ତନର ସଂଯୋଗ । ଏହି ସମ୍ମିଳନୀରେ ରାଜ୍ୟ ସରକାର, କମ୍ପାନୀ, ଶିକ୍ଷା ପ୍ରତିଷ୍ଠାନ, ସେବା ସଂଗଠନ ଓ ସାମାଜିକ କର୍ମୀମାନେ ମିଶି ଏକ ସଂଯୁକ୍ତ ମଞ୍ଚ ଗଠନ କରିବେ, ଯେଉଁଠି ଝାଡ଼ଖଣ୍ଡ ଓ ଦେଶର ସମାନ୍ତର ବିକାଶ ସମ୍ଭାବନା ଉପରେ ଗଭୀର ଆଲୋଚନା ହେବ। ଶିକ୍ଷା, ସ୍ୱାସ୍ଥ୍ୟ, ଜଳବାୟୁ ପରିବର୍ତ୍ତନ, ମହିଳା ସଶକ୍ତିକରଣ ଓ ସାମାଜିକ ନବପ୍ରବନ୍ଧନ ଭଳି ବିଷୟ ଉପରେ ବିଚାରବିମର୍ଶ




ହେବ । ଏସମ୍ପର୍କରେ ମିଶନ ବ୍ଲୁ ଫାଉଣ୍ଡେସନ୍ ର ଅଧ୍ୟକ୍ଷ ଡା. ପଙ୍କଜ ସୋନୀ କହିଛନ୍ତି, 'ସିଏସଆର କେବଳ ଏକ ଆଇନଗତ ଦାୟିତ୍ୱ ନୁହେଁ, ବରଂ ଏହା ସାମାଜିକ ପରିବର୍ତ୍ତନ ଆଣିବାର ଏକ ଶକ୍ତିଶାଳୀ ଉପାୟ। ଝାଡ଼ଖଣ୍ଡର ସାମାଜିକ ଓ ଆର୍ଥିକ ଗଠନ ଏହାକୁ ସମାନ୍ତର ବିକାଶ ପାଇଁ ଉପଯୁକ୍ତ ସ୍ଥାନ କରିଛି । ଏହି ଅନୁଷ୍ଠାନରେ ଓଏନଜିସି, କୋଲ୍ ଇଣ୍ଡିଆ, ସେଲ୍ ଓ ଏନଟିପିସି ପରି ମୁଖ୍ୟ ସାର୍ବଜନୀନ ବିକାଶ ଉପକ୍ରମମାନେ ସହଯୋଗ କରୁଛନ୍ତି । ବିଭିନ୍ନ କମ୍ପାନୀ, ବିଶ୍ୱବିଦ୍ୟାଳୟ, ଟ୍ରଷ୍ଟ ଓ ବ୍ୟକ୍ତିଗତ ପରିବର୍ତ୍ତନକାରୀମାନେ ଏହି ସମ୍ମିଳନୀରେ ଅଂଶ ନେବେ। ଏହି କାର୍ଯ୍ୟକ୍ରମ ସମୟରେ ସଫଳ ସିଏଆର ପ୍ରୟାସ, ଅନୁଭବ ବାଣ୍ଟିବା ଓ ଝାଡ଼ଖଣ୍ଡର ଜନଜାତିୟ ସଂସ୍କୃତି ଓ ନିବେଶ ସମ୍ଭାବନା ବିଷୟରେ ଉପସ୍ଥାପନ କରାଯିବ। ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି କିମ୍ବା ସଂସ୍ଥାମାନେ, www.jharkhandcsrconclave.comରେ ଯାଇ ପଞ୍ଜିକରଣ କରିପାରିବେ ।

## ସିଏସ୍‌ଏମ୍ ସିନାପ୍ସି ୪.୦ ରେ ଜିତିଲେ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍

ଭୁବନେଶ୍ୱର,(ସବ୍ୟୁ): ୧ ଅଗଷ୍ଟ ୨୦୨୫ ସିଏସ୍‌ଏମ୍ ଟେକ୍ H Quizcraft Globalଙ୍କ ସଂଯୁକ୍ତ ଉଦ୍ୟମରେ ଆୟୋଜିତ ଓଡ଼ିଶାର ସର୍ବୋଚ୍ଚସ୍ତରର ସିଏସ୍‌ଏମ୍ ସିନାପ୍ସି ୪.୦ ଇଣ୍ଟର୍-ସ୍କୁଲ୍ କ୍ୱିଜ୍ ପ୍ରତିଯୋଗିତାରେ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍, ଭୁବନେଶ୍ୱରରେ ଜୟ ହାସଲ କରିଛନ୍ତି । ଏହି ବିଜୟ ସହିତ ଟିମ୍ ଅଦ୍ୱେୟ ସାରଙ୍ଗୀ ଓ ସ୍ୱସ୍ତିକା ମିଶ୍ର ୨,୦୦,୦୦୦ ପୁରସ୍କାର ଓ ବିଜେତା ଟ୍ରଫି ଜିତିଛନ୍ତି । ଗୁରୁ କେଲୁଚରଣ ମହାପାତ୍ର ଓଡିଶି ଗବେଷଣା କେନ୍ଦ୍ର, ଭୁବନେଶ୍ୱରରେ ଅନୁଷ୍ଠିତ ଗ୍ରାଣ୍ଡ ଫାଇନାଲରେ ଓଡ଼ିଶାର ତିନିଟି ଜୋନରୁ ବିଜେତା ଛାତ୍ରଛାତ୍ରୀମାନେ ଅଂଶ ନେଇଥିଲେ । ନେଭାଲ୍ ଏନ୍‌ସିସିର କମାଣ୍ଡିଂ ଅଫିସର କମାଣ୍ଡର ସୁଶାନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ ।



ସିଏସ୍‌ଏମ୍ ଟେକ୍‌ର ସଂସ୍ଥାପକ ଓ ସିଇଓ ପ୍ରିୟଦର୍ଶୀ ନନ୍ନୁ ପାଣି ଓ ସିଏଚ୍‌ଆର୍‌ଓ ଲଗ୍ନା ପଣ୍ଡା ବି ବିଜେତାଙ୍କୁ ସମ୍ମାନିତ କରିଥିଲେ ।

ଡିପିଏସ୍ ରାଉରକେଲାର ଟିମ୍ ଉପବିଜେତା ହୋଇ ୨୫,୦୦୦ ପୁରସ୍କାର ଜିତିଥିଲେ । ବାକି ଫାଇନାଲିଷ୍ଟ ଟିମ୍‌ମାନେ ଡିଏଭି ୟୁନିଟ୍-୮, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓଏଭି ଚମକଖଣ୍ଡି, ସେଣ୍ଟ ପଲ୍'ଟ ରାଉରକେଲା ଓ ତକ୍ଷଶିଳା ସ୍କୁଲ୍ ଥିଲେ ।

ସିଏସ୍‌ଏମ୍ ସିନାପ୍ସି ୨୦୨୫ ର ନୂତନ ଦୁଇ-ସ୍ତରୀୟ ରୂପରେ ଜୋନାଲ୍ ରାଉଣ୍ଡ ପରେ ଗ୍ରାଣ୍ଡ ଫାଇନାଲ୍ ହେଉଥିବା ଫର୍ମାଟ୍ ପ୍ରତିଯୋଗିତାର ଉତ୍ସାହ ଓ ରେପ୍ରେଜେଣ୍ଟେସନ୍କୁ ଅଧିକ ବୃଦ୍ଧି କରିଛି । ପ୍ରସିଦ୍ଧ କ୍ୱିଜମାଷ୍ଟର ଅଦିତ୍ୟନାଥ ମୁବାୟି, ଯିଏ କେବିସି ସହିତ ଜଡିତ, ଏହି ଆୟୋଜନକୁ ଆକର୍ଷଣୀୟ ଭାବେ ହୋଷ୍ଟ କରିଥିଲେ ।

ପ୍ରତ୍ୟେକ ଦଳ ପୂର୍ବରୁ ଜୁଲାଇରେ ଅନୁଷ୍ଠିତ କଠୋର ପ୍ରାଥମିକ ରାଉଣ୍ଡ ସମୟରେ ସେମାନଙ୍କ ଜୋନରେ ଡଜନ ଡଜନ ବିଦ୍ୟାଳୟକୁ ପରାସ୍ତ କରିଥିଲେ ।

ଏହି ପଦକ୍ଷେପ ଉପରେ ମନ୍ତବ୍ୟ ଦେଇ ସିଏସ୍‌ଏମ୍ ଟେକ୍ର ପ୍ରତିଷ୍ଠାତା ତଥା ସିଇଓ ପ୍ରିୟଦର୍ଶୀ ନାନୁ ପାଣି କହିଛନ୍ତି । ସିଏସ୍‌ଏମ୍ ସିନାପ୍ସ ଏକ କୁଇଜ୍ ଠାରୁ ଅଧିକ, ଏହା ଯୁବ ମସ୍ତିଷ୍କକୁ ପ୍ରଜ୍ୱଳିତ କରିବା ପାଇଁ ଏକ ଆନ୍ଦୋଳନ । ପ୍ରତ୍ୟେକ ସଂସ୍କରଣ ସମଗ୍ର ଓଡ଼ିଶାରେ ପ୍ରତିଭାର ଉଲ୍ଲେଖନୀଯ ଗଭୀରତାକୁ ପ୍ରକାଶ କରିଛି ।

୨୦୨୨ ରେ ଆରମ୍ଭ ହୋଇଥିବା ସିଏସ୍‌ଏମ୍ ସିନାପ୍ସ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକାଡେମିକ୍ ଉତ୍କର୍ଷତା, ଦଳଗତ କାର୍ଯ୍ୟ ଏବଂ ଆତ୍ମବିଶ୍ୱାସ ନିର୍ମାଣ ପାଇଁ ଏକ ଆଲୋକବର୍ତ୍ତିକା ହୋଇପାରିଛି ।

### ଲାଲ୍‌କିଲ୍ଲା ଅଭିଭାଷଣ ପ୍ରସ୍ତୁତି

# ଜନତାଙ୍କ ସହଯୋଗ ଲୋଡ଼ିଲେ ମୋଦୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲଗାତାର ୧୨ ଥର ପାଇଁ ଲାଲକିଲ୍ଲାରୁ ଦେଶକୁ ସମ୍ବୋଧିତ କରିବାକୁ ଯାଉଛନ୍ତି । ପ୍ରଧାନମନ୍ତ୍ରୀ ଏବେ ଏହି ଅଭିଭାଷଣ ପାଇଁ ଜନସାଧାରଣଙ୍କଠାରୁ ଏକ ସ୍ୱତନ୍ତ୍ର ସାହାଯ୍ୟ ଲୋଡିଛନ୍ତି ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ କରିଛନ୍ତି । ଏହି ପୋଷ୍ଟରେ, ସେ ସ୍ୱାଧୀନତା ଦିବସ ଭାଷଣ ପାଇଁ ଜନସାଧାରଣଙ୍କଠାରୁ ମତାମତ ମାଗିଛନ୍ତ । ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ପୋଷ୍ଟରେ କହିଛନ୍ତି – ଏହି ବର୍ଷର ସ୍ୱାଧୀନତା ଦିବସ ପାଖେଇ ଆସୁଥିବାବେଳେ, ମୁଁ ମୋର ସାଥୀ ଭାରତୀୟଙ୍କଠାରୁ ଶୁଣିବାକୁ ଆଗ୍ରହୀ! ଏହି ବର୍ଷର ସ୍ୱାଧୀନତା ଦିବସ ଭାଷଣରେ ଆପଣ କେଉଁ ବିଷୟ ଶୁଣିବାକୁ ଚାହାଁନ୍ତି ?



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା ମଧ କହିଛନ୍ତି ଯେ ସ୍ୱାଧୀନତା ଦିବସ ସମାରୋହରେ ଭାରତର ଲୋକମାନେ ଲାଲକିଲ୍ଲାରୁ ଭାଷଣ ପାଇଁ କେଉଁଠାରେ ନିଜର ମତାମତ ଦେଇପାରିବେ । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଲୋକମାନେ ମାଇଗଭ ଏବଂ ନମୋ ଆପରେ ସେମାନଙ୍କର ମତାମତ ଦେଇପାରିବେ ।

ଅନ୍ୟପଟେ ଦିଲ୍ଲୀ ପୋଲିସ ସ୍ୱାଧୀନତା ଦିବସ ପୂର୍ବରୁ ସହରର ପ୍ରମୁଖ ସ୍ଥାନରେ ହୋଟେଲ, ରେଳ ଷ୍ଟେସନ ଏବଂ ବସ୍ ଟର୍ମିନାଲ ସମେତ ଏକ ବ୍ୟାପକ ଯାଞ୍ଚ ଅଭିଯାନ ଚଳାଇଛି ଏବଂ ୧୦୦ ରୁ ଅଧିକ ସ୍ଥାନରେ ସୁରକ୍ଷା ତ୍ରୁଟି ଚିହ୍ନଟ କରିଛି । ଦିଲ୍ଲୀର ବିଭିନ୍ନ ସ୍ଥାନରେ ପାଞ୍ଚ ଦିନିଆ ସୁରକ୍ଷା ଯାଞ୍ଚ ଅଭିଯାନ କରାଯାଇଥିଲା । ଯାଞ୍ଚ ସମୟରେ, ହୋଟେଲ, ପାର୍କିଂ, ମେଟ୍ରୋ ଷ୍ଟେସନ ନିକଟବର୍ତ୍ତୀ ସ୍ଥାନ, ମେଟ୍ରୋ ଷ୍ଟେସନରେ ଅବସ୍ଥିତ ଭୋଜନାଳୟ, ରେଳ ଷ୍ଟେସନ ନିକଟବର୍ତ୍ତୀ ଅନେକ କମ୍ପ୍ଲେକ୍ସ, ବସ୍ ଷ୍ଟାଣ୍ଡ ଏବଂ ଅନ୍ୟାନ୍ୟ ଅନେକ ପ୍ରତିଷ୍ଠାନରେ କାର୍ଯ୍ୟକ୍ଷମ ହେଉନଥିବା ସିସି ଟିଭି କ୍ୟାମେରା ଚିହ୍ନଟ କରାଯାଇଥିଲା ।

### ଦୁଷ୍କର୍ମ ମାମଲା

## ଦେବେଗୌଡ଼ାଙ୍କ ନାତି ରେବନ୍ନା ଦୋଷୀ



ନୂଆଦିଲ୍ଲୀ: ଦୁଷ୍କର୍ମ ମାମଲାରେ ଗିରଫ ହେବାର ବର୍ଷକ ପରେ ଦୋଷୀ ସାବ୍ୟସ୍ତ ହେଲେ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍ ଡି ଦେବେଗେଡ଼ାଙ୍କ ନାତି ପ୍ରଜ୍ୱଳ ରେବନ୍ନା । ନିଜ ଗୃହସହାୟିକାଙ୍କ ସହ ଦୁଷ୍କର୍ମ ଓ ଧମକ ଦେବା ମାମଲାର ଅଭିଯୁକ୍ତ ତଥା ପୂର୍ବତନ ଜେଡିଏସ୍ ସାଂସଦଙ୍କୁ ଆଜି ଦୋଷୀ ବୋଲି ଘୋଷଣା କରିଛନ୍ତି କୋର୍ଟ । ଗତବର୍ଷ ତାଙ୍କୁ ଏହି ମାମଲା ପାଇଁ ଗିରଫ କରିଥିଲା ଏସଆଇଟ । ହାସନ ଜିଲ୍ଲାର ହୋଲେନରସିପୁରାର ଏକ ଫାର୍ମହାଉସରେ ସେ ଗୃହସହାୟିକାଙ୍କୁ ଦୁଷ୍କର୍ମ କରିଥିଲେ । କୁହାଯାଉଛି ଯେ, ହାସନର ପୂର୍ବତନ ସାଂସଦ ପ୍ରଜ୍ୱଳ ରେବନ୍ନାଙ୍କ ବିରୁଦ୍ଧରେ କୋର୍ଟ ରାୟ ଘୋଷଣା କରିବା ମାତ୍ରେ ସେ କୋର୍ଟରେ ହିଁ ଭାବପ୍ରବଣ ହୋଇପଡ଼ିଥିଲେ । ଦୋଷୀ ବୋଲି ସ୍ପଷ୍ଟ ହେବା ପରେ ସେ କାନ୍ଦି ପକାଇଥିଲେ । ଏଫଆଇଆର ପଞ୍ଜିକୃତ ହେବାର ମାତ୍ର ୧୪ମାସ ପରେ ଏହି ରାୟ ପ୍ରକାଶ ପାଇଛି । ଆଜି ଦୋଷୀ ବୋଲି ରାୟ ଦେବା ପରେ ଆସନ୍ତାକାଲି କୋର୍ଟ ତାଙ୍କୁ କ'ଣ ଦଣ୍ଡ ଦିଆଯିବ, ତା'ର ନିଷ୍ପତ୍ତି ନେବେ ।

ପୂର୍ବତନ ସାଂସଦ ପ୍ରଜ୍ୱଳ ରେଭାନ୍ନ ହେଉଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍ ଡି ଦେବଗୌଡ଼ାଙ୍କ ନାତି ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍ ଡି କୁମାରସ୍ୱାମୀଙ୍କ ପୁତୁରା । ତାଙ୍କ ବିରୁଦ୍ଧରେ ଯୌନ ହିଂସା ଏବଂ ଦୁଷ୍କର୍ମର ଚାରୋଟି ଭିନ୍ନ ଭିନ୍ନ ସଂଗୀନ ଅଭିଯୋଗ ହୋଇଛ । ୨୮ଏପ୍ରିଲରୁ ୧୦ ଜୁନ୍ ୨୦୨୪ ମଧ୍ୟରେ ୪ଟି ଏଫଆଇଆର୍ ପଞ୍ଜିକୃତ ହୋଇଥିଲା । ଏହି ମାମଲା ହାସନ ଜିଲ୍ଲାର ହୋଲେନରସିପୁରା ପୁଲିସ ଷ୍ଟେସନରେ ପଞ୍ଜିକୃତ ହୋଇଥିଲା । ୨ଟି ସାଇବର ଅପରାଧ ମାମଲା ମଧ୍ୟରୁ ଗୋଟିଏ ସିଆଇଡି ଅଧୀନରେ ସାଇବର କ୍ରାଇମ୍ ପୁଲିସ ଷ୍ଟେସନରେ ପଞ୍ଜିକୃତ ହୋଇଥିଲା ।

## ଦରମା ୧୫ ହଜାର ୨୪ ଘର, ୩୦ କୋଟିର ସମ୍ପତ୍ତି

ବେଙ୍ଗାଲୁରୁ: ରାଣି ଭାବେ ଚାକିରି କରୁଥିଲେ ମାସିକ ଦରମା ଥିଲା ମାତ୍ର ୧୫ ହଜାର । ହେଲେ ଏବେ ସେ ୨୪ଟି ଘର ସମେତ ୩୦ କୋଟି ଟଙ୍କା ସମ୍ପତ୍ତିର ମାଲିକ । ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ହେଁ ଏପରି ଘଟଣା ସାମ୍ନାକୁ ଆସିଛି ।

କର୍ଣ୍ଣାଟକା ଗ୍ରାମୀଣ ଭିତ୍ତିଭୂମି ବିକାଶ ଲିଃ (କେଆରଆଇଡିଏଲ)ର ଜଣେ ପୂର୍ବତନ କିରାଣିଙ୍କ ଘରେ ଶୁକ୍ରବାର ଲୋକାୟୁକ୍ତ ଅଧିକାରୀମାନେ ରେଡ୍ କରିଥିଲେ । ଏହି ସମୟରେ ତାଙ୍କ ମାଲିକାନାରେ ଥିବା ୩୦ କୋଟି ଟଙ୍କାର ସମ୍ପତ୍ତି ସମ୍ପର୍କରେ ସୂଚନା ମିଳିଛି । କୋପ୍ପାଲରେ କାର୍ଯ୍ୟ କରିଥିବା କଲକାପ୍ପା ନିଦାଗୁଣ୍ଡି ଚାକିରି ସମୟରେ ମାସକୁ ମାତ୍ର ୧୫ ହଜାର ଟଙ୍କା ଦରମା ପାଉଥିଲେ ।

ଏବେ ତାଙ୍କ ପାଖରେ ୨୪ଟି ବିରାଟକାୟ ଘର, ୪ଟି ପ୍ଲଟ ଓ ୪୦ ଏକରର ଚାଷ ଜମି ରହିଛି । ରେଡ ବେଳେ ତାଙ୍କ ଘରୁ ୪ଟି ଗାଡ଼ି, ୩୫୦ ଗ୍ରାମ ସୁନା ଓ ଦେଢ କେଜି ଓଜନର ରୁପା ମଧ ଅଧିକାରୀମାନେ ଜବତ କରିଛନ୍ତି ।

## ୭ ବର୍ଷ ପରେ ଦିଲ୍ଲୀ ପାଇଲା ସ୍ୱଚ୍ଛ ବାୟୁ



ନୂଆଦିଲ୍ଲୀ: ଦିଲ୍ଲୀ ବର୍ତ୍ତମାନ ସବୁଠାରୁ ସ୍ୱଚ୍ଛ ବାୟୁ ଅନୁଭବ କରୁଛି । ଦିଲ୍ଲୀ ଗତ ୭ବର୍ଷ ପରେ ଚଳିତ ଜୁଲାଇ ମାସରେ ସବୁଠାରୁ ସ୍ୱଚ୍ଛ ବାୟୁ ରେକର୍ଡ କରିଛି। ବାୟୁର ଗୁଣବତ୍ତା ସୂଚକାଙ୍କ ହାରାହାରି ୭୮ ରହିଛି, ଯାହା ଏକ ଆଶ୍ୱସ୍ତିକର ବିଷୟ । କ୍ୱାଲିଟି ମ୍ୟାନେଜମେଣ୍ଟ କମିଶନ ଏହାକୁ ଏକ ସକାରାତ୍ମକ ପରିବର୍ତ୍ତନ ଭାବରେ ବର୍ଣ୍ଣନା କରି କହିଛି ଯେ ଏହା କେବଳ ପାଗର ଆଶୀର୍ବାଦ ନୁହେଁ, ବରଂ କଂକ୍ରିଟ୍ କାର୍ଯ୍ୟ ଯୋଜନାର ଫଳାଫଳ ରହିଛ ।

ଯଦି ଆମେ ଗତ ୭ ବର୍ଷର ରେକର୍ଡ ଉପରେ ନଜର ପକାଇବା, ତେବେ ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଦିଲ୍ଲୀର ବାୟୁ ଗୁଣବତ୍ତା ୨୦୨୫ ଜୁଲାଇରେ ସର୍ବୋତ୍ତମ ଥିଲା । ଯଦି ଆମେ ୨୦୧୮ ରୁ ୨୦୧୪ ପର୍ଯ୍ୟନ୍ତ ତଥ୍ୟ ଉପରେ ନଜର ପକାଇବା, ତେବେ ୨୦୧୮ ଜୁଲାଇ ମାସରେ ବାୟୁର ଗୁଣବତ୍ତା ସୂଚକାଙ୍କ ହାରାହାରି ୧୦୪ ରହିଥିବା ବେଳେ ୨୦୧୯ ରେ ୧୩୪, ୨୦୨୦ ରେ ୮୪ (ଯେତେବେଳେ ଲକଡାଉନ ଯୋଗୁଁ ପ୍ରଦୂଷଣ କମ୍ ଥିଲା), ୨୦୨୧ ରେ ୧୧୦, ୨୦୨୨ ରେ ୮୭, ୨୦୨୩ ରେ ୮୪ ଏବଂ ୨୦୨୪ ରେ ୯୬ ଥିଲା । ପରିବେଶ ମନ୍ତ୍ରୀ ମନଜିନ୍ଦର ସିଂହ ସିରସା ସୋସିଆଲ ମିଡିଆରେ ଏକ ଭିଡିଓ ସେୟାର କରି ଦାବି କରିଛନ୍ତି ଯେ ଏହି ପରିବର୍ତ୍ତନ କେବଳ ପାଗ ଯୋଗୁଁ ନୁହେଁ, ବରଂ ସରକାରଙ୍କ ଠୋସ୍ ନୀତି ଏବଂ ନିରନ୍ତର ପ୍ରୟାସର ଫଳାଫଳ ରହିଛି ।

## ଇନ୍ଦୋରରେ ହେଲମେଟ୍ ବାଧ୍ୟତାମୂଳକ ପେଟ୍ରୋଲ ପମ୍ପକୁ ସିଲ୍ କଲେ ଜିଲ୍ଲାପାଳ

ଇନ୍ଦୋର: ମଧ୍ୟପ୍ରଦେଶର ଇନ୍ଦୋର ଜିଲ୍ଲାର ଜିଲ୍ଲାପାଳ ହେଲମେଟ୍ ବିନା ପେଟ୍ରୋଲ ଉପରେ ରୋକ ଲଗାଇବା ପାଇଁ ଏକ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି । ଗତ ଶୁକ୍ରବାର ଏହି ନିର୍ଦ୍ଦେଶ ଉଲ୍ଲଂଘନ ଉପରେ ପ୍ରଶାସନ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ହେଲମେଟ୍ ବିନା ପେଟ୍ରୋଲ ଦେବା ଘଟଣାକୁ କେନ୍ଦ୍ର କରି ଜିଲ୍ଲାପାଳ ଏକ ପେଟ୍ରୋଲ ପମ୍ପକୁ ସିଲ୍ କରି ଦେଇଛନ୍ତି ।

ସୂଚନାଯୋଗ୍ୟ, ଇନ୍ଦୋର ଜିଲ୍ଲାର ଅରଣ୍ଡିଆ ବାଇପାସରେ ଅବସ୍ଥିତ ଏକ ପେଟ୍ରୋଲ ପମ୍ପରେ ବିନା ହେଲମେଟରେ ଦୁଇ ଚକିଆ ଯାନକୁ ପେଟ୍ରୋଲ ଦିଆଯାଉଥିବା ଅଭିଯୋଗ ହୋଇଥିଲା । ଉକ୍ତ ପେଟ୍ରୋଲ ପମ୍ପ ପରିସରରେ କୌଣସି ସ୍ଥାନରେ ବି 'ହେଲମେଟ୍ ବିନା ପେଟ୍ରୋଲ ନାହିଁ' ଲେଖାଥିବା କୌଣସି ସୂଚନା ବୋର୍ଡ ଲଗାଯାଇ ନାହିଁ । ଏହାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶର ଉଲ୍ଲଂଘନ ବୋଲି ବିଚାର କରି ପେଟ୍ରୋଲ ପମ୍ପକୁ ସିଲ୍ କରି ଦିଆଯାଇଛି । ଏହି ଆଇନଗତ ବ୍ୟବସ୍ଥା ଅନୁଯାୟୀ, ବିନା ହେଲମେଟରେ ପେଟ୍ରୋଲ ଦେବା ଦୋଷୀକୁ ଏକ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ କିମ୍ବା ୫୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା କିମ୍ବା ଉଭୟଙ୍କୁ ଦଣ୍ଡିତ କରାଯାଇପାରିବ ।

## ସାବରମତୀ ଏକ୍ସପ୍ରେସ୍ ଲାଇନଚ୍ୟୁତ



କାନପୁର : ଉତ୍ତରପ୍ରଦେଶର କାନପୁର ନିକଟରେ ସାବରମତୀ ଜନସାଧରଣ ଏକ୍ସପ୍ରେସ୍ (ଟ୍ରେନ୍ ନମ୍ବର ୧୫୨୬୯) ଲାଇନଚ୍ୟୁତ ହୋଇଛି । ପନକି ଷ୍ଟେସନରୁ ଭାବପୁର ଅଭିମୁଖେ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ଲାଇନ ନମ୍ବର-୪ରେ ପ୍ରବେଶ କରିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ବର୍ତ୍ତମାନସୁଦ୍ଧା କୌଣସି ଜୀବନ କିମ୍ବା ସମ୍ପତ୍ତି କ୍ଷତିର ରିପୋର୍ଟ ହସ୍ତଗତ ହୋଇନାହିଁ । ଟ୍ରେନରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି ବୋଲି କୁହାଯାଉଛି ।

ରେଳ ପ୍ରଶାସନ ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି ଏବଂ ରିଲିଫ୍ କାର୍ଯ୍ୟ କରାଯାଉଛି । ପ୍ରଭାବିତ ଅଂଶରେ ପୁଣି ଥରେ ଟ୍ରାଫିକ୍ ପୁନରୁଦ୍ଧାର ପାଇଁ ପ୍ରୟାସ ଜାରି ରହିଛି । ରେଳବାଇ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଉତ୍ତର କେନ୍ଦ୍ରୀୟ ରେଳବାଇର ପ୍ରୟାଗରାଜର କାନପୁର-ଟୁଣ୍ଡଲା ସେକ୍ସନର ଭାଉପୁର ୟାର୍ଡ ନିକଟରେ ଏହି ଦୁର୍ଘଟଣା ଘଟିଛି । ଟ୍ରେନ ପରିଚାଳକ ଅପରାହ୍ନ ୪.୨୦ ରେ ସୂଚନା ଦେଇଥିଲେ ଯେ ଟ୍ରେନ ନମ୍ବର: ୧୫୨୬୯ (ମୁଜାଫରପୁର-ସାବରମତୀ ଜନସାଧରଣ ଏକ୍ସପ୍ରେସ୍)ର ଦୁଇଟି କୋଚ୍ ଲାଇନଚ୍ୟୁତ ହୋଇଛି । ଦୁର୍ଘଟଣା ପରେ ତୁରନ୍ତ ରେଳବାଇ ପକ୍ଷରୁ ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି ।

## ଟ୍ରମ୍ପଙ୍କ ଶୁଳ୍କ ଲାଗୁ ସପ୍ତାହେ ଘୁଞ୍ଚିଲା

ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସାମୟିକ ଆଶ୍ୱସ୍ତିଛ ଘୁଞ୍ଚାଇଲେ ଶୁଳ୍କ ଲାଗୁ କରିବାର ତାରିଖଛ ବୁଧବାର (୩୦ ଜୁଲାଇ) ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିବା ନେଇ ଘୋଷଣା କରିଥିଲେ ଟ୍ରମ୍ପ, ଯାହା ଅଗଷ୍ଟ ୧ ତାରିଖରୁ କାର୍ଯ୍ୟକାରୀ ହେବାର ଥିଲା । କିନ୍ତୁ ଏବେ ଭାରତକୁ ଗୋଟିଏ ସପ୍ତାହ ସମୟ ମିଳିଛି । ଏହି ସମୟ ସୀମା ବୃଦ୍ଧି ଯୋଗୁଁ ଭାରତ ସହିତ, ୯୬ଟି ଦେଶକୁ ଆଶ୍ୱସ୍ତି ମିଳିଛି । ହ୍ୱାଇଟ୍ ହାଉସ୍ କହିଛି ଯେ, ନୂତନ ଶୁଳ୍କ ୭ ଅଗଷ୍ଟ, ୨୦୨୫ରୁ କାର୍ଯ୍ୟକାରୀ ହେବ । ଟ୍ରମ୍ପ ଭାରତ ଉପରେ ୨୫ ପ୍ରତିଶତ, ପାକିସ୍ତାନ ଉପରେ ୧୯ ପ୍ରତିଶତ, ବାଂଲାଦେଶ ଉପରେ ୨୦ ପ୍ରତିଶତ ଏବଂ ଆଫଗାନିସ୍ତାନ ଉପରେ ୧୫ ପ୍ରତିଶତ ଶୁଳ୍କ ଲଗାଇଥିଲେ । ଏହିପରି, ଅନେକ ଦେଶ ଶୁଳ୍କ ତାଲିକାରେ ଅନ୍ତର୍ଭୁକ୍ତ ହୋଇଛନ୍ତି, କିନ୍ତୁ ଏବେ ନୂତନ ଶୁଳ୍କକୁ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ରଖାଯାଇଛି ।



ଟ୍ରମ୍ପ କହିଛନ୍ତି ଯେ ନୂତନ ଶୁଳ୍କ ଆମେରିକାକୁ ଆର୍ଥିକ ଶକ୍ତି ଦେବ ଏବଂ ବାଣିଜ୍ୟ ସନ୍ତୁଳନ ମଧ ବଜାୟ ରଖିବଛ ଆମେରିକା, ଭାରତ ଉପରେ ଶୁଳ୍କ ଲାଗୁ କରିବା ପଛର କାରଣ ହେଉଛି ଚାପ ବୃଦ୍ଧି କରିପାରିବ । ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ । ଆମେରିକା ଏବଂ ଭାରତ ମଧ୍ୟରେ ଅନେକ ଥର ଆଲୋଚନା ହୋଇଛି । ଦକ୍ଷିଣ ଏବଂ ମଧ ଏସୀୟ ବ୍ୟାପାର ପାଇଁ ସହାୟକ ବିଦେଶ ସଚିବ ଭାବରେ କାର୍ଯ୍ୟ କରିଥିବା ନିଶା ବିଶ୍ୱାଲ ମଧ କହିଥିଲେ ଯେ ଆମେରିକାର ଶୁଳ୍କ ଲାଗୁ କେବଳ ଏକ ରଣନୈତିକ ପଦକ୍ଷେପ । ସେ ଭାରତ ଉପରେ ଚାପ ପକାଇବାକୁ ଚାହୁଁଛନ୍ତି । ଶୁଳ୍କ (ଟାରିଫ୍) ଭୟ ଦେଖାଇ ବିଭିନ୍ନ ଦେଶକୁ ଚାପଗ୍ରସ୍ତ କରି ସୁହାଇବା ଭଳି ବାଣିଜ୍ୟ ରାଜିନାମା ହାସଲ କରିବାରେ ସଫଳ ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ ନୁଆଁଇବାର ବିଫଳତାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି । ଭାରତ ସହ ବାଣିଜ୍ୟ ରାଜିନାମା ସଫଳ ହେଉନଥିବାରୁ ଉତ୍କ୍ଷିପ୍ତ ହୋଇ ସେ ଅନେକ କଟୁ କଥା କହିବା ଆରମ୍ଭ କରିଛନ୍ତି । ଭାରତ ଉପରେ ସେ ପ୍ରବଳ ଚାପ ପ୍ରୟୋଗ କରୁଛନ୍ତି । ଏଥି ସହିତ ସେ ଏକ ଅଜବ ବାଣିଜ୍ୟ ନୀତି ଗ୍ରହଣ କରି ପାକିସ୍ତାନ ସହ ବନ୍ଧୁତା କରିଥିବା ବେଳେ ଭାରତକୁ ନିନ୍ଦା କରିବାକୁ ପଛାଇ ନାହାନ୍ତି ।

## ରେଳ କର୍ମଚାରୀଙ୍କୁ ସ୍ୱଚ୍ଛତାର ଶପଥ



ଦକ୍ଷିଣପୂର୍ବ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୌମିତ୍ର ମଜୁମ୍‌ଦାର ଗାର୍ଡେନ୍ ବ୍ରିଜଠାରେ ରେଳ ଅଧିକାରୀ ଓ କର୍ମଚାରୀମାନଙ୍କୁ ସ୍ୱଚ୍ଛତାର ଶପଥ ପାଠ କରାଉଛନ୍ତି।

କୋଲକାତା : ସ୍ୱାଧୀନତା ଦିବସ ପାଳନ ଅବସରରେ ଦକ୍ଷିଣ ପୂର୍ବ ରେଳପଥ ଆଜିଠାରୁ ୧୫ ତାରିଖ ପର୍ଯ୍ୟନ୍ତ ମୁଖ୍ୟାଳୟ ଏବଂ ଡିଭିଜନଗୁଡ଼ିକରେ ସ୍ୱଚ୍ଛତା ଶପଥ ପାଠ କରାଇଛି ।

ଏହି କ୍ରମରେ ଦକ୍ଷିଣ ପୂର୍ବ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୌମିତ୍ର ମଜୁମଦାର ଆଜି ଦକ୍ଷିଣ ପୂର୍ବ ରେଳପଥର ମୁଖ୍ୟାଳୟ, ଗାର୍ଡେନ ରିଚ୍‌ରେ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ । ଦକ୍ଷିଣ ପୂର୍ବ ରେଳପଥର ଅଧିକାରୀମାନେ ସ୍ୱଚ୍ଛତା ବଜାୟ ରଖିବା ଏବଂ ଭାରତକୁ ଏକ ସ୍ୱଚ୍ଛ ଏବଂ ସୁନ୍ଦର ଦେଶ ରଖିବା ପାଇଁ ଶପଥ ନେଇଥିଲେ । ଦକ୍ଷିଣ ପୂର୍ବ ରେଳପଥର ଅଧିକାରୀ ଏବଂ କର୍ମଚାରୀମାନେ ସ୍ୱଚ୍ଛତା ପ୍ରତି ପ୍ରତିବଦ୍ଧ ରହିବା ଏବଂ ଏଥିପାଇଁ ସମୟ ଉତ୍ସର୍ଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।


ଶପଥ ଉତ୍ସବରେ ଦକ୍ଷିଣ ପୂର୍ବ ରେଳପଥ ମୁଖ୍ୟାଳୟର ବିଭାଗ ମୁଖ୍ୟ, ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ । ଦକ୍ଷିଣ ପୂର୍ବ ରେଳବାଇର ମୁଖ୍ୟାଳୟ ଏବଂ ଚାରୋଟି ଡିଭିଜନରେ ଆହୁରି ସ୍ୱଚ୍ଛତା କାର୍ଯ୍ୟକଳାପ ଆୟୋଜନ କରାଯିବ ଏବଂ ସମସ୍ତ ଅଧିକାରୀ ଏବଂ କର୍ମଚାରୀ ସ୍ୱଚ୍ଛତା ଅଭିଯାନରେ ଅଂଶଗ୍ରହଣ କରିବେ ।


## ଲୁଟେରା ଦୁଲ୍‌ହନ: ୮ ସ୍ୱାମୀଙ୍କୁ ଲଗାଇଲେ ଚୂନ

ନାଗପୁର:ପୁଣି ଜଣେ ଲୁଟେରୀ ଦୁଲହନ ବା ଲୁଟେରୀ କନ୍ୟାଙ୍କ ସାଂଘାତିକ ଖେଳ ସାମ୍ନାକୁ ଆସିଛି । ପୁଲିସ୍ ପଞ୍ଝାରେ ଜଣେ ଏମିତି ମହିଳା ପଡ଼ିଛନ୍ତି ଯିଏ ଲୁଟେରୀ ଦୁଲହନ ବା ଲୁଟେରୀ କନ୍ୟା ଭାବେ ପରିଚିତ । ମହିଳା ଜଣଙ୍କ ଧନୀ ଲୋକଙ୍କୁ ଟାର୍ଗେଟ କରି ପ୍ରଥମେ ସେମାନଙ୍କ ନିକଟର ହେଉଥିଲେ ଓ ଏହାପରେ କୌଶଳକ୍ରମେ ସେମାନଙ୍କୁ ବିବାହ କରୁଥିଲେ । ଶେଷରେ ସେମାନଙ୍କୁ ଚୂନ ଲଗାଇ ଟଙ୍କା ଓ ସୁନା ଅଳଙ୍କାର ଧରି ଫେରାର ହୋଇ ଯାଉଥିଲେ ।

ଜଣେ କି ଦୁଇ ଜଣେ ନୁହେଁ, ଲୁଟେରୀ ଦୁଲହନ ଜଣଙ୍କ ୮ ଜଣ ପୁରୁଷଙ୍କ ଚୂନ ଲଗାଇଛନ୍ତି । ଜଣଙ୍କ ପରେ ଜଣଙ୍କୁ ସେ ନିଜ ଜାଲରେ ଫସାଇ ଲୁଟ କରିଛନ୍ତି ଲକ୍ଷାଧିକ ଟଙ୍କା । ମହାରାଷ୍ଟ୍ରର ନାଗପୁରରୁ ଏପରି ଘଟଣେ ସାମ୍ନାକୁ ଆସିଛ । ଅଭିଯୁକ୍ତ ମହିଳା ଜଣଙ୍କ ହେଲେ ସମୀରା ଫାତିମା । ସେ ନିଜର ୯ମ ଶିକାର ଅନ୍ୱେଷଣରେ ଥିବା ବେଳେ ପୁଲିସ୍ ତାଙ୍କୁ ଗିରଫ କରିଛି । ସେ ୯ମ ପୀଡ଼ିତଙ୍କ ନିକଟତର ହେଉଥିବା ବେଳେ ପୁଲିସ୍ ତାଙ୍କୁ ଧରିବାକୁ ସକ୍ଷମ ହୋଇଛି ।

ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଅଭିଯୁକ୍ତ ମହିଳା ଜଣଙ୍କ ତାଙ୍କ ସ୍ୱାମୀମାନଙ୍କୁ ବିଭିନ୍ନ ଉପାୟରେ ବ୍ଲାକମେଲିଂ କରୁଥିଲେ । ବ୍ଲାକମେଲିଂ କରି ସେମାନଙ୍କ ଠାରୁ ଟଙ୍କା ଲୁଟ କରୁଥିଲେ । ପୁଲିସ୍ ଏବେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସମୀରା ଫାତିମା ପ୍ରକୃତରେ ଗୋଟିଏ ବଡ଼ ନେଟୱର୍କର ସଦସ୍ୟା । ଏହି ଗ୍ୟାଙ୍ଗ ପକ୍ଷରୁ ଫାତିମାଙ୍କୁ ବ୍ୟବହାର କରି ଲୁଟ କରାଯାଉଛି । ସମୀରା ବେଶ ଶିକ୍ଷିତା ଓ ସେ ପେଶାରେ ଜଣେ ଶିକ୍ଷୟିତ୍ରୀ । ପୁଲିସ୍ ଅଧିକାରୀମାନେ ଜାଣିବାକୁ ପାଇଛନ୍ତି ଯେ ଗତ ୧୫ ବର୍ଷ ମଧ୍ୟରେ ସେ ଅନେକ ଲୋକଙ୍କୁ ଚୂନ ଲଗାଇଛନ୍ତି । ବିବାହ କରି ସାରିଥିବା ମୁସଲିମ ସଂପ୍ରଦାୟର ଧନୀ ପୁରୁଷମାନଙ୍କୁ ସେ ବିଶେଷ କରି ଟାର୍ଗେଟ କରୁଥିଲେ ।ସମୀରା ଫାତିମାଙ୍କ ଜଣେ ସ୍ୱାମୀ ସାଂଘାତିକ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ ଫାତିମା ଜଣେ ପୀଡ଼ିତଙ୍କ ଠାରୁ ୫୦ ଲକ୍ଷ ଓ ଆଉ ଜଣଙ୍କ ଠାରୁ ୧୫ ଲକ୍ଷ ଲୁଟ କରିଛନ୍ତି । ଉଭୟ ନଗଦ ଟଙ୍କା ଓ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଏପରି ଟଙ୍କା ନେଣଦେଣ ହୋଇଥିଲା ।ତଦନ୍ତରୁ ଆହୁରି ସ୍ପଷ୍ଟ ହୋଇଛି ଯେ ସମୀରା ଫାତିମା ମ୍ୟାଟ୍ରିମୋନିଆଲ ୱେବସାଇଟ୍ସ ଓ ଫେସବୁକ ଜରିଆରେ ନିଜର ଟାର୍ଗେଟକୁ ଚିହ୍ନଟ କରି ପ୍ରଲୋଭିତ କରୁଥିଲେ । ଫେସବୁକ କିମ୍ବା ହ୍ୱାଟସଆପ କଲ ଜରିଆରେ ସେ ନିଜର ଶିକାରମାନଙ୍କ ସହ ଯୋଗାଯୋଗ କରୁଥିଲେ । ଏହାପରେ ନିଜ ଦୁଃଖ କାହାଣୀ କହି ସେମାନଙ୍କ ନିକଟତର ହେଉଥିଲେ । ଛାଡ଼ପତ୍ର ହୋଇ ସାରିଛି ଓ ଗୋଟିଏ ପିଲା ରହିଥିବା କଥା କହି ସେ ଇମୋସନାଲ କାର୍ଡ ଖେଳୁଥିଲେ । ଧୀରେଧୀରେ ନିଜର ଟାର୍ଗେଟର ବିଶ୍ୱାସ ଜିତି ନିଜ୍ଞା କରୁଥିଲେ ଓ ପରେ ତାଙ୍କୁ ବ୍ଲାକମେଲ କରି ଲୁଟ କରୁଥିଲେ ।ଗୋଟିଏ ମାମଲାରେ ସେ ନିଜକୁ ଗର୍ଭବତୀ କହି ଗିରଫଦାରୀକୁ ଏଡ଼ାଇ ଯାଇଥିଲେ । କିନ୍ତୁ ଜୁଲାଇ ୨୯ରେ ନାଗପୁରର ଗୋଟିଏ ଚା' ଦୋକାନରେ ଫାତିମା ନିଜ ୯ମ ଶିକାରଙ୍କ ସହ କଥା ହେଉଥିବା ବେଳେ ପୁଲିସ ହାତରେ ଧରାପଡ଼ିଛନ୍ତି । ୨୦୨୪ ମସିହା ଡିସେମ୍ବର ମାସରେ ପୁଲିସ୍ ପଞ୍ଝାରେ ଲୁଟେରା ଦୁଲହନ ସୀମା ପଡ଼ିଥିଲେ । ତାଙ୍କ ଘର ଉତ୍ତରାଖଣ୍ଡରେ । ପ୍ରଥମେ ସେ ଆଗ୍ରାର ଜଣେ ବ୍ୟବସାୟୀଙ୍କୁ ନିଜ ପ୍ରେମ ଜାଲରେ ଫସାଇ ୨୦୧୩ରେ ବିବାହ କରିଥିଲେ । ତେବେ କିଛି ମାସ ପରେ ସେ ବ୍ୟବସାୟୀଙ୍କ ପରିବାର ଲୋକଙ୍କ ବିରୋଧରେ ମିଛ କେସ୍ କରିଥିଲେ । ସେମାନଙ୍କୁ ବଦନାମ କରିବାର ଧମକ ଦେଇ ୭୫ ଲକ୍ଷ ଟଙ୍କା ମାଗିଥିଲେ ।





ପରିବାର ଲୋକ ବାଧ ହୋଇ ୭୫ ଲକ୍ଷ ଟଙ୍କା ଦେଇ ମାମଲାର ବୁଝାମଣା କରିଥିଲେ । ୨୦୧୭ରେ ସୀମା ଗୁରୁଗ୍ରାମର ଜଣେ ସଫ୍ଟୱେୟାର ଇଞ୍ଜିନିୟରଙ୍କୁ ବିବାହ କରିଥିଲା । ତାଙ୍କୁ ମଧ ବିବାହର କିଛି ଦିନ ପରେ ମିଛ କେସର ଧମକ ଦେଇଥିଲାଛ ପରେ ୧୦ ଲକ୍ଷ ଟଙ୍କା ନେଇ ସୀମା ସଫ୍ଟୱେୟାର ଇଞ୍ଜିନିୟରଙ୍କ ଠାରୁ ଅଲଗା ହୋଇଯାଇଥିଲେ ।

୨୦୨୩ରେ ସୀମା ପୁଣି ନିଜ ଖେଳ ଦେଖାଇଥିଲାଛ ସେ ଜୟପୁରର ଜଣେ ବ୍ୟବସାୟୀଙ୍କୁ ବିବାହ କରିଥିଲେ । ହେଲେ ବିବାହର କିଛି ଦିନ ପରେ ସେ ବ୍ୟବସାୟୀଙ୍କ ଘରେ ଥିବା ସୁନା ଅଳଙ୍କାର ଓ ନଗଦ ୩୬ ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଥିଲା । ଏନେଇ ପରିବାର ଲୋକ ଅଭିଯୋଗ କରିବା ପରେ ଜୟପୁର ପୁଲିସ୍ ସୀମାକୁ ଧରିଥିଲା । ପୁଲିସ୍ ତଦନ୍ତରୁ ଜଣାପଡ଼ିଛି ଯେ ସୀମା ତାଙ୍କ ଟାର୍ଗେଟକୁ ମାଟ୍ରିମୋନିଆଲ ସାଇଟରୁ ଚୟନ କରୁଥିଲା । ଛାଡ଼ପତ୍ର ହୋଇଥିବା କିମ୍ବା ପତ୍ନୀଙ୍କୁ ହରାଇଥିବା ପୁରୁଷଙ୍କୁ ସେ ଟାର୍ଗେଟ କରୁଥିଲା । ଏପରି ଭାବେ ସେ ବିଭିନ୍ନ ରାଜ୍ୟରେ ଏକାଧିକ ପୁରୁଷଙ୍କୁ ବିବାହ କରି ସେମାନଙ୍କ ଠାରୁ ୧.୨୫ କୋଟି ଟଙ୍କା ଲୁଟ କରିଥିଲେ ।

# ଓଭାଲ ଟେଷ୍ଟ: ଦ୍ୱିତୀୟ ଦିନ ଝଡ଼ିଲା ୧୬ ୱିକେଟ

ଲଣ୍ଡନ, ୨।୮ (ଏଜେନ୍ସି) : ପ୍ରଥମ ଦିନର ବର୍ଷାଭିଜା ବିପର୍ଯ୍ୟୟ ପରେ ଦ୍ୱିତୀୟ ଦିନ ଆରମ୍ଭରୁ ଭାରତୀୟ ଦଳ ମାତ୍ର ୨୦ ରନ୍‌ରେ ସଫା ହୋଇଗଲା। ଇଂଲଣ୍ଡ ବିପକ୍ଷ ୫ମ ତଥା ଶେଷ ଟେଷ୍ଟର ପ୍ରଥମ ଇନିଂସ୍‌ରେ ଭାରତୀୟ ଦଳ ୨୨୪ ରନରେ ଅଲଆଉଟ ହୋଇଛି। ପ୍ରଥମ ଦିନ ଭାରତ ୬ ୱିକେଟ ହରାଇ ୨୦୪ ରନ କରିଥିଲା। ଦ୍ୱିତୀୟ ଦିନ ପ୍ରଥମ ଅଧିବେଶନରେ ୨୦ ରନ୍ ମଧ୍ୟରେ ଅବଶିଷ୍ଟ ୪ ୱିକେଟ ହରାଇଥିଲା ଭାରତ। ଇଂଲଣ୍ଡ ମାତ୍ର ୩୪ଟି ବଲ୍ ପକାଇ ଭାରତର ୪ ୱିକେଟ ଦଖଲ କରିଥିଲା। ଇଂଲଣ୍ଡ ପ୍ରଥମ ଇନିଂସ୍‌ରେ ୨୪୭ ରନ କରି ଅଲଆଉଟ ହୋଇଛି। ଦଳ ୨୩ ରନର ମହତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଭାରତ ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରି ୧୮ ଓଭର ସୁଦ୍ଧା ୨ ୱିକେଟ ବିନିମୟରେ ୭୫ ରନ କରିଛି। ଓପନର ଯଶସ୍ୱୀ ଜୟସ୍ୱାଲ ଅର୍ଦ୍ଧଶତ ହାସଲ କରିଛନ୍ତି। ଲୋକେଶ ରାହୁଲ ୭ ରନ କରି ପାଭିଲିଅନ ଫେରିଛନ୍ତି । ତେଣୁ ଦ୍ୱିତୀୟ ଦିନ ଉଭୟ ଇନିଂସ୍‌ର ୧୬ ୱିକେଟ ଝଡ଼ିଛି। ୫୨ ରନ କରି ଅପରାଜିତ ଥିବା କରୁଣ ନାୟର ଦ୍ୱିତୀୟ ଦିନ ୫୭ ରନ ସ୍କୋର୍‌ରେ ଜୋସ୍ ଟଙ୍ଗଙ୍କ ବଲ୍‌ରେ ଆଉଟ ହୋଇଥିଲେ। ୱାଶିଂଟନ ସୁନ୍ଦର ୧୯ ରନରୁ ଖେଳ ଆରମ୍ଭ କରି ୨୬ ରନ୍‌ରେ ପାଭିଲିଅନ ଫେରିଥିଲେ। ଏହି ଦୁଇଜଣ ଆଉଟ ହେବାପରେ ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ଖାତା ଖୋଲିବା ପୂର୍ବରୁ ପାଭିଲିଅନ ଫେରିଥିଲେ।

ପୂର୍ବରୁ ଯଶସ୍ୱୀ ଜୟସ୍ୱାଲ ୨, ଲୋକେଶ ରାହୁଲ ୧୪, ସାଇ ସୁଦର୍ଶନ ୩୮, ଶୁଭମନ ଗିଲ ୨୧, କରୁଣ ନାୟର ୫୭, ରବୀନ୍ଦ୍ର ଜାଡେଜା ୯, ଧ୍ରୁବ ଜୁରେଲ ୧୯, ୱାଶିଂଟନ ସୁନ୍ଦର ୨୬ ରନ କରିଥିଲେ। ଇଂଲଣ୍ଡ ପକ୍ଷରୁ ଗସ୍ ଆଟକିନ୍‌ସନ୍ ଗୋଟିଏ ଓଭରରେ ୨ ୱିକେଟ ନେଇ ଭାରତୀୟ ଇନିଂସ୍‌ରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ। ସେହିପରି ସେ ପ୍ରଥମ ଇନିଂସ୍‌ରେ ମୋଟ ୫ ୱିକେଟ ଦଖଲ କରିଛନ୍ତି। ଜୋସ୍ ଟଙ୍ଗ ମଧ୍ୟ ୩ ୱିକେଟ ନେଇଛନ୍ତି। ସେ କରୁଣ ନାୟରଙ୍କ ୱିକେଟ ଦଖଲ କରିଥିଲେ। ଦ୍ୱିତୀୟ ଦିନ ଆଟକିନ୍‌ସନ୍‌ଙ୍କ ଖାତାକୁ ୩ ୱିକେଟ ଆସିଥିଲା। ପ୍ରଥମେ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ କ୍ଲିନ୍‌ବୋଲ୍ଡ କରିଥିଲେ। ଏହି ଦୁଇଜଣଙ୍କ ବ୍ୟତୀତ ପ୍ରଥମ ଇନିଂସ୍‌ରେ ଇଂଲଣ୍ଡ ପାଇଁ କ୍ରିସ୍ ୱକ୍ସ ଗୋଟିଏ ୱିକେଟ ନେଇଥିଲେ। ଶୁଭମନ ଗିଲ୍ ରନ୍‌ଆଉଟ୍ ହୋଇ ପାଭିଲିଅନ ଫେରିଥିଲେ। ଭାରତ ଅଲଆଉଟ ହେବାପରେ ପ୍ରଥମ ପାଳି ଆରମ୍ଭ କରିଥିଲା ଇଂଲଣ୍ଡ। ଏହି ମ୍ୟାଚ୍‌ରେ ଇଂଲଣ୍ଡ ବାଜ୍ ବଲ୍ ନୀତି ଆପଣାଇଥିଲା। ଇନିଂସ ଆରମ୍ଭରୁ ସମ୍ପୂର୍ଣ୍ଣ ଆକ୍ରାମକ ଖେଳିଥିଲା ଇଂଲଣ୍ଡ। ଟେଷ୍ଟ ପରିବର୍ତ୍ତେ ଏହା ଦିନିକିଆ ମ୍ୟାଚ୍ ଭଳି ଲାଗୁଥିଲା। ଓଭର ପିଛା ପାଖାପାଖି ୬ ରନ୍ ହାରରେ ଇଂଲଣ୍ଡ ରନ୍ ସଂଗ୍ରହ କରିଚାଲିଥିଲା। ପ୍ରଥମ ଇନିଂସ୍‌ରେ ଇଂଲଣ୍ଡ ୫୧.୨ ଓଭରରେ ୨୪୭ ରନ କରି ଅଲଆଉଟ ହୋଇଛି। ଜ୍ୟାକ୍ କ୍ରାଓଲିଙ୍କ ସହ ବେନ୍ ଡକେଟ୍ ପାଳି ଆରମ୍ଭ କରିଥିଲେ।

ପ୍ରଥମ ୱିକେଟ ପାଇଁ ଉଭୟଙ୍କ ମଧ୍ୟରେ ୧୨.୫ ଓଭରରେ ୯୨ ରନ୍‌ର ପାର୍ଟନରସିପ୍ ହୋଇଥିଲା। ଜ୍ୟାକ୍ କ୍ରାଓଲି ୬୪ ରନ୍ ଓ ବେନ୍ ଡକେଟ ୪୩ ରନ କରିଥିଲେ। ଆକାଶ ଦୀପ ଏହି ଯୋଡ଼ି ଭାଙ୍ଗି ଥିଲେ। ସେ ବେନ୍ ଡକେଟ୍‌ଙ୍କୁ ୱିକେଟରକ୍ଷକ ଜୁରେଲ୍‌ଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇ ଦଳକୁ ପ୍ରଥମ ସଫଳତା ଦେଇଥିଲେ। ଯୋଡ଼ି ଭାଙ୍ଗିବା ପରେ ମଧ୍ୟ ଇଂଲଣ୍ଡର ରନ୍ ସଂଗ୍ରହ ହାରରେ ବ୍ରେକ୍ ଲାଗି ନଥିଲା। ଓଲି ପୋପ୍ ୨୨, ଜୋ ରୁଟ୍ ୨୯ ରନ କରି ମହମ୍ମଦ ସିରାଜଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହେବାରୁ ଭାରତ ନିୟନ୍ତ୍ରଣକୁ ମ୍ୟାଚ୍ ଆସିଥିଲା। ପୁଣି ଜ୍ୟାକବ ବେଥେଲ ୬ ରନ କରି ସିରାଜଙ୍କ ତୃତୀୟ ଶିକାର ହୋଇଥିଲେ। ଇନିଂସ୍‌ର ୪୩ ତମ ଓଭର ବୋଲିଂ କରିବାକୁ ଆସିଥିବା ପ୍ରସିଦ୍ଧ କ୍ରିଷ୍ଣା ୨ ୱିକେଟ ଦଖଲ କରି ଇଂଲଣ୍ଡର ଅଗ୍ରଗତିରେ ବ୍ରେକ୍ ଲଗାଇଥିଲେ। ଭାରତର ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ୪ଟି ଲେଖାଏଁ ତଥା ଆକାଶଦୀପଙ୍କୁ ଗୋଟିଏ ୱିକେଟ ସଫଳତା ମିଳିଛି।







ଗସ୍ ଆଟକିନ୍‌ସନ୍

## ଦ୍ୱିତୀୟ ଦିନ ଅଧିକ ସମୟ ଖେଳ

ଓଭାଲ, ୨।୮ (ଏଜେନ୍ସି) : ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ଟେଷ୍ଟ ଶୃଙ୍ଖଳାର ଶେଷ ମ୍ୟାଚ୍ ଓଭାଲରେ ଖେଳାଯାଉଛି। ବର୍ଷା ଯୋଗୁ ପ୍ରଥମ ଦିନର ଖେଳ ସମ୍ପୂର୍ଣ୍ଣ ହୋଇପାରି ନଥିଲା। କେବଳ ୬୪ ଓଭର ହିଁ ବୋଲିଂ ହୋଇଥିଲା। ପ୍ରଥମ ଦିନର ଭରଣା ପାଇଁ ଖେଳ ସମୟରେ ପରିବର୍ତ୍ତନ କରାଯାଇଛି। ଦ୍ୱିତୀୟ ଦିନ ଦୁଇ ସେସନ୍‌ର ସମୟ ବଢ଼ାଯାଇଛି। ତେଣୁ ଦ୍ୱିତୀୟ ଦିନ ୯୦ ଓଭରରୁ ଅଧିକ ଖେଳ ହେବ। ଅନ୍ୟପଟେ ଅଧଘଣ୍ଟାର ଅତିରିକ୍ତ ସମୟ ବଢ଼ାଯାଇଛି। ଦ୍ୱିତୀୟ ଦିନ ୯୮ ଓଭର ବୋଲିଂ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ୫ମ ଟେଷ୍ଟର ଦ୍ୱିତୀୟ ଦିନର ପ୍ରଥମ ସେସନ ଭାରତୀୟ ସମୟ ୩.୩୦ରୁ ଆରମ୍ଭ ହୋଇ ୫.୩୦ ଯାଏ ଚାଲିଥିଲା। ଦ୍ୱିତୀୟ ସେସନ୍ ୬.୧୦ରୁ ଆରମ୍ଭ ହୋଇ ୮.୨୫ ଯାଏଁ ଚାଲିଥିଲା। ଏହାପରେ ଚା'ପାନ ବିରତି ହୋଇଥିଲା।

ତୃତୀୟ ସେସନ୍ ୮.୪୫ରୁ ଆରମ୍ଭ ହୋଇ ୧୧ଟାରେ ଶେଷ ହୋଇଥିଲା। ଏହାପରେ ୩୦ ମିନିଟର ଅତିରିକ୍ତ ସମୟ ମିଳିଥିଲା। ଯଦ୍ଵାରା ୯୮ ଓଭର ପୂରଣ ହୋଇପାରିବ। ଓଭାଲ ଟେଷ୍ଟର ଦ୍ୱିତୀୟ ଦିନରେ ଭାରତୀୟ ଇନିଂସ୍ ୨୨୪ ରନରେ ଶେଷ ହୋଇଥିଲା। ଦ୍ୱିତୀୟ ଦିନ ଖେଳ ଭାରତ ୨୦୪ ରନରୁ ଆରମ୍ଭ କରିଥିଲା। ଭାରତୀୟ ଦଳ ସ୍କୋରବୋର୍ଡ଼ରେ ମାତ୍ର ୨୦ ରନ ଯୋଡ଼ି ଅଲଆଉଟ ହୋଇଥିଲା। ଇଂଲଣ୍ଡର ଗସ୍ ଆଟକିନସନ୍ ୫ଟି ଓ ଯୋସ୍ ଟଙ୍ଗ ୩ ୱିକେଟ ନେଇଥିଲେ।

## ଭାରତ ଫେରିଲେ ବୁମ୍‌ରା
## ଏଣିକି ଖେଳାଳିଙ୍କ ପାଇଁ କଠୋର ହେବ ବିସିସିଆଇ




ନୂଆଦିଲ୍ଲୀ, ୨।୮ (ଏଜେନ୍ସି) : ଭାରତର ତାରକା ଦ୍ରୁତବୋଲର ଯଶପ୍ରୀତ ବୁମ୍‌ରା ଇଂଲଣ୍ଡ ବିପକ୍ଷ ଅନ୍ତିମ ଟେଷ୍ଟ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇ ନଥିଲେ। ତେଣୁ ସେ ଭାରତ ଫେରିଆସିଛନ୍ତି। ବିସିସିଆଇ ପକ୍ଷରୁ ଶୁକ୍ରବାର ଏହି ଘୋଷଣା କରାଯାଇଛି। ଇଂଲଣ୍ଡ ଗସ୍ତ ପୂର୍ବରୁ ବୁମ୍‌ରା ଶୃଙ୍ଖଳାର ୩ଟି ମ୍ୟାଚ୍ ଖେଳିବେ ବୋଲି ସ୍ଥିର ହୋଇଥିଲା। ବିସିସିଆଇ ଏବେ ଆଗକୁ ଖେଳାଳିଙ୍କ ମାମଲାରେ କଠୋର ନୀତି ଆପଣାଇବାକୁ ଯାଉଛି।

ଯେଉଁ ଖେଳାଳି ସମ୍ପୂର୍ଣ୍ଣ ଶୃଙ୍ଖଳା ପାଇଁ ଫିଟ୍ ନଥିବେ ସେମାନଙ୍କୁ ସୁଯୋଗ ଦିଆଯିବ ନାହିଁ। ଗୁରୁତ୍ୱପୂର୍ଣ୍ଣ ସମୟରେ ଦଳର ମୁଖ୍ୟ ଖେଳାଳି ନରହିଲେ ଦଳର ଏକତା ବିଗିଡ଼ି ଯାଉଛି। ଯେଉଁ ଖେଳାଳିଙ୍କ ଫିଟ୍‌ନେସ୍ ଠିକ୍ ରହିବ ତାଙ୍କୁ ଦଳରେ ସାମିଲ କରାଯିବ। କୋଚ୍ ଗୌତମ ଗମ୍ଭୀର ଓ ଅଧିନାୟକ ଶୁଭମନ ଗିଲ୍ ମଧ୍ୟ ଏନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ବୁମ୍‌ରା ଚଳିତ ଶୃଙ୍ଖଳାରେ ୫ଟି ଇନିଂସ୍‌ରେ ବୋଲିଂ କରି ୧୪ ୱିକେଟ ନେଇଛନ୍ତି। ଲର୍ଡ୍ସ ଟେଷ୍ଟର ପ୍ରଥମ ଇନିଂସ୍‌ରେ ସେ ୧୪ ରନ ଦେଇ ୫ ୱିକେଟ ନେଇଥିଲେ। ୫ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ଇଂଲଣ୍ଡ ୨-୧ରେ ଅଗ୍ରଣୀ ରହିଛି। ଏଭଳି ଏକ ସମ୍ବେଦନଶୀଳ ମ୍ୟାଚ୍‌ରେ ଖେଳିବା ପାଇଁ ବୁମ୍‌ରା ଅନିଚ୍ଛା ପ୍ରକାଶ କରିବାରୁ ଦଳରେ ଅସନ୍ତୋଷ ବଢ଼ିଛି। ଦଳ ଅପେକ୍ଷା ବ୍ୟକ୍ତିଗତ ନିଷ୍ପତ୍ତିକୁ ଖେଳାଳି ଗୁରୁତ୍ୱ ଦେଉଥିବାରୁ ଏଭଳି ପରମ୍ପରାକୁ ବଦଳାଇବା ପାଇଁ ଗୌତମ ଗମ୍ଭୀର ଓ ବିସିସିଆଇ ଆଗକୁ କଠୋର ନୀତି ଆପଣାଇବେ। ଭାରତରେ କ୍ରିକେଟକୁ ଧର୍ମ, ଖେଳାଳିଙ୍କୁ ଦେବତା ଭଳି ଦର୍ଶକ ମଣୁଛନ୍ତି। ଅନ୍ୟ ରାଷ୍ଟ୍ରଗୁଡ଼ିକରେ କ୍ରିକେଟକୁ ଏକ ଖେଳ ଭାବେ ବିଚାର କରୁଛନ୍ତି ଉଭୟ ଖେଳାଳି ଓ ଦର୍ଶକ।

ଗୋଟିଏ ପଟେ ରିଷଭ ପନ୍ତଙ୍କ ଭଳି ଖେଳାଳି ଭଙ୍ଗା ଗୋଡ଼ରେ ପଡ଼ିଆକୁ ଆସି ଦେଶ ପାଇଁ ଅର୍ଦ୍ଧଶତକ ହାସଲ କରୁଥିଲାବେଳେ ଅନ୍ୟ ପଟେ ବୁମ୍‌ରାଙ୍କ ଭଳି ଖେଳାଳିଙ୍କ ପାଇଁ ଦେଶ ପଛ, ବ୍ୟକ୍ତିଗତ ନିଷ୍ପତ୍ତି ଆଗ ହୋଇଛି। ଏଭଳି ପରମ୍ପରା ଓ ସ୍ୱେଚ୍ଛାଚାରିତା ଦଳରେ ରହିଲେ ଟିମ୍ ଇଣ୍ଡିଆର ପ୍ରଦର୍ଶନ ଉନ୍ନତ ହେବା ପରିବର୍ତ୍ତେ ରସାତଳ ହେବ ବୋଲି ଅନେକ କ୍ରିକେଟ ବିଶେଷଜ୍ଞ ମତ ରଖୁଛନ୍ତି।

# ଜାତୀୟ ଜୁନିଅର ମହିଳା ହକି: ଗୋଆନ୍ସ, ଗୁଜରାଟ, ମିଜୋରାମ, ମଣିପୁର, ଆସାମ, ହିମାଚଳ, ଦିଲ୍ଲୀ ବିଜୟୀ




କାକିନାଡ଼ା, ୨।୮ (ଏଜେନ୍ସି) : ୧୫ତମ ଜାତୀୟ ଜୁନିଅର ମହିଳା ହକି ଚାମ୍ପିଅନସିପ୍‌ର ପ୍ରଥମ ଦିନ ଅନୁଷ୍ଠିତ ମ୍ୟାଚ୍‌ଗୁଡ଼ିକରେ ଗୋଆନ୍ସ ହକି, ହକି ଗୁଜରାଟ, ହକି ମିଜୋରାମ, ମଣିପୁର ହକି, ଆସାମ ହକି, ହକି ହିମାଚଳ ଏବଂ ଦିଲ୍ଲୀ ବିଜୟଲାଭ କରି ଅଭିଯାନ ଆରମ୍ଭ କରିଛନ୍ତି। କାକିନାଡ଼ାରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍ ଗୋଆନ୍ସ ହକି ଏବଂ ଜମ୍ମୁ-କାଶ୍ମୀର ମଧ୍ୟରେ ଖେଳାଯାଇଥିଲା । ଏହି ମ୍ୟାଚ୍‌ରେ ଗୋଆନ୍ସ ହକି ୨-୧ ଗୋଲ୍‌ରେ ଜମ୍ମୁ-କାଶ୍ମୀରକୁ ଧରାଶାୟୀ କରି ଅଭିଯାନ ଆରମ୍ଭ କରିଛି।

ଦ୍ୱିତୀୟ ମ୍ୟାଚ୍‌ରେ ହକି ଗୁଜରାଟ ୪-୧ ଗୋଲ୍‌ରେ ତେଲେଙ୍ଗାନା ହକି ଦଳକୁ ପରାଜିତ କରିଥିବାବେଳେ ତୃତୀୟ ମ୍ୟାଚ୍‌ରେ ହକି ମିଜୋରାମ ଗୋଲ୍ ବର୍ଷା ଦେଖିବାକୁ ମିଳିଥିଲା। ଏହି ମ୍ୟାଚ୍‌ରେ ମିଜୋରାମ ୧୨-୦ ଗୋଲ୍‌ରେ ରାଜ୍ ଦଳକୁ ଧରାଶାୟୀ କରିଥିଲା। ମଣିପୁର ହକି ୫-୦ ଗୋଲ୍‌ରେ କେରଳ ହକିକୁ ହରାଇଥିବାବେଳେ ଆସାମ ଦଳ ୫-୦ ଗୋଲ୍‌ରେ ଲି ପୁଡୁଚେରୀ ହକି ଦଳକୁ ଧରାଶାୟୀ କରିଥିଲା। ସେହିପରି ହକି ହିମାଚଳ ୬-୨ ଗୋଲରେ ହକି ଅରୁଣାଞ୍ଚଳକୁ ହରାଇଥିବାବେଳେ ଦିଲ୍ଲୀ ୬-୩ ଗୋଲରେ ହକି ଆସୋସିଏସନ୍ ଅଫ୍ ବିହାରକୁ ପରାଜିତ କରି ଆଗକୁ ବଢ଼ିଛି।

## ଆତ୍ମହତ୍ୟା କରିବାକୁ ଚିନ୍ତା କରୁଥିଲେ ଚହଲ

ନୂଆଦିଲ୍ଲୀ, ୨।୮ (ଏଜେନ୍ସି) : ଭାରତୀୟ କ୍ରିକେଟର ଯୁଜବେନ୍ଦ୍ର ଚହଲ ଏକ ସାକ୍ଷାତକାରରେ ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି। ଯାହାକି ତାଙ୍କ ପ୍ରଶଂସକଙ୍କୁ ବ୍ୟଥିତ କରିଛି। ପୂର୍ବତନ ପତ୍ନୀ ତଥା କୋରିଓଗ୍ରାଫର ଧନଶ୍ରୀ ବର୍ମାଙ୍କ ସହ ଛାଡ଼ପତ୍ର ପ୍ରକ୍ରିୟା ବେଳେ ଚହଲ ଭାଙ୍ଗିପଡ଼ିଥିଲେ। ଏପରିକି ସେ ଆତ୍ମହତ୍ୟା କରିବେ ବୋଲି ଚିନ୍ତା କରୁଥିଲେ। ସେ ସମୟରେ ପ୍ରାୟ ୧ ମାସ ଧରି ରାତିରେ ବଡ଼ କଷ୍ଟରେ ଦୁଇଘଣ୍ଟା ଶୋଇପାରୁଥିଲେ। ୨୦୨୦ ଡିସେମ୍ବର ୧୧ରେ ଉଭୟ ପରସ୍ପରକୁ ଭଲ ପାଇବା ପରେ ବିବାହ କରିଥିଲେ। ଗତ ମାର୍ଚ୍ଚ ୨୦ରେ ଉଭୟଙ୍କର ଛାଡ଼ପତ୍ର ହୋଇଥିଲା। ଅତ୍ୟଧିକ ମହତ୍ୱାକାଂକ୍ଷୀ ହେବା ଯୋଗୁ ଆମ ଭିତରେ ତାଳମେଳ ଠିକ୍ ରହିଲା ନାହିଁ। ଯାହାକି ଏହି ବିବାହ ବିଚ୍ଛେଦର ପ୍ରମୁଖ କାରଣ ବୋଲି ଚହଲ କହିଛନ୍ତି। ଧନଶ୍ରୀଙ୍କ ସହ ବିଶ୍ୱାସଘାତକତା କରିଛି ବୋଲି ଖବର ପ୍ରକାଶ ପାଇଥିଲା। ଏହା ସତ୍ୟ ନୁହେଁ। ମୁଁ କେବେହେଲେ କାହା ସହିତ ବିଶ୍ୱାସଘାତକତା କରିନାହିଁ। ଏବେ ଚହଲ ଓ ଆର୍ଜେ ମହାବସ୍‌ଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିବା ଖବର ପ୍ରକାଶ ପାଇଛି। ସେ ମଧ୍ୟ ପରୋକ୍ଷରେ ଏହା ସ୍ୱୀକାର କରିଛନ୍ତି। ଚେସ୍ ଖେଳାଳିରୁ କ୍ରିକେଟର ହୋଇଥିବା ଚହଲ ସ୍ପିନ୍ ବୋଲିଂ ମାଧ୍ୟମରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।

## ଏସୀୟ ଜୁନିଅର ଉସୁ ଚାମ୍ପିଅନସିପ: ଶ୍ୱେତାଙ୍କୁ ବ୍ରୋଞ୍ଜ

କେନ୍ଦୁଝର, ୨।୮ (ସବ୍ୟୁ) : ଚୀନରେ ଆୟୋଜିତ ଦ୍ୱାଦଶ ଏସୀୟ ଜୁନିଅର ଉସୁ ଚାମ୍ପିଅନସିପରେ ଚମତ୍କାର ପ୍ରଦର୍ଶନ କରିବା ସହ ୪୮ କେଜି ବର୍ଗରେ ବ୍ରୋଞ୍ଜ ପଦକ ଜିତି ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର ଶ୍ୱେତାରାଣୀ ମହାନ୍ତ ଦେଶ ପାଇଁ ଗୌରବ ଆଣିଛନ୍ତି । ଏହି ପଦକ ଜିତିବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ରାଜ୍ୟ କ୍ରୀଡ଼ା ବିଭାଗ, କେନ୍ଦୁଝର ଜିଲ୍ଲା ଉସୁ ଆସୋସିଏସନ ଏବଂ ଉସୁ ଆସୋସିଏସନ ଅଫ ଓଡ଼ିଶା ଶ୍ୱେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ପାରିପାର୍ଶ୍ୱିକ ଅଞ୍ଚଳରେ କୃଷି, ସ୍ୱାସ୍ଥ୍ୟ, କ୍ରୀଡ଼ା ଓ ସଂସ୍କୃତିର ବିକାଶ ପାଇଁ ଫାଉଣ୍ଡେସନ କାର୍ଯ୍ୟ କରିଆସୁଛି । ସ୍ଥାନୀୟ ଅଞ୍ଚଳର କ୍ରୀଡ଼ା ପ୍ରତିଭାଙ୍କ ବିକାଶ ପାଇଁ ଫାଉଣ୍ଡେସନର ପ୍ରୋତ୍ସାହନରେ ଏହି ସ୍ପୋର୍ଟସ ହଷ୍ଟେଲ ପ୍ରତିଷ୍ଠିତ ହୋଇଛି। ଏହି ହଷ୍ଟେଲରେ ଶ୍ୱେତାରାଣୀଙ୍କ ସମେତ, ପ୍ରେମ, ରାଜକୁମାର, ବବଲୁ, ମଞ୍ଜୁ ମୁଣ୍ଡା ମଧ୍ୟ ପ୍ରଶିକ୍ଷିତ ହୋଇ ବ୍ରାଜିଲ, ବ୍ରୁନେଇ ଓ ମସ୍କୋରେ ଆୟୋଜିତ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ରୌପ୍ୟ ଓ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।

## ଅଲଓଡ଼ିଶା ଓପନ୍ ସ୍ନୁକର: ରାକେଶ - ଆଶୁତୋଷ ଫାଇନାଲ

ଭୁବନେଶ୍ୱର, ୨।୮ (ସବ୍ୟୁ) : ଭୁବନେଶ୍ୱରର ଭିନ୍‌ଟେଜ୍ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଅଲ୍ ଓଡ଼ିଶା ଓପନ୍ ୧୦ ରେଡ୍ ସ୍ନୁକର ଚାମ୍ପିଅନସିପ୍‌ର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ରାକେଶ ପ୍ରଧାନ ଓ ଆଶୁତୋଷ ପାଢ଼ୀଙ୍କ ମଧ୍ୟରେ ଟାଇଟଲ୍ ଲଢ଼େଇ ଶନିବାର ଆୟୋଜିତ ହେବ। ଶୁକ୍ରବାର ୪ଟି କ୍ୱାର୍ଟରଫାଇନାଲ ଓ ଦୁଇଟି ସେମିଫାଇନାଲ ଖେଳାଯାଇଥିଲା। ପ୍ରଥମ କ୍ୱାର୍ଟର ଫାଇନାଲରେ ରାକେଶ ପ୍ରଧାନ ୪-୨ ଫ୍ରେମ୍‌ରେ କୁନାଲ ଅଗ୍ରୱାଲଙ୍କୁ ହରାଇଥିଲେ। ସୁବ୍ରତ ଦାସ ୪-୧ ଫ୍ରେମ୍‌ରେ ଚିରାଗ ଅରୋରା, ଅବିନାଶ ମହାପାତ୍ର ୪-୨ ଫ୍ରେମ୍‌ରେ ସିଦ୍ଧାର୍ଥ ସେନ୍‌ଙ୍କୁ ଏବଂ ଆଶୁତୋଷ ପାଢ଼ୀ ୪-୧ ଫ୍ରେମ୍‌ରେ ଆକାଶ ମହାପାତ୍ରଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲେ। ପ୍ରଥମ ସେମି ଲଢ଼େଇରେ ରାକେଶ ପ୍ରଧାନ ୪-୩ ଫ୍ରେମ୍‌ରେ ସୁବ୍ରତ ଦାସଙ୍କୁ ଧରାଶାୟୀ କରି ଫାଇନାଲରେ ପ୍ରବେଶ କରିଥିଲେ। ସେହିଭଳି ଦ୍ୱିତୀୟ ସେମିଫାଇନାଲରେ ଆଶୁତୋଷ ପାଢ଼ୀ ୪-୧ ଫ୍ରେମ୍‌ରେ ଅବିନାଶ ମହାପାତ୍ରଙ୍କୁ ପରାଜିତ କରିଥିଲେ।

# ୱାର୍ଲ୍ଡ଼ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ପ୍ରସ୍ତୁତି ସମୀକ୍ଷା

ଭୁବନେଶ୍ୱର, ୨।୮ (ସବ୍ୟୁ) : ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ଆୟୋଜିତ ହେବ ୱାର୍ଲ୍ଡ଼ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ପ୍ରତିଯୋଗିତା। ଆସନ୍ତା ଅଗଷ୍ଟ ମାସ ୧୦ ତାରିଖ ଦିନ ଏହି ବିଶ୍ୱ ସ୍ତରୀୟ ପ୍ରତିଯୋଗିତାର ଆୟୋଜନ କରାଯିବ। ଆଜି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ଉକ୍ତ ପ୍ରତିଯୋଗିତା ଆୟୋଜନର ସମସ୍ତ ପ୍ରସ୍ତୁତି ସମ୍ବନ୍ଧରେ ସମୀକ୍ଷା କରିଛନ୍ତି।

ଏହି ପ୍ରସ୍ତୁତି ସମୀକ୍ଷାରେ ଆଥଲେଟିକ୍ସ ଫେଡ଼େରେସନ ଅଫ୍ ଇଣ୍ଡିଆ, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ପ୍ରଶାସନର ସହଯୋଗରେ ଯେପରି ଏହି ପ୍ରତିଯୋଗିତାକୁ ସଫଳ ରୂପେ ଆୟୋଜନ କରାଯାଇପାରିବ ସେ ସମ୍ବନ୍ଧରେ ସବିସ୍ତୃତ ଆଲୋଚନା କରାଯାଇଥିଲା। ବିଶ୍ୱ ସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ପ୍ରଦାନ କରିବା ଠାରୁ ଆରମ୍ଭ କରି ପ୍ରତିଯୋଗିତାରେ ଭାଗନେଉଥିବା ଖେଳାଳିମାନଙ୍କର ସୁରକ୍ଷିତ ରହଣି, ଆତିଥ୍ୟ ଠାରୁ ନେଇ ଲଜିଷ୍ଟିକ୍ସ ପର୍ଯ୍ୟନ୍ତ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ। ଷ୍ଟାଡ଼ିୟମରେ ପ୍ରତିଯୋଗିତା ଆୟୋଜନ ହେଉଥିବାବେଳେ ସମସ୍ତ ଖେଳାଳି, ଦର୍ଶକ ଏବଂ ଅଂଶୀଦାରମାନଙ୍କର ସୁରକ୍ଷା ବ୍ୟବସ୍ଥା, ପୋଲିସ ଫୋର୍ସ ମୁତୟନ ଏବଂ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଆବଶ୍ୟକ ରହିଥିବା ସମସ୍ତ ପ୍ରଶାସନିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ।

କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ଆସନ୍ତା ଅଗଷ୍ଟ ମାସ ୧୦ ତାରିଖ ଦିନ ୱାର୍ଲ୍ଡ଼ ଆଥଲେଟିକ୍ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ପ୍ରତିଯୋଗିତାର ଆୟୋଜନ କରାଯିବ। ପ୍ରତିଯୋଗିତାରେ ୧୯ଟି ଦେଶରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ସମୁଦାୟ ୨୦ଟି ଇଭେଣ୍ଟର ଆୟୋଜନ କରାଯିବ।

ଓଡ଼ିଶାରେ ପ୍ରଥମ ଥର ପାଇଁ ୱାର୍ଲ୍ଡ଼ ଆଥଲେଟିକ୍ କଣ୍ଟିନେଣ୍ଟାଲ ଟୁର୍ ର ଆୟୋଜନ ହେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବା ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ବିଶ୍ୱ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବାରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଓଡ଼ିଶାର କ୍ରୀଡ଼ାବିତମାନେ ମଧ୍ୟ ନିକଟ ଅତୀତରେ ଆୟୋଜିତ ହୋଇଥିବା ବିଭିନ୍ନ ଅନ୍ତର୍ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ସଫଳତା ହାସଲ କରି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଛନ୍ତି। ୱାଲର୍ଡ଼ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ପ୍ରତିଯୋଗିତାରେ ମଧ୍ୟ ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ଭଲ ପ୍ରଦର୍ଶନ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ଆଶାବ୍ୟକ୍ତ କରିଛନ୍ତି।

ଆଜିର ଏହି ପ୍ରସ୍ତୁତି ସମୀକ୍ଷାରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ଡ଼. ୟେଦୁଲା ବିଜୟ, ଅତିରିକ୍ତ ପୋଲିସ କମିଶନର ଭୁବନେଶ୍ୱର ଶ୍ରୀ ନରସିଂହ ଭୋଳ, ହକି ପ୍ରମୋସନ କାଉନସିଲ, ଓଡ଼ିଶାର ସିଇଓ ଦୀପଙ୍କର ମହାପାତ୍ର, ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି